ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟିରେ ଦେବଦେବୀ

ଲେଖକ: ଶ୍ରୀ ଦେବୀପ୍ରସାଦ ମୁଖୋପାଧ୍ୟାୟ (ମୂଳ: ବଙ୍ଗଳା)
ଅନୁବାଦକ: ଶ୍ରୀ ଅରୁଣ କୁମାର ମିଶ୍ର
ଡ଼ି. ଟି. ପି. - ଶ୍ରୀ ବିଷ୍ଣୁବିଭା ପ୍ରଧାନ

ଭୂମିକା

"ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ବିଭିନ୍ନ ସମୟରେ ବିଭିନ୍ନ ଦେବଦେବୀଙ୍କ ସମ୍ପର୍କରେ ଅନେକ ଆଲୋଚନା ହୋଇଛି | ଆଲୋଚନା ମାଧ୍ୟମରେ ଦେବତାମାନଙ୍କର ନାମକରଣ ତଥା ସେମାନଙ୍କର ପ୍ରକୃତ ତତ୍ତ୍ୱ ଓ ତଥ୍ୟ ସମ୍ବନ୍ଧରେ ଗୋଟେ ସୁସ୍ପଷ୍ଟ ଧାରଣା ସେ ଆଣି ଦେଇଛନ୍ତି | ତାଙ୍କ ଶ୍ରୀଚରଣ ତଳେ ବସି ସେସବୁ କଥା ଶୁଣି ଶୁଣି ଦେବତା ଓ ଦେବଲୋକାଦି ସମ୍ବନ୍ଧରେ ଗୋଟେ ସହଜ ଅଥଚ ଘରୁଆ ରକମର ବୋଧ ମଣିଷର ଅନ୍ତରରେ ପ୍ରତିଷ୍ଠିତ ହୋଇଛି | ଦେବତାଙ୍କୁ ମାଟି ବା ପଥରର ପ୍ରତିମା ବୋଲି ମନେ ହୁଏନା | ମନେହୁଏ ସେ ଆମ୍ଭମାନଙ୍କର ଘରର ଲୋକ |

ସେହି ଦିବ୍ୟ ଭାବର ଅନୁରଣନ ପ୍ରାକୃତ ଜନର ଲେଖନୀ ନେଇ ଯଥାଯଥ ଲେଖିପାରିବା ଅସମ୍ଭବ | ତେବେବି ଭଲ ଲାଗେ ସେଗୁଡ଼ିକୁ ଭାବିବାକୁ, ଭଲଲାଗେ ସେହି ଦର୍ଶନରେ ସବୁକିଛି ଦେଖିବାକୁ, ଯା' ମଧ୍ୟରେ ଫୁଲିଉଠି ଦୋଳିଖେଳୁଛି ଜ୍ଞାନ, କର୍ମ ଓ ଭକ୍ତି | ଲୀଳାମୟଙ୍କ ସେହି ଅମିୟ କଥନରାଜି ପର୍ଯ୍ୟାଲୋଚନା କରି ତା'ର ମାଧୁର୍ଯ୍ୟ ହୃଦୟଙ୍ଗମ କରିବାର ପ୍ରଚେଷ୍ଟାରେହିଁ ଏହି ଦୁଃସାହସିକ ଲେଖନୀ-ଚାଳନା |

ଆର୍ଯ୍ୟ-ହିନ୍ଦୁ ମାତ୍ରେ ଦେବତାଙ୍କ ସଂଖ୍ୟା ଅନେକ-- କଥିତ ଅଛି ତେତ୍ରିଶ କୋଟି | ପ୍ରତ୍ୟେକଙ୍କର ଆକାର, ଚରିତ୍ର, ବାହନ ସ୍ୱତନ୍ତ୍ର | ସମସ୍ତଙ୍କ କଥା ଏଠାରେ ଆଲୋଚିତ ହୋଇନି | କେଇଜଣ ପ୍ରଧାନ ଦେବତାଙ୍କୁ ନେଇହିଁ ଏହି ପୁସ୍ତକର ଅବତାରଣା | ଲେଖାଗୁଡ଼ିକ ଯଦି ପାଠକକୂଳକୁ ଉତ୍ସସନ୍ଧାନୀ କରି ବିଶ୍ୱବିଧାତୃତ୍ୱର ସ୍ୱରୂପ-ଉପଲବ୍ଧି ପଥରେ ପ୍ରେରଣା ଯୋଗାଏ, ତେବେହିଁ ଆସିବ ଏ ରଚନାର ସାର୍ଥକତା |

ସତ୍‌ସଙ୍ଗ, ଦେଓଘର
ଶ୍ରାବଣ, ଶୁକ୍ରବାର, ୧୩୯୪ (ବଂ)
ଇଂ. ୨୪|୭|୧୯୮୭

ନିବେଦକ
ଗ୍ରନ୍ଥକାର

ଅନୁବାଦକର ଭୂମିକା

ଶ୍ରୀ ଦେବୀପ୍ରସାଦ ମୁଖୋପାଧ୍ୟାୟ ରଚିତ "ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟିରେ ଦେବଦେବୀ" ଗ୍ରନ୍ଥଟି ଅତି ଉଚ୍ଚକୋଟିର ହୋଇଛି | ଏହା ଅଧ୍ୟୟନ କରି ମୁଁ ଅପାର ଆନନ୍ଦ ଲାଭ କଲି | ଏଣୁ ଇଚ୍ଛା ହେଲା ଏହାକୁ ଓଡ଼ିଆ ଭାଷାନ୍ତର କରି ମୋର ପ୍ରିୟ ଓଡ଼ିଆ ଭାଷାଭାଷୀ ପାଠକ/ପାଠିକାମାନଙ୍କ ସେବାରେ ନିଜକୁ ବ୍ରତୀ କରି ଧନ୍ୟ ହେବି |

ମୋର ଇଷ୍ଟଦେବ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଅପାର କରୁଣାରୁ ଏହି ମହନୀୟ କାର୍ଯ୍ୟରେ ମୁଁ କୌଣସିମତେ ଆଗେଇ ପାରିଛି | ଅନୁବାଦ ଏକ ବିରାଟ ବ୍ୟାପାର | ମୋର ସୀମିତ ଜ୍ଞାନ ବଳରେ ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛି ଭାଗବତ ଶୁଦ୍ଧିତା ସହିତ ଯଥାର୍ଥ ଅନୁବାଦ କରିବାକୁ | କେତେଦୂର ସଫଳ ହୋଇଛି ତାହା ଆପଣମାନେ ମୂଲ୍ୟାଙ୍କନ କରିବେ | ଅନୁବାଦଗତ ତ୍ରୁଟିଥିଲେ ସୁଧୀ ପାଠକ / ପାଠିକାବର୍ଗ ସହୃଦୟତାରେ କ୍ଷମା କରିବା ସହିତ ସୁଧାରି ନେବା କାମନାରେ ମାର୍ଗ ଦର୍ଶନ କରାଇବେ |

ଏହାର ପ୍ରୁଫ୍ ସଂଶୋଧନ ଓ ନିର୍ଭୁଲ ପ୍ରକାଶନା ପାଇଁ ଶ୍ରୀମତୀ ସୁମିତା ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରୁଛି |

|| ଇତି ||
ଅନୁବାଦକ

ସୂଚୀପତ୍ର

କ୍ର.ନଂ	ବିଷୟବସ୍ତୁ	ପୃଷ୍ଠା
୧।	ନାରାୟଣ	୦୦୪
୨।	ମହାଦେବ	୦୨୫
୩।	ଦୁର୍ଗା	୦୪୨
୪।	ଲକ୍ଷ୍ମୀ	୦୬୫
୫।	ସରସ୍ୱତୀ	୦୮୧
୬।	ଗଣେଶ	୦୮୮
୭।	କାଳୀ	୦୯୮
୮।	ଦେବାୟନ	୧୧୦

~ ~ ~ ~

ନାରାୟଣ

ପୃଥିବୀରେ ଅସଂଖ୍ୟ ମଣିଷ ମୃତ୍ୟୁ କୋଳରେ ଢଳି ପଡ଼ନ୍ତି | ଯେଉଁମାନେ ବଞ୍ଚିରହନ୍ତି ସେମାନେ ପ୍ରତ୍ୟେକେହିଁ ଜାଣନ୍ତି ଯେ ଦିନେ ନା ଦିନେ ତା'କୁବି ମରିବାକୁ ହେବ | ତେବେ ବି ମଣିଷ ମରଣକୁ ଏଡାଇ ଯିବା ପାଇଁ ଚାହେଁ | ଏହା ଯେ ସେ ଚାହେଁ, ତା'ର ପ୍ରମାଣ ହେଲା, ପାଦରେ ସାମାନ୍ୟ ଗୋଟିଏ କଣ୍ଟା ଫୋଡ଼ି ହୋଇଗଲେ ବା ଦାନ୍ତ ମୂଳରେ ସାମାନ୍ୟ ଯନ୍ତ୍ରଣା ହେଲେ ମଣିଷ ଅସ୍ଥିର ହୋଇଉଠେ ଏବଂ ଯେପର୍ଯ୍ୟନ୍ତ କଣ୍ଟାଟି ବାହାର କରି ନପାରେ ବା ସେହି ଯନ୍ତ୍ରଣାର ଉପଶମ ନକରିପାରେ, ସେପର୍ଯ୍ୟନ୍ତ ସେ ସ୍ୱସ୍ତି ପାଏନା | ଏହା ହୁଏ ସେହି ବଞ୍ଚିବା ତଥା ସୁସ୍ଥ ରହିବାର କାମନାରୁହିଁ |

ବଞ୍ଚିରହିବା ପାଇଁ ମଣିଷ ସ୍ମରଣାତୀତ କାଳରୁ ଅମୃତର ସନ୍ଧାନ କରୁଛି, 'ଅମୃତ ଅମୃତ' ବୋଲି ଚିତ୍କାର କରୁଛି | ଆର୍ଯ୍ୟଋଷି ମଣିଷକୁ ସମ୍ବୋଧନ କରିଛନ୍ତି 'ଅମୃତର ପୁତ୍ର' ବୋଲି |

ଏଇ ଅମୃତର ପଥ ଅର୍ଥାତ୍ ମୃତ୍ୟୁହୀନତାର ପଥ ତଥା ବଞ୍ଚିବାର ପଥ ଯାହାଙ୍କ ଠାରୁ ମିଳେ, ସେହିଁ ନାରାୟଣ-- ମଣିଷର ଜୀବନପଥ |

ନାରାୟଣ ଶବ୍ଦଟିକୁ ଭାଙ୍ଗିଲେ ଦୁଇଟି ପଦ ମିଳେ, ନର ଏବଂ ଅୟନ | ନର-ଶବ୍ଦର ଉତ୍ତରରେ ଅଣ୍ ପ୍ରତ୍ୟୟ କରି ହୁଏ 'ନାର', ମାନେ ନରସମୂହ | ଆଉ, ଅୟନ ମାନେ ପଥ | ତେଣୁ ନାରାୟଣ ମାନେ ମଣିଷର (ଜୀବନ)-ପଥ, ଯେଉଁ ପଥ

ଅନୁସରଣ କରି ଚାଲିଲେ ମଣିଷ ଭଲ ରହିବ, ସୁସ୍ଥ, ସ୍ୱସ୍ଥ, ସୁଦୀର୍ଘ ଜୀବନର ଅଧିକାରୀ ହେବ |

ମନୁସଂହିତାରେ ଅଛି, 'ନାରା' ମାନେ ଜଳ (୧/୧୦) | ଏଇ ଜଳ ଯା'ର ଆଶ୍ରୟ ସେହିଁ ନାରାୟଣ | ସ୍ମୃତିର ଏଇ ଉକ୍ତିର ଏକ ବୈଜ୍ଞାନିକ ଭିତ୍ତି ଅଛି |

କ୍ଷିତି (ମାଟି), ଅପ୍ (ଜଳ), ତେଜ (ଅଗ୍ନି), ମରୁତ (ବତାସ) ଓ ବ୍ୟୋମ (ଶୂନ୍ୟ), ଏଇ ପଞ୍ଚଭୂତ ଦ୍ୱାରା ସମଗ୍ର ବିଶ୍ୱ-ଚରାଚର ସୃଷ୍ଟି ହୋଇଛି | ତା' ମଧ୍ୟରୁ ବ୍ୟୋମ ହେଲା ମହାଶୂନ୍ୟ, ସେଠାରେ କେବଳ ଶବ୍ଦଗୁଣ ଅଛି | ତତ୍‌ପରବର୍ତ୍ତୀ ପଦାର୍ଥ ମରୁତ- ରୂପରସଗନ୍ଧବିହୀନ; ତା'କୁ ଅନୁଭବ କରିବାକୁ ହୁଏ ସ୍ପର୍ଶ ଭିତର ଦେଇ | ତା'ପରେ ଆସୁଛି ତେଜ (ଅଗ୍ନି), ଯା' ମଧ୍ୟରେ ଅଛି ଶବ୍ଦ, ସ୍ପର୍ଶ ଓ ରୂପ-ଗୁଣ | ତେବେ ସେ ପର୍ଯ୍ୟନ୍ତ ବି ସୃଷ୍ଟିଧାରା ଘନୀଭୂତ କୌଣସି ଅବସ୍ଥାରେ ପର୍ଯ୍ୟବସିତ ହୋଇନଥାଏ | ତେଜ ବା ଅଗ୍ନିରେ ଗୋଟାଏ ଗ୍ୟାସୀୟ ଅବସ୍ଥାର ବିକାଶ ପର୍ଯ୍ୟନ୍ତ ମିଳିଛି | ଘନୀଭୂତ ପ୍ରଥମ ପଦାର୍ଥହିଁ ହେଲା ଜଳ- ଯା' ମଧ୍ୟରେ ଶବ୍ଦଗୁଣ, ସ୍ପର୍ଶଗୁଣ, ରୂପଗୁଣ ଓ ରସଗୁଣର ଅସ୍ତିତ୍ୱ ଅଛି | ଏଇ ଜଳକୁ ଆଶ୍ରୟ କରିହିଁ ପ୍ରଥମେ ହୋଇଛି ପ୍ରାଣର ଉଦ୍‌ଭବ | ପ୍ରାଣର ଉତ୍ପତ୍ତି ପାଇଁ ପ୍ରୟୋଜନ ରସ | ତେଣୁ, ମନୁସଂହିତାରେ କୁହାଯାଇଛି, ଜଳହିଁ ପ୍ରଥମ ସୃଷ୍ଟି (୧/୮) | ଜଳରେହିଁ ସୂଚିତ ହେଲା ପ୍ରଥମେ ପ୍ରାଣର ସ୍ପନ୍ଦନ | ଏକକୋଷୀ ପ୍ରାଣୀ ପ୍ରଥମେହିଁ ଜଳରେ ଦେଖାଗଲା | ତେଣୁ, ନାରାୟଣ ଶବ୍ଦର ବ୍ୟୁତ୍ପତ୍ତି ଏଇ ଭାବରେହିଁ |

ଶତପଥ ବ୍ରାହ୍ମଣରେ ଅଛି, ନାରାୟଣ ପ୍ରଥମ ପୁରୁଷ (୧୩|୬|୨|୧) | ସେ ସୃଷ୍ଟିକର୍ତ୍ତାଙ୍କରବି ସ୍ରଷ୍ଟା | ନାରାୟଣଙ୍କ ନାଭି ପଦ୍ମରୁହିଁ ବ୍ରହ୍ମାଙ୍କର ଜନ୍ମ | ବ୍ରହ୍ମାହିଁ ଜଗତ

ସୃଷ୍ଟି କରିଛନ୍ତି | ତେଣୁ, ମହାମତି ବ୍ୟାସଦେବ ସେଇ ପ୍ରଥମ ପୁରୁଷ ନାରାୟଣଙ୍କୁ ପ୍ରଣାମ କରି ଶ୍ରୀମଦ୍‌ଭାଗବତ ରଚନା କାର୍ଯ୍ୟରେ ବ୍ରତୀ ହୋଇଛନ୍ତି (୧|୨|୪) |

ବ୍ରହ୍ମବୈବର୍ତ୍ତପୁରାଣରେ ଅଛି, ବୈକୁଣ୍ଠରେ ନାରାୟଣଙ୍କର ଚତୁର୍ଭୁଜ ମୂର୍ତ୍ତି | ଚତୁର୍ଭୁଜ ମାନେ ଚାରି ହାତ | ଚତୁର୍ଭୁଜ ଚାରିହାତ ଥିବା ବିଷ୍ଣୁମୂର୍ତ୍ତି ପୂଜା ହେବାର ଆମେ ଅନେକ ଜାଗାରେ ଦେଖିଥାଉ | ନାରାୟଣଙ୍କର ଏଇ ଚାରିହାତର ତାତ୍ପର୍ଯ୍ୟ କ'ଣ ? ଚାରିହାତ ମାନେ ଚାରିଦିଗ ଦେଖି ଚାଲିବା, ଚାରିଦିଗ ଅର୍ଥାତ୍ ସବୁଦିଗକୁ ନଜର ରଖିବା | ବିଶ୍ୱ ଦୁନିଆର ପ୍ରଭୁ ଯିଏ ତାଙ୍କ ଦୃଷ୍ଟିର ବାହାରେ ତ କିଛିହିଁ ନାହିଁ-- ସେ ସର୍ବଦର୍ଶୀ |

ନାରାୟଣଙ୍କର ଚାରି ହାତରେ ଅଛି ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ | ତେଣୁ, ସେ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ନାମରେ ଅଭିହିତ ହୋଇଥା'ନ୍ତି | ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ନାରାୟଣଙ୍କର ମହିମା ବ୍ୟାଖ୍ୟା କରିବାକୁ ଯାଇ ଭକ୍ତଗଣ କହିଛନ୍ତି, ଶଙ୍ଖଧ୍ୱନୀ ଦ୍ୱାରା ସେ ସମଗ୍ର ମାନବସମାଜକୁ ଆହ୍ୱାନ କରନ୍ତି, ଯୁଦ୍ଧାର୍ଥେ ବା କର୍ମାର୍ଥେ ନିୟୋଜିତ ହେବାକୁ ପ୍ରବୁଦ୍ଧ କରିତୋଳନ୍ତି | ଚକ୍ର ଓ ଗଦା ହେଲା ଯୁଦ୍ଧାସ୍ତ୍ରର ପ୍ରତୀକ, ଯା' ଦେଇ ସେ ଅନ୍ୟାୟକାରୀକୁ ଶାସ୍ତି-ପ୍ରଦାନ ଓ ନିଧନ କରନ୍ତି | ଆଉ, ପଦ୍ମ ହେଲା ଲକ୍ଷ୍ମୀ ବା ସୌନ୍ଦର୍ଯ୍ୟର ପ୍ରତୀକ | ନାରାୟଣଙ୍କ କରକମଳରେ ପଦ୍ମ ମାନେ ସେଠାରେ ଲକ୍ଷ୍ମୀଶ୍ରୀଙ୍କ ଆବାସ |

କିନ୍ତୁ, ଏଇ ଶଙ୍ଖ-ଚକ୍ର-ଗଦା-ପଦ୍ମର ଏକ ଅପୂର୍ବ ଯୁକ୍ତିପୂର୍ଣ୍ଣ ସୁସମଞ୍ଜସ ବ୍ୟାଖ୍ୟାଦାନ କରିଛନ୍ତି ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର | ତାଙ୍କ କଥାରୁ ବୁଝାଯାଏ, ଏଗୁଡ଼ିକ ନାରାୟଣଙ୍କର ବିଭିନ୍ନ ଶକ୍ତି | ଆଉ ଉପଲବ୍ଧି କରାଯାଏ ଯେ,

ଯେଉଁମାନେ ନାରାୟଣଙ୍କର ଉପାସନା କରନ୍ତି, ନାରାୟଣଙ୍କୁ ତୃପ୍ତ ଓ ପ୍ରୀତ କରି ଚାଲିବାହିଁ ଯେଉଁମାନଙ୍କର ପରମ-ପୁରୁଷାର୍ଥ, ସେମାନେ ପ୍ରତ୍ୟେକେହିଁ କମ୍ ବେଶୀ ଏଇସବୁ ଶକ୍ତିର ଅଧିକାରୀ ହୋଇଉଠନ୍ତି | ଏ ସମ୍ପର୍କରେ ଶ୍ରୀଶ୍ରୀଠାକୁରଙ୍କର ସେଇ ଚିରସ୍ମରଣୀୟ ବାଣୀଟି ମୁଦ୍ରିତ ହୋଇଛି ତାଙ୍କର ସମ୍ବିତୀ ନାମକ ଗ୍ରନ୍ଥର ଦ୍ୱିତୀୟ ଖଣ୍ଡରେ |

ଧାତୁଗତ ଅର୍ଥ ନେଇ ଶ୍ରୀଶ୍ରୀଠାକୁର ପ୍ରତିଟି ଶବ୍ଦକୁ ବ୍ୟାଖ୍ୟା କରିଛନ୍ତି | ଏହା ଆଗରୁ ସାହିତ୍ୟରେ ଏ ପ୍ରକାର ଦୃଷ୍ଟିଭଙ୍ଗୀ ଦେଖାଯାଏନା | ତେଣୁ, ତାଙ୍କ କୃତ ବ୍ୟାଖ୍ୟାଗୁଡ଼ିକ ଚିନ୍ତାର ଏକ ନବଦିଗନ୍ତ ଉନ୍ମୋଚନ କରିଛି, ଭାଷା ଜଗତରେ ବି ଆଣି ଦେଇଛି ନୂତନ ପ୍ରାଣସ୍ପନ୍ଦନ |

ଶଙ୍ଖ-ଶବ୍ଦଟିର ଉତ୍ପତ୍ତି ଶମ୍-ଧାତୁରୁ, ଅର୍ଥ ଶାନ୍ତ କରିବା ବା ପ୍ରଶମିତ କରିବା | ପୁଣି, 'ଶମ' ଶବ୍ଦର ମାନେ କଲ୍ୟାଣ | ଏଇ ଅର୍ଥକୁ ଭିତ୍ତିକରି କମ୍ବୁନିନାଦରେ ଉଚ୍ଚାରଣ କରିଛନ୍ତି ଶ୍ରୀଶ୍ରୀଠାକୁର-

"ତାଙ୍କ ଶଙ୍ଖ ତୁମ ଭିତରେ ଗର୍ଜ୍ଜିଉଠୁ,
ଦୁଷ୍ଟବୁଦ୍ଧିକୁ ଦମନ କରୁ,
ମରଣକୁ ନିରସନ କରୁ,
ସବୁ ଯାତନାର ଉପଶମ କରୁ,
ପାପକୁ ନିବୃତ କରି ସମସ୍ତଙ୍କୁ ଶାନ୍ତ କରି ତୋଳୁ |"

ଏଇ ହେଲା ନାରାୟଣଙ୍କ ହସ୍ତସ୍ଥିତ ଶଙ୍ଖର କ୍ରିୟା |

ଚକ୍ର ଆସିଛି କୃ-ଧାତୁରୁ, ମାନେ କର୍ମ କରିବା- ଯେଉଁ-କର୍ମ ମଙ୍ଗଳ ଆଣେ | ପୁଣି, ଚକ୍-ଧାତୁରୁ ବି ଚକ୍ର ଶବ୍ଦ ନିଷ୍ପନ୍ନ ହୁଏ, ଅର୍ଥ ତୃପ୍ତି | ତେଣୁ, ଚକ୍ର ମାନେ ଯେଉଁ କର୍ମଦ୍ୱାରା ସମସ୍ତଙ୍କର ସାତ୍ୱତ ତୃପ୍ତି ହୁଏ | ଶ୍ରୀଶ୍ରୀଠାକୁର କହିଲେ--

"ତାଙ୍କ ଚକ୍ର ତୁମକୁ ସୁଦର୍ଶନ-ପ୍ରବୁଦ୍ଧ କରି
କୃତୀ କରି ତୋଳୁ,
ଅନ୍ୟାୟକୁ ଅପସାରିତ କରୁ,
ଶାନ୍ତି ପ୍ରତିଷ୍ଠାରେ ତୁମକୁ ନିରବଚ୍ଛିନ୍ନ କରି ତୋଳୁ |"

ନାରାୟଣଙ୍କର ସୁଦର୍ଶନ-ଚକ୍ରର କ୍ରିୟାହିଁ ଏଇ ପ୍ରକାର |

ଏଇ ଚକ୍ର 'ସୁଦର୍ଶନ' ନାମରେ ପ୍ରସିଦ୍ଧ | ଚକ୍ରର ନାମ ସୁଦର୍ଶନ କାହିଁକି ହେଲା ? ଚମତ୍କାର ବ୍ୟାଖ୍ୟା କରି ଯୁଗତ୍ରାତା ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଲେ--

"ସୁଦର୍ଶନ ମାନେ ସମ୍ୟକ୍ ଦର୍ଶନ--
ଭଲ କରି ଦେଖିବା--
ପୁଙ୍ଖାନୁପୂଙ୍ଖ ରୂପେ ଦେଖିବା;
ତୁମର ସୁଦର୍ଶନ
ଯା'କିଛି ପ୍ରତ୍ୟେକକୁ ଏପରି କରି ଦେଖୁ--
ଯା'ଦ୍ୱାରା ଅନ୍ତର୍ନିହିତ ମଙ୍ଗଳକୁ
ଉଦ୍‌ଘାଟିତ କରି ପାରେ,
ଆଉ, ତାରହିଁ ଏପ୍ରକାର ଚକ୍ର ସୃଷ୍ଟି କର
ଯା' ଫଳରେ, ଜନ ଓ ଜାତି
ଉତ୍କର୍ଷରେ ଅବାଧ ହୋଇ ଚାଲିପାରେ
-- ନିୟତ ନିର୍ବିରୋଧରେ |" *(ଶାଶ୍ୱତୀ, ୨ୟ ଖଣ୍ଡ)*

ତା'ପରେ ଆସୁଛି ଗଦା | ଗଦା ଶବ୍ଦଟି ଶୁଣିଲେହିଁ ସ୍ୱଭାବତଃ ଆମ ମନରେ ଜାଗି ଉଠେ ଭୀମର ଗଦା କଥା | ଆଉ, ତା' ହେଲା ଲଢ଼େଇ କରିବାର ଏକ ଶ୍ରେଣୀର ଲୌହ ମୁଦ୍‌ଗର | କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଯେତେବେଳେ ଗଦାର ତାତ୍ପର୍ଯ୍ୟ ଜିଜ୍ଞାସା କରାଗଲା, ସେ ଶବ୍ଦଟିର ଧାତୁଗତ ଅର୍ଥ ଦେଖିବାକୁ କହିଲେ | ଦେଖାଗଲା, ଗଦ୍-ଧାତୁ ମାନେ କଥନ (କଥା କହିବା) ଏବଂ ମେଘଧ୍ୱନି | ଏ କଥା ଶୁଣି ଦୟାଳ ଠାକୁର ବିଷ୍ଣୁଙ୍କ ହସ୍ତସ୍ଥିତ ଗଦାର ତାତ୍ପର୍ଯ୍ୟ ବ୍ୟାଖ୍ୟା-ପ୍ରସଙ୍ଗେ କହିଲେ--

"ଗଦା ତୁମକୁ
ଗୁରୁଗମ୍ଭୀର ମେଘବାଣୀରେ ବାଗ୍ମୀ କରି ତୋଳୁ,
ତୁମଠାରେ ମୁଗ୍ଧ ହୁଅନ୍ତୁ ସମସ୍ତେ,
ପରିପୋଷଣୀ ବିଚ୍ଛୁରଣରେ ଦୀପ୍ତ ହେଉ
ତୁମର ପରିପୂରଣୀ ପ୍ରକୀର୍ତ୍ତି,
କୌମୋଦକୀ ସାର୍ଥକ କରି ତୋଳୁ ତୁମକୁ |"

ତା'ହେଲେ ଗଦା ମାନେ ଦେଖାଯାଉଛି ବାକ୍ୟ ଓ କର୍ମର ଅମୋଘ ସୁସଙ୍ଗତିପୂର୍ଣ୍ଣ ବିନ୍ୟାସ |

ପଦ୍ମ-ଶବ୍ଦସ୍ଥିତ ପଦ୍-ଧାତୁର ମାନେ ହେଉଛି ଗତି, ସ୍ଥୈର୍ଯ୍ୟ, ପ୍ରାପ୍ତି | ଧାତୁଗତ ଅର୍ଥ ଭିତ୍ତିରେ ପଦ୍ମର କ'ଣ କାମ ତା' ବୁଝାଇ କହିଲେ ଶ୍ରୀଶ୍ରୀଠାକୁର--

"ଆଉ ପଦ୍ମ ଆଣୁ ଗତି, ଆଣୁ ସ୍ଥୈର୍ଯ୍ୟ,
ପ୍ରାପ୍ତିରେ ପ୍ରସ୍ଫୁଟିତ କରି ତୋଳୁ ଜନ ଓ ଜାତିକୁ |"

ସମସ୍ତ କଥାଗୁଡ଼ିକ ଟିକିଏ ଧୀର ମସ୍ତିଷ୍କରେ ଗଭୀରଭାବେ ଅନୁଧାବନ କରିଲେହିଁ ପରିଷ୍କାର ବୁଝାଯାଏ ଯେ, ଶଙ୍ଖ-ଚକ୍ର-ଗଦା-ପଦ୍ମ ଯେ ଏକମାତ୍ର ନାରାୟଣଙ୍କ ହାତ ବ୍ୟତୀତ ଆଉ କେଉଁଠାରେ ବି ରହିପାରେନା ତା'ନୁହେଁ | ଯେଉଁ ବ୍ୟକ୍ତି ନିଷ୍ଠାର ସହିତ ନାରାୟଣଙ୍କର ଅର୍ଚ୍ଚନା କରେ, ପ୍ରକୃତ ବିଷ୍ଣୁ ଭକ୍ତ ବା ବୈଷ୍ଣବ ଯିଏ, ତାହାର ଚରିତ୍ରରେ ବି ସେହି ଚତୁଃଶକ୍ତି ସତାତ୍ପର୍ଯ୍ୟରେ ଉଦ୍‌ଭାସିତ ହୋଇଉଠେ-- ଯେଉଁ ଯେଉଁ ବୈଶିଷ୍ଟ୍ୟମାଫିକ୍ |

ଶ୍ରୀଶ୍ରୀଠାକୁର ଦିନେ କଥା ପ୍ରସଙ୍ଗରେ କହିଥିଲେ, "ପ୍ରତିଟି ମଣିଷହିଁ ଏକ କ୍ଷୁଦ୍ର ଇଶ୍ୱର" | ତେଣୁ, ନାରାୟଣଙ୍କୁ ଯେଉଁମାନେ ଭଲପାଆନ୍ତି, ତାଙ୍କୁ ଅନୁସରଣ କରି ଯେଉଁମାନେ ଚାଲନ୍ତି, ତଁତ୍‌ପ୍ରୀତ୍ୟର୍ଥେହିଁ ଯେଉଁମାନଙ୍କର ଜୀବନ ଓ କର୍ମ ନିୟନ୍ତ୍ରିତ ହୁଏ, ସେମାନଙ୍କର ଚଲା-ବୁଲା-କରିବାରେ ଶଙ୍ଖ-ଚକ୍ର-ଗଦା-ପଦ୍ମର ଉପରୋକ୍ତ କ୍ରିୟା ବିକଶିତ ହୋଇଉଠେ | ସେମାନେ ବି ହୋଇଉଠନ୍ତି ଗୋଟିଏ ଗୋଟିଏ କ୍ଷୁଦ୍ର ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ | ଚାରିଦିଗ ଦେଖି ଚାଲିବା ହେତୁ ସେମାନେ ହୁଅନ୍ତି ଚତୁରଚଳନସମ୍ପନ୍ନ | ଏଇ ଭାବରେ ସେମାନଙ୍କ ଜୀବନରେ ବିଷ୍ଣୁପୂଜା ବା ନାରାୟଣପୂଜା ସାର୍ଥକ ହୋଇଉଠେ | କାରଣ, ପୂଜା ମାନେହିଁ ହେଲା ସମ୍ବର୍ଦ୍ଧନ-- ଯାହାକୁ ପୂଜା କରୁଛି, ତାଙ୍କଠାରେ ଅନୁରାଗ ରଖି, ତାଙ୍କର ଗୁଣାବଳୀକୁ ବିହିତ ଅନୁଶୀଳନର ଭିତର ଦେଇ ନିଜ ଚରିତ୍ରରେ ମୂର୍ତ୍ତ କରି ତୋଳିବା |

ତାତ୍ପର୍ଯ୍ୟ ଜାଣି ଦେବତାଙ୍କର ଆରାଧନା କରି ପାରିଲେହିଁ ତାଙ୍କ ଅନ୍ତଃପୁରକୁ ଗତାଗତର ଗୋଟାଏ ସୁଯୋଗ ହୁଏ, ଦେବତାଙ୍କ ସହିତ ପ୍ରାଣର ଗୋଟାଏ ନିବଡ଼ ସମ୍ବନ୍ଧ ସ୍ଥାପିତ ହୁଏ | ନତୁବା, ଦେବମୂର୍ତ୍ତି ସାମ୍ନାରେ କେବଳ କେତେଗୁଡ଼ିଏ ପୋଥିଗତ ଶୁଷ୍କ ସଂସ୍କୃତ ମନ୍ତ୍ରପାଠ କରି ଫୁଲ-ଜଳ ଦେଲେ ତା' ହୁଏ ଦରଜାର ବାହାରେ ଛିଡ଼ା ହୋଇ ଘରଟିକୁ ଦେଖି ଚାଲିଆସିବା ଭଳି | ଫଳସ୍ୱରୂପ, ବାସଗୃହରେ

କେତୋଟି ଘର, ଘରଗୁଡ଼ିକ କେତେ ବଡ଼, ଆସବାବପତ୍ର ବା କିପରି, ଇତ୍ୟାଦି ଜଣାପଡ଼େନା | ଏହାକୁହିଁ କୁହାଯାଏ ବାହ୍ୟପୂଜା | ତା'ଦ୍ୱାରା ଦେବତାଙ୍କ ସହିତ ଅନ୍ତରର ଯୋଗ ସ୍ଥାପିତ ହୁଏନା | ଫଳରେ ଉଦ୍‌ବର୍ଦ୍ଧନାବି ବ୍ୟାହତ ହୁଏ | ଏହିଭଳି ପୂଜାକୁ ମୁନିଗଣ ଅଧମର ଅଧମ ବୋଲି କହିଥା'ନ୍ତି |

ପୁରାଣରେ ଉଲ୍ଲିଖିତ ଅଛି, ନାରାୟଣ ଅନନ୍ତଶଯ୍ୟାରେ ଶାୟିତ | ତାଙ୍କର ନାଭିପଦ୍ମରୁ ବ୍ରହ୍ମା ଜାତ ହେଲେ | ଏଇ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା | ଏଇ ତଥ୍ୟଟିକୁ ଏଥର ଆମେ ଶ୍ରୀଶ୍ରୀଠାକୁରଙ୍କ ଭାବାନୁସରଣରେ ବୁଝିବାକୁ ଚେଷ୍ଟା କରିବା |

'ନର' ଶବ୍ଦ ଆସିଛି ନୃ-ଧାତୁରୁ, ମାନେ ବର୍ଦ୍ଧନ | ଆଉ ଅୟନ ମାନେ ପଥ | ତେଣୁ, ଶ୍ରୀଶ୍ରୀଠାକୁର କହିଛନ୍ତି ନାରାୟଣ ମାନେ 'ବର୍ଦ୍ଧନାର ପଥ' | ବିଶ୍ୱଦୁନିଆରେ ସୃଷ୍ଟ ପ୍ରତିଟି ପଦାର୍ଥ ମଧ୍ୟରେହିଁ ଅଛି ଅସ୍ତି ଓ ବୃଦ୍ଧିର ଆକୂତି-- ବଞ୍ଚିରହିବା ଓ ବଢ଼ି ଚାଲିବାର ପ୍ରବଣତା | ବିରାଟ ନୀହାରିକା ଜଗତଠାରୁ ଆରମ୍ଭ କରି ଧୂଳିକଣାର ଅତି କ୍ଷୁଦ୍ର ଅଣୁ ପର୍ଯ୍ୟନ୍ତ ବିଶ୍ୱବ୍ରହ୍ମାଣ୍ଡର ଯାବତୀୟ ସବୁ କିଛିରେ ଏଇ ସମ୍ବେଗ ଅନୁସ୍ୟୂତ ହେଉଅଛି | ଏଭଳି କିଛି ନାହିଁ ଯେଉଁଠାରେକି ଏଇ ସମ୍ବେଗ ନାହିଁ | ତେଣୁ, ନାରାୟଣ ଅନନ୍ତ, ତାଙ୍କର ଅନ୍ତ ମିଳେନା | ଆଉ, ସର୍ବତ୍ର ଅଛନ୍ତି ବୋଲି ସମଗ୍ର ବିଶ୍ୱ ତାଙ୍କର ଅନନ୍ତଶଯ୍ୟା | ସେ ଅନୀୟସାମନୀୟାଂ ସଂ ସ୍ଥବିଷ୍ଠଞ୍ଚ ସ୍ଥବୀୟସାମ' (ଗରୁଡ଼ପୁରାଣ, ପୂର୍ବଖଣ୍ଡ)-- ସେ କ୍ଷୁଦ୍ର ଠାରୁ ବି କ୍ଷୁଦ୍ର ଏବଂ ବୃହତ୍‌ଠାରୁ ବି ବୃହତ୍ |

ଆକାଶରେ ଯେଉଁ ବିରାଟ ବିସ୍ତୃତ ଛାୟାପଥ ଓ ତତ୍‌ସହ ଅଗଣିତ ଗ୍ରହ ନକ୍ଷତ୍ର ଗୁଚ୍ଛ ଦେଖାଯାଏ, ତା' ଦେଖି କେହି ହୁଏତ ଭାବିପାରନ୍ତି 'ଏହାହିଁ ନାରାୟଣଙ୍କର ମହିମା' | ହଁ, ମହିମା ତ ନିଶ୍ଚୟ, ତେବେ ସେଟା ଏଇ ବ୍ରହ୍ମାଣ୍ଡର | ଆଉ, ତା'ର ସୃଷ୍ଟିକର୍ତ୍ତା ଜଣେ ବ୍ରହ୍ମା | ଏଇଭଳି ଅନନ୍ତ କୋଟି ବ୍ରହ୍ମାଣ୍ଡ ଅଛି | ସେଗୁଡ଼ିକର ସୃଷ୍ଟିକର୍ତ୍ତା

ହେଉଛନ୍ତି ଅନନ୍ତକୋଟି ବ୍ରହ୍ମା, ଯେଉଁମାନେକି ପ୍ରତ୍ୟେକ ଜାତ ହୋଇଛନ୍ତି ନାରାୟଣଙ୍କ ନାଭିପଦ୍ମରୁ | ପୃଥିବୀର ବୈଜ୍ଞାନିକଗଣ ଏଇଭଳି ଅସଂଖ୍ୟ ବ୍ରହ୍ମାଣ୍ଡର କଳ୍ପନା କରିଛନ୍ତି | କିନ୍ତୁ ତା'ର ଅତି ସାମାନ୍ୟ ଅଂଶହିଁ ଅଛି ସେମାନଙ୍କ ଅବଗତିରେ | ଆମେ ଏଇ ଗୋଟିଏ ବ୍ରହ୍ମାଣ୍ଡର ବିସ୍ତୃତି ଦେଖିହିଁ ହତଚକିତ ହୋଇଥାଉ | ପୃଥିବୀ କେତେ ବଡ଼ | ଏହାଠାରୁ କେତେ ଲକ୍ଷଗୁଣ ବଡ଼ ସୂର୍ଯ୍ୟ | ପୁଣି, ଏଭଳି ବୃହତ୍ ତାରକା ବି ଅଛନ୍ତି ଯେଉଁଥିରେ ନା କ'ଣ ଲକ୍ଷ ସୂର୍ଯ୍ୟ ସ୍ଥାନ ପାଇପାରେ | ଏଇଭଳି ସଂଖ୍ୟାତୀତ ତାରକା-ଗ୍ରହ-ନୀହାରିକା ନେଇ ଆମର ଏଇ ବ୍ରହ୍ମାଣ୍ଡ | ଏଇ ବିରାଟ ବ୍ୟାପାରର ଖବର ଆମେ କେତେ ବା ରଖୁ !

ତେଣୁ ତ ଗଳ୍ପ ଅଛି, ଏକଦା ଚତୁର୍ମୁଖ ବ୍ରହ୍ମାଙ୍କର ଅହଙ୍କାର ହୋଇଥିଲା 'ମୋ ଅପେକ୍ଷା ବଡ଼ ଆଉ କିଏ ଅଛି ! ମୁଁ ହେଲି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା |' ସେଦିନ ସେ ବିଷ୍ଣୁଙ୍କ ଦରବାରରେ ବସିଥିଲେ | ତା'ପରେ କ୍ରମେ କ୍ରମେ ଦଶମୁଖ ବ୍ରହ୍ମା, ଶତମୁଖ ବ୍ରହ୍ମା, ସହସ୍ରମୁଖ ତଥା ଲକ୍ଷ, କୋଟିମୁଖଧାରୀ ବ୍ରହ୍ମାଙ୍କ ଦଳ ସେହି ଦରବାରରେ ଉପସ୍ଥିତ ହେବାକୁ ଲାଗିଲେ | ଏହା ଦେଖି ଚତୁର୍ମୁଖ ବ୍ରହ୍ମାଙ୍କର ଆଖି ଖୋସି ହୋଇଗଲା | ତାଙ୍କର ବଡ଼ତ୍ୱର ଅହଙ୍କାର ଚୂର୍ଣ୍ଣ ହୋଇଗଲା | ସେ ବୁଝିପାରିଲେ, 'ମୁଁ ହିଁ ଏକମାତ୍ର ବ୍ରହ୍ମା ନୁହେଁ, ଆହୁରି ବ୍ରହ୍ମାବି ଅଛନ୍ତି ଏବଂ ସେମାନେ ମୋ ଠାରୁ ଯଥେଷ୍ଟ ଶକ୍ତିର ଅଧିକାରୀ' | ତେଣୁ ତ ବୈଷ୍ଣବ କବି ବିଦ୍ୟାପତି ଭାବାବେଗରେ ରଚନା କରିଲେ--

"କତ ଚତୁରାନନ ମରି ମରି ଯାଓତ
ନ ତୁୟା ଆଦି ଅବସାନା
ତୋଁହେ ଜନମି ପୁନ ତୋଁହେ ସମାଓତ
ସାଗର ଲହରୀ ସମାନା ||"

-- କେତେ କେତେ ବ୍ରହ୍ମା ତୁମଠାରେ ଲୀନ ହୋଇଯାଆନ୍ତି | ତୁମର ଆଦି ବି ନାହିଁ, ଅନ୍ତ ବି ନାହିଁ | ସମଗ୍ର ଜୀବକୁଳ ସାଗର-ତରଙ୍ଗ ପରି ତୁମଠାରେ ଜନ୍ମ ହୋଇ ତୁମଠାରେହିଁ ଲୟପ୍ରାପ୍ତ ହୁଅନ୍ତି |

ଉପରୋକ୍ତ କାହାଣୀରୁ ପ୍ରମାଣିତ ହୁଏ-- ବ୍ରହ୍ମା ବହୁତ କିନ୍ତୁ ବିଷ୍ଣୁ ବା ନାରାୟଣ ଜଣେ |ଗୋଟିଏ ବିଷ୍ଣୁଙ୍କ ପାଖରୁ କୋଟି କୋଟି ବ୍ରହ୍ମାଣ୍ଡ ଜାତ | ଗୋଟିଏ ବ୍ରହ୍ମା ଗୋଟିଏ ଛାୟାପଥ (Milky Way)-ସହ ଗୋଟିଏ ବ୍ରହ୍ମାଣ୍ଡର ସ୍ରଷ୍ଟା | ଏଇପରି କୋଟି କୋଟି ଛାୟାପଥ-ସହ ଅନନ୍ତ-କୋଟି ବ୍ରହ୍ମାଣ୍ଡ ବି ଯେଉଁଠି ଲୀନ ହୋଇଯାଏ, ତା'ହିଁ ନାରାୟଣଙ୍କର ଅନନ୍ତଶଯ୍ୟା | ସେଇ ବିଶାଳ ବ୍ୟାପ୍ତି, ଯାହାକି ମଣିଷର କଳ୍ପନାରେ କେବେ ବି ଆସି ପାରେନା, ସେଇ ବ୍ୟକ୍ତ ଅବ୍ୟକ୍ତ ସବୁ କିଛିକୁ ବ୍ୟାପ୍ତ କରି ନାରାୟଣ ବା ବିଷ୍ଣୁଙ୍କର ଅବସ୍ଥିତି | ସର୍ବତ୍ର ବ୍ୟାପ୍ତ ହୋଇଛନ୍ତି ବୋଲି ତାଙ୍କର ଆଉ ଏକ ନାମ 'ବିଷ୍ଣୁ' (ବିଷ୍-ଧାତୁ=ବ୍ୟାପ୍ତି) | "ସର୍ବଂ ବିଷ୍ଣୁମୟଂ ଜଗତ୍"-- ସମଗ୍ର ଜଗତ ବିଷ୍ଣୁମୟ |

ଆମର ଏଇ ବ୍ରହ୍ମାଣ୍ଡର ଛାୟାପଥ-ସହ ଦୃଶ୍ୟମାନ ଏଇ ଗ୍ରହନକ୍ଷତ୍ର ପରିପୂର୍ଣ୍ଣ ଜଗତ ସେଇ ପରମ ଐଶୀ ସତ୍ତାରହିଁ ଗୋଟିଏ କ୍ଷୁଦ୍ର ଅଂଶ ମାତ୍ର | ତେଣୁ, ନାରାୟଣଙ୍କର ବ୍ୟକ୍ତ ମାନୁଷୀ ତନୁ ପୁରୁଷୋତ୍ତମ ଶ୍ରୀକୃଷ୍ଣ କହିଛନ୍ତି-- "ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ | (*ଗୀତା, ୧୦/୪୨*)

-- ଏଇ ସମସ୍ତ ଜଗତ ମୁ ମୋର ମାତ୍ର ଗୋଟିଏ ଅଂଶ ଦ୍ୱାରା ଧାରଣ କରିଅଛି |

ନାରାୟଣଙ୍କର ବିଭୂତି ବର୍ଣ୍ଣନା ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ପ୍ରାୟହିଁ ଏଇସବୁ ଉଦ୍ଧୃତିର ଉଲ୍ଲେଖ କରନ୍ତି | ମହାଭାବବାଣୀରେ ତାଙ୍କ ଶ୍ରୀମୁଖରୁ ଉଚ୍ଚାରିତ ହୋଇଛି-- "ଆମି ପରମକାରଣ | ଅନନ୍ତକୋଟି ଦେବତା, ଇନ୍ଦ୍ର, ଚନ୍ଦ୍ର, ବାୟୁ, ବରୁଣ,

ବ୍ରହ୍ମଜ୍ୟୋତିଃ, ଶ୍ରୀକୃଷ୍ଣର ଅଙ୍ଗଜ୍ୟୋତି, ସେଇ ପରମପୁରୁଷ ଶ୍ରୀକୃଷ୍ଣ, ଶ୍ରୀକୃଷ୍ଣର ସତ୍ତା, ସତ୍ତ୍ୱ, ଆମିଇ ସବ | ଆମି ସେଇ ଦୟାଲଦେଶ, ବ୍ରହ୍ମଦେଶ, ପିଣ୍ଡଦେଶ | ଆମି ସେଇ ବୃନ୍ଦାବନ, ଆମି କୃଷ୍ଣ, ରାଧା, ଗୋପ, ଗୋପୀ; ଆମାର ଆରତି କରେ ଚନ୍ଦ୍ର, ସୂର୍ଯ୍ୟ, ତାରକା, କୋଟି କୋଟି ଗଗନ ସବ ଆମାରଇ ଲୀଳା, ଆମାରଇ ପ୍ରକଟ, ଆମାରଇ ଜନ୍ୟ ଆମାରଇ ଫାଁଦ ଆର କିଛୁ ନୟ" (ଷଟ୍‌ପଞ୍ଚାଶତମ ଦିବସ) | ଭାବସମାଧି ଅବସ୍ଥାରେ ଶ୍ରୀଶ୍ରୀଠାକୁରଙ୍କର ଏଇ ବାଣୀ କ'ଣ ଗୀତାର ବିଭୂତିଯୋଗକୁହିଁ ସ୍ମରଣ କରାଇ ଦିଏନା ?

ଏଇ ହେଲା ନାରାୟଣଙ୍କର ସ୍ୱରୂପ-- ଯାହାର ଆଦି ନାହିଁ, ଅନ୍ତ ନାହିଁ, କୌଣସି ପରିମାପରେ ଯାହାକୁ ପରିମାପିତ କରାଯାଏନା | ଯା' ଇନ୍ଦ୍ରିୟଗ୍ରାହ୍ୟ ତା' ମଧ୍ୟରେ ସେ ଅଛନ୍ତି, ପୁଣି ଏହାର ଅପର ତୀରରେ ମଧ୍ୟ ସେ ଅଛନ୍ତି | "ସ ଭୂମିଂ ସର୍ବତୋ ବୃତ୍ୱାହତ୍ୟତିଷ୍ଠଦ୍ ଦଶାଙ୍ଗୁଳମ୍"-- ସମସ୍ତ ଭୂତ ପଦାର୍ଥ ମଧ୍ୟରେ ଅନୁସ୍ୟୂତ ହୋଇ ତାହାକୁବି କିନ୍ତୁ ଅତିକ୍ରମ କରି ସେ ଅଛନ୍ତି | ସେଥିପାଇଁ ବ୍ରହ୍ମ ବା ବ୍ରହ୍ମାଣ୍ଡର ବିନାଶ ଅଛି, ପରିବର୍ତ୍ତନ ଅଛି | କିନ୍ତୁ ନାରାୟଣ ଅବିନାଶୀ, ଅପରିବର୍ତ୍ତନୀୟ | ତେଣୁ ଶ୍ରୀଶ୍ରୀଠାକୁର ଏଇ ସତ୍ତାକୁ କହିଛନ୍ତି 'ପରାବର୍ତ୍ତନୀ ସତ୍' ଅର୍ଥାତ୍ ଯା' ଠିକ୍ ସେପରି ରହି ଚାଲିଛି, ଯା' ପ୍ରତିଟି ପଦାର୍ଥ ଓ ବିଷୟ ମଧ୍ୟରେ ଜୀବନସମ୍ବେଗ ରୂପରେ ଅନ୍ତଃସ୍ୟୂତ | ଆଉ ଯା' ପରିବର୍ତ୍ତନଶୀଳ, ଅର୍ଥାତ୍ ଯାହାର ଉତ୍‌ପତ୍ତି ଅଛି, ତାହାର ନାମ ଦେଇଛନ୍ତି 'ଅପରାବର୍ତ୍ତନୀ ସତ୍' |

ନାରାୟଣଙ୍କର ନାଭିପଦ୍ମରୁହିଁ ବ୍ରହ୍ମାଙ୍କର ଉତ୍‌ପତ୍ତି | ଏଇ ନାଭି କ'ଣ ? ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଏଇ ସବୁ ବିଷୟ ନେଇ ବହୁଥର ଆଲୋଚନା ହୋଇଛି | ବ୍ୟାଖ୍ୟା କରି ସେ କହିଛନ୍ତି, ନାଭି ଯେପରି ଶରୀରର ମଧ୍ୟଭାଗରେ ଥାଏ, ଠିକ୍

ସେପରି ନାରାୟଣଙ୍କ ନାଭିଦେଶ କହିଲେ ବୁଝିବାକୁ ହେବ ସେଇ ବିଶାଳ ବିସ୍ମୃତିର ମଧ୍ୟବିନ୍ଦୁ ବା କେନ୍ଦ୍ରବିନ୍ଦୁ-- ବିଜ୍ଞାନ ଭାଷାରେ 'ନିଉଟ୍ରାଲ ଜୋନ୍', ଯାହାକୁ କେନ୍ଦ୍ରକରି 'ପଜିଟିଭ୍' ଓ 'ନେଗେଟିଭ୍' ପରସ୍ପର ମିଳିତ ହେବାର ଆବେଗରେ ବାର ବାର ଆବର୍ତ୍ତିତ ହୋଇ ଚାଲିଛି | ଆଉ, ଦୁଇ ସମବିପରୀତ ସତ୍ତାର ମିଳନ-ଆବେଗ ଯେଉଁଠାରେ ଘନିଭୂତ ହୋଇଉଠେ, ସୃଷ୍ଟିର ସୂଚନା ସେଇଠାରେ ହିଁ ହୁଏ |

ତା'ଛଡ଼ା, ମନୁଷ୍ୟଦେହର ନାଭିକୁଣ୍ଡଳୀ ଖୁବ୍ ଶକ୍ତ | ଶବଦାହ ସମୟରେ ଦେହର ସର୍ବାଙ୍ଗ ଦଗ୍ଧ ହୋଇଗଲେବି ନାଭିକୁଣ୍ଡଳୀ ସହଜରେ ପୋଡ଼େ ନାହିଁ | ସେଥିପାଇଁ ବୋଧହୁଏ, ଘନୀଭୂତ ପଦାର୍ଥନିଚୟର ସୃଷ୍ଟି ବିରାଟ ପୁରୁଷଙ୍କ ନାଭିଦେଶରୁହିଁ କଳ୍ପନା କରାଯାଇଛି |

ଲୌକିକ ଜଗତରେ ବି ଆମେ ଦେଖୁ, ପୁରୁଷ ଓ ନାରୀ ଦୁଇଟି ସମବିପରୀତ ସତ୍ତା | ଏମାନେ 'ପଜିଟିଭ୍' ଓ 'ନେଗେଟିଭ୍' ଶକ୍ତି-- ଶ୍ରୀଶ୍ରୀଠାକୁର ନାମ ଦେଲେ ସ୍ଥାସ୍ନୁ ଓ ଚରିଷ୍ଣୁ | ଏମାନଙ୍କର ମିଳନ-ସମ୍ବେଗର ଭିତର ଦେଇହିଁ ନବ ପ୍ରଜନ୍ମର ଉଦ୍‌ଭବ ହୋଇଉଠେ, ସୃଷ୍ଟିଧାରା ଅବ୍ୟାହତ ରହେ | ଗଛ, ଲତା, ପାହାଡ଼, ମାଟି, ପଶୁ, ପକ୍ଷୀ ପ୍ରଭୃତି ଯେଉଁଠାରେହିଁ ସୃଷ୍ଟିର ପ୍ରସାର ହୋଇଛି, ସେଇଠାରେହିଁ ଏଇ ସମବିପରୀତ ସତ୍ତା ବା ଶକ୍ତିଦ୍ୱୟର ପରସ୍ପରର ମିଳନ-ଆକୂତି ଅଛି | ସୃଷ୍ଟିର ଏଇ ରହସ୍ୟଟି ଏଇ ଜାଗତିକ ବିଷୟରେ ଯେପରି, ମହାବ୍ରହ୍ମାଣ୍ଡର ବୁକୁରେ ବି ଠିକ୍ ସେଇପରି | କ୍ଷୁଦ୍ରାତିକ୍ଷୁଦ୍ର ପରମାଣୁ ମଧ୍ୟରେ ବି ଏଇ ଏକ କ୍ରିୟା ବିବର୍ତ୍ତିତ ହୋଇଚାଲିଛି | ପାର୍ସୀ ଭାଷାରେ କ୍ଷୁଦ୍ରବ୍ରହ୍ମାଣ୍ଡକୁ କୁହାଯାଏ 'ଆଲମକବୀର', ଇଂରାଜୀରେ ମ୍ୟାକ୍ରୋକଜ୍‌ମ୍ | 'ମାଇକ୍ରୋକଜମ୍' ହେଉ ବା 'ମ୍ୟାକ୍ରୋକଜ୍‌ମ' ହେଉ ସୃଷ୍ଟିର କ୍ରିୟା ଯେଉଁଠାରେହିଁ ଅଛି,

ସେଇଠାରେହିଁ-- 'ପଜିଟିଭ୍' ଓ 'ନେଗେଟିଭ୍'ର ଆବର୍ତ୍ତନ କ୍ରିୟା ସତତ-ସଞ୍ଚରମାଣ | ସର୍ବତ୍ରହିଁ 'ଏକ ତରୀ କରେ ପାରାପାର' |

କିନ୍ତୁ ନାଭିଦେଶରୁ ପଦ୍ମ ସୃଷ୍ଟି ହେଲା କାହିଁକି ? ପୁଣି, ଛବିରେ ଦେଖିବାକୁ ମିଳେ ପଦ୍ମ ଉପରେ ସୃଷ୍ଟିକର୍ତ୍ତା ଉପବିଷ୍ଟ | ଏଇ ପଦ୍ମ କ'ଣ ? ପଦ୍ମ ଶବ୍ଦ ମଧ୍ୟରେ ଅଛି ପଦ୍-ଧାତୁ, ଅର୍ଥ ଗତି ଓ ସ୍ଥିତି | ସ୍ଥିତି ମାନେ ଅସ୍ତିତ୍ୱ | ଏହାର ଆଉ ଏକ ନାମ ସତ୍ୟ | ଏଇ ସତ୍ୟ ବା ସ୍ଥିତିକୁ ଆଶ୍ରୟ କରିହିଁ ଗତି ଆଗେଇ ଚାଲେ | ଗୋଟିଏ ପାଦ ପକାଇସାରିବା ପରେ ଆର ପାଦଟିକୁ ବଢ଼େଇବାକୁ ପଡ଼େ | ତେଣୁ, ଗତିସମ୍ବେଗ ଯେଉଁଠାରେ ଅଛି, ସେଠାରେ ସ୍ଥିତିସମ୍ବେଗ ଅବଶ୍ୟହିଁ ଅଛି | ବର୍ଦ୍ଧନ-ଆକୃତି ଯେଉଁଠାରେ ଅଛି, ତା'ର ପଛରେ ରହିଛି ବଞ୍ଚିବାର ଆକୃତି | ଯା'ଥାଏ, ତାହାହିଁ ତ ବଢ଼ିପାରେ | ଯା'ର ଅସ୍ତିତ୍ୱ ନାହିଁ, ତା'ର ବର୍ଦ୍ଧନାର ପ୍ରଶ୍ନ ଉଠେନା | ସ୍ଥିତି ଓ ଗତି ଉପରେ ଦଣ୍ଡାୟମାନ ହୋଇ ସୃଷ୍ଟିଧାରାର ଏଇ ଯେ ପ୍ରଥମ ବିକାଶର ସୂଚନା, ତା'ର ପ୍ରତୀକହିଁ ହେଲା ପଦ୍ମ |

ନାରାୟଣ ଯିଏ, ବିଶ୍ୱାତ୍ମା ଯିଏ, ସିଏ ଏକକ ଥିଲେ | ଯେତେବେଳେ ତାଙ୍କର ବହୁରେ ବିସ୍ତୃତ ହେବାର ଆକାଂକ୍ଷା ଜାଗ୍ରତ ହେଲା, ସେତେବେଳେ ତାଙ୍କୁ ସେଇ ବିଶେଷ ଇଚ୍ଛା ମଧ୍ୟରେ ଆବଦ୍ଧ ହେବାକୁ ପଡ଼ିଲା | ଏ ଇଚ୍ଛା କିନ୍ତୁ ଏକଜାତୀୟ ବନ୍ଧନ | କାରଣ, ନିରାକାର ଈଶ୍ୱର ନିର୍ଦ୍ଦିଷ୍ଟ ରୂପ ମଧ୍ୟରେ ସୀମାୟିତ ହୋଇ ବନ୍ଧା ପଡ଼ିବାକୁ ଚାହିଁଲେ | ଅସୀମର ଇଚ୍ଛା ଜାଗିଲା ସସୀମ ହେବାକୁ | ଏ ରକମ ଇଚ୍ଛା କିନ୍ତୁ ଏକ ବିଶେଷ ଗଣ୍ଡୀ ବା ବୃତ୍ତ, ଯା' ମଧ୍ୟରେ ଧରା ପଡ଼ିବାକୁ ଚାହିଁଲେ ସ୍ୱୟଂ ବିଶ୍ୱେଶ୍ୱର | ଶ୍ରୀଶ୍ରୀଠାକୁରଙ୍କ ଭାଷାରେ ଗଣ୍ଡୀବଦ୍ଧ ହେବାର ଏହି ଇଚ୍ଛାର ନାମ "ବୃତ୍ତି-ଅଭିଧାନ" | ପରମପୁରୁଷଙ୍କର ଯଦି ବୃତ୍ତି ଉପରେ ଅଭିଧାନ ହୋଇନଥା'ନ୍ତା, ଅଥବା ଅନ୍ୟ କଥାରେ ବୃତ୍ତ ମଧ୍ୟରେ ଧରା ପଡ଼ିବାର ଇଚ୍ଛା ହୋଇନଥା'ନ୍ତା, ତା'ହେଲେ ବାକ୍ୟ ଓ ମନର

ଅଗୋଚର ଈଶ୍ୱର କେବେବି ବିଭିନ୍ନ ରୂପରେ ରୂପାୟିତ ହୋଇ ସାରା ବିଶ୍ୱରେ ପ୍ରକଟିତ ହୋଇ ନଥା'ନେ | ସେ ବୃତ୍ତି-ଅଭିଧାନରେ ରତ ହେଲାରୁ ସୃଷ୍ଟି ଆରମ୍ଭ ହେଲା, ରୂପ ନେଲା ସ୍ଥିତି ଓ ଗତି | ଭାବଗମ୍ଭୀର ମନ୍ତ୍ରଧ୍ୱନିରେ ଉଚ୍ଚାରଣ କଲେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର--

"ସ୍ୱ ଅୟନସ୍ୟୁତ
ଗତି ଓ ଅସ୍ତି
ବୃତ୍ତ୍ୟଭିଧାନ-ତପସ୍ୟାରେ
ଅଧିଜାତ ହେଲା |" *(ପ୍ରାର୍ଥନା)*

ନାଭିପଦ୍ମ ଉପରେ ଜନ୍ମଗ୍ରହଣ କଲେ ବ୍ରହ୍ମା | ସେ କିଏ ? ବ୍ରହ୍ମା-ଶବ୍ଦଟି ଆସିଛି ସଂସ୍କୃତ ବୃଂହ-ଧାତୁରୁ, ଅର୍ଥ ବୃଦ୍ଧି, ଦୀପ୍ତି | ତା'ହେଲେ ଯେଉଁଠାରେ ପ୍ରକାଶ ଅଛି ଏବଂ ବର୍ଦ୍ଧନାର ଆକୃତି ଅଛି, ତା'ହିଁ ବ୍ରହ୍ମ ବା ବ୍ରହ୍ମା | ଶ୍ରୀଶ୍ରୀଠାକୁର କହିଲେ--

"ଯିଏ
ସବୁ ଯା' କିଛିରେ
ବୃଦ୍ଧିପ୍ରାପ୍ତ ହୋଇ ଦେଦୀପ୍ୟମାନ,--
ସେଇ ବ୍ରହ୍ମଙ୍କୁ ନମସ୍କାର କରେ |" *(ପ୍ରାର୍ଥନା)*

ଦ୍ୱିଜଗଣ ସନ୍ଧ୍ୟା-ଆହ୍ନିକ ସମୟରେ "ନମୋ ବ୍ରହ୍ମଣେ" କହି ବ୍ରହ୍ମଙ୍କୁ ପ୍ରଣାମ କରନ୍ତି | କିନ୍ତୁ ସେତିକି ମାତ୍ର | ସେଇ ବ୍ରହ୍ମ କିଏ ? ତାଙ୍କର ନାମ ଏପରି କାହିଁକି, ତାଙ୍କ ନିକଟରେ ନତି ସ୍ୱୀକାର କରିବାକୁ ହେବ କାହିଁକି, ଏସବୁ କଥା ଜାଣିବା ଓ ବୁଝିବା ହୁଏନା | ବୁଝାଇପାରନ୍ତି, ଜଣାଇପାରନ୍ତି ଏକମାତ୍ର ସଦ୍‌ଗୁରୁ | ତେଣୁ, ସଦ୍‌ଗୁରୁ ଲାଭ ନ ହେଲେ ମଣିଷର ବୋଧର ଦ୍ୱାର ଉନ୍ମୁକ୍ତ ହୁଏନା |

ବ୍ରହ୍ମାରୁ ବ୍ରହ୍ମାଣ୍ଡର ଉଦ୍‌ଭବ | ତେଣୁ, ନାରାୟଣ ସୃଷ୍ଟିକର୍ତ୍ତାଙ୍କରବି ଉତ୍ସ | ନାରାୟଣ ପୂଜା ମାନେ ସମଗ୍ର ସୃଷ୍ଟିର ଉତ୍ସର ଉତ୍ସକୁ ଧ୍ୟାନ କରିବା ଓ ସଂବର୍ଦ୍ଧିତ କରିତୋଳିବା |

ମୂର୍ତ୍ତି ଭିନ୍ନ ଶାଳଗ୍ରମଶିଳାରେ ବି ନାରାୟଣ ପୂଜା କରାଯାଏ | ଶାଳଗ୍ରାମ ଶିଳା ମଧ୍ୟରେ ନାରାୟଣଙ୍କ କଳ୍ପନା କେଉଁ ଭାବରେ ହୋଇପାରେ ? ଶୁଣାଯାଏ, ସେଇ ଆକାରର ପଥର ଦକ୍ଷିଣ ଭାରତରେ ନର୍ମଦା ନଦୀ ତୀରରେ ଅନେକ ମିଳେ | ତା'ଛଡ଼ା ବି ହିମାଳୟର ସ୍ୱିଟି ଏବଂ ଗୁଜୁରାଟର କଚ୍ଛ ଅଞ୍ଚଳରେ ମିଳିଥାଏ | କିନ୍ତୁ ନାରାୟଣ ଶିଳାର ଆକାର ଡିମ୍ବାକୃତିହିଁ ବା ହେବ କାହିଁକି ? ଏସବୁ ନେଇ ପ୍ରଶ୍ନ କରାଯାଇଥିଲା ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କୁ | ଯେଉଁ ବ୍ୟାଖ୍ୟା ସେ ଦେଇଛନ୍ତି ତା' ନିମୋକ୍ତ ରୂପ :--

ଶାଳଗ୍ରାମଶିଳା ହେଲା ବ୍ରହ୍ମାଣ୍ଡର ପ୍ରତୀକ | ବ୍ରହ୍ମାଣ୍ଡର ଆକୃତି ଡିମ୍ବସଦୃଶ (ଡିମ୍ବପରି)-- ମାନେ, ଠିକ୍ ନିଖୁଣ ଜ୍ୟାମିତିକ ବୃତ୍ତ ନୁହେଁ, ବରଂ କୁହାଯାଏ କିଛିଟା ବୃତ୍ତପରି | ଶ୍ରୀଶ୍ରୀଠାକୁର ତା'ର ନାମ ଦେଲେ "ବୃତ୍ତାଭାସ" | ଏଇ ବୃତ୍ତାଭାସ-ଗତି ସୃଷ୍ଟିର ପ୍ରତିଟି ଧାପରେ ବର୍ତ୍ତମାନ | ନୀହାରିକାମଣ୍ଡଳକୁ କେନ୍ଦ୍ର କରି ଯେଉଁ ଅସଂଖ୍ୟ ସୌରଜଗତ ଆବର୍ତ୍ତିତ ହୋଇ ଚାଲିଛି ସେଗୁଡ଼ିକ ଏଇ ଗତିରେ ପରିକ୍ରମା କରୁଛନ୍ତି | ପୁଣି, ସୂର୍ଯ୍ୟଙ୍କୁ କେନ୍ଦ୍ରକରି ଗ୍ରହଗଣ ଯେଉଁ କକ୍ଷପଥରେ ଆବର୍ତ୍ତିତ ହୋଇଚାଲିଛନ୍ତି, ସେଇ କକ୍ଷର ଗତିବି ଡିମ୍ବାକୃତି | ଏପରିକି, ଗୋଟିଏ କ୍ଷୁଦ୍ରକଣା ମଧ୍ୟରେବି ପ୍ରୋଟନ୍‌କୁ କେନ୍ଦ୍ରକରି ଇଲେକ୍‌ଟ୍ରନର ଯେଉଁ-ଆବର୍ତ୍ତନ ତା'ବି ତଦ୍ରୁପହିଁ | ବ୍ରହ୍ମାଣ୍ଡର ସର୍ବସ୍ତରରେ ଏଇ ଯେ ଡିମ୍ବାକୃତି ଗତି ବିଦ୍ୟମାନ, ସେଇ ଗତିରହିଁ ପ୍ରତୀକ ସେହି ଶାଳଗ୍ରାମଶିଳା | ସେଥିପାଇଁ ଶାଳଗ୍ରାମଶିଳା ଡିମ୍ବାକୃତି ହେବାହିଁ ବିଧେୟ |

ନାରାୟଣପୂଜା ମାନେ ନାରାୟଣଙ୍କର ପ୍ରୀତିକର କର୍ମର ଅନୁଷ୍ଠାନ କରିବା ଏବଂ ତାଙ୍କର ଅନଭିପ୍ରେତ କିଛି ନକରିବା | ଅନ୍ୟ କଥାରେ କହିବାକୁ ଗଲେ, ମଣିଷର ଜୀବନବୃଦ୍ଧି ଯେପରି ଅକ୍ଷୁର୍ଣ୍ଣ ରହେ ତାହାହିଁ କରିଚାଲିବା ଏବଂ ଯେଉଁ ଚିନ୍ତା ବା କର୍ମ ସୁସ୍ଥ ଦେହ-ମନ ନେଇ ବଞ୍ଚିରହିବାରେ ବ୍ୟାଘାତ ଘଟାଏ ତାହା ବର୍ଜ୍ଜନ କରିବା | କ୍ରିୟାଯୋଗସାରରେ (୧୮ଶ ଅଧ୍ୟାୟ) ନାରାୟଣଙ୍କର ପ୍ରୀତିକର କର୍ମ ନେଇ କୁହାଅଛି-- ସର୍ବଭୂତେ ଦୟା, ନିରହଂକାର, ତାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂର୍ବକ ଧର୍ମକାର୍ଯ୍ୟାନୁଷ୍ଠାନ, ଯଥାର୍ଥ ବାକ୍ୟ-କଥନ, ମିଷ୍ଟ ବସ୍ତୁ ତାଙ୍କ ଉଦ୍ଦେଶ୍ୟରେ ନିବେଦନ, ପରହିଂସାବିହୀନତା, ମାନ-ଅପମାନ ତୁଲ୍ୟଜ୍ଞାନ, ଗୋ ଓ ବ୍ରାହ୍ମଣ-ହିତୈଷିତା, ଶାସ୍ତ୍ରନିୟମ-ପରିପାଳନ, ଉପକାର ପ୍ରତ୍ୟାଶା ନକରି ଦାନ, ଇତ୍ୟାଦି | ଆଉ, ନାରାୟଣଙ୍କର ଅପ୍ରୀତିକର କର୍ମ-- ହିଂସା, କ୍ରୋଧ, ଅସତ୍ୟ, ଅହଂକାର, କ୍ରୁରତା, ପରନିନ୍ଦା, ପିତା-ମାତା-ଭ୍ରାତା-ପତ୍ନୀ-ଭଗିନୀ ତ୍ୟାଗ, ଗୁରୁଜନଙ୍କ ପ୍ରତି କଟୁବାକ୍ୟ ପ୍ରୟୋଗ, ଶ୍ରେୟଜନଙ୍କୁ ଅବଜ୍ଞା, ପରଦ୍ରବ୍ୟ ହରଣ, ଜଳାଶୟ ନଷ୍ଟକରଣ, ପରସ୍ତ୍ରୀଦର୍ଶନେ ଆକୁଳତା, ପାପଚର୍ଯ୍ୟାଶ୍ରବଣ, ଅନାଥ ବ୍ୟକ୍ତିକୁ ଦ୍ୱେଷକରଣ, ବିଶ୍ୱାସଘାତକତା, ବେଦନିନ୍ଦା, ପରଦାରାସକ୍ତି, ମିତ୍ରଦ୍ରୋହ, ବୈଷ୍ଣବନିନ୍ଦା ଇତ୍ୟାଦି | ଏଇ ଅପ୍ରୀତିକର କର୍ମଗୁଡ଼ିକ ଅପରର କ୍ଷତି କରେ, ସମାଜର ଅମଙ୍ଗଳ କରେ, ନିଜର ମନକୁ ସଙ୍କୁଚିତ କରେ, ଶରୀରରେ ଅବସାଦ ଆଣେ, ମନରେ ସବୁ ସମୟରେ ଗୋଟିଏ ଭୟ-ଭୟ ଭାବ ରହୁଥିବାରୁ ମନର ପ୍ରସାରତା ନଷ୍ଟ କରିଦିଏ | ଫଳରେ, ବିସ୍ତାରର ପଥ ବି ବନ୍ଦ ହୋଇଯାଏ | ଆଉ, ବିସ୍ତାର ବା ବୃଦ୍ଧିର ପଥ ଯେଉଁଠାରେ ନାହିଁ, ସେଠାରେ ନାରାୟଣ ବି ନାହାନ୍ତି |

ନାରାୟଣ ଜୀବନର ପଥ ଓ ବୃଦ୍ଧିପାଇବାର ପଥ | ଏଇ ପଥର ପରିପୋଷଣ ଯେଉଁଭଳି ହୁଏ ତା'ହିଁ ପ୍ରକୃତ ନାରାୟଣ ପୂଜା | ଆଉ, ସେହି ପଥ ବାଦ ଦେଇ ହଜାର 'ନାରାୟଣାୟ ନମଃ' କହି ଫୁଲ ଚଢ଼ାଇଲେ ବା 'ନମୋ ବ୍ରହ୍ମଣ୍ୟଦେବାୟ' କହି ଆଭୂମି ପ୍ରଣାମ କଲେ କୌଣସି ଲାଭ ହୁଏନା | କୌଣସି ବିଶେଷ ସମୟରେ ବା ବିଶେଷ

ଅନୁଷ୍ଠାନର ମଧ୍ୟ ଦେଇ ଯେ ନାରାୟଣଙ୍କର ପୂଜା ହୁଏ, ତା'କିନ୍ତୁ ନୁହେଁ | ଜୀବନର ପ୍ରତି ପଦକ୍ଷେପରେ ହିଁ ଅଛି ନାରାୟଣଙ୍କର ସେବା | ଏଇ ବ୍ୟାପାରରେ ଦୟାଳ ଠାକୁର ଶ୍ରୀଶ୍ରୀଅନୁକୂଳଚନ୍ଦ୍ର ତାଙ୍କର ଅସଜ୍ର ବାଣୀ ମାଧ୍ୟମରେ ଆମ୍ଭମାନଙ୍କୁ ସଜାଗ କରି ଦେଇଛନ୍ତି | ଗୋଟେ ଉଦାହରଣ ଦିଆଯାଉ |

ସତ୍ ସଙ୍ଗୀଗଣ ନିୟମିତ ଆହାର୍ଯ୍ୟଗ୍ରହଣ ପୂର୍ବରୁହିଁ ଇଷ୍ଟାର୍ଥେ ଇଷ୍ଟଭୃତି ନିବେଦନ କରନ୍ତି | ଇଷ୍ଟଭୃତି ପ୍ରତି ତିରିଶ ଦିନରେ ଇଷ୍ଟସନ୍ନିଧାନେ ପଠାଇବାକୁ ହୁଏ | ଇଷ୍ଟଭୃତି ଯେଉଁଦିନ ପଠାଯାଏ, ସେହିନ ଦୁଇଜଣ ଗୁରୁଭ୍ରାତାଙ୍କୁ ଦୁଇଟି ଭାତୃଭୋଜ୍ୟ ଦେବାର ବିଧାନ ଅଛି | କେହି ଯଦି କୌଣସି କାରଣରୁ ଅବଜ୍ଞା କରି ସେହି ଭାତୃଭୋଜ୍ୟ ଗ୍ରହଣ ନକରେ, ତା'ହେଲେ ସେ ନାରାୟଣଙ୍କୁ ହିଁ ଅସ୍ୱୀକାର କରେ | ସେ ଯେତେ ହିଁ ଆଖି ବୁଜି "ଧେୟଃ ସଦା ସବିତୃମଣ୍ଡଳ-ମଧ୍ୟବର୍ତ୍ତୀ....." କହୁ ଅଥବା ମୁହଁରେ ଠାକୁର-ଠାକୁର କରୁ, ନାରାୟଣ ସେଥିରେ ପ୍ରୀତ ହୁଅନ୍ତି ନାହିଁ | ଏଇ ସମ୍ବନ୍ଧରେ ଯୁଗପୁରୁଷତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଗୋଟିଏ ଛଡ଼ା ଦେଇଛନ୍ତି--

"ଇଷ୍ଟଭୃତ୍ତିର ଭାତୃଭୋଜ୍ୟ
ଅବଜ୍ଞା କରି ନିଏ ନା,
ପାଦରେ ଲକ୍ଷ୍ମୀ ସେଇ ତ ଠେଲେ
ନାରାୟଣଙ୍କୁ ଚାହେଁନା |" *(ଅନୁଶ୍ରୁତି - ୧୦)*

ଏହିପରି ଅନେକ ବାଣୀ ଓ ଛଡ଼ା ମାଧ୍ୟମରେ ଶ୍ରୀଶ୍ରୀଠାକୁର ଦେଖାଇ ଦେଇଛନ୍ତି ଦୈନନ୍ଦିନ ପ୍ରତିଟି ବ୍ୟାପାର ଓ ବିଷୟ ମଧ୍ୟରେ କିଭାବରେ ନାରାୟଣସେବା ଓତପ୍ରୋତ ହୋଇଅଛି |

କଥିତ ଅଛି, ନାରାୟଣଙ୍କର ସ୍ତ୍ରୀ ଲକ୍ଷ୍ମୀ ଦେବୀ | ଲକ୍ଷ୍ମୀ ହେଉଛନ୍ତି ଧନସମ୍ପଦର ଅଧିଷ୍ଠାତ୍ରୀ ଦେବତା | ତାଙ୍କର କୃପା ହେଲେ ଅର୍ଥସମ୍ପଦ ଲାଭ ହୁଏ | ଏଇ ଉଦ୍ଦେଶ୍ୟରେ ଗୃହସ୍ଥର ଘରେ ମହାସମାରୋହରେ ଲକ୍ଷ୍ମୀପୂଜା ହୁଏ, ସେର-ମାଣ ଆଦି ପୂଜା ହୁଏ, ଝୋଟି ଇତ୍ୟାଦି ମଧ୍ୟ ପଡ଼େ | କିନ୍ତୁ ବହୁ ଆଡ଼ମ୍ବରରେ ଲକ୍ଷ୍ମୀପୂଜା କରିବା ପରେବି ଦେଖାଯାଏ, ଗୃହସ୍ଥର ଦାରିଦ୍ର୍ୟଦଶା ଘୁଞ୍ଚୁନାହିଁ ବରଂ ଘରଟି ହତଶ୍ରୀ ହୋଇଯାଉଛି | ତାହା ତ ହେବା ଉଚିତ୍ ନୁହେଁ | ଯେଉଁ କାମର ଯାହା-ଫଳ ତାହା ତ ମିଳିବା ଉଚିତ୍ | ଅର୍ଥାତ୍ ଲକ୍ଷ୍ମୀପୂଜାରେ ଲକ୍ଷ୍ମୀଲାଭ ହେବା ଉଚିତ୍ | ତା' ଯେତେବେଳେ ହେଉନାହିଁ, ବୁଝିବାକୁ ହେବ ଯେ କ୍ରିୟାରେ କୌଣସି ଗୋଳମାଳ ହୋଇଛି | ମୋଟ ଉପରେ ଲକ୍ଷ୍ମୀପୂଜା ବିଧିମତ ହେଉନାହିଁ |

ତା'ହେଲେ କେଉଁ ପ୍ରକ୍ରିୟାରେ ଲକ୍ଷ୍ମୀଙ୍କର ଆରାଧନା ଠିକ୍ ଭାବରେ କରାଯାଏ ? ଏ ସମ୍ବନ୍ଧରେ ଅପୂର୍ବ ସମାଧାନବାଣୀ ଦେଇଛନ୍ତି ଯୁଗତ୍ରାତା ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର | ସେ ଦିନେ ଆଲୋଚନା-ପ୍ରସଙ୍ଗରେ କହିଥିଲେ-- "ନାରାୟଣଙ୍କୁ ଖୁସି କରି ପାରିଲେ ଲକ୍ଷ୍ମୀ ଆପଣାଛାଏଁ ଆସି ଧରା ଦିଅନ୍ତି, ଆଉ ନାରାୟଣଙ୍କୁ ଯିଏ ସ୍ତୁତି କରେନା, ସତୀ-ସ୍ତ୍ରୀ ଲକ୍ଷ୍ମୀ କ'ଣ ତା' ନିକଟକୁ ଯାଆନ୍ତି ? ସେ ଲକ୍ଷ୍ମୀଙ୍କ ସ୍ତୁତି ଯେତେ କରୁ ନା କାହିଁକି ଲକ୍ଷ୍ମୀ ତା'କୁ ଏଡ଼ାଇ ଚାଲନ୍ତି | ନାରାୟଣ ମାନେ ବୃଦ୍ଧିର ପଥ, ମୂର୍ତ୍ତ ନାରାୟଣଙ୍କଠାରେ ଯୁକ୍ତ ହୋଇ ତାଙ୍କୁ ମୂଖ୍ୟ କରି ବାସ୍ତବଭାବରେ ବୃଦ୍ଧିର ପଥରେ, ବିସ୍ତାରର ପଥରେ ଚାଲିବାକୁ ହେବ | ତେବେହିଁ ନାରାୟଣ ପୂଜା ସାର୍ଥକ ହେବ, ଲକ୍ଷ୍ମୀବି ବରଣଡାଲା ସଜାଇ ଆସି ଧରାଦେବେ | ଏହା ବାଦଦେଇ ଉନ୍ନତି ଯେ ହୁଏନା, ତା'ର କାରଣ, ମଣିଷ ପ୍ରବୃତ୍ତିପନ୍ଥୀ ହୋଇପଡ଼ିଲେ ତା' ନିକଟରେ ଟଙ୍କା ବଡ଼ ହୁଏ, ମନୁଷ୍ୟ ଛୋଟ ହୋଇଯାଏ, ସେ ମଣିଷର ସଂସ୍ରବ ହରାଏ |

ପୁଣି ଛୋଟ ଛଡ଼ାରେ କହିଲେ --

"ମଣିଷ ନିଜର ଟଙ୍କା ପର / ଯେତେ ପାରୁଛ ମଣିଷ ଧର |"

ଅନ୍ୟତ୍ର ବି କହିଛନ୍ତି, "ମଣିଷ ହେଲା ଲକ୍ଷ୍ମୀର ବରଯାତ୍ରୀ" |

ଏଥିରୁ ବୁଝାଯାଏ, ନାରାୟଣଙ୍କୁ ପ୍ରୀତ କରି ନପାରିଲେ ଲକ୍ଷ୍ମୀଙ୍କର ଅନୁଗ୍ରହ ଲାଭ ହୁଏନା | ଆଉ ନାରାୟଣଙ୍କ ସେବା ମାନେ ମଣିଷର ସେବା-- ମଣିଷ ଯଦ୍ୱାରା ସୁସ୍ଥ, ନୀରୋଗ ସୁଦୀର୍ଘଜୀବୀ ହୋଇପାରେ ତା'ହିଁ କରିଚାଲିବା | କିନ୍ତୁ ଆମେ ପ୍ରତ୍ୟେକେହିଁ କମବେଶୀ ପ୍ରବୃତ୍ତିର ଅଧିନ |

ପ୍ରବୃତ୍ତିପଥ ହେଲା ଈଶ୍ୱରଙ୍କର ବିପରୀତ ପଥ ବା ଶଇତାନର ପଥ | ପ୍ରବୃତ୍ତିର ଅଧୀନ ହୋଇ ଯଦି ଆମେ ଲୋକସେବା କରିବାକୁ ଯାଉ, ତା'ହେଲେ ମଣିଷର ସର୍ବାଙ୍ଗୀନ ସାତ୍ୱତ କଲ୍ୟାଣ କରିବା କୌଣସିମତେ ସମ୍ଭବ ନୁହେଁ | କାରଣ, ପ୍ରବୃତ୍ତିପାଶ ଭିତରେ ଅଛି ଦମ୍ଭ, ଅଭିମାନ, ଲୋଭ ସ୍ୱାର୍ଥପରତା, ଈର୍ଷା, ଆତ୍ମମ୍ଭରିତା, ପ୍ରଭୃତି | ଯେଉଁ ମଣିଷ ମଧ୍ୟରେ ଏସବୁ ବର୍ତ୍ତମାନ, ସେ ତା'ର କଥା ଓ କର୍ମ ମଧ୍ୟ ଦେଇ ତା'ରହିଁ ଅଭିବ୍ୟକ୍ତି ଦେଇପାରେ ମାତ୍ର | ସେ ମଣିଷ ପାଇଁ କିଛି କରିବାକୁ ଗଲେହିଁ ତା' ମଧ୍ୟରେ ପ୍ରାଧାନ୍ୟ ପାଇବ ସେଇ ଅବଗୁଣଗୁଡ଼ିକ | ଈଶ୍ୱର ଚାହାନ୍ତି ମିଳନ, ଆନନ୍ଦ, ସ୍ୱସ୍ତି, ମନର ପ୍ରସାରତା, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ | ପ୍ରବୃତ୍ତି ଅଧୀନ ମଣିଷ ପାଖରେ ଏସବୁ ଗୁଣ ମିଳେନା | ତା'ର ନିଜର ବ୍ୟାପାରଟି ହିଁ ତା' ନିକଟରେ ସବୁଠାରୁ ବଡ଼ ବୋଲି ପ୍ରତୀୟମାନ ହୁଏ | ପ୍ରବୃତ୍ତିର ବୃତ୍ତରେ ହିଁ ସେ ଉବୁଟୁବୁ ହେଉଥାଏ | ତାହାର ବାହାରେ କିଛି ଦେଖିବାର ଶକ୍ତି ତା'ର ନଥାଏ | ସେ ହୁଏ ଆତ୍ମକେନ୍ଦ୍ରିକ | ତେଣୁ, ସେ ଅପରକୁ ବୁଝାଇପାରେନା, ବୁଝିବାକୁ ବି ଚାହେଁନା | ମଣିଷର ସତ୍ତାଗତ ସ୍ଥାୟୀ କଲ୍ୟାଣସାଧନ କରିବା ତା' ପକ୍ଷରେ ଅସମ୍ଭବହିଁ ହୋଇଉଠେ | କେହି ଯଦି ସ୍ୱାର୍ଥପର ମନୋବୃତ୍ତିସମ୍ପନ୍ନ ହୁଏ, ସେସବୁ କାମରେହିଁ କିପରି ନିଜର ଦୁଇପଇସା ହେବ, କେତେଟିକେ ଲାଭ ହେବ, ସେହି ଧନ୍ଦା ନେଇହିଁ ଚାଲିବେ | କେହି ଯଦି ଅହଂକାରରେ ମଦମତ୍ତ ବା ଆତ୍ମପ୍ରତିଷ୍ଠା-ପରାୟଣ ହୁଏ, ସେସବୁ ବ୍ୟାପାରରେ ହିଁ ନିଜର ପ୍ରାଧାନ୍ୟତା ଯେପରି ଅତୁଟ ରହେ ତାହାହିଁ କରିଚାଲିବ | ତା'ର ସମକକ୍ଷ ବା ତା' ଅପେକ୍ଷା ବଡ଼

ଏଭଳି କାହାକୁ ସେ ସହ୍ୟ କରି ପାରିବ ନାହିଁ | ତା'ର ନିଜର ନାମ-ଯଶ ଓ ପ୍ରତିଷ୍ଠା ନେଇ ଯେଉଁଠାରେ ପ୍ରଶଂସା କରା ନଯାଏ, ତା' ଯେତେ ମଙ୍ଗଳକର ବିଷୟହିଁ ହେଉ, ସେ ବିଷୟରେ ତା'ର କୌଣସି ଆଗ୍ରହ ନଥାଏ | ମଣିଷକୁ ବଡ଼କ୍ରି ତୋଳିବା ବା ଅନ୍ୟର ନ୍ୟାଯ୍ୟ ପ୍ରଶଂସା କରିବା ତା' ପକ୍ଷରେ କୌଣସିମତେ ସମ୍ଭବ ନୁହେଁ | ବଡ଼ ବା ଉଚ୍ଚକୁ ସେ ଶ୍ରଦ୍ଧା କରିପାରେନା | ଏଇଭାବରେ ପ୍ରତି ପଦେ ପଦେ ତା'ର ମଣିଷ ସହିତ ଅସହଯୋଗ ହେବାକୁ ଲାଗିବ; ମଣିଷର ସତ୍ତାଗତ ପ୍ରୟୋଜନ ବୁଝି, ଚାଲିବା ତା' ପକ୍ଷରେ ଅସମ୍ଭବ ହେବ | ସେଥିପାଇଁ ପ୍ରବୃତ୍ତିର ଆକର୍ଷଣର ଉପରେ ଉଠି ନପାରିଲେ ମଣିଷର ପ୍ରକୃତ ସେବା କରିବା ସମ୍ଭବ ନୁହେଁ |

କିନ୍ତୁ ନିଜ ଚେଷ୍ଟାରେ ପ୍ରବୃତ୍ତିର ଉପରକୁ ଉଠିବା ସେତେ ସହଜ ନୁହେଁ | ଏଥିପାଇଁ ଦରକାର ଗୋଟାଏ ଅବଲମ୍ବନ, ଯାହାକୁ ଧରି ଉଠି ହେବ | ସେଇ ଅବଲମ୍ବନ-ଦଣ୍ଡହିଁ ହେଉଛନ୍ତି ମଣିଷର ଇଷ୍ଟ, ସଦ୍‌ଗୁରୁ-- ମୂର୍ତ୍ତ ନାରାୟଣ | ତାଙ୍କ ଉପରେ ଟାଣ ହେଲେହିଁ ଅନ୍ୟ ସବୁ ଟାଣର ଶକ୍ତି କମିଯାଏ | ପ୍ରବୃତ୍ତିର ବନ୍ଧନହିଁ ଏଇଭାବରେ କଟିଯାଏ | ତେଣୁ ସେ ହିଁ ଏକମାତ୍ର ଉପାସ୍ୟ, ଆରାଧ୍ୟ, ଶରଣୀୟ |

ଇଶ୍ୱର ଅବ୍ୟକ୍ତ, ଅଚିନ୍ତନୀୟ | ତାଙ୍କୁ ଚିହ୍ନାଇ ଦିଅନ୍ତି, ଜଣାଇ ଦିଅନ୍ତି ସେହି ଇଷ୍ଟଗୁରୁ | ତେଣୁ, "ତତ୍‌ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେଃ ନମଃ |" ସେଇ ନାରାୟଣଙ୍କର ପରମ ପଦ ('ତଦ୍‌ବିଷ୍ଣୋଃ ପରମଂ ପଦମ୍') ଯିଏ ଦେଖାଇ ଦିଅନ୍ତି ସେ ହିଁ ମଣିଷର ଇଷ୍ଟ, ଆଚାର୍ଯ୍ୟ | ସେ ସ୍ୱୟଂ ଘୋଷଣା କରନ୍ତି | 'ମୋତେ ଆଚାର୍ଯ୍ୟ ବୋଲି ଜାଣିବ' (ଶ୍ରୀମଦ୍‌ଭାଗବତ) | ଆଉ, ସେଇ ପରମ ପଦ କ'ଣ ? ପରମ ମାନେ ଶ୍ରେଷ୍ଠ, ଆଉ ପଦ୍ ଧାତୁର ଅର୍ଥ ଗତି, ଚାଲିବା | ତେଣୁ, ପରମପଦ ମାନେ ସର୍ବଶ୍ରେଷ୍ଠ ଚାଲିବାର ରୀତି | ସେ-ରୀତି ହେଲା ବଞ୍ଚିବା-ବଢ଼ିବାର ପଥ, ସ୍ୱସ୍ତିର ପଥ, ଶାନ୍ତିର ପଥ -- ଯା' ମଣିଷର ପରମ କାମ୍ୟ |

ବିଷ୍ଣୁ ସେଇ ପରମ ପଦରେ ନିତ୍ୟ ଅବସ୍ଥାନ କରନ୍ତି, ମାନେ ବିଶ୍ୱଜଗତରେ ସାତ୍ୱତ ବିଧି ହିସାବରେ ସେ ନିତ୍ୟ ବର୍ତ୍ତମାନ | ଜୀବନ ଓ ବର୍ଦ୍ଧନକୁ କେନ୍ଦ୍ର କରିହିଁ ଆବର୍ତ୍ତିତ ବୈଷ୍ଣବୀ ନୀତି | ବିଷ୍ଣୁ କେବେବି ତାଙ୍କ ପଥରୁ ଚ୍ୟୁତ ହୁଅନ୍ତି ନାହିଁ | ତେଣୁ, ତାଙ୍କର ଆଉ ଗୋଟିଏ ନାମ 'ଅଚ୍ୟୁତ' | ଆଉ, ମର୍ତ୍ତ୍ୟଧାମରେ ତାଙ୍କର ଜୀବନ୍ତ ସଚଳ ରୂପ ହେଲେ ଗୁରୁ-ପୁରୁଷୋତ୍ତମ |

ବିଶ୍ୱେଶ୍ୱର ନାରାୟଣ ଯେତେବେଳେହିଁ ଗୁରୁରୂପରେ ମାନୁଷୀ ତନୁ ଆଶ୍ରୟକରି ପୃଥିବୀରେ ଆବିର୍ଭୂତ ହୋଇଛନ୍ତି, ସେ ଶିଖାଇଛନ୍ତି ନାରାୟଣ-ଉପାସନା | ନାନା ଇଙ୍ଗିତରେ, କେବେ ବି ସ୍ପଷ୍ଟଭାଷାରେ ସେ ଜଣାଇ ଦେଇଛନ୍ତି ଯେ ସେହିଁ ସେ | ତାଙ୍କର ଆଦେଶ ପାଳନ କରିଚାଲିଲେ, ତାଙ୍କୁ ତୃପ୍ତ ଓ ପ୍ରୀତ କରିପାରିଲେହିଁ ପ୍ରକୃତ ନାରାୟଣ-ପୂଜା କରାହୁଏ |

ଯୁଗେ ଯୁଗେ ଏଇ ବାର୍ତ୍ତା ନେଇ ଆସିଛନ୍ତି ପ୍ରେରିତପୁରୁଷଗଣ | କଳିର ଏଇ ଶେଷ ଯାମରେ ଜଗତ ପାଇଁ ସେଇ ଶିକ୍ଷା ନେଇ ପୁଣି ଆବିର୍ଭୂତ ହେଲେ ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର | ମଣିଷକୁ ସେ ନାରାୟଣମୁଖୀ କରି ତୋଳିଲେ | ଦୈନନ୍ଦିନ ଜୀବନ ଆଚରଣର ଭିତର ଦେଇ ସେ ଦେଖାଇଲେ ନାରାୟଣପୂଜା କ'ଣ ! ପୁଣି, କଥା-ପ୍ରସଙ୍ଗରେ ମଝିରେ-ମଝିରେ ପ୍ରାଣଦୋଳନୀ ସ୍ୱରରେ ଓ ଛନ୍ଦରେ ସେ ଗାଇ ଉଠିଛନ୍ତି--

"ନାରାୟଣଃ ପରା ଦେବାଃ ନାରାୟଣଃ ପରାକ୍ଷରାଃ |
ନାରାୟଣଃ ପରା ମୁକ୍ତିର୍ନାରାୟଣଃ ପରା ଗତିଃ ||"

****

ମହାଦେବ

ମହାଦେବ ବା ଶିବ କହିଲେହିଁ ଆମ୍ଭମାନଙ୍କର ଚିତ୍ତଜଗତରେ ଗୋଟିଏ ମୂର୍ତ୍ତିର ଉଦୟ ହୁଏ ଯିଏକି ଯୋଗାସନରେ ଉପବିଷ୍ଟ, ବାଘ ଛାଲ ପରିହିତ, ତ୍ରିଶୂଳ ଓ ଡମ୍ବୁରୁଧାରୀ, ଗଳା ସର୍ପାବୃତ୍ତ ଇତ୍ୟାଦି | କିନ୍ତୁ ଏପରି ଏକ ମଣିଷ ଆମେ କେବଳ ପୁସ୍ତକର ପୃଷ୍ଠାସ୍ଥ ଛବି ଏବଂ ପଥର ବା ମାଟିର ପ୍ରତିମା ମଧ୍ୟରେ ଦେଖିବା ବ୍ୟତୀତ ବାସ୍ତବରେ ସେପରି ଦେଖିବାକୁ ପାଉନା | ଅଥଚ ବହୁକାଳରୁହିଁ ଶିବପୂଜା ସାଡ଼ମ୍ବରରେ ପାଳିତ ହୋଇ ଆସୁଅଛି | ଶିବ-ଉପାଖ୍ୟାନ ନାନାଭାବରେ ପୁରାଣ, ଗାଥା, କାବ୍ୟ, ଶିଳ୍ପକଳାରେ ବର୍ଣ୍ଣିତ | ଭାରତର ଏକ ସୁବିପୁଳ ଜନସମାଜ ଶୈବକୃଷ୍ଟିର ଅନୁଶୀଳନ କରିଚାଲିଛି |

ପୌରାଣିକ ସକଳ ବ୍ୟକ୍ତିତ୍ୱରହିଁ ବାସ୍ତବ ଅସ୍ତିତ୍ୱ ଥିଲା | ସେମାନେ ବା ସେମାନଙ୍କ ପରି ଲୋକ ଏଇ ଦୁନିଆଁରେ ବସବାସ କରୁଥିଲେ | ପରବର୍ତ୍ତୀକାଳରେ ସେମାନେ ଦେବତାରେ ରୂପାନ୍ତରିତ ହୋଇଛନ୍ତି | ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତାହାହିଁ କହନ୍ତି | ସେ ଆହୁରି କହିଛନ୍ତି, ବିଦ୍ ଧାତୁରୁ (ଦୀପ୍ତି) ଦେବତା--ଶବ୍ଦର ଉଦ୍ଭବ | ଇଷ୍ଟାନୁଗ ସାଧନା, କର୍ମ ଓ ଲୋକସେବାର ଭିତର ଦେଇ ଯେଉଁମାନେ ଦୀପ୍ତିମାନ୍ ଚରିତ୍ରର ଅଧିକାରୀ ହୋଇଉଠିଛନ୍ତି ସେଇମାନେହିଁ ଦେବତା ବୋଲି ପରିଗଣିତ ହୋଇଛନ୍ତି |

ଶିବ ନାମରେ ବି ପୂର୍ବକାଳରେ ଜଣେ କେହି ଥିଲେ | ସ୍ୱୀୟ ଚରିତ୍ର, ବ୍ୟକ୍ତିତ୍ୱ ଦ୍ୱାରା ସେ ତତ୍କାଳୀନ ଜନସମାଜରେ ପ୍ରଭାବ ବିସ୍ତାର କରିଥିଲେ | ତାଙ୍କର ଆଦର୍ଶ ଓ ଭାବଧାରା ଦେଶର ସୁପ୍ରଚାରିତବି ହୋଇଥିଲା |

କିଏ ଏଇ ଶିବ ? 'ଶିବ' ଶବ୍ଦଟିର ମାନେହିଁ ମଙ୍ଗଳ | ତେଣୁ, ଯିଏ ପରମ-ମଙ୍ଗଳମୟ, ଯିଏ ନିଖିଳକ୍ଷେମବିଧାତା, ସେହିଁ ଶିବ | ପୁଣି, ଶିବ-ଶବ୍ଦର ଉତ୍‌ପତ୍ତି ଶ୍ରୀ-ଧାତୁ (ଶୟନ)ରୁ | ତା'ର ମାନେ, ସବୁ ବା ସବୁ-କିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ, ଯିଏ ସମସ୍ତଙ୍କରହିଁ ଆଶ୍ରୟ | ମଙ୍ଗଳକୁ ଆଶ୍ରୟ ନକରି କିଏ ବଞ୍ଚିପାରେ ? ତେଣୁ, ଶିବ ସମସ୍ତଙ୍କରହିଁ ଆଶ୍ରୟସ୍ଥଳ |

ତାଙ୍କର ଆଉ ଗୋଟିଏ ନାମ ଶମ୍ଭୁ | ଶମ୍ ମାନେ କଲ୍ୟାଣ ଏବଂ ଭୂ-ଧାତୁ ମାନେ ହେବା | ଯିଏ କଲ୍ୟାଣରୂପୀ ହୋଇ ଅଛନ୍ତି ବା ମୂର୍ତ୍ତ କଲ୍ୟାଣ, ସେହିଁ ଶମ୍ଭୁ | କିପରି ଭାବରେ ପ୍ରାଣୀଗଣଙ୍କର କଲ୍ୟାଣ କରିବାକୁ ହୁଏ ତାହା ତାଙ୍କର ଆଚରଣରେ ନିୟତ ପ୍ରକାଶିତ | ଆଉ, ଏଇ କଲ୍ୟାଣ କରିବା ପଥରେ ବି ଅନେକ ରକମର ବାଧାବିଘ୍ନ ଆସି ଉପସ୍ଥିତ ହୁଏ | ବହୁ ଘାତ-ପ୍ରତିଘାତ ଆସେ | କାରଣ, "ଶ୍ରେୟାଂସି ବହୁବିଘ୍ନାନି'-- ଶୁଭ କର୍ମରେ ଶତେକ ବାଧା | ସେଇ ସବୁ ବିରୁଦ୍ଧଶକ୍ତି ଜୟକରି ଶିବ-ବ୍ୟକ୍ତିତ୍ୱ ଯିଏ, ସିଏ ତାଙ୍କ ଉଦ୍ଦେଶ୍ୟ ସାଧନ କରନ୍ତି | ସଂସାରର ବିଭିନ୍ନ ଝଡ଼ଝଞ୍ଝାର ମଧ୍ୟ ଦେଇ ଯେଉଁ ହଳାହଳ ଉଠେ ତାହା ସେ ନିଜେ ଗ୍ରହଣ କରନ୍ତି | ଜଗତକୁ ବିଷମୁକ୍ତ କରି ରଖନ୍ତି | ତେଣୁ ସେ 'ନୀଳକଣ୍ଠ' | ସେ ଜୀବର କଲ୍ୟାଣ ଚାହାଁନ୍ତି | ଅମଙ୍ଗଳ ବିଷରେ ଯେପରି କେହି ଜର୍ଜ୍ଜରିତ ନହୁଅନ୍ତି, ଏହାହିଁ ତାଙ୍କର ଲକ୍ଷ୍ୟ | ଏଇ ପୃଥିବୀରେ ଶିବମୟ ବ୍ୟକ୍ତିତ୍ୱ ନେଇ ଯେଉଁ-ପୁରୁଷ ଯେତେବେଳେହିଁ ଆବିର୍ଭୂତ ହୁଅନ୍ତି, ତାଙ୍କ ଚରିତ୍ର ସେଇଭଳି ହୋଇଥାଏ |

ତେଣୁ ତ ସେ ଭୂତନାଥ, ଭୂତେଶ, ଭୂତଭାବନ | ଭୂତ କହିଲେ ଆମେ କେତେଗୁଡ଼ିଏ ଉଦ୍‌ଭଟ ଚେହେରାର ମଣିଷ ତୁଲ୍ୟ ପ୍ରାଣୀ କଥା ବୁଝୁ | ତା' କିନ୍ତୁ ନୁହେଁ

| ଭୂତ ମାନେ "ଯାହା କିଛି ହୋଇଅଛି" ଅର୍ଥାତ୍ ସ୍ଥାବର-ଜଙ୍ଗମ ଯା'-କିଛି | ପ୍ରାଣୀକୁଳ କିପରି ଭାବରେ ସୁସ୍ଥ ରହେ, ଭଲ ରହେ ତାହାହିଁ କରି ଚାଲନ୍ତି ମହାଦେବ | ତେଣୁ ସେ ଭୂତନାଥ-- ସମସ୍ତଙ୍କ ପ୍ରାଣର ଦେବତା | ଭୂତ ନେଇହିଁ ତାଙ୍କର ଚଲାବୁଲା |

ମହାଦେବଙ୍କ ପାଖରେ ସବୁବେଳେ ଦୁଇଜଣ ଅନୁଚର ଥାଆନ୍ତି-- ନନ୍ଦୀ, ଭୃଙ୍ଗୀ | ସେମାନେ କିଏ ? ସେମାନେ ଦୁଇଟି ଶକ୍ତି | ନନ୍ଦୀ ଶବ୍ଦର ଉତ୍‌ପତ୍ତି ନନ୍ଦ୍-ଧାତୁରୁ, ମାନେ ଆନନ୍ଦ, ଆଉ ଭୃଙ୍ଗୀ ଆସିଛି ଭୃ-ଧାତୁରୁ, ମାନେ ଭରଣ, ପୋଷଣ ଓ ଧାରଣ କରିବା | ମହାଶକ୍ତିଶାଳୀ ମହାଦେବ ଯିଏ ତାଙ୍କ ଭିତରେ ଏଇ ଦୁଇଟି ଶକ୍ତି ସ୍ୱତଃସ୍ଫୂର୍ତ୍ତ | ତାଙ୍କ ସାନ୍ନିଧ୍ୟକୁ ଯାଇ ମଣିଷ ନିରାବିଳ ଆନନ୍ଦ ଲାଭ କରେ, ଦୁଃଖକଷ୍ଟ ଜୟ କରିବାର ଶକ୍ତି ଲାଭ କରେ | ଏଇ ହେଲା ନନ୍ଦୀ-ଶକ୍ତି | ସାଥେ-ସାଥେ ପାଏ ପ୍ରେରଣା, ତା'ର ବୈଶିଷ୍ଟ୍ୟାନୁପାତିକ ପରିପୋଷଣ, ବିଚ୍ଛିନ୍ନତାବାଦ ଓ ତମୋଭାବକୁ ଜୟ କରିବାର ଶକ୍ତି ଲାଭ କରେ | ଫଳସ୍ୱରୂପ ମଣିଷର ସହ୍ୟ, ଧୈର୍ଯ୍ୟ ଓ ଅଧ୍ୟବସାୟ ଆଦି ଗୁଣରାଜି ବିକଶିତ ଏବଂ ବର୍ଦ୍ଧିତ ହୁଏ | ଏଇ ହେଲା ଭୃଙ୍ଗୀ-ଶକ୍ତିର କ୍ରିୟା | ସଂସାର-ସମାଜରେ ଚାଲିବାକୁ ହେଲେହିଁ ମଣିଷର ଏଇ ସବୁ ଗୁଣ ରହିବା ଏକାନ୍ତ ପ୍ରୟୋଜନ | ନ'ହେଲେ ଜୀବନରେ ସାଫଲ୍ୟ ମିଳେନା | ଆଉ, ଇଷ୍ଟାନୁଗ କର୍ମ, ଜ୍ଞାନ ଓ ଭକ୍ତିର ଅନୁଶୀଳନର ଭିତର-ଦେଇ ଯେ ଯେତେ ଦ୍ୟୁତିମାନ ଚରିତ୍ରର ଅଧିକାରୀ ହୋଇ ଉଠିଛନ୍ତି ସେ ସେତେ ଏଇସବୁ ବିଶେଷ ଗୁଣରେ ସହଜଭାବେ ଅଭିଷିକ୍ତ |

ଆମେ ବହିରେ ପଢୁ ବା ନାଟକାଦିରେ ଦେଖୁ ଯେ ନନ୍ଦୀ ଭୃଙ୍ଗୀଙ୍କର କାମ ହେଲା ଶିବଙ୍କ ନିକଟରେ ବସି ସିଦ୍ଧି (ଭାଙ୍ଗ) ବାଟିବା | ଭଗବାନ ଶିବଙ୍କୁ ଖୁଆଇବା ସହିତ ସେମାନେ ନିଜେବି ପରମାନନ୍ଦର ସିଦ୍ଧି ପାନ କରନ୍ତି | ଘଟଣାଟା ଯେପରି କୌଣସି ମାଦକ ଦ୍ରବ୍ୟ ଖାଇବା ଭଳି | ଭାଙ୍ଗକୁବି ସିଦ୍ଧି କୁହାଯାଏ | ନନ୍ଦୀ ଭୃଙ୍ଗୀ ଦୁଇ ଅନୁଚର

ମିଶି ଯା' ତିଆରି କରିଛନ୍ତି ତା' ଯେପରି ଏଇ ଗଞ୍ଜେଇ ଭାଙ୍ଗ ଭଳି କିଛି ନିଶାଦ୍ରବ୍ୟ | କିନ୍ତୁ ଯିଏ ମହାଦେବ ମହାମାୟା ପାର୍ବତୀଙ୍କର ସ୍ୱାମୀ, କାର୍ତ୍ତିକ, ଗଣେଶ ଯାହାଙ୍କର ବରପୁତ୍ର, ଲକ୍ଷ୍ମୀ-ସରସ୍ୱତୀଙ୍କ ପରି ସର୍ବସୁଲକ୍ଷଣା କନ୍ୟା ଯାହାଙ୍କର, ସେ କ'ଣ ଏଇ ସାଧାରଣ ନିଶାଖୋରମାନଙ୍କ ପରି ଭାଙ୍ଗଖାଇ ଦିନ କାଟନ୍ତି ? ପ୍ରକୃତରେ ଅସଲ କଥା ତେବେ କ'ଣ ?

ଯୁଗପୁରୁଷ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଲେ ଯେ, ଏ ସିଦ୍ଧି (ଭାଙ୍ଗ) କୌଣସି ମାଦକଦ୍ରବ୍ୟର ନିଶା ନୁହେଁ | ଏ ହେଲା କର୍ମରେ କୃତାର୍ଥ ହେବାର ପରମାନନ୍ଦ ତଥା ଆତ୍ମପ୍ରସାଦ | ନନ୍ଦୀ ଆନନ୍ଦଦାୟୀ ଶକ୍ତି ଏବଂ ଭୃଙ୍ଗୀ ଭରଣ-ପୋଷଣକାରୀ ଶକ୍ତି, ଏଇ ଦୁହିଁଙ୍କ ବିହିତ ବ୍ୟବହାର ଓ ଅନୁଶୀଳନର ଭିତର ଦେଇହିଁ ଜାଗି ଉଠେ ସିଦ୍ଧିର ସୌନ୍ଦର୍ଯ୍ୟ | ଆଉ ପ୍ରକୃତ ଶିବ-ବ୍ୟକ୍ତିତ୍ୱହିଁ ହୁଅନ୍ତି ସିଦ୍ଧିର ଉତ୍ସ | ଶିବ-ଚରିତ୍ରହିଁ ସିଦ୍ଧିର ଆନନ୍ଦ ଉପଭୋଗ କରେ | ତେଣୁ, କବି ଭାରତଚନ୍ଦ୍ର ମହାଦେବଙ୍କ ଗୁଣକୀର୍ତ୍ତନ ପ୍ରସଙ୍ଗରେ ମହାମାୟାଙ୍କ ମୁଖ ଦେଇ କୁହାଇଛନ୍ତି, "ଅତି ବଡ଼ ବୃଦ୍ଧ ପତି ସିଦ୍ଧିରେ ନିପୁଣ" |

ସର୍ବଯୋଗର, ସର୍ବସିଦ୍ଧିର ଅଧିପତି ମହାଦେବ | ତେଣୁ ତାଙ୍କର ଆଉ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର | ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ | ସେଥିପାଇଁ ତାଙ୍କର ଆଉ ଗୋଟିଏ ନାମ 'ପଶୁପତି' ଅର୍ଥାତ୍ ଜ୍ଞାନ ଓ ଦର୍ଶନର ଅଧିପତି | ପଶୁ କହିଲେ ଆମେ ସାଧାରଣତଃ ବୁଝୁ ଜନ୍ତୁ ବା ଇତର ପ୍ରାଣୀ | କିନ୍ତୁ ପଶୁ-ଶବ୍ଦର ଆଉ ଗୋଟିଏ ବ୍ୟୁତ୍ପତ୍ତି ଅଛି ଦର୍ଶନାର୍ଥକ ପଶ୍-ଧାତୁରୁ, ଅର୍ଥାତ୍ ସବିଶେଷ ଭାବରେ ଯିଏ ସବୁକିଛି ଦର୍ଶନ ଓ ବୋଧ କରିପାରନ୍ତି ସେ ହିଁ ପଶୁ (ଦ୍ରଷ୍ଟବ୍ୟଃ କୁଳାର୍ଣବ ଓ

ମହାନିର୍ବାଣତନ୍ତ୍ର) | ସେଥିପାଇଁ, ଶିବଙ୍କର ପଶୁପତି ନାମ ମଧ୍ୟରେ ଥିବା ପଶୁଶବ୍ଦଟି ସାଧାରଣ ଚଲ୍‌ତି ଅର୍ଥରେ ନୁହେଁ, ବରଂ ପ୍ରଜ୍ଞାବାନ ବ୍ୟକ୍ତିତ୍ୱର ବିଶିଷ୍ଟ ଅର୍ଥରେ ପ୍ରଯୁକ୍ତ |

ଶିବପୂଜାରେ ବେଲପତ୍ର ଅପରିହାର୍ଯ୍ୟ | ବିଲ୍ୱପତ୍ର ଶିବଙ୍କର ଏତେ ପ୍ରିୟ କାହିଁକି ? କାରଣ, ବେଲ, ବେଲପତ୍ର, ବେଲର ଚେର, ଛାଲ ବା ବକଳ ତଥା ଫୁଲ ପ୍ରତ୍ୟେକଟିରହିଁ ଭେଷଜଗୁଣ ଅସୀମ | ବିଭିନ୍ନ ରୋଗରେ ଏଗୁଡ଼ିକର ବିଭିନ୍ନ ପ୍ରକ୍ରିୟାରେ ପ୍ରୟୋଗ କରାଯାଏ | ଚରକ, ସୁଶ୍ରୁତ ଓ ଅନ୍ୟାନ୍ୟ କବିରାଜୀ ଗ୍ରନ୍ଥରେ ଏ ବିଷୟରେ ବିଷଦ ଭାବରେ ଲେଖାଯାଇଛି | ବିହିତ ମାତ୍ରାରେ ଏଗୁଡ଼ିକର ବ୍ୟବହାର କଲେ ଜ୍ୱର, ବାତ, ଉଦରଘଟିତ ପୀଡ଼ା ପ୍ରଭୃତି ବହୁ ରୋଗର ଉପଶମ ହୁଏ | ଏଇସବୁ କାରଣରୁ ବିଲ୍ୱପତ୍ରରେ ଶିବ ଅତି ତୁଷ୍ଟ |

ସୁସ୍ଥ ଦେହ ଓ ମନ ନେଇ ସପରିବେଶ ବଞ୍ଚି ରହିବାର କୌଶଳ ଶିବଙ୍କର ଅବଗତ | ତେଣୁ, ତାଙ୍କର ଆଉ ଗୋଟିଏ ନାମ 'ବୈଦ୍ୟନାଥ' | ବୈଦ୍ୟନାଥ- ଶବ୍ଦର ଉତ୍‌ପତ୍ତି ବିଦ୍-ଧାତୁରୁ, ଅର୍ଥ ଅସ୍ତିତ୍ୱ, ବର୍ତ୍ତମାନ ରହିବା | ବୈଦ୍ୟ ସେହିଁ ଯିଏ ବିଦ୍ୟମାନତାର ମରକୋଚ ଜାଣନ୍ତି, ସତ୍ତାଘାତୀ ଯା', ଯା' ଜୀବନକୁ ଅସୁସ୍ଥ ଓ ତ୍ରସ୍ତ କରିତୋଳେ, ତା'ର କାରଣ ଅପସାରଣ କରି ଜୀବନକୁ ସୁସ୍ଥ ଓ ସ୍ୱସ୍ଥ କରିବାର ରହସ୍ୟ ଜାଣନ୍ତି | ବୈଦ୍ୟମାନଙ୍କର ପ୍ରଭୁ ଯିଏ ସେହିଁ ବୈଦ୍ୟନାଥ | ମଙ୍ଗଳମୟ ଶିବଙ୍କଠାରେ ବୈଦ୍ୟନାଥତ୍ୱ ସ୍ୱତଃ-ଉତ୍‌ସାରିତ ହୋଇଥାଏ |

ମହାଦେବଙ୍କର ବୃଷଭବାହନ | ବୃଷ ହେଲା ଧର୍ମର ପ୍ରତୀକ ('ବୃଷୋ ହି ଭଗବାନ ଧର୍ମଃ' - ଆଗମ) | ସେ ଚତୁସ୍ପଦ | କଥିତ ଅଛି, ଧର୍ମ ଯେତେବେଳେ ଚତୁଷ୍ପଦ, ସେତେବେଳେହିଁ ସେ ପୂର୍ଣ୍ଣ ମହିମାରେ ବିକଶିତ (ଦ୍ରଷ୍ଟବ୍ୟ: ମନୁସଂହିତା, ୧/୮୧) | ତା'ର ମାନେ, ଜୀବନର ପ୍ରତିଟି କ୍ଷେତ୍ରରେହିଁ ତା' ଅଭିବ୍ୟକ୍ତ | ଏଠାରେ ବୃଷ

ସେଇ ପରିପୂର୍ଣ୍ଣ ଧର୍ମର ପ୍ରତୀକ | ଆଉ, ମୂର୍ତ୍ତ ମଙ୍ଗଳ (ଶିବ) ଯିଏ ସେ ସେଇ ପରିପୂର୍ଣ୍ଣ ଧର୍ମ ଉପରେହିଁ ପ୍ରତିଷ୍ଠିତ | ତାଙ୍କର ଚଲା-ବୁଲା, କାମ-ଭାବ ସବୁହିଁ ଧର୍ମାଶ୍ରୟୀ |

ମହାଦେବଙ୍କର ଗାତ୍ରବର୍ଣ୍ଣ 'ରଜତଗିରିନିଭ', ଅର୍ଥାତ୍ ରୂପାଲୀ ପର୍ବତ ଭଳି ଶୁଭ୍ରବର୍ଣ୍ଣ | ଧଳା କାହିଁକି ? ଧଳା ରଙ୍ଗ ହେଲା ସବୁ ରଙ୍ଗର ସମାହାର | ସମସ୍ତ ବର୍ଣ୍ଣ, ସକଳ ବିଭିନ୍ନତା ତାଙ୍କଠାରେ ଆସି ସମନ୍ୱୟ ଲାଭ କରିଛି | ସକଳ ତତ୍ତ୍ୱ ଓ ତଥ୍ୟର ସାର୍ଥକ ସମାହାର ସେ | ତା'ର ପ୍ରତୀକହିଁ ସେଇ ଶ୍ୱେତବର୍ଣ୍ଣ |

ମହାଦେବଙ୍କ କଣ୍ଠରେ ସାପ ଥାଏ | ତେଣୁ, ତାଙ୍କର ଆଉ ଏକ ନାମ 'ଫଣୀଭୂଷଣ' | କଣ୍ଠଦେଶରେ ଏଇ ସାପର ଅସ୍ତିତ୍ୱକୁ ନାନା ଲୋକ ନାନା ଦିଗ ଦେଇ ବ୍ୟାଖ୍ୟା କରିଛନ୍ତି | କିନ୍ତୁ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ନିକଟରୁ ଆମେ ଜାଣିଛୁ, ସେହି ସାପ ହେଲା ସର୍ପ ପରି ଖଳ, ହିଂସ୍ର ବ୍ୟକ୍ତିର ପ୍ରତୀକ | ସମାଜରେ ସାପ ଚରିତ୍ରର ଲୋକ ଅନେକ ଅଛନ୍ତି | ମହାଦେବ ସେମାନଙ୍କୁ ପ୍ରେମରେ ବଶୀଭୂତ କରି ନିକଟରେ ରଖି ଦିଅନ୍ତି, ଯଦ୍ଦ୍ୱାରା ସେମାନେ ବାହାରକୁ ଯାଇ ବୃହତ୍ତର ସମାଜର କ୍ଷତି କରି ନପାରନ୍ତି | ଆଉ, ସେମାନଙ୍କ ଭିତରେବି ଯେଉଁ ସତ୍ତାପ୍ରୀତି ଅଛି ତାହାକୁ ଉସ୍‌କାଇ ଦେଇ ସେଇମାନଙ୍କ ଦ୍ୱାରା ଲୋକମଙ୍ଗଳ ଯେତିକି କରିବା ସମ୍ଭବ ତା' ବି କରାଇ ନିଅନ୍ତି | ଏଇ ହେଲା ଶିବଭାବର ବୈଶିଷ୍ଟ୍ୟ | ସେ ଯେ ଭୂତପତି, ଭୂତେଶ୍ୱର | କାହାକୁ ବାଦ୍ ଦେବେ କିପରି ? ତାଙ୍କ ରାଜତ୍ୱର ବାହାରେ କେହି ନାହିଁ, କିଛି ବି ନାହିଁ | ବିଶ୍ୱ ଦୁନିଆରେ ଯେଉଁମାନେ କପଟ-କୁଟିଳ, ସେମାନଙ୍କୁ ବି ସେ ଦୂରେଇ ଦେଇପାରନ୍ତି ନାହିଁ | କୁଶଳ-କୌଶଳୀ ସୁନିୟନ୍ତ୍ରଣର ଭିତର ଦେଇ ସେମାନଙ୍କ ଅନ୍ତରରେ ନିଷ୍ଠା ଆନୁଗତ୍ୟ-କୃତିସମ୍ବେଗରେ ଚେତନା ଜାଗ୍ରତ କରି ସେମାନଙ୍କୁ ଶ୍ରେୟ-ପ୍ରବୁଦ୍ଧ କରି ତୋଳନ୍ତି | ସମସ୍ତ ଅସତ୍‌କୁ ସେ ସତ୍‌ରେ ଏବଂ ଅଶୁଭକୁ ଶୁଭରେ ନିୟନ୍ତ୍ରିତ କରନ୍ତି |

ମହାଦେବ ବ୍ୟାଘ୍ର ଚର୍ମ ପରିଧାନ କରନ୍ତି | ତା'ର କାରଣ ହେଲା ବ୍ୟାଘ୍ର ସାହସୀ, ବୀର୍ଯ୍ୟବାନ ଅଥଚ କୌଶଳୀ ପ୍ରାଣୀ | ବ୍ୟଘ୍ର ଚର୍ମ ସେହିସବୁ ଗୁଣଗୁଡ଼ିକର ଦ୍ୟୋତକ | ଲୋକପାଳନ-କ୍ରିୟାରେ ସାହସ, ଶୌର୍ଯ୍ୟ ଓ କୁଶଳତାର ପ୍ରୟୋଜନ ହୁଏ ପ୍ରତିପଦରେ | ତେଣୁ, ସେହି ଗୁଣଗୁଡ଼ିକ ଶିବ-ଚରିତ୍ରର ସହଜ ସମ୍ପଦ |

ମହାଦେବଙ୍କ ମସ୍ତକରେ ଚନ୍ଦ୍ରଙ୍କର (ଆଂଶିକ) ଅଧିଷ୍ଠାନ | ତେଣୁ, ତାଙ୍କର ଗୋଟିଏ ନାମ 'ଚନ୍ଦ୍ରେଶ୍ୱର' | ଚନ୍ଦ୍ରଙ୍କ ସ୍ଥାନ ମହାଦେବଙ୍କ ମସ୍ତକରେ, କାରଣ ପୃଥିବୀରେ ଜୀବନପ୍ରବାହ ସଚଳ ରଖିବାକୁ ଚନ୍ଦ୍ରଙ୍କର କ୍ରିୟା ଅପରିସୀମ | ଚନ୍ଦ୍ରଙ୍କ ତେଜରେ ପୃଥିବୀର ଔଷଧିସମୂହ ପରିପୁଷ୍ଟ ହୁଏ | ଚନ୍ଦ୍ରଙ୍କ ଆକର୍ଷଣରେ ସମୁଦ୍ରରେ ଜୁଆର-ଭଟ୍ଟା ସୃଷ୍ଟି ହୁଏ | ଫଳରେ ମାଟି ଉର୍ବର ହୁଏ, ଶସ୍ୟାଦି ଉତ୍‌ପନ୍ନ ହୁଏ | ଜୀବନ ପାଇଁ ଚନ୍ଦ୍ରଙ୍କର ପ୍ରୟୋଜନ ଏତେ ଯେ ମହାଦେବ ତାଙ୍କୁ ଶିରୋଭୂଷଣ କରି ରଖିଛନ୍ତି | ମଙ୍ଗଳ ମାନେହିଁ ତ ଜୀବନ-ବୃଦ୍ଧି ଯେଉଁଥିରେ ଉଚ୍ଛଳ ହୋଇଚାଲେ | ଜୀବନ-ବୃଦ୍ଧିର ଅନୁପୂରକ ବା ସହାୟକ ଯାହା ସବୁ କିଛିହିଁ ଶିବଙ୍କ ବିଭୂତିର ଅଙ୍ଗ |

ତ୍ରିଶୂଳ ତାଙ୍କର ଅସ୍ତ୍ର, ନିୟତ ଶୋଭାପାଏ ତାଙ୍କ ଶ୍ରୀହସ୍ତରେ | ତେଣୁ ସେ 'ଶୂଳପାଣି' | ଏଇ ତ୍ରିଶୂଳ ଦୁଷ୍ଟ-ଦାନବ ବଧ କରିବା ସମୟରେ ସେ ବ୍ୟବହାର କରନ୍ତି | ଅର୍ଥାତ୍ ଯେ ଶକ୍ତି ଜୀବଜଗତର ବଞ୍ଚିବା ବଢ଼ିବାର ଅନ୍ତରାୟ ତାହାକୁ ସେ ତ୍ରିଶୂଳ ଦ୍ୱାରା ବିନାଶ କରନ୍ତି | ସେହି ଅସ୍ତ୍ର, ପରମମଙ୍ଗଳମୟ ଯିଏ ତାଙ୍କର ସତ୍ତାସଂରକ୍ଷଣୀ ଅସତ୍-ନିରୋଧୀ ମହାଶକ୍ତିର ପ୍ରତୀକ |

ତ୍ରିଶୂଳର ତିନୋଟି ମୁନ | ଏଇ ତିନି ମୁନର ବ୍ୟାଖ୍ୟା ପ୍ରସଙ୍ଗରେ କେହି କେହି କୁହନ୍ତି, ଏହା ସତ୍ତ-ରଜ-ତମ ତିନି ଗୁଣର ପ୍ରତୀକ | ଏଇ ତିନୋଟି ଗୁଣହିଁ ମହାଦେବଙ୍କର କରାୟତ୍ତ | ସେ କୌଣସି ଗୋଟିକରେ ଅଭିଭୂତ ନୁହଁନ୍ତି |

ଲୋକପାଳନ ପାଇଁ ଯେତେବେଳେ ଯେଉଁ ଗୁଣଟିର ପ୍ରୟୋଜନ, ସେ ତାହାର ବ୍ୟବହାର କରିଥା'ନ୍ତି | ଆଉ ଅନେକଙ୍କ ମତରେ, ତ୍ରିଶୂଳର ସେଇ ତିନିଟି ମୂଳ ସୃଷ୍ଟି-ସ୍ଥିତି-ପ୍ରଳୟର ଦ୍ୟୋତକ | ତେଣୁ ସେ ଏକାଧାରରେ ଭୂତଭାବନ, ଭୂତପତି ଏବଂ ସଂହାରକାରୀ ରୁଦ୍ରବି ଅଟନ୍ତି |

ତ୍ରିଶୂଳ ସହିତ ଥାଏ ଶିବଙ୍କର ନିତ୍ୟସାଥୀ "ଡମ୍ବରୁ" | ଡମ୍ବରୁ ଧାରଣ କରନ୍ତି ବୋଲି ତାଙ୍କର ଆଉ ଏକ ନାମ "ଡମ୍ବରୁଧର" | ଡମ୍ବରୁର ତାତ୍ପର୍ଯ୍ୟ କ'ଣ ? ଡମ୍ବରୁ ହେଲା ଶବ୍ଦର ପ୍ରତୀକ | ଡମ୍ବରୁ ବାଜିଲେ ଗୁରୁ-ଗୁରୁ ବା ଗୁମ୍-ଗୁମ୍ ଶବ୍ଦ ହୁଏ | ସେଇ ଶବ୍ଦଟି ହେଲା ପ୍ରଥମ ସ୍ୱର | ତହିଁରୁ ବର୍ଣ୍ଣମାଳାର ଉଦ୍‌ଭବ | କଥିତ ଅଛି, ସଂସ୍କୃତ ବ୍ୟାକରଣ ପ୍ରଣେତା ମହାମୁନି ପାଣିନି ଥିଲେ ଶିବ-ଭକ୍ତ | ସେ ଶିବଙ୍କର ଆରାଧନା କରୁଥିଲେ | ଏକଦା ମହାଦେବ ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ 'ନବପଞ୍ଚବାର' ଅର୍ଥାତ୍ ପଇଁଚାଳିଶ ଥର ଡମ୍ବରୁ ଧ୍ୱନି କଲେ | ପ୍ରତ୍ୟେକ ଥରରେ ଏକ-ଏକ ରକମର ଶବ୍ଦ ଉତ୍‌ଥିତ ହେଲା | ସେଇ ସମସ୍ତ ଶବ୍ଦରାଜିହିଁ ହେଉଛି ସବୁ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣ | ସେହିଗୁଡ଼ିକ ଆବିର୍ଭୂତ ହୁଏ ସୂତ୍ରାକାରରେ | ସୂତ୍ରଗୁଡ଼ିକର ରକମ -- 'ଅଇଉନ୍ | ଝଲକ୍ | କପୟ | ହଲ୍ |' ଇତ୍ୟାଦି | ଶିବକୃପାରେ ଏଗୁଡ଼ିକୁ ଲାଭ କଲେ ବୋଲି ପାଣିନି ସୂତ୍ରଗୁଡ଼ିକର ନାମ ରଖିଲେ 'ଶିବସୂତ୍ର' | ପ୍ରକୃତ ତଥ୍ୟ ମନେହୁଏ, ଶିବଚିନ୍ତାରେ ଏକଧ୍ୟାନପରାୟଣ ହୋଇ ରହିବା ଓ ଚାଲିବା ଭିତରଦେଇ ପାଣିନିଙ୍କ ଚିତ୍ତରେ ସେହି ଶବ୍ଦଗୁଡ଼ିକ ସେଇ ଆକାରରେ ପ୍ରତିଭାତ ହେଲା | (ଯେପରି ସୁଦୀର୍ଘକାଳ ଯାବତ୍ ଅଚ୍ୟୁତ ସୁକେନ୍ଦ୍ରିକ ଅନୁଶୀଳନ ଓ ଗବେଷଣାର ଭିତର ଦେଇ କୌଣସି ନୂତନ ବୈଜ୍ଞାନିକ ତଥ୍ୟ ଆବିଷ୍କାର କରନ୍ତି) | ତା'ପରେ ସେଗୁଡ଼ିକୁ ସଙ୍ଗତି-ସହକାରେ ବିନ୍ୟସ୍ତ କରି ସେ ରଚନା କଲେ ତାଙ୍କର ମୌଳିକ ଗ୍ରନ୍ଥ "ଅଷ୍ଟାଧ୍ୟାୟୀ" |

ଶିବ 'ପଞ୍ଚବକ୍ତ୍ର' ଅର୍ଥାତ୍ ତାଙ୍କର ପାଞ୍ଚଟି ମୁଖ | କଥିତ ଅଛି, ବିଷ୍ଣୁଙ୍କର ମହିମାଗାନ କରିବା ପାଇଁ ଶିବଙ୍କର ପାଞ୍ଚଟି ମୁଖ ହୋଇଥିଲା | ଆମ୍ଭେମାନେ ସାଧାରଣତଃ କହିଥାଉ ଯେ ସେ ଅମୁକର ପ୍ରଶଂସା ପାଞ୍ଚମୁଖରେ କରୁଛି | ତା'ର ମାନେ, ପ୍ରଶଂସା କରି ଶେଷ କରି ପାରୁନାହିଁ ଏବଂ ପ୍ରଶଂସା କରି ସେ ନିଜେହିଁ ଖୁବ୍ ଖୁସୀ | ଏପରି କ୍ଷେତ୍ରରେ ସେଇରକମ ପାଞ୍ଚମୁଖରେ କଥା କହିବାର ବିଶିଷ୍ଟ ବାଗ୍‌ଧାରା ପ୍ରଚଳିତ ଅଛି | ଶିବଙ୍କର ପଞ୍ଚମୁଖ | ପଞ୍ଚମୁଖରେ ଅର୍ଥାତ୍ ପ୍ରାଣର ସମସ୍ତ ବ୍ୟାକୁଳତା ନେଇ ସେ ପରମପିତାଙ୍କର କଥା କହିଥା'ନ୍ତି |

ସେ 'ତ୍ରିନେତ୍ର' ଅର୍ଥାତ୍ ତାଙ୍କର ତିନୋଟି ଚକ୍ଷୁ | ଦୁଇଟି ଚକ୍ଷୁ ଯଥାସ୍ଥାନରେ, ଆଉ ଗୋଟିଏ ଚକ୍ଷୁ ଦୁଇ ଭ୍ରୁର ମଧ୍ୟସ୍ଥଳରେ | କିନ୍ତୁ ବାସ୍ତବ କ୍ଷେତ୍ରରେ କପାଳରେ ଚକ୍ଷୁ ନଥାଏ | ଏହା ହେଲା ଆଜ୍ଞାଚକ୍ର ବା ପ୍ରଜ୍ଞାନେତ୍ର, ସନ୍ତସାଧକଗଣ ଯାହାକୁ କି କହନ୍ତି ଦ୍ୱିଦଳ ବା ତୃତୀୟ ନୟନ | ଏଇଠାରେ ଇଷ୍ଟମୂର୍ତ୍ତି ଧ୍ୟାନ କରିବାକୁ ହୁଏ | ନିରନ୍ତର ସୁକେନ୍ଦ୍ରିକ ଧ୍ୟାନ ଓ ତଁତ୍‌ପରିପୋଷଣୀ ଚଳନ ଫଳରେ ଆଜ୍ଞାଚକ୍ରରେ ଇଷ୍ଟଭାବ ସ୍ଥାୟୀ ଆସନ ଲାଭ କରେ | ଜ୍ଞାନଚକ୍ଷୁର ଉନ୍ମୀଳନ ହୁଏ | ଯାହାର ଏପ୍ରକାର ହୁଏ, ଭୂତ-ଭବିଷ୍ୟତ-ବର୍ତ୍ତମାନ ତା'ର ନଖ-ଦର୍ପଣରେ ଥାଏ, ବିଷୟ ଓ ବ୍ୟାପାରର କାର୍ଯ୍ୟକାରଣ ତା'ର ଅଧିଗତ, ଚୈତନ୍ୟ ତା'ର ଉତ୍ସ-ଅଭିସ୍ରୋତା ହୋଇଉଠେ | ଭୁଲ୍ ପଦକ୍ଷେପ ତା'ର ହୁଏନା | ପ୍ରବୃତ୍ତି ତା'କୁ ଅଭିଭୂତ କରିପାରେନା | ଅସତ୍‌କୁ ବିନାୟିତ କରି ଜୀବଜଗତର ମଙ୍ଗଳସାଧନବି ତା'ର ସହଜସାଧ୍ୟ ହୋଇଉଠେ | ଯିଏ ନିରନ୍ତର ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାରେ ତତ୍‌ପର, ଅତନ୍ଦ୍ରଚିତ୍ତରେ ଇଷ୍ଟ-ଧ୍ୟାନ ଓ କର୍ମରେ ନିରବଚ୍ଛିନ୍ନଭାବେ ଆଗେଇ ଚାଲନ୍ତି, ତାଙ୍କରହିଁ ଉନ୍ମୀଳୀତ ହୁଏ ଏଇ ତୃତୀୟ ନୟନ |

କଥିତ ଅଛି, ଶିବଙ୍କ ତୃତୀୟ ନୟନରୁ କ୍ରୋଧବହ୍ନି ନିର୍ଗତ ହୋଇ ମଦନଙ୍କୁ (କାମଦେବଙ୍କୁ) ଭସ୍ମୀଭୂତ କରିଥିଲା | କିନ୍ତୁ ପ୍ରକୃତରେ ଶିବଙ୍କ କପାଳରେ କୌଣସି

ଚକ୍ଷୁ ନାହିଁ, ଆଉ ସେଇ ଚକ୍ଷୁରୁ ବି ଅଗ୍ନି ନିର୍ଗତ ହୁଏନା | ଅସଲ କଥା ହେଲା, ମଦନ ମାନେ କାମଜ ମୋହର ଆକର୍ଷଣ | ପାର୍ବତୀ ଅପରୂପ ସୌନ୍ଦର୍ଯ୍ୟ ଧାରଣ କରି ନିଜର ରୂପଜ ମୋହ ଦ୍ୱାରା ମହାଯୋଗୀ ମହାଦେବଙ୍କର ମନ ଭୁଲାଇବାକୁ ଇଚ୍ଛା କରିଥିଲେ | କିନ୍ତୁ ଯିଏ ବୃତ୍ତି-ଅଧୀଶ, ଆଜ୍ଞାଚକ୍ରରେ ଯାହାଙ୍କ ଚିତ୍ତ ଦୃଢ଼ନିବଦ୍ଧ, ତାଙ୍କୁ କ'ଣ କାମନା ଦ୍ୱାରା ଅଭିଭୂତ କରାଯାଏ ? ମହାଦେବଙ୍କର ବୋଧ୍ ଓ ପ୍ରଜ୍ଞା ଚିରଜାଗ୍ରତ | ସେ ଦେଖିହିଁ ବୁଝିପାରିଥିଲେ, ପାର୍ବତୀ କାମନାର ଡାଲା ସଜାଇ ଆସିଛନ୍ତି ତାଙ୍କୁ ବରଣ କରିବାକୁ | ତେଣୁ, ସେ ପାର୍ବତୀଙ୍କର ସେହି ଭାବକୁ ପ୍ରଶ୍ରୟ ଦେଇନଥିଲେ | ଏହା ଭିତର-ଦେଇ ଆଉ ଏକ ମହାସତ୍ୟ ଉଦ୍‌ଘାଟିତ ହେଲା | ବିବାହର ପ୍ରଧାନ ଘଟକ ହେବ ଶ୍ରଦ୍ଧା | ଶ୍ରେଷ୍ଠଙ୍କୁ ବରଣ କରିବାକୁ ହୁଏ ଶ୍ରଦ୍ଧା ଭୂମିରେ | ତା' ପରିବର୍ତ୍ତେ ଯଦି ସେ ବରଣର ଭୂମି ହୁଏ ଆତ୍ମସୁଖ-ଉପଭୋଗ, ତା'ଫଳରେ ଦାମ୍ପତ୍ୟ ପ୍ରେମ କଳୁଷିତ ହୋଇଯାଏ | ସେଠାରେ ସୁସନ୍ତାନର ଆଗମନ ସମ୍ଭବ ହୁଏନା | ଏଇ କାରଣରୁହିଁ ମହାଦେବ ପାର୍ବତୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ | ଏଇ ହେଲା ତୃତୀୟ ନୟନରୁ ଅଗ୍ନି ବିନିର୍ଗତ ହୋଇ ମଦନକୁ ଭାସ୍ମୀଭୂତ କରିବା | ପରେ ପାର୍ବତୀ କିପରି ମହାଦେବଙ୍କ ମନ-ମତ ଅନୁଯାୟୀ ନିଜକୁ ଗଢ଼ି ତୋଳିଥିଲେ ଏବଂ ମହାଦେବଙ୍କୁ ପତିରୂପେ ଲାଭ କରିଥିଲେ ସେ କାହାଣୀ ସମସ୍ତଙ୍କୁହିଁ ଜଣା |

ଏଥିରୁ ଆମେ ଏଇ ଶିକ୍ଷା ପାଉ ଯେ, ତୃତୀୟ ନୟନ ଯା'ର ସଦା ଜାଗ୍ରତ, ମନ ଯାହାର ଆଜ୍ଞାଚକ୍ରରେ ସଦାନିବଦ୍ଧ, ପ୍ରବୃତ୍ତିର କୌଣସି ମୋହ ତା'କୁ କେବେବି ଆଚ୍ଛନ୍ନ କରିପାରେନା | ସେ ପ୍ରବୃତ୍ତିକୁ ପ୍ରବୃତ୍ତି ବୋଲି ଚିହ୍ନିପାରେ | ତେଣୁ, ତାଙ୍କୁ କେବେ ବି ଦୁଃଖର କରାଳ କବଳରେ ପଡ଼ିବାକୁ ହୁଏନା | ସେ ନିଜେବି ଆନନ୍ଦରେ ରହନ୍ତି ଏବଂ ଆନନ୍ଦ ଦାନ କରି ପାରନ୍ତି ଅପରକୁ |

ଶିବ-ସମ୍ପର୍କରେ ଧ୍ୱନି ଦିଆହୁଏ 'ହର ହର ବ୍ୟୋମ ବ୍ୟୋମ' ବା 'ବ୍ୟୋମ ବିଶ୍ୱନାଥ' | ପୁଣି, ଶିବପୂଜାରେ ଗାଲବାଦ୍ୟ (ମୁଖଦ୍ୱାରା ବମ୍ ବମ୍ ଶବ୍ଦ କରିବାର ନାମ ଗାଲବାଦ୍ୟ) କରାଯାଏ | ଗାଲବାଦ୍ୟ ସମୟରେ ଯେଉଁ ଧ୍ୱନି ମୁଖ ଦେଇ ଉତ୍‌ଥିତ ହୁଏ, ତା'ର ଶବ୍ଦବି ଅନେକଟା ବମ୍‌ବମ୍-ବମ୍‌ବମ୍ ପରି | ପୁଣି ଶିବପ୍ରଣାମରେ ଅଛି 'ଓଁ ନମଃ ଶିବାୟ' | ଦେଖାଯାଏ, ଏଇ ଓଁ ବା ବ୍ୟୋମ୍-ଧ୍ୱନି ସହିତ ଶିବଙ୍କରହିଁ ବହୁତ ସମ୍ପର୍କ | ସାଧନସ୍ତରରେ ଏଇ ଦୁଇ ବୀଜହିଁ ଖୁବ୍ ପାଖାପାଖି | ଏଇସବୁ କଥା ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଆଲୋଚନା କରିଛନ୍ତି |

ଥରେ କୃଷ୍ଣପକ୍ଷର ଏକ ରାତିରେ ଶ୍ରୀଶ୍ରୀଠାକୁର ଠାକୁର-ବଙ୍ଗଳାର ଖୋଲା ପ୍ରାଙ୍ଗଣରେ ବସିଥାଆନ୍ତି | ଆକାଶ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି ବିଭିନ୍ନ ଗ୍ରହ-ନକ୍ଷତ୍ର ଏବଂ ସେମାନଙ୍କର କ୍ରିୟା ଓ ଅବସ୍ଥିତି ସମ୍ବନ୍ଧରେ ବୁଝାଇ ଦେଉଥା'ନ୍ତି | ଚାରିଦିଗରେ ଏକ ଗମ୍ଭୀର ଅଥଚ ଶାନ୍ତ ପରିବେଶ | ନିକଟରେ କେତେଜଣ ମାତ୍ର ଉତ୍ସୁକ ଭକ୍ତ ବ୍ୟତୀତ ଆଉ କେହି ନଥା'ନ୍ତି | ସେଇ ନିସ୍ତବ୍ଧ ନିଶିଥରେ ବିଶ୍ୱପିତା ସ୍ୱୟଂ ମହାକାଶ ସହିତ ଭକ୍ତବୃନ୍ଦଙ୍କର ପରିଚୟ କରାଇ ଦେଉଥା'ନ୍ତି | ତାଙ୍କ ବାଣୀର ପ୍ରତିଟି ଦ୍ୟୋତନା ରାତ୍ରିର ପରଦାରେ ଆଘାତ କରି ମହାବ୍ୟୋମରେ ସତେ ଯେପରି ବିଛାଡ଼ି ହୋଇ ପଡୁଛି | ସେ ଏକ ଅଦ୍‌ଭୂତ ଅନାସ୍ୱାଦିତପୂର୍ବ ରୋମାଞ୍ଚକର ଅଭିଜ୍ଞତା |

କଥାପ୍ରସଙ୍ଗରେ, ଅନ୍ଧକାର ଆକାଶର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥଟି ଦେଖାଇ କହିଲେ, "ସେହି ହେଲା ନୀହାରିକା ଜଗତ, ସେଠାରେ କୋଟି କୋଟି ଗ୍ରହ-ନକ୍ଷତ୍ର ସବୁ ସମୟରେ ସୃଷ୍ଟି ହେଉଛି, ତୀବ୍ର ଗତିରେ ଛୁଟି ଯାଉଛି, ଗୋଟିଏ ସହିତ ଅନ୍ୟଟିର ଧକ୍କା ଲାଗୁଛି, ଭାଙ୍ଗୁଛି | ଏଇରକମ କ୍ରିୟା ଫଳରେ ସେଠାରେ ଅବିରାଂ ଓଁ-ଓଁ ଶବ୍ଦ ହେଉଛି | ସେଥିପାଇଁହିଁ କୁହାଯାଏ ବ୍ୟୋମ

ବିଶ୍ୱନାଥ” | ବ୍ରହ୍ମାଣ୍ଡ ସୃଷ୍ଟିର ଏକ ବିଶେଷ ପର୍ଯ୍ୟାୟରେ ଓଁ-ଧ୍ୱନି ଜାଗି ଉଠୁଛି | ତେଣୁ, ବିଶ୍ୱନାଥଙ୍କ ସହିତ ଓଁ ବା ବ୍ୟୋମ-ଧ୍ୱନିର ସମ୍ବନ୍ଧ ଅତି ନିକଟ |

ସମଗ୍ର ବିଶ୍ୱର ଯିଏ ପ୍ରଭୁ, ସିଏହିଁ ବିଶ୍ୱନାଥ | ସିଏ ପୁଣି ‘ବାଣେଶ୍ୱର’ ବି ଅଟନ୍ତି | ବାନ ମାନ ବିସ୍ତାର | ଏଇ ବିଶାଳ ବିସ୍ତୃତିର ଅଧୀଶ୍ୱର ଯିଏ, ସିଏହିଁ ବାଣେଶ୍ୱର |

ତନ୍ତ୍ରଶାସ୍ତ୍ରରେ ଅଛି, ଏପରି ଗୁଣାନ୍ୱିତ ଯେଉଁ ପରମ ଶିବ, ସେ ମଝିରେ, ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପରେ | ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ଯେଉଁ ବ୍ୟକ୍ତିତ୍ୱରେ, ସେ ହିଁ ତତ୍‌କାଳୀନ ଲୋକ-ଉଦ୍ଧାତା | ଯେତେବେଳେ ସେ ଆସନ୍ତି, ମଣିଷର ଉଚିତ୍ କାଳବିଳମ୍ବ ନକରି ତାଙ୍କୁ ସ୍ୱୀକାର କରି ଗ୍ରହଣ କରିବା (“ନାତ୍ର କାଳବିଚାରଣା”-- ମହାନିର୍ବାଣତନ୍ତ୍ର) | ଗୁରୁହିଁ ସାକ୍ଷାତ ଶିବ | ଯେଉଁ ଶିବଙ୍କ ମହିମା ଉପରେ ଆଲୋଚନା କରାଗଲା, ସେ ଅବ୍ୟକ୍ତ | ସେହି ସବୁ ଗୁଣହିଁ ଯଦି କୌଣସି ପୁରୁଷଠାରେ ଅଭିବ୍ୟକ୍ତ ହୁଏ ସେତେବେଳେ ଆମେ ଶିବଙ୍କୁ ବୋଧରେ ଧାରଣା କରିପାରୁ | ତାଙ୍କର ବାସ୍ତବ ରୂପ ଦେଖିପାରୁ | ଏଇଭଳି ବ୍ୟକ୍ତିତ୍ୱହିଁ ପ୍ରକୃତ ଗୁରୁ, ମଙ୍ଗଳବିଧାତା | ତେଣୁ, ତାଙ୍କୁ ତୁଷ୍ଟ କରିବା ମାନେହିଁ-- ଶିବଙ୍କୁ ତୁଷ୍ଟ କରିବା | ତାଙ୍କୁ ବାଦ୍ ଦେଇ ଶିବପୂଜା ସାର୍ଥକ ହୁଏନା | ଏ ସମ୍ବନ୍ଧରେ ଚରମ କଥା ଲେଖିଛନ୍ତି ତନ୍ତ୍ର--

“ଶିବେ ରୁଷ୍ଟେ ଗୁରୁସ୍ତ୍ରାତା
ଗୁରୌ ରୁଷ୍ଟେ ନ କଶ୍ଚନ” |

ଅର୍ଥାତ୍, ଶିବ ରୁଷ୍ଟ ହେଲେ ଗୁରୁ ରଖିପାରେ,
ଗୁରୁ ରୁଷ୍ଟ ହେଲେ ଶିବ ରଖିଣ ନପାରେ |

ସେଥିପାଇଁ ସାରକଥା ହେଲା, ଯା'ର ଜୀବନରେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ସଦ୍‌ଗୁରୁ ଲାଭ ହୋଇଛି ଏବଂ ଯିଏ ଅଚ୍ୟୁତ ନିଷ୍ଠାସହ ତାଙ୍କର ଅନୁସରଣ କରି ଚାଲିଛି, ତାହାର ଶିବବୋଧ ଜାଗ୍ରତ ହୁଏ, ଶିବପୂଜା ସାର୍ଥକ ହୁଏ ତାହାରହିଁ |

ଶିବପୂଜା କଲେ, ଶିବଙ୍କ ଅଭିପ୍ରେତ ଚଳନରେ ଚାଲିଲେ, ମଣିଷ ମୃତ୍ୟୁଭୟରୁ ତ୍ରାଣ ପାଏ | 'ମୃତ୍ୟୁଞ୍ଜୟ' ଶିବଙ୍କର ଆଉ ଗୋଟିଏ ନାମ | ଶିବ-ଉପାସନା ଯିଏ ଠିକ୍‌ଭାବରେ କରେ, ତା'ର ଅନ୍ତର ହୋଇଉଠେ ଅଭୀ-ଭାବନାରେ ଉଜ୍ଜୀବିତ | ପ୍ରକୃତ ଧର୍ମାଚରଣହିଁ ମଣିଷକୁ 'ଅଭୀ' ବା ଭୟଶୂନ୍ୟ କରିତୋଳେ | ତଥାକଥିତ ହଜାର ରକମର କ୍ଷୁଦ୍ର କ୍ଷୁଦ୍ର ଭୟ ବା ଆତଙ୍କ ତା'କୁ ସଙ୍କୁଚିତ ଓ ତ୍ରସ୍ତ କରିପାରେନା | ସେ ଜାଣେ, ଶରୀରର ବିନାଶ ହେଲେବି ଆତ୍ମାର ବିନାଶ ହୁଏନା | ଆତ୍ମା ଚିର-ଅବିନଶ୍ୱର ଏବଂ ପ୍ରତିଟି ମଣିଷହିଁ ସେଇ ବିଶ୍ୱାତ୍ମାଙ୍କର ଅଂଶବିଶେଷ | ସଦ୍‌ଗୁରୁଙ୍କ ଉପରେ ଗଭୀର ଟାଣ ମଣିଷକୁ ମୃତ୍ୟୁଭୟ-ଅତିକ୍ରମୀ ସାହସୀ ଅଥଚ କଲ୍ୟାଣପଥିକ କରିତୋଳେ |

କଥିତ ଅଛି, ଶିବ ଅତିଶୀଘ୍ର (ଆଶୁ) ପରିତୁଷ୍ଟ ହୁଅନ୍ତି ବୋଲି ତାଙ୍କର ଆଉ ଏକ ନାମ "ଆଶୁତୋଷ" | ଭକ୍ତର ଡାକରେ ସେ ଶୀଘ୍ର ସାଡ଼ା ଦିଅନ୍ତି | ତାହା କ'ଣ ଠିକ୍ ? ନା, ଏହା ଭିତରେବି ରହସ୍ୟ ଅଛି | କେବଳ ମୁହଁରେ ଡାକିଲେ ତାଙ୍କର ସାଡ଼ା ମିଳେନା | ସେ ବ୍ୟକ୍ତ ହୁଅନ୍ତି ଗୁରୁ ରୂପରେ | ଗୁରୁଙ୍କୁ ଖୁସି କରିବାର ଆନ୍ତରିକ ଇଚ୍ଛା ଯା'ଠାରେ ଥାଏ, ତା' ଉପରେ ହିଁ ସେ ତୁଷ୍ଟ ହୁଅନ୍ତି | ଏଇ ଚଳନ ଯା'ର ଯେତେ ବେଗବାନ, ସେ ସେତେ ଶୀଘ୍ର ଶିବ-ପ୍ରସାଦ ଲାଭ କରିଥାଏ |

ଭାରତ ଏବଂ ବହିର୍ଭାରତର ବହୁସ୍ଥାନରେ ଶିବ-ଉପାସନା ପ୍ରଚଳିତ ଅଛି | ଶିବଙ୍କ ଉପାସକଗଣ 'ଶୈବ' ନାମରେ ପରିଚିତ | ସ୍ଥାନେ ସ୍ଥାନେ ଶିବ ନାଗଭୂଷଣ, ବାଘଛାଲ ପରିହିତ, ଜଟାତ୍ରିଶୂଳଧାରୀ ରୂପରେ ପୂଜିତ ହୁଅନ୍ତି ତ କେଉଁଠି ବି ତାଙ୍କର ଲିଙ୍ଗପୂଜା

ହୁଏ | ଲିଙ୍ଗମୂର୍ତ୍ତି ପୁଣି ଯୋନିପୀଠ ଉପରେ ପ୍ରତିଷ୍ଠିତ | ଏପରି ରୂପର ପରିକଳ୍ପନା କାହିଁକି ? ଆଲୋଚନା କରି ଦେଖାଯାଉ ଏହାର ରହସ୍ୟ କ'ଣ !

ଲିଙ୍ଗାବୟବ ସୃଷ୍ଟିତତ୍ତ୍ୱକୁହିଁ ସୂଚିତ କରେ | ସୃଷ୍ଟି ପାଇଁ ପ୍ରୟୋଜନ ହୁଏ ପଜିଟିଭ୍ ଓ ନେଗେଟିଭ୍‌ର ସଂଯୋଗ | ପୁରୁଷ 'ପଜିଟିଭ୍', ନାରୀ ବା ପ୍ରକୃତି 'ନେଗେଟିଭ୍' | ଶିବଲିଙ୍ଗର ସଂଗଠନ, ମନେହୁଏ, ପଜିଟିଭ୍ ନେଗେଟିଭ୍‌ର ସମ୍ମିଳନର ଭିତର ଦେଇ ସୃଜନ-ପ୍ରଗତିରହିଁ ଦ୍ୟୋତକ |

ଶିବରାତ୍ରିରେ ବା ବିଶେଷ ବିଶେଷ ଅନୁଷ୍ଠାନରେ ଶିବଲିଙ୍ଗ ମସ୍ତକରେ ଜଳ ଢାଳିବାର ପ୍ରଥା ଅଛି | ପାଠକ ! ଲକ୍ଷ୍ୟ କରନ୍ତୁ | ଏଇ ପାଣି ଢାଳିବା ବ୍ୟାପାରଟା କିନ୍ତୁ ଶିବଙ୍କର ପୂର୍ଣ୍ଣାବୟବ-ମୂର୍ତ୍ତିରେ ବା ଅନ୍ୟ କୌଣସି ପଟ-ପ୍ରତିକୃତିରେ ହେଉ ନାହିଁ, ସେହି ଲିଙ୍ଗମୂର୍ତ୍ତିକୁହିଁ ଜଳଧାରା ଦ୍ୱାରା ସ୍ନାନ କରାଯାଏ | କାହିଁକି ? କାରଣ, ଲିଙ୍ଗମୂର୍ତ୍ତି ହେଲା Sex (ସେକ୍ସ) ବା ଯୌନଜୀବନର ପ୍ରତୀକ | ଲିଙ୍ଗମୂର୍ତ୍ତି ଉପରେ ଶୀତଳ ଜଳଧାରା ବର୍ଷଣ କରିବାର ଅର୍ଥ ଯୌନଜୀବନକୁ ଶାନ୍ତ ରଖିବା | ଯୌନଜୀବନ ଯାହାର ଅଶାନ୍ତ ଓ ଉଗ୍ର, ସେ ନିଜେ ଦୁଃଖଭୋଗ କରେ, ପରିବେଶକୁବି ବିବ୍ରତ ଓ ବିଷାକ୍ତ କରି ତୋଳେ | ତା' ବ୍ୟତୀତ, ଯୌନଜୀବନ ଶାନ୍ତ ଓ ସଂଯତ ରହିଲେ ମଣିଷର ଜୀବନୀଶକ୍ତି ବୃଦ୍ଧି ପାଏ, ସନ୍ତାନବି ଭଲ ହୁଏ | ଆଉ ଉଚ୍ଛୃଙ୍ଖଳ ବିକ୍ଷୁବ୍ଧ ଯୌନଜୀବନ ଜୀବନୀଶକ୍ତିକୁ କ୍ଷୀଣ ଓ ମ୍ରିୟମାଣ କରି ତୋଳେ, ଫଳରେ ସନ୍ତାନବି ହୁଏ ଉଚ୍ଛୃଙ୍ଖଳ | ତେଣୁ, ଶିବଲିଙ୍ଗରେ ଜଳ ଢାଳିବାର ତାତ୍ପର୍ଯ୍ୟ ମନେହୁଏ, ବ୍ୟକ୍ତିଗତ ତଥା ଜାତିଗତ ଯୌନଜୀବନକୁ ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା |

ଶିବଲିଙ୍ଗ ଉପରେ ମାଠିଆ-ମାଠିଆ ପାଣି ଢାଳି ମୁଁ ଯଦି ଅବୈଧ ଯୌନାଚାରରେ ଲିପ୍ତ ରହେ ତା'ହେଲେ ସେହି ଜଳ ଢ଼ାଳିବାର କୌଣସି ସାର୍ଥକତାହିଁ

ଜୀବନରେ ଫୁଟି ଉଠେନା | ସାମୟିକ ଗୋଟାଏ ଉନ୍ମାଦନା-ବଶରେ ସେହି ପୂଜା କରୁ ବା ଜଳ ଢାଳୁ, ତା'ପରେ ଯା'କୁ ସେଇଆ | ଏଥିପାଇଁ ଲକ୍ଷ ଲକ୍ଷ ଲୋକ ଆଜି ଶିବପୂଜା କରୁଛନ୍ତି ସତ, କିନ୍ତୁ ସେମାନଙ୍କର ଜୀବନ ଶିବଭାବଦୀପ୍ତ ବା କଲ୍ୟାଣ-କଲୋଚ୍ଛଳ ହୋଇ ପାରୁନାହିଁ |

ଆମ ଦେଶର କୁମାରୀ କନ୍ୟାମାନେ ଶିବରାତ୍ରିବ୍ରତ କରନ୍ତି | ଉଦ୍ଦେଶ୍ୟ କ'ଣ ? କଲ୍ୟାଣଲାଭ ଏବଂ ଶିବସମସ୍ୱାମୀ ପ୍ରାପ୍ତି | ତେଣୁ ଶିବରାତ୍ରିରେ ସେମାନେ ସାରଦିନ ନଖାଇ ନପିଇ ସନ୍ଧ୍ୟାପରେ ପୂଜା ଉପକରଣ ନେଇ ଶିବଙ୍କ ମଥାରେ ଜଳ ଢାଳି ଆସିଥା'ନ୍ତି | ସେଥିରେ କ'ଣ ବ୍ରତର ଉଦ୍ଦେଶ୍ୟ ସିଦ୍ଧ ହୁଏ ? ସିଦ୍ଧ ହେଲେ ତ ଶିବଙ୍କ ବରରେ ଶିବତୁଲ୍ୟ ସ୍ୱାମୀହିଁ ପାଇବା ଉଚିତ୍ | କିନ୍ତୁ ବାସ୍ତବରେ-- ସମସ୍ତଙ୍କ କ୍ଷେତ୍ରରେ ନହେଲେବି କା' କା' କ୍ଷେତ୍ରରେ-- ଅନ୍ୟ ପ୍ରକାର ହୋଇଉଠେ | କୌଣସି ଝିଅ ହୁଏତ ଏପରି ସ୍ୱାମୀ ପାଇଲା ଯେ ତା'ର ଜୀବନ ତିକ୍ତ ହୋଇଉଠିଲା | ସେତେବେଳେ ମଧୁଝରା ବିବାହ ରାତିର ମଧୁର ସ୍ୱପ୍ନ ଅଚିରେହିଁ ମିଳେଇଯାଏ | ଅଶାନ୍ତିର ଅଗ୍ନିରେ ଦୁଇଜଣହିଁ ଜଳିପୋଡ଼ି ଭସ୍ମ ହେବାକୁ ଲାଗନ୍ତି |

ଏପରି ହୁଏ କାହିଁକି ? କାରଣ, କେତେଗୁଡ଼ିଏ ମନ୍ତ୍ରପାଠ ହୁଏତ କରାହୋଇଛି, ପୂଜାର ଉପଚାରବି ସାଧ୍ୟମତେ ଦିଆଯାଇଛି, ଅନୁଷ୍ଠାନର ଆଡ଼ମ୍ବରରେ ବି ତ୍ରୁଟି ନାହିଁ, କିନ୍ତୁ ବ୍ରତ କହିଲେ ଯା' ବୁଝାଏ ତାହା କରାହୋଇନାହିଁ |

ବ୍ରତ-ଶବ୍ଦଟି ଆସିଛି ବୃ-ଧାତୁରୁ, ଅର୍ଥ ବରଣ କରିବା | ଶିବବ୍ରତ କରିବା ମାନେ ଶିବତ୍ୱକୁ ବରଣ କରିନେବା, ଶିବଙ୍କୁ ଆପଣାର କରିନେବା | ଆଉ, ତାହା ବର୍ଷର ସେଇ ଗୋଟିଏ ଦିନ (ଶିବରାତ୍ରି) ପାଇଁ ନୁହେଁ, ସାରା ଜୀବନର ପ୍ରତିଟି ମୁହୂର୍ତ୍ତରେ | ପୁଣି, ବ୍ରତ-ଶବ୍ଦର ଆଉ ଏକ ଉତ୍‌ପତ୍ତି ହେଲା ବ୍ରଜ୍-ଧାତୁରୁ, ଅର୍ଥ ଚାଲିବା | ଶିବରୂପୀ

ସଦ୍‌ଗୁରୁ ଯେପରି ଚାହାନ୍ତି ସେପରି ଚାଲିବା, କହିବା ଏବଂ କରିବା ଥିଲେହିଁ ବ୍ରତ ସାର୍ଥକ ହୁଏ | ସଂକଳ୍ପ କରିବାକୁ ହୁଏ, ସେ ଯା' ପସନ୍ଦ କରନ୍ତି ତା'ହିଁ କରିବି ଏବଂ ତାଙ୍କର ଯାହା ଅନଭିପ୍ରେତ ତା' କୌଣସିମତେହିଁ କରିବି ନାହିଁ | ଏହା ନକରି ନଖାଇ-ନପିଇ ଶିବଙ୍କ ମଥାରେ ହଜାର ମାଠିଆ ଜଳ ଢାଳିଲେବି ଶିବ ଅର୍ଥାତ୍ ମଙ୍ଗଳ-ଲାଭ କୌଣସିମତେହିଁ ହେବ ନାହିଁ | ଆଜିକାଲି ଠିକ୍‌ଭାବରେ ତାତ୍ପର୍ଯ୍ୟ ବୁଝି ପୂଜାବିଧି ଅନୁସରଣ କରାଯାଉନାହିଁ ବୋଲି ଏଇସବୁ ପୂଜା-ଅନୁଷ୍ଠାନ କେବଳ ସାମୟିକ ଗୋଟାଏ ଉନ୍ମାଦନା ସୃଷ୍ଟି କରୁଛି ମାତ୍ର, ଜନଜୀବନରେ ସ୍ଥାୟୀ କଲ୍ୟାଣ କିଛି ଆଣି ପାରୁନାହିଁ |

ଏହାତ ଗଲା ବ୍ରତ ସମ୍ବନ୍ଧରେ କଥା | ତା'ପରେ ଦେଖାଯାଉ ଉପବାସହିଁ ବା କେତେଦୂର ଠିକ୍‌ଭାବରେ ହୁଏ | ସାରାଦିନ କିଛି ନଖାଇ ରହିବାଟାକୁହିଁ ଅନେକେ ଉପବାସ ବୋଲି ମନେ କରନ୍ତି | କିନ୍ତୁ ଉପବାସ ମାନେ ତା' ନୁହେଁ | ଆହାର-ସଂଯମ ଦ୍ୱାରା ଶରୀର ହାଲ୍‌କା ରହେ, କାମ ବେଶୀ କରାଯାଏ ଏବଂ ମନକୁ ଏକାଗ୍ର କରିବାରେ ସାହାଯ୍ୟ କରେ | ଏହିସବୁ ଉଦ୍ଦେଶ୍ୟ ସିଦ୍ଧ ହୋଇପାରେ | ସେଥିରେ ଉପବାସ କରିବା ନ ବି ହୋଇପାରେ | 'ଉପ' ମାନେ ନିକଟରେ, ଉପବାସ ମାନେ ନିକଟରେ ବାସ କରିବା | ଏବେ ମୁଁ ଯାହାଙ୍କ ପାଖରେ ରହିବାକୁ ଚାହେଁ, ମୋତେ ଅବଶ୍ୟହିଁ ତାଙ୍କର ମନମତ ହୋଇ ରହିବାକୁ ହେବ | ତା' ନହେଲେ ମୁଁ ତାଙ୍କର ଅସ୍ୱସ୍ତି ଉତ୍‌ପାଦନ କରିବି, ପ୍ରୀତ ହେବେ ନାହିଁ ସେ | ଠିକ୍ ସେପରି ଶିବସାନ୍ନିଧରେ ରହିବାକୁ ହେଲେବି ମନଟାକୁ ଶିବମୁଖୀ କରି ଏକାଗ୍ର କରି ରଖିବାକୁ ହୁଏ | ସବୁ ସମୟରେ ଭାବିବାକୁ ହୁଏ, ମୁଁ ଶିବଙ୍କ ଚରଣତଳେ ବସିଅଛି | ତେଣୁ, ସେ ଯେପରି ପସନ୍ଦ କରନ୍ତି ସେପରି ମୋତେ ଚାଲିବାକୁ ହେବ, କହିବାକୁ ହେବ, କରିବାକୁ ହେବ | ତେଣୁ, ମୋଟକଥା ହେଲା, ଶିବଭାବର ପରିପୋଷଣ ଯଦ୍ୱାରା ହୁଏ ସେପରି ଆହାର, ବିହାର, ଆଳାପ, ବ୍ୟବହାର କରି ଚାଲି ପାରିଲେହିଁ ଶିବଙ୍କ ଉପବାସ କରାହେବ |

ନାରୀ ହେଉ ବା ପୁରୁଷ ହେଉ, ଯେଉଁମାନେହିଁ ଏଇ ବ୍ରତ 'ଠିକ୍‌ଭାବରେ କରନ୍ତି' ଅନ୍ତର ସେମାନଙ୍କର ହୋଇଉଠେ ଶୁଦ୍ଧ, ଶାନ୍ତ, ମଙ୍ଗଳ-ବିକିରଣୀ | ସେମାନଙ୍କ ଜୀବନରେ ଲାଳସାର ଉଗ୍ରତା ସ୍ତିମିତ ହୋଇ ଆସେ | ପ୍ରତ୍ୟେକହିଁ ତା'ର ବୈଶିଷ୍ଟ୍ୟାନୁଯାୟୀ ହୋଇଉଠନ୍ତି ମହାଯୋଗୀ, ମହାଦେବଙ୍କର ଗୋଟିଏ ଗୋଟିଏ କ୍ଷୁଦ୍ର ସଂସ୍କରଣ | ଆଉ, ଏଇ ହେବା-- ଅନୁପାତିକ ପ୍ରପ୍ତିବି ଘଟେ ପ୍ରତିପ୍ରତ୍ୟେକଙ୍କ ଜୀବନରେ | କଥାରେ ଅଛି--

ଯେପରି କର ସେପରି ହୁଏ,
ବିଧି କାହାର ବାମ ନୁହେଁ |

****

ଦୁର୍ଗା

ଦେବଦେବୀଙ୍କ ମଧ୍ୟରେ ଦୁର୍ଗାଦେବୀଙ୍କ ସମ୍ବନ୍ଧରେ ଆଲୋଚନା ଶ୍ରୀଶ୍ରୀଠାକୁରଙ୍କ--ସନ୍ନିଧାନରେ ତୁଳନାମୂଳକ ଭାବରେ ବହୁବାର ହୋଇଛି | ତା'ର ପ୍ରଧାନ କାରଣ--ବଙ୍ଗଳା ୧୩୫୫ ସାଲଠାରୁ ପ୍ରତିବର୍ଷ ବିଜୟା-ଉପଲକ୍ଷେ ଶ୍ରୀଶ୍ରୀଠାକୁର ଆଶୀର୍ବାଣୀ ଦେଉଥିଲେ | ସେହି ଆଶୀର୍ବାଣୀଗୁଡ଼ିକର ଭିତର-ଦେଇ ସେ ନାନାରକମରେ ବ୍ୟକ୍ତ କରିଛନ୍ତି ଶାରଦୀୟ ପୂଜାର ପ୍ରକୃତ ରହସ୍ୟ, ଜଗତ୍‌ମାତାଙ୍କର ପ୍ରକୃତ ସ୍ୱରୂପ |

ବିଜୟା-ଦଶମୀ ପରେ ଦ୍ୱାଦଶୀ ତିଥିଠାରୁ ଶ୍ରୀଶ୍ରୀଠକୁରଙ୍କ ପାଦପୀଠ ତଳେ ଅନୁଷ୍ଠିତ ହୁଏ ତାଙ୍କ ଜନ୍ମ-ମହୋତ୍ସବ | ସେହି ଉତ୍ସବରେ ବିଜୟା-ଉପଲକ୍ଷେ ପ୍ରଦତ୍ତ ଆଶୀର୍ବାଣୀ ନିୟମିତ ପାଠ ହୋଇଆସୁଛି | ଦୁର୍ଗାପୂଜାର ପ୍ରାକ୍‌କାଳରେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଆଶୀର୍ବାଣୀ ପାଇଁ ପ୍ରାର୍ଥନା ହୁଏ | ପ୍ରବୀଣ ଭକ୍ତବୃନ୍ଦ ଆସି ବସନ୍ତି ଲେଖା ଆରମ୍ଭ ହେବା ପୂର୍ବରୁ | ଦୁଇ-ତିନୋଟି ସଂସ୍କୃତ ଏବଂ ବଙ୍ଗଳା ଅଭିଧାନ ପାଖରେ ଥାଏ | ବୋଧନ, ଦୁର୍ଗା, ଭଗବତୀ, ବିଜୟା ପ୍ରଭୃତି ଶବ୍ଦର ଅର୍ଥ ପଚାରନ୍ତି ଶ୍ରୀଶ୍ରୀଠାକୁର | ଜ୍ଞାନତାପସ ଭକ୍ତଗଣ ସେସବୁ ଶବ୍ଦର ଆଭିଧାନିକ ଅର୍ଥ କହନ୍ତି, ଆଉ ଗଳ୍ପ ଆକାରରେ ସେହି ସବୁ ଶବ୍ଦର ଉତ୍‌ପତ୍ତି ସହିତ ଜଡ଼ିତ ବିବିଧ କାହାଣୀର ଅବତାରଣା କରନ୍ତି | ଏସବୁ ଶୁଣି ଶୁଣି ବିଶ୍ୱେଶ୍ୱରଙ୍କ ଭିତରେ ଘନୀଭୂତ ହୋଇଉଠେ ମହାଭାବ | ତା'ପରେ ଶ୍ରୀଶ୍ରୀଠାକୁର ଆଶୀର୍ବାଣୀ ପ୍ରଦାନ କରନ୍ତି |

ଭକ୍ତଗଣ ଧାତୁଗତ ଅର୍ଥ ଧରି ଶବ୍ଦର ଅର୍ଥ ପ୍ରକାଶ କରନ୍ତି | ଶ୍ରୀଶ୍ରୀଠାକୁର ସବୁ ସମୟରେ ସେହିପରି ଅର୍ଥହିଁ ଚାହାଁନ୍ତି | କାରଣ, ଧାତୁଗତ ଅର୍ଥ ମଧ୍ୟରେହିଁ ନିହିତ ଥାଏ

ଶବ୍ଦର ପ୍ରାଥମିକ ତାତ୍‌ପର୍ଯ୍ୟ | ଅଭିଧାନଗୁଡ଼ିକ ପ୍ରଧାନତଃ ଏଇ କାମରେହିଁ ବ୍ୟବହାର ହୋଉଥିଲା |

ଥରେ ଥରେ ଆଲୋଚନା ଆରମ୍ଭ ହେବାର କିଛିକ୍ଷଣ ପରେ ଶ୍ରୀଶ୍ରୀଠାକୁରଙ୍କୁ ନୀରବ ଧ୍ୟାନ-ଗମ୍ଭୀର-ଭାବରେ ବସି ରହୁଥିବାର ଦେଖାଯାଏ | ଅର୍ଥାତ୍, ସେତେବେଳେହିଁ ମହାମାୟା-ସଂପୃକ୍ତ ଭାବରାଶି ତାଙ୍କ ଚିଦ୍‌ଜଗତରେ ତରଙ୍ଗ ସଞ୍ଚାର କରିବାକୁ ଆରମ୍ଭ କରିଛି | ତା'ପରେ ତାଙ୍କ ଶ୍ରୀମୁଖରୁ ଅନର୍ଗଳ ସ୍ରୋତ ପରି ନିର୍ଗତ ହେବାକୁ ଲାଗେ ଆଶୀର୍ବାଣୀ-ତା'ର ମହନୀୟ ଭାଷା, ଭାବ, ଛନ୍ଦ ଓ ଅନୁରଣନ ନେଇ | କେବେ କେବେବି ହୁଏତ ଦୁଇ-ତିନିଦିନ ଧରି ଦୁର୍ଗାପୂଜା-ସଂକ୍ରାନ୍ତ ଆଲୋଚନା ଚାଲିଛି | ତା'ପରେ ଏକ ବିଶେଷ କ୍ଷଣରେ ହଠାତ୍ ଝରି ଆସେ ଛନ୍ଦୋମୟ ବାଣୀର ପ୍ରବାହ | ପ୍ରତିଟି ଆଶୀର୍ବାଣୀହିଁ ଯେପରି ପୂଜାର ମନ୍ତ୍ର ସଦୃଶ; ମହାମାୟାଙ୍କର ମହିମା ସେଥିରେ ଉଚ୍ଛଳ ନନ୍ଦନାରେ ପରିବ୍ୟକ୍ତ |

ଶ୍ରୀଶ୍ରୀଠାକୁର ମା'-ଦୁର୍ଗାଙ୍କୁ କେବେବି ମାଟିର ପ୍ରତିମା ହିସାବରେ ଦେଖିନାହାନ୍ତି | ସେ କହନ୍ତି, ପ୍ରତିମାରେ ଯାହାଙ୍କର ପୂଜା କରାହୁଏ, ସେ ପ୍ରତି ଘରର ଦେହଧାରୀ ମା' | ତା' ମାନେ, ନିଜ ମା' ଉପରେ ଯା'ର ଭଲପାଇବା ଯେତେ ଜୀବନ୍ତ, ତା' ନିକଟରେ ଦୁର୍ଗାପୂଜାର ସାର୍ଥକତା ସେତେ ବେଶି | ନିଜର ମା'କୁ ଖୁସି ଓ ତୃପ୍ତ ନକରି ହଜାର ଢାଳ-ଢୋଲ ବଜାଇ ଦୁର୍ଗାପୂଜା କରିଲେ ବି କୌଣସି ଫଳ ହୁଏନା | ଦୟାଳ ଠାକୁର ଶ୍ରୀଶ୍ରୀଅନୁକୂଳଚନ୍ଦ୍ର ତେଣୁ କହିଛନ୍ତି--

"ଭଗବତୀପୂଜା କରେ, ତା'ର ମାନେ--

ନିଜର ମା'କୁ ହିଁ ଉପାସନା କରେ |"

ସେ କେବଳ ପୂଜାବେଦୀରେ ଦଶଭୂଜା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ | ପ୍ରତିଟି ଘରର ମା' ଜଗତର ମା'ଙ୍କରହିଁ ଏକ ରୂପ |

ମା-ଦୁର୍ଗା 'ଦଶଭୁଜା', ମାନେ ତାଙ୍କର ଦଶ ହାତ | ଅଥଚ ଘରର ମା' ଯିଏ ତାଙ୍କର ତ ଦୁଇଟି ହାତ | ତା'ହେଲେ ଏଇ ଦଶହାତର ତାତ୍ପର୍ଯ୍ୟ କ'ଣ? ତା'ମାନେ, ସେ ଦୁଇହାତରେ ଦଶହାତର କାମ କରନ୍ତି | ଯିଏ ଘରର ମା', ସେ ଏକାଧାରରେ ଘରର ବଧୂ ଓ ଗୃହିଣୀ | ଏମାନଙ୍କର ସ୍ୱସ୍ତି-ଶାନ୍ତି ଓ ଖାଦ୍ୟପାନୀୟ ଆଦିର ଦାୟିତ୍ୱ ତାଙ୍କ ହାତରେହିଁ | ଯା'ର ଯେପରି ଦରକାର, ସେ ତା'ର ସେପରି ଆହାର ବ୍ୟବସ୍ଥା କରିଦିଅନ୍ତି | ଗୁରୁଜନମାନଙ୍କର ସେବାଯତ୍ନ କରନ୍ତି | ଲଘୁଜନ ଅର୍ଥାତ୍ ପିଲାଛୁଆଙ୍କର ଶିକ୍ଷା, ଲାଳନ-ପାଳନ ଓ ଭଲମନ୍ଦ ଦିଗରେ ନଜର ରଖନ୍ତି | ତା'ବ୍ୟତୀତ, ବାହାରର ଆତ୍ମୀୟ ଓ ବନ୍ଧୁବାନ୍ଧବ ଘରକୁ ଆସିଲେ ସେମାନଙ୍କର ସୁଖସୁବିଧା ଦେଖିବା ଓ ଯଥାବିହିତ ପରିଚର୍ଯ୍ୟା କରିବା ବି ତାଙ୍କୁ ଦେଖିବାକୁ ପଡ଼େ | ଏଇ ସମସ୍ତଙ୍କୁ ବଜାୟ ରଖି ସଂସାରକୁ ଟିକିଏ ସାଶ୍ରୟ କି ଭାବରେ କରାଯାଏ ତା'ର ବି ଚେଷ୍ଟା ତାଙ୍କର ଥାଏ | ଏଇଭାବେ ଗୃହସ୍ଥଳୀର ସବୁ ଦିଗକୁ ସମାନଭାବେ ଲକ୍ଷ୍ୟ ରଖି ସବୁ କାମ ସୁନ୍ଦର ଓ ସୁଷ୍ଠୁ ଭାବରେ କରିଚାଲନ୍ତି ଯେଉଁ ମା', ଚଲ୍‌ତି କଥାରେ କୁହାଯାଏ ତାଙ୍କ ସମ୍ବନ୍ଧରେ, ସତେ ଯେପରି ଦୁଇ ହାତରେ ଦଶହାତର କାମ କରିଦେଉଛନ୍ତି | ଏଇ ହେଲା ଦଶହାତର ତାତ୍‌ପର୍ଯ୍ୟ | ସେଥିପାଇଁ ପୂର୍ଣ୍ଣ ନାରୀତ୍ୱର ପ୍ରତୀକ ମା'ଦୁର୍ଗାଙ୍କୁ ଆମେ ଦଶଭୁଜାରୂପେ ଦେଖିଥାଉ, ଯା' ନା କ'ଣ ପ୍ରତିଟି ଘରର ପ୍ରତିଟି ମା'ଙ୍କରହିଁ ସ୍ୱରୂପ ବା ପ୍ରକୃତି |

ମା'ଙ୍କର ଦଶ ହାତରେ ତ୍ରିଶୂଳ, ପାଶ, ପରଶୁ, ଧନୁର୍ବାଣ ପ୍ରଭୃତି ଦଶ ରକମର ଅସ୍ତ୍ର | ତେଣୁ ସେ 'ଦଶପ୍ରହରଣ ଧାରିଣୀ' | ଏ ଅସ୍ତ୍ରଗୁଡ଼ିକ କ'ଣ ? ଏଗୁଡ଼ିକ ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି, ଯା'ଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ

କରନ୍ତି; କରି ସ୍ୱୀୟ ସନ୍ତାନଗଣଙ୍କୁ ରକ୍ଷା କରନ୍ତି | ତାଙ୍କର ଏଇ ରୂପ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର କହିଛନ୍ତି--

"ଦୁର୍ଗତିନାଶିନୀ ହୋଇ
ଦଶପ୍ରହରଣ ଧାରଣ କରି
ସନ୍ତାନ-ସଂରକ୍ଷଣାରେ ନିୟୋଜିତା ||"

କ୍ଷେପଣାର୍ଥକ ଅସ୍-ଧାତୁରୁ ଅସ୍ତ୍ର-ଶବ୍ଦଟି ଉତ୍ପନ୍ନ | ସେଥିପାଇଁ ଅସ୍ତ୍ର ମା'ଙ୍କର ଅଙ୍ଗଭୂଷଣ ମାତ୍ର ନୁହେଁ | ଏଗୁଡ଼ିକ ସେ ଅସୁର-ଦଳନାର୍ଥେ କ୍ଷେପଣ ଅର୍ଥାତ୍ ପ୍ରୟୋଗ କରନ୍ତି | ତା'ର ମାନେ, ଅସୁର ପ୍ରକୃତିସମ୍ପନ୍ନ ଲୋକମାନଙ୍କ ପ୍ରତି ଶକ୍ତି ପ୍ରୟୋଗ କରି ମା' ସେମାନଙ୍କ ଅନ୍ତରର ଅକଲ୍ୟାଣକାରୀ ଝୁଁକ୍‌କୁ ରୁଦ୍ଧ ତଥା ବିନାୟିତ କରନ୍ତି | ତେଣୁ ସେ 'ଅସୁରଦଳନୀ' |

ଭିନ୍ନ ଭିନ୍ନ ଅସ୍ତ୍ର ଭିନ୍ନ ଭିନ୍ନ ଅସୁରଙ୍କ ବିରୁଦ୍ଧରେ ପ୍ରୟୋଗ ହୁଏ | ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ, ମହିଷାସୁର ପ୍ରଭୃତି ଅସୁର ଦଳଙ୍କୁ ଦମନ କରିଛନ୍ତି ମା-ଦୁର୍ଗା | ଏଇ ଅସୁର କିଏ ବା କେଉଁମାନେ ? ଗୀତାର ଷୋଡ଼ଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅସୁର-ପ୍ରକୃତିସମ୍ପନ୍ନ ଚରିତ୍ରକୁ ଅତି ସୁନ୍ଦରଭାବେ ବିବୃତ କରିଛନ୍ତି | ସେଠାରେ ସେ କହିଛନ୍ତି, ଅସୁର-ପ୍ରକୃତିସମ୍ପନ୍ନ ମଣିଷଙ୍କର ଥାଏ ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ନିଷ୍ଠୁରତା ଏବଂ ଅଜ୍ଞାନତା | ସେମାନଙ୍କର ଶୁଚିତା, ଆଚାର ଏବଂ ସତ୍ୟନିଷ୍ଠା ନାହିଁ | ସେମାନେ ବର୍ତ୍ତମାନର ସୁଖଭୋଗ ନେଇହିଁ ବ୍ୟସ୍ତ ଥାଆନ୍ତି | ସେମାନେ ଅର୍ଥସଞ୍ଚୟ କରିଥା'ନ୍ତି କେବଳ କାମନାର ଉପଭୋଗ ପାଇଁ | ଅସୁରମାନେ ନିଜକୁ ସମସ୍ତଙ୍କ ପ୍ରଭୁ ବା ସିଦ୍ଧପୁରୁଷ ବୋଲି ମନେକରନ୍ତି | ସେମାନେ ନିଜକୁ ସବୁବେଳେ ବଳବାନ୍ ଏବଂ ସୁଖୀ

ଭାବନ୍ତି | ସେମାନେ ମନେକରନ୍ତି ସେମାନଙ୍କ ସମାନ ଆଉ କେହି ନାହିଁ | ସେମାନେ ବିଭ୍ରାନ୍ତଚିତ୍ତ, ମୋହାଚ୍ଛନ୍ନ ଏବଂ ଐଶୀପୁରୁଷ ବିଦ୍ୱେଷୀପରାୟଣ |

ଏଇପ୍ରକାର ଅସୁର ସ୍ୱଭାବସମ୍ପନ୍ନ ମଣିଷମାନଙ୍କୁ ମା' ନିୟନ୍ତ୍ରିତ କରନ୍ତି, ସେମାନଙ୍କର ସତ୍ତାବିରୋଧୀ ଚଳନଗତିକୁ ନିରୁଦ୍ଧ କରନ୍ତି | ତେଣୁ ସେ 'ଅସତ୍‌ଦଳନୀ', 'ଅସୁରନାଶିନୀ' | ଯେଉଁସବୁ ମଣିଷ ତାଙ୍କର ଶରଣାଗତ ହୁଅନ୍ତି, ତାଙ୍କୁ ଭକ୍ତି କରନ୍ତି, ତାଙ୍କୁ ଭଲପାଇ ଅନ୍ୟମାନଙ୍କୁ ବି ଭଲପାଇ ଶିଖନ୍ତି, ସେମାନଙ୍କ ଜୀବନ ଶୁଭରେ ନିୟନ୍ତ୍ରିତ ହୁଏ, ଅକଲ୍ୟାଣ ସ୍ପର୍ଶ କରିପାରେନା ସେମାନଙ୍କୁ | ଆଉ ଯେଉଁମାନେ ଅହଙ୍କାରବଶତଃ ତାଙ୍କୁ ଅବଜ୍ଞା କରନ୍ତି, ଆତ୍ମସ୍ୱାର୍ଥ-ପରିପୂରଣରେ ମଗ୍ନ ରହି ପରିବେଶ ସମ୍ବନ୍ଧରେ କୌଣସି ଚିନ୍ତା କରନ୍ତି ନାହିଁ, ସର୍ବଦା ନିଜ ସୁଖଭୋଗ ନେଇ ବ୍ୟସ୍ତ, ସେମାନେ ବୃତ୍ତି ପାଶରେ ଶୃଙ୍ଖଳିତ ହୋଇପଡ଼ନ୍ତି | ଅବଶେଷରେ ମହାକାଳର ଅମୋଘ ବିଧାନରେ ସେମାନେ ବିଧ୍ୱସ୍ତ ଓ ନିହତ ହୁଅନ୍ତି |

ମହିଷାସୁର ବଧ କରିଥିଲେ ବୋଲି ମା'ଙ୍କର ଗୋଟିଏ ନାମ "ମହିଷମର୍ଦ୍ଦିନୀ" | ମହିଷମର୍ଦ୍ଦିନୀମାନେ ଶ୍ରୀଶ୍ରୀଠାକୁର କହନ୍ତି, ସେ "ଆତ୍ମରିଦମ୍ଭ-ବିଜୟିନୀ" | ଅପରକୁ ବଞ୍ଚିତ କରି ନିଜର ସୁଖଭୋଗର ଧନ୍ଦାହିଁ ଅସୁରର କାମ | ସେଥିପାଇଁ ସେ ପାରିପାର୍ଶ୍ୱିକକୁ ତା'ର ଲୋଭ ଓ ହିଂସାର ଶିକାର କରି ଜର୍ଜ୍ଜରିତ କରିତୋଳେ | ମା' ସେମାନଙ୍କର ଏଇ ଭାବକୁ ସଂଯତ ଓ ନିରସ୍ତ କରନ୍ତି | କରି, ସେ ସମସ୍ତଙ୍କୁ ଅସୁରର ଉତ୍‌ପୀଡ଼ନ ଓ ଅତ୍ୟାଚାରରୁ ରକ୍ଷା କରନ୍ତି | ଅଭୟ ଦାନ କରନ୍ତି ଜୀବକୁଳକୁ | ତେଣୁ ସେ 'ଅଭୟା' | ସେ କହନ୍ତି, 'ଭୟ ନାହିଁ, ତୁମେସବୁ ବଞ୍ଚିବା ବଢ଼ିବାର ନୀତିଗୁଡ଼ିକ ଧରି ଚାଲ | ତା'ହେଲେହିଁ ତୁମ୍ଭେମାନେ ନିର୍ଭୟ ହୋଇପାରିବ |'

ମା'ଙ୍କର ଶରଣ ନେଲେହିଁ ମଣିଷ ଅଭୟ ହୋଇପାରେ | ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଜୀବନର ଏକ ଦିବ୍ୟ ଘଟଣା ଗପ କରି ଶୁଣାନ୍ତି | ଦିନେ ରାତିରେ ସେ ସ୍ୱପ୍ନ ଦେଖିଲେ ଯେ ଗୋଟିଏ ଝିଅ ତାଙ୍କ ନିକଟକୁ ଆସିଛି ଏବଂ ନାନାରକମ ଅଙ୍ଗଭଙ୍ଗୀ କରି ଓ କଥା କହି ତାଙ୍କୁ ଅସତ୍‌ପଥରେ ପ୍ରଲୁବ୍ଧ କରିବାକୁ ଚାହୁଁଛି | ଶ୍ରୀଶ୍ରୀଠାକୁର ସେଇ ଝିଅଟିକୁ ଚାଲିଯିବାପାଇଁ କହିଲେ, ମାତ୍ର ସେ ନଛୋଡ଼ବନ୍ଧା ହୋଇ ଆଗେଇ ଆସିବାକୁ ଚାହୁଁଛି | ସେତେବେଳେ ଶ୍ରୀଶ୍ରୀଠାକୁର ସ୍ୱୀୟ ଜନନୀ ଦେବୀଙ୍କୁ ସ୍ମରଣ କରି ମା', ମା' ବୋଲି ଆକୁଳ ସ୍ୱରରେ ଡାକି ଉଠିଲେ | ସଙ୍ଗେ ସଙ୍ଗେ ମାତା ମନୋମୋହିନୀ ଦେବୀ ସେଠାରେ ଆର୍ବିଭୂତା ହେଲେ | ତାଙ୍କୁ ଦେଖି ସେଇ ଝିଅଟି ପଳାଇଗଲା |

କାହାଣୀଟି କହି ସେ କ'ଣ ଶିଖାଇଲେ ? ମା' ଉପରେ ଟାଣ ରହିଲେ ତଥାକଥିତ କାମନା ବାସନାର ପ୍ରଲୋଭନରେ ପଡ଼ି ଅଣନିଃଶ୍ୱାସୀ ହେବାକୁ ପଡ଼େନା | ଚରମ ପରୀକ୍ଷାରେ ପଡ଼ିଲେ ବି ସନ୍ତାନ ଯଦି ସେତେବେଳେ ମା'ଙ୍କର ସ୍ନେହମଧୁର ବରାଭୟ ମୁଖଟିକୁ ସ୍ମରଣରେ ରଖିପାରେ ତା'ହେଲେ ହୁଏତ ସେ ଚରମ ପରୀକ୍ଷାର ଆଶୋଭନୀୟ ଆକର୍ଷଣକୁ ମୁହୂର୍ତ୍ତକ ମଧ୍ୟରେ ଦୂରେଇ ଦେଇପାରେ | ମା' ସେତେବେଳେ ସନ୍ତାନ ନିକଟରେ ହୋଇଉଠନ୍ତି ଅସତ୍‌ର ବିରୁଦ୍ଧରେ ଦୁର୍ଗସ୍ୱରୂପ | ସେଥିପାଇଁ ସେ 'ଦୁର୍ଗା' ନାମରେ ଅଭିହିତ | ଥରେ ବିଜୟା-ଉପଲକ୍ଷେ ପ୍ରଦତ୍ତ ବାଣୀରେ ଶ୍ରୀଶ୍ରୀଠାକୁର କହିଛନ୍ତି,--

"ଏଇ ମା' ମୋର
ଏପରି ଐଶ୍ୱର୍ଯ୍ୟଶାଳିନୀ
ଦଶପ୍ରହରଣୀ
ଯାହାଙ୍କଠାରେ ଅଚ୍ୟୁତ ଆନତିହିଁ ମୋର ଦୁର୍ଗ--
ସେଇ ଆନତିର ମଧ୍ୟ ଦେଇ

ଯେତେବେଳେ ମା'ର ଚରଣରେ ଆନତ ହୁଏ
ସ୍ୱତଃସମ୍ବିତରେ
ସକ୍ରିୟତାରେ--
ସେତେବେଳେହିଁ ମା' ମୋର ଦୁର୍ଗତିନାଶିନୀ ଦୁର୍ଗା।"

ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ | ଏଇ ମଣିଷ ମନରେ ପଶୁଭାବ ବି ଅଛି, ଦେବଭାବ ବି ଅଛି | ଇଶ୍ୱରପ୍ରଦତ୍ତ ଶକ୍ତି ଓ ଯୋଗ୍ୟତା ମଣିଷ ଯେତେବେଳେ ଲୋକକଲ୍ୟାଣାର୍ଥରେ ବ୍ୟବହାର କରେ, ସେତେବେଳେ ସେ ହୋଇଉଠେ ଦିବ୍ୟ ଚରିତ୍ରର ଅଧିକାରୀ, ଦେବତା | ଆଉ ସେଗୁଡ଼ିକୁ ଯେତେବେଳେ ଅସତ୍ ଉଦ୍ଦେଶ୍ୟରେ ବ୍ୟବହାର କରେ, ସେତେବେଳେ ସେ ହୋଇଉଠେ ପଶୁ | ସମାଜରେ-ସଂସାରରେ ଯାଦି ପଶୁଭାବ ପ୍ରାଧାନ୍ୟ ପାଏ, ତେବେ ସମାଜ ଅଚଳ ହୋଇଯିବ, ମନୁଷ୍ୟତ୍ୱ ସବଂଶେ ନାଶ ଯିବ | ଅତଏବ କରଣୀୟ କ'ଣ ? ସେଇ ଆଦର୍ଶ ମୂର୍ତ୍ତ ହୋଇଉଠିଛି ଦୁର୍ଗା-ପ୍ରତିମାରେ | ମା' ସିଂହବାହିନୀ | ମହାପରାକ୍ରମୀ ପଶୁରାଜର ପୃଷ୍ଠ ଉପରେ ତାଙ୍କର ଚରଣ ନ୍ୟସ୍ତ | ତା' ଅର୍ଥ ପଶୁଭାବ ଉପରେ ମାତୃଭାବର ପ୍ରତିଷ୍ଠା | ନାରୀ-ଜୀବନର ବି ଆଦର୍ଶ ଏହା | ମଣିଷର ଯଦି ତା'ର ମା' ଉପରେ ଅଗାଧ ଟାଣ ରହେ, ତେବେ ସେ ସବୁ ଅଶିଷ୍ଟତା, ସବୁ ଅନାଚାର, ସବୁ ଅକଲ୍ୟାଣକୁ ପରାଭୂତ କରି ଚାଲିପାରେ | ତଥାକଥିତ ହୀନ ପାଶବିକ ପ୍ରବୃତ୍ତିର ଶିକାର ତା'କୁ କେବେବି ହେବାକୁ ହୁଏନା | ପୁଣି, ମା'କୁ ଖୁଶୀ କରିବାର ପ୍ରବଣତାରେ ଜୀବନର କୌଣସି ବାଧାହିଁ ତା'ନିକଟରେ ବଡ଼ ହୋଇ ଉଠେନା | ମା'ଙ୍କ ପ୍ରତି ଜ୍ୱଳନ୍ତ ଭକ୍ତି କ'ଣ; ସେ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି--

"ଅଶିଷ୍ଟ ଯା'
ତା'କୁ ଦୂର କରି ଦେବେ,

ଶିଷ୍ଟ ଯା'
ତା'କୁ ସଂହତ ଓ ସୁଷ୍ଠୁ କରି
ଅସତ୍‌କୁ ମୋଚନ କରି ତୋଳିବେ |"

ଦୁର୍ଗାପୂଜା ଶରତକାଳରେ ହୁଏ ବୋଲି ମା-ଦୁର୍ଗାଙ୍କର ଆଉ ଏକ ନାମ "ଶରଦା" | ଥରେ ବାଣୀପ୍ରଦାନ ପୂର୍ବରୁ ଶାରଦା କଥାର ଅର୍ଥ ଜାଣିବାକୁ ଚାହିଁଲେ | କୁହାଗଲା, ଶରତ କାଳରେ ପୂଜା ହୁଏ ବୋଲି ସେ ଶାରଦା | କିନ୍ତୁ କାରଣପୁରୁଷ ଯିଏ, ସିଏ କେବଳ ଶବ୍ଦାର୍ଥ ଶୁଣି ତୃପ୍ତ ନୁହଁନ୍ତି | ସିଏ ବିଷୟର ମୂଳ କାରଣକୁ ଧରି ଶିଖାନ୍ତି | ତେଣୁ ପୁଣି ପଚାରିଲେ, 'କେଉଁ ଧାତୁରୁ ହୋଇଛି' ? ଅଭିଧାନ ଦେଖି କୁହାଗଲା; ଶାରଦା ବା ଶରତ୍ ଆସିଛି ଶୃ-ଧାତୁରୁ, ଅର୍ଥ ବଧ ଓ ହିଂସା | ଶୁଣି ଶ୍ରୀଶ୍ରୀଠାକୁର ଆଶ୍ୱସ୍ତ ହେଲେ | କ୍ଷୀଣ ହସି କହିଲେ, 'ସେଇ ତ ଠିକ୍ ହୋଇଛି | ସେ ଅସତ୍‌ନିରୋଧୀ ପ୍ରଚଣ୍ଡା | ହିଂସାତ୍ମକ ଯା'କିଛିକୁ ନିହତ କରି ସେ ରକ୍ଷାକୁ ସମୃଦ୍ଧ କରିତୋଳନ୍ତି |" ଦୁର୍ଗାଙ୍କର ଧ୍ୟାନମନ୍ତ୍ରରେ ବି ଆମେ ଅଷ୍ଟଶକ୍ତି କଥା ପାଉ-- ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା, ଅତିଚଣ୍ଡିକା | ଏଇସବୁଗୁଡ଼ିକହିଁ ହେଲା ଅସତ୍ ବିରୁଦ୍ଧରେ ମହାପରାକ୍ରମୀ ଶକ୍ତି | ମା'ଙ୍କର 'ଶାରଦା' ନାମର ସାର୍ଥକତା ଏଇଠାରେହିଁ |

ଅସତ୍‌ର ବିରୁଦ୍ଧରେ ମା' ଯେପରି ପ୍ରଚଣ୍ଡା, ନିଜ ସନ୍ତାନ ନିକଟରେ ସେ ବି ସେପରି 'ଆନନ୍ଦମୟୀ' | ମା'କୁ ଦେଖିଲେ ଶିଶୁ ଆନନ୍ଦରେ ଡଗମଗ ହୋଇଉଠେ | ମା' ଯଦି ମାରନ୍ତି ତା'ହେଲେ ଶିଶୁ କାନ୍ଦି ପୁଣି ସେଇ ମା' ପାଖକୁ ଯାଏ | ସେ ଜାଣେ ଯେ ତା'ର ସବୁ ଜ୍ୱାଳାର ଉପଶମ ସେଇଠାରେହିଁ ହେବ | ମାତୃଭାବ, ମାତୃସ୍ନେହ ପ୍ରତିଟି ଜୀବକୁହିଁ ନନ୍ଦିତ କରିତୋଳେ |

ସେ ଶିବଙ୍କର ଘରଣୀ, 'ଶିବାନୀ' ଅର୍ଥାତ୍ ମଙ୍ଗଳବିଧାୟିନୀ | ମା' ସନ୍ତାନର ମଙ୍ଗଳ ସର୍ବଦାହିଁ କାମନା କରନ୍ତି | ଯେଉଁ ସନ୍ତାନଟି ଅବାଧ, ମା' କଥା ଶୁଣେନା, ତା'ପାଇଁ ବି ମା'ର ଚିନ୍ତା ଥାଏ | ସେ କାହାକୁ ଦୂରେଇ ଦେଇପାରନ୍ତି ନାହିଁ | ସମସ୍ତଙ୍କର ମଙ୍ଗଳ କରନ୍ତି | ସମସ୍ତଙ୍କୁ କୋଳରେ ଧରି ରଖିବାକୁ ଚାହାନ୍ତି | ତେଣୁ, ତାଙ୍କୁ କୁହାଯାଏ 'ଜଗଦ୍ଧାତ୍ରୀ' |

ଜଗଦ୍ଧାତ୍ରୀ-ଅଭିଧାର କାରଣ ବ୍ୟାଖ୍ୟା କରିବାକୁ ଯାଇ ପରମଦୟାଳ ଶ୍ରୀଶ୍ରୀଠାକୁର କହିଲେ "ସେ ବିକ୍ଷୁବ୍ଧତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଳିଷ୍ଟ କରି ତୋଳନ୍ତି" | ପୁଣି କହିଛନ୍ତି--

"ମା ସମସ୍ତଙ୍କର ହିଁ ମା,
କାହାକୁ ଛାଡ଼ି ନୁହେଁ,
କାହାକୁ ବାଦ୍ ଦେଇ ନୁହେଁ,
କାହାକୁ ପରିତ୍ୟାଗ କରି ନୁହେଁ |"

ଏଇ ହେଲା ମା'ଙ୍କର ସ୍ୱଭାବ-ପ୍ରକୃତି | ତେଣୁ ସେ ଜୀବଜଗତର ଏକତ୍ୱବିଧାନର ଏକ ବିଶେଷ ପ୍ରୟୋଜନ | ସବୁ ସନ୍ତାନ ମା'ଙ୍କର ପ୍ରାଣଧନ | ଯଦି ସେଇ ସନ୍ତାନଗଣ ମା'ଙ୍କର ତୃପ୍ତି ଓ ସ୍ୱସ୍ତି ବିଧାନ କରିବାକୁ ଆଗ୍ରହାନ୍ୱିତ ହୁଅନ୍ତି, ତାଙ୍କୁ ସେବା କରି, ତେବେ ସେଇ ସନ୍ତାନଗଣ ବି ପୁଣି ପାରସ୍ପାରିକ ସମ୍ପ୍ରୀତି ନେଇ ମିଳିମିଶି ରହିପାରନ୍ତି | ସେମାନଙ୍କ ମଧ୍ୟରେ ବିକ୍ଷୋଭ ବା ବିଚ୍ଛେଦ ମୁଣ୍ଡ ଟେକି ପାରେନା |

ମା'ଙ୍କୁ ଭଲପାଇଲେ ତାଙ୍କର ସ୍ନେହଭାଜନ ଯେଉଁମାନେ ସେମାନଙ୍କ ପ୍ରତି ଆପଣାଛାଏଁ ବି ଭଲପାଇବା ସୃଷ୍ଟି ହୁଏ | ମା'ଙ୍କ ପ୍ରିୟପାତ୍ରଙ୍କୁ ଭଲପାଇଲେ ମା' ଖୁସୀ

ହେବେ, ଏଇ ଚେତନାହିଁ ମଣିଷକୁ ତା'ର ପରିବେଶ ସମ୍ବନ୍ଧରେ ସଜାଗ ଓ ସାଡ଼ାପ୍ରବଣ କରିତୋଳେ |

ତେଣୁ, ଦୁର୍ଗାପୂଜା କେବଳମାତ୍ର ପୁଷ୍ପବିଲ୍ୱପତ୍ର ଏବଂ ଢାକଢ଼ୋଲର ପୂଜା ନୁହେଁ | ବରଂ ଏ ପୂଜା ମାନବତାର ଏକ ବିରାଟ ମିଳନ-ଉତ୍ସବ | ମାତୃ-ଆରାଧନାରେ ରତ ଯେଉଁମାନେ ସେମାନଙ୍କୁ ଉଦ୍ଦେଶ୍ୟ କରି ଶ୍ରୀଶ୍ରୀଠାକୁର କହିଛନ୍ତି--

"ସବୁ ଜାଣ ତୁମେ,
ଆଉ ସବୁ ତୁମରହିଁ ତୁମଠାରେ |"

ଏପରି ଭାବ ରହିଲେହିଁ ପୂଜାର ଉଦ୍ଦେଶ୍ୟ ସିଦ୍ଧ ହୁଏ | ସମସ୍ତଙ୍କୁ ନେଇ ଉଦ୍‌ବର୍ଦ୍ଧନାର ପଥରେ ଆଗେଇ ଚାଲିବା | ପ୍ରତିମାକୁ ପୁତ୍ତୁଳା ମନେକରି ପୂଜା କଲେ ଉଦ୍ଦେଶ୍ୟ ସିଦ୍ଧ ହୁଏନା | ପୂଜାର ଅନୁଷ୍ଠାତମାନଙ୍କୁ ସଚେତନ କରି ଦେଇ ଶ୍ରୀଶ୍ରୀଠାକୁର କହିଲେ--

"ମା ଆସିଲେ,
ପିତ୍ତୁଳା ପରି ତାଙ୍କୁ ପୂଜା କଲେ
ଆମ୍ଭମାନଙ୍କ ପ୍ରାଣରେ ତାଙ୍କର ପ୍ରତିଷ୍ଠା ହେଲା ନାହିଁ,
ସେ ପୂଜା କ'ଣ ସମ୍ବର୍ଦ୍ଧନା ନେଇ ଆସି
ପାରେ ?"

ଦେବତାଙ୍କୁ ମାଟି ବା ପଥରର ପିତ୍ତୁଳା ଭାବିଲେ ଅନ୍ତରଟା ବି ସେଇରକମ ମାଟି ବା ପଥର ହୋଇଉଠେ | ଦେବତାଙ୍କ ପସନ୍ଦ-ଅପସନ୍ଦ, ସୁଖ-ଦୁଃଖ ସମ୍ବନ୍ଧରେ ଆମ୍ଭମାନଙ୍କର କୌଣସି ବୋଧ ଜାଗେନା | ତେଣୁ, ତାଙ୍କର ଦେବଭାବ ଅନୁଧାବନ

କରିବାର କୌଣସି ଝୁଁକ୍‌ବି ଆସେନା, ସମ୍ବର୍ଦ୍ଧନାବି ସ୍ତବ୍ଧ ହୋଇଯାଏ | ସେ ପୂଜା ହୁଏ ଖିଆଲର ପୂଜା-କେତେଗୁଡ଼ିଏ ପ୍ରାଣହୀନ ଅନୁଷ୍ଠାନ ଓ ଆଙ୍ଗିକର ସମଷ୍ଟିମାତ୍ର |

ପୂଜା ସମୟରେ ପ୍ରତି ମା'ଙ୍କୁ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାଯାଏ | ତା'ର ମନ୍ତ୍ରବି ଅଛି | ସେଇ ମନ୍ତ୍ର ପାଠକରି କରଣୀୟ ଅନୁଷ୍ଠାନ କରିଲେହିଁ ଦେବତାଙ୍କର ଚକ୍ଷୁଦାନ ହୁଏ ଓ ପ୍ରତିମା ପ୍ରାଣ ପାଆନ୍ତି | କିନ୍ତୁ, ପ୍ରକୃତରେ ଆମେ କ'ଣ ଏଇ ବ୍ୟାପାରଟିକୁ ସତ୍ୟ ବୋଧ କରୁ ? ଯଦି କରୁ ତା'ହେଲେ ସେଇ ପ୍ରତିମା ସାମ୍‌ନାରେ ଅଶାଳୀନ ଆଚରଣ କିପରି କରୁ, ପ୍ୟାଶନ୍-ଉଦ୍ରେକୀ ରେକର୍ଡ଼ ବଜାଉ କିପରି ବା ଅବାନ୍ତର କଥା କହୁ କିପରି ? କୌଣସି ଜୀବିତ ଗୁରୁଜନ ବା ମା-ମାଉସୀଙ୍କ ସାମ୍‌ନାରେ ଅଶ୍ଳୀଳ ବ୍ୟବହାର ବା ଯା' ତା' କଥା ଅବାନ୍ତର କହିଥାଉ କି ? ତାହାତ କରୁନା | କାହିଁକି ? କାରଣ, ଆମେ ବିଶ୍ୱାସ କରୁ ସେ ସାମ୍‌ନାରେ ଅଛନ୍ତି | ମୋ ଆଡ଼କୁ ଚାହିଁଛନ୍ତି | ଠିକ୍ ସେପରି ଦେବତାଙ୍କୁବି ଯଦି ଆମେ ପ୍ରାଣବନ୍ତ ମନେ କରନ୍ତୁ ତା'ହେଲେ ତାଙ୍କ ସମ୍ମୁଖରେ କଥା,-କର୍ମ ଏବଂ ବ୍ୟବହାରରେ ଅବଶ୍ୟହିଁ ସଂଯତ ହୁଅନ୍ତୁ | ସେଥିପାଇଁ ସେହି ଚକ୍ଷୁଦାନ ବା ପ୍ରାଣପ୍ରତିଷ୍ଠାର କାମ ଗୋଟିଏ ଅନୁଷ୍ଠାନମାତ୍ରରେ ପର୍ଯ୍ୟବସିତ ହୋଇଛି | ପ୍ରକୃତ ଚକ୍ଷୁଦାନ ବା ପ୍ରାଣପ୍ରତିଷ୍ଠାହିଁ ହୋଇନାହିଁ |

ପ୍ରକୃତ ଚକ୍ଷୁଦାନ ହେଉଛି ନିଜର ଚକ୍ଷୁକୁ ତାଙ୍କୁ ଚକ୍ଷୁକୁ ଅବସ୍ଥାପିତ କରିବା | ମୋ ଚକ୍ଷୁ ଯେପରି ତାଙ୍କରି ଚକ୍ଷୁ ହୋଇଉଠେ ସେଇଭାବରେ ଚାଲିବା | ସେ ବ୍ୟକ୍ତି, ବିଷୟ ଓ ବ୍ୟାପାରକୁ ଯେପରି ଭାବରେ ପସନ୍ଦ କରନ୍ତି, ମୁଁ ଯେପରି ସେଇଭାବେ ଦେଖିବାରେ ଅଭ୍ୟସ୍ତ ହୁଏ | ଆଉ ପ୍ରାଣପ୍ରତିଷ୍ଠା ହେଲା ଦେବତାଙ୍କୁ ପୂଜାକର ପ୍ରାଣରେ ପ୍ରତିଷ୍ଠିତ କରିବା | ଦେବତାଙ୍କର ଦିବ୍ୟ ଗୁଣରାଜି ଅନୁଶୀଳନର ଭିତର-ଦେଇ ନିଜ ନିଜ ଚରିତ୍ରରେ ଫୁଟାଇବା | ଏଇପରି ହେଲେ ଚକ୍ଷୁଦାନ ଏବଂ ପ୍ରାଣପ୍ରତିଷ୍ଠା ସାର୍ଥକ ହୁଏ |

ଗୁରୁପୁରୁଷୋତ୍ତମ ଯେତେବେଳେହିଁ ଆବିର୍ଭୂତ ହୁଅନ୍ତି, ସେ ଦେବତାଙ୍କୁ ଏଇଭାବେ ଜୀବନରେ ଜୀବନ୍ତ କରି ତୋଳିବାକୁ ଶିଖାନ୍ତି |

ପରମ ପୁରୁଷ ଶ୍ରୀରାମକୃଷ୍ଣଦେବଙ୍କ ଜୀବନର ଏକ ଅପୂର୍ବ ଘଟଣା, ନିମ୍ନରେ ଅବତାରଣା କରାଗଲା | ରାଣୀ ରାସମଣୀଙ୍କ ପ୍ରତିଷ୍ଠିତ ବିଗ୍ରହର ଗୋଡ଼ ଯେତେବେଳେ ଭାଙ୍ଗିଗଲା, ଶାସ୍ତ୍ରଜ୍ଞ ବିଧାନଦାତାଗଣ କହିଲେ, ଭଗ୍ନମୂର୍ତ୍ତିର ପୂଜା ହୁଏନା, ଏ ମୂର୍ତ୍ତିକୁ ବିସର୍ଜ୍ଜନ ଦେଇ ନୂତନ ମୂର୍ତ୍ତି ପ୍ରତିଷ୍ଠା କରି ପୂଜା କରିବାକୁ ହେବ | କିନ୍ତୁ ଏ ବିଧାନ ରାଣୀ ରାସମଣୀଙ୍କର ପସନ୍ଦ ହେଉନଥାଏ | ବହୁଦିନରୁ ପ୍ରତିଷ୍ଠିତ ବିଗ୍ରହକୁ ଗଙ୍ଗାଜଳରେ ପକାଇଦେବାକୁ ତାଙ୍କୁ କଷ୍ଟ ହେଉଥାଏ | ରାସମଣୀ ଶେଷରେ ମନ୍ଦିରର ପୁରୋହିତ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ନିକଟରେ ପହଞ୍ଚିଲେ | ରାସମଣୀଙ୍କ ପ୍ରାଣର ବ୍ୟାକୁଳତା ଦେଖି ଠାକୁର ଏକ ଅଚିନ୍ତ୍ୟନୀୟ ବିଧାନ ଦେଲେ | ପ୍ରତିଷ୍ଠିତ ବିଗ୍ରହକୁ ପିତ୍ତଳା ଭାବିବା ବିରୁଦ୍ଧରେ ଧର୍ମଯୁଦ୍ଧ ଘୋଷଣା କରି ସେ ରାଣୀମା'ଙ୍କୁ କହିଲେ, "ତୋର ଜ୍ୱାଇଁର ଯଦି ଗୋଡ଼ ଭାଙ୍ଗିଯାଏ ତା'ହେଲେ ତୁ କ'ଣ ତାଙ୍କୁ ଗଙ୍ଗାରେ ପକାଇ ଦେଇ ଗୋଟିଏ ନୂତନ ଜ୍ୱାଇଁ ଘରକୁ ଆଣିବୁ ?" କି ଚମତ୍କାର ବିଧାନ ! ଦେବତା ଯେପରି ଘରର ପୁଅ | ତା'ପରେ ପୁଣି କହିଲେ, "ମୂର୍ତ୍ତିଟିକୁ ମୋତେ ଦେ | ମୁଁ ସେଇ ଭଙ୍ଗା ଗୋଡ଼କୁ ଏପରିଭାବରେ ଯୋଡ଼ିଦେବି ଯେ ତା'ର ଟେର୍ କେହି ପାଇବେ ନାହିଁ | ଦେବତା ସମ୍ପର୍କରେ ଏପ୍ରକାର ଭାବନା ଯାହାଙ୍କର ତାଙ୍କ ନିକଟରେହିଁ ତ ମୃଣ୍ମୟ ମୂର୍ତ୍ତି ଚିନ୍ମୟ ହୋଇ ଉଠନ୍ତି | ପୂଜା ବି ଅର୍ଥ ସମନ୍ୱିତ ହୁଏ ସେଠାରେ |

ଅନେକ କହନ୍ତି, ବୃହତ୍ତର କାମ କରିବାକୁ ହେଲେ କ୍ଷୁଦ୍ର ଘର-ସଂସାର ଦିଗରେ ଅଧିକ ନଜର ଦେଲେ ଚଳିବ ନାହିଁ | ଏଇ କଥା କହି ସେମାନେ ସ୍ୱୀୟ ଗର୍ଭଧାରିଣୀ ଜନନୀଙ୍କ ପ୍ରତି ଯାହା କର୍ତ୍ତବ୍ୟ ତା' କରନ୍ତି ନାହିଁ | ସେମାନଙ୍କ ମଧ୍ୟରୁ କେହି କେହି

କହନ୍ତି-- ଦେଶମାତୃକାର ସେବା କରିବାକୁ ହେଲେ ନିଜ ମା'ଙ୍କ ପ୍ରତି ଟିକିଏ କମ୍ ନଜର ଦେବାକୁ ହୁଏ | କିନ୍ତୁ ଶାଶ୍ୱତ ଭାଗବତ ବିଧାନ ଏଇ ଯେ, ନିଜର ମା'କୁ ଯିଏ ଭଲ ପାଇପାରେନା, ନିଜର ମା'ର ଦୁଃଖମୋଚନରେ ଯିଏ ଉଦ୍ଦୀପିତ ନହୋଇ ଦେଶସେବା କରିବାକୁ ଗଲେ ସେଠାରେ ସ୍ୱଭାବତଃହିଁ ଜାଗିଉଠେ ଲୋଭ, ସ୍ୱାର୍ଥପରତା, ହିଂସାଶ୍ରୟୀ ମନୋଭାବ, ଅପରକୁ ବଞ୍ଚିତ କରି ନିଜେ ବଡ଼ ହେବାର ପ୍ରବଣତା, ଇତ୍ୟାଦି | କାରଣ, ମା'ଙ୍କ ସ୍ନେହ, ଆଦର, ମମତା, କଷ୍ଟସହିଷ୍ଣୁତା, ନିଃସ୍ୱାର୍ଥ ପ୍ରେମ, ସହ୍ୟଶକ୍ତି, ଏଇସବୁ ସଦ୍‌ଗୁଣର ପରିଚୟ ତ ସେ କେବେବି ପାଇନାହିଁ | ତା' ନିଜ ଜୀବନରେ ଏସବୁର ଅନୁଶୀଳନବି ନାହିଁ | ସେଇସବୁ ଗୁଣଗୁଡ଼ିକହିଁ ତ ମଣିଷକୁ ବଡ଼ କରିତୋଳେ | ଆଉ, ସଦ୍‌ଗୁଣର ଯେଉଁଠାରେ ଅଭାବ, ଅସଦ୍‌ଗୁଣର ପ୍ରାଦୁର୍ଭାବ ସେଠାରେ ଅବଶ୍ୟହିଁ ହେବ |

ଦୁନିଆର ସମସ୍ତଙ୍କୁ ଓ ସବୁକିଛିକୁ ନେଇହିଁ ମା' ଅମର ମହାମାୟା | ବିଶ୍ୱପ୍ରସବିନୀ ବୋଲି ସେ ଜନଗଣମନରେ ପୂଜିତା | ଦୁନିଆର ସବୁକିଛି ମଧ୍ୟରେହିଁ ସେ ପରିବ୍ୟାପ୍ତା | ତେଣୁ ତାଙ୍କ ସ୍ତୁତି ମଧ୍ୟରେ ତାଙ୍କୁ ଦେଖାଯାଏ କ୍ଷମାରୂପେ, ନିଦ୍ରାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, କ୍ଷୁଧାରୂପେ, ଲଜ୍ଜାରୂପେ, ଶାନ୍ତିରୂପେ, ଶ୍ରଦ୍ଧାରୂପରେ ଇତ୍ୟାଦି | ଆଉ ତାଙ୍କୁ ପ୍ରଣାମ କରାଯାଏ "ନମସ୍ତସୈ ସମସ୍ତସୈ ନମସ୍ତସୈ ନମୋ ନମୋଃ" କହି |

ପରମା ପ୍ରକୃତି ସେ | ତେଣୁ, ସେ ସବୁ କିଛି ହୋଇ ଅଛନ୍ତି | ପ୍ରକୃଷ୍ଟଭାବରେ ଯା' କରାଯାଇଛି ତା'ହିଁ ପ୍ରକୃତି | ଯା' କିଛି ସୃଷ୍ଟ ବିଷୟ ବା ପଦାର୍ଥ ସବୁହିଁ ସେ | ତାଙ୍କର ପ୍ରକାଶ ବିଭିନ୍ନ ଗୁଣରୂପରେ, ଜାତିରୂପରେ, ଚେତନ-ଅଚେତନ ସବୁକିଛିରେ | ଏପରି କିଛି ନାହିଁ ଯେଉଁଥିରେ କି ସେ ନାହାନ୍ତି | ମା'ଙ୍କ ପୂଜା ମାନେ ଦୁନିଆର ସବୁକିଛି ସହିତ ଗୋଟାଏ ସାର୍ଥକ ସଙ୍ଗତି ସୃଷ୍ଟି କରିବା | ଠିକ୍ ଯେପରି, ମା'ଙ୍କ ସ୍ନାନ ପାଇଁ ଯେଉଁ ଜଳ

ବ୍ୟବହାର କରାଯାଏ ସେଥିରେ ସବୁସ୍ଥାନର ଜଳ ଅଛି-- ଯଥା, ଉଷ୍ଣୋଦକ, ଗଙ୍ଗାଜଳ, ରତ୍ନୋଦଳ, ସୁଗନ୍ଧିଜଳ, ପୁଷ୍କରିଣୀ ଜଳ, ଶିଶିରୋଦକ, ସର୍ବୌଷଧି ଜଳ, ସମୁଦ୍ରଜଳ, ଶଙ୍ଖଜଳ ଇତ୍ୟାଦି | ତା'ଛଡ଼ା ପଞ୍ଚଗବ୍ୟ ଓ ପଞ୍ଚାମୃତବି ଲାଗେ | ଏଥିରୁ ବୁଝାଯାଏ ଯେ ମା'ଙ୍କ ସେବାରେ କୌଣସି କିଛି ବାଦ୍ ପଡ଼େନା | ପ୍ରକୃତିରେ ଯା'କିଛି ଅଛି ସବୁରହିଁ ପ୍ରୟୋଜନ ଅଛି ଏଇ ମହାପୂଜାରେ | ଦୁର୍ଗାପୂଜାର ବିଶେଷତ୍ୱହିଁ ଏଇଠାରେ |

ଏଇ ପୂଜା ହୁଏ ଶରତ ଋତୁରେ | ଶରତ ପରେ ହେମନ୍ତର ସମୟ, ଶସ୍ୟର ଉଦ୍‌ଭବ ବେଳ | ତା'ର ଆଗମନୀ ଘୋଷିତ ହୁଏ ଏଇ ଶାରଦୀୟ ପୂଜାରେ | ତେଣୁ, ନବପତ୍ରିକା ମଧ୍ୟରେ ନ'ଟି ଶସ୍ୟର ସନ୍ଧାନ ମିଳେ-- କଦଳୀ, କଚୁ (କନ୍ଦ), ହଳଦୀ, ଜୟନ୍ତୀ (ଏକରକମର ଗଛ), ବେଲ, ଡାଳିମ୍ବ, ଅଶୋକ, ମାଣସାରୁ ଓ ଧାନ | ଲକ୍ଷଣୀୟ ଯେ ସବୁଗୁଡ଼ିକହିଁ ଜୀବନୀୟ ଶସ୍ୟ | ଶରୀରରେ ସୁସ୍ଥତା ବିଧାନରେ ଏଗୁଡ଼ିକର ପ୍ରୟୋଜନୀୟତା ଅସୀମ | ତେଣୁ, ମା'ଙ୍କ ମୂର୍ତ୍ତି ପାଖରେହିଁ ନବପତ୍ରିକାର ସ୍ଥାନ |

ମା-ଦୁର୍ଗା ଅନେକ ନାମରେ ପରିଚିତା | ତାଙ୍କର ଗୋଟିଏ ଗୋଟିଏ ଗୁଣବୈଶିଷ୍ଟ୍ୟରେ ଗୋଟିଏ, ଗୋଟିଏ ନାମ ଯଥା-- ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଇଶ୍ୱରୀ, ବୈଷ୍ଣବୀ, ମାହେଶ୍ୱରୀ ପ୍ରଭୃତି | ତାଙ୍କର ବୀଜମନ୍ତ୍ର ହ୍ରୀଂ | ହ୍ରୀଂ ମାନେ ଲଜ୍ଜା | ଚଳତି କଥାରେ କୁହାଯାଏ, ଲଜ୍ଜା ନାରୀର ଭୂଷଣ | ସେଥିପାଇଁ, ବୀଜମନ୍ତ୍ର ହୋଇଛି ହ୍ରୀଂ | ଦେବୀମାନଙ୍କର ବୀଜମନ୍ତ୍ରରେ ହ୍ରୀଂ, ଶ୍ରୀଂ ଜାତୀୟ ବୀଜମନ୍ତ୍ର ଦେଖିବାକୁ ମିଳେ | କାରଣ ହ୍ରୀଂ (ଲଜ୍ଜା), ଶ୍ରୀଂ (ସୌନ୍ଦର୍ଯ୍ୟ) ଇତ୍ୟାଦି ଗୁଣଗୁଡ଼ିକ ନାରୀ-ଚରିତ୍ରରେ ଅଳଙ୍କାରସ୍ୱରୂପ |

ସେ ଭଗବତୀ ଦୁର୍ଗା | ଭଗ ମାନେ ଐଶ୍ୱର୍ଯ୍ୟ | ତେଣୁ ଭଗବତୀ ମାନେ ଐଶ୍ୱର୍ଯ୍ୟଶାଳିଣୀ | ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ, ବୈରାଗ୍ୟ, ଏଇ ଛ'ଟି ଐଶ୍ୱର୍ଯ୍ୟର ନାମ 'ଭଗ' | ଏଇ ଛ'ଟି ହିଁ ମା-ଦୁର୍ଗାଙ୍କ ଭିତରେ ପୂର୍ଣ୍ଣ ମହିମାରେ ବିରାଜିତ | ଏଇଭଳି ଶକ୍ତିର ଅଧିକାରିଣୀ ଯିଏ ସିଏ ହିଁ ମହାଯୋଗୀ ମହାଦେବଙ୍କୁ ସ୍ୱାମୀରୂପେ ବରଣ କରିପାରନ୍ତି | ମହାଦେବଙ୍କ-ଘରଣୀ ସିଏ | ତେଣୁ ମା-ଦୁର୍ଗାଙ୍କ ପ୍ରତିମା ଉପରେ ଆମେ ମହାଦେବଙ୍କୁ ଦେଖିବାକୁ ପାଉ | ସ୍ୱାମୀ-ଗୌରବରେ ସେ ଗୌରବାନ୍ୱିତା | ସ୍ୱାମୀ-ବ୍ୟତିରେକେ ସେ କୌଣସି କାମ କରୁନଥିଲେ |

ସେ ପୁଣି 'ମହାମାୟା' | ମାୟା କଥାଟା ଆସିଛି ମା-ଧାତୁରୁ, ଅର୍ଥ ପରିମାପ କରିବା | ମହାମାୟା ମାନେ ମହାପରିମାପନକର୍ତ୍ତ୍ରୀ | ବିଶ୍ୱର ପ୍ରତିଟି ବସ୍ତୁକୁ ସେ ପରିମାପିତ କରି ସୃଷ୍ଟି କରିଛନ୍ତି | ପାହାଡ଼, ନଦୀ, ପକ୍ଷୀ, ଫୁଲ, ମଣିଷ ଇତ୍ୟାଦି ଯାବତୀୟ ଯା'କିଛି ସବୁହିଁ ବିହିତଭାବରେ ପରିମାପିତ ହୋଇ ବିଶ୍ୱର ମଙ୍ଗଳ ପାଇଁ ଯେପରି ରହିବା ଦରକାର ଠିକ୍ ସେଇପରିହିଁ ଅଛି |

ଏଇ ମାୟାଶକ୍ତି କିନ୍ତୁ ଈଶ୍ୱରଙ୍କରହିଁ, ସ୍ୱତନ୍ତ୍ର କୌଣସି ଶକ୍ତି ନୁହେଁ | ଏହା ସେଇ ପରମପିତାଙ୍କରହିଁ ଶକ୍ତି | ପ୍ରଭୁ ବା ମୂଳକାରଣ ଏକମାତ୍ର ଈଶ୍ୱର | ସେ ସର୍ବସ୍ରଷ୍ଟା | ତେଣୁ ପୁରୁଷୋତ୍ତମ ଶ୍ରୀକୃଷ୍ଣ କହିଲେ, ଏଇ ଯେଉଁ ମାୟା ଦେଖୁଛ, ମାୟାର ଯାହା ସବୁ ଖେଳ, ଏ ମାୟା କିନ୍ତୁ ମୋରହିଁ (ଗୀତା-୭/୧୪) | ଅର୍ଥାତ୍ ମାୟାବି ତାଙ୍କରହିଁ ସୃଷ୍ଟି | ଈଶ୍ୱରହିଁ ସ୍ୱୀୟ ମାୟାଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି | ମାୟା ପୁଣି ପ୍ରକୃତି ରୂପରେ ବି ଆଖ୍ୟାୟିତ ହୁଅନ୍ତି | ପ୍ରକୃତି ମଧ୍ୟରେ ଅଛି ପ୍ରକୃଷ୍ଟରୂପେ କରିବା | କର୍ମର ଏଇ ଶକ୍ତିକୁ ଆଶ୍ରୟ କରି ଜଗତ ସୃଷ୍ଟି କରନ୍ତି ବିଶ୍ୱପିତା ସ୍ୱୟଂ | ସେହିଁ ମାଲିକ | ତାଙ୍କର

ଅଧ୍ୟକ୍ଷତାରେ ଚରାଚର ବିଶ୍ୱ ପ୍ର-କୃତ (ସମ୍ୟକ୍ ପ୍ରକାରେ କୃତ ବା ସୃଷ୍ଟ) ହୋଇଅଛି | *(ଗୀତା ୯/୮, ୧୦)*

ଦେବୀପୂଜାର ପ୍ରାକ୍‌କାଳରେ ବିଲ୍ୱବୃକ୍ଷରେ ବୋଧନ ହୁଏ | ଏଇ ବୋଧନ ବ୍ୟାପାରଟି କ'ଣ ? ବୋଧନ ମାନେ ଜାଗରଣ, ଚେତନ କରି ତୋଳିବା | ବିଶ୍ୱଜନନୀଙ୍କୁ ପୂଜା କରିବାକୁ ହେଲେ ଇନ୍ଦ୍ରିୟଗ୍ରାମକୁ ସଦାଜାଗ୍ରତ ରଖିବାକୁ ହୁଏ-- ଯେପରି କୌଣସି କାରଣରୁ କୌଣସି ତୃଟି ନଘଟେ, କୌଣସି ଅସତ୍-ପ୍ରଲୋଭନ ନିକଟରେ ଯେପରି ଆମେ ନତିସ୍ୱୀକାର ନକରୁ, ବୃତ୍ତିର ମୋହମୟ ଆକର୍ଷଣଟିକୁ ଠିକ୍ ରୂପେ ଧରିବାରେ ଯେପରି ଡେରି ନହୁଏ | ତା'ଛଡ଼ା, କେଉଁଠି କାହା ସାଥିରେ କିପରି ବ୍ୟବହାର କରିବାକୁ ହେବ ସେ ସମ୍ବନ୍ଧରେ ଆମ୍ଭମାନଙ୍କର ବୋଧ ଯେପରି ଚିରଚେତନ ରହେ | ବୋଧର ଏଇ ଜାଗରଣ ଉଦ୍ଦେଶ୍ୟରେହିଁ ହୁଏ ବୋଧନକ୍ରିୟାର ଅନୁଷ୍ଠାନ | ଏଇ ବିବେକ ଜାଗ୍ରତ ନହେଲେ ବିଶ୍ୱମାତାର ସନ୍ତାନ ହୋଇ ଉଠିବାର ଯୋଗ୍ୟତା ଲାଭ ହୁଏନା | ଶ୍ରୀଶ୍ରୀଠାକୁର କହିଲେ, "ବୋଧନ ମାନେ ବୋଧସୂତ୍ର, ଯାହାକୁ ଆଶ୍ରୟକରି ଅନ୍ତର ବାହାରର ଯା' କିଛିକୁ ବୁଝିସୁଝି ଚାଳନା କରାଯାଏ" | ପୁଣି କହିଲେ--

"ମହାଶକ୍ତିର ସନ୍ତାନ--
ଆମେ ଯେପରି ପ୍ରତ୍ୟେକେହିଁ
ବୋଧ ବିନାୟିତ ମହାଶକ୍ତିର ଅଧିକାରୀ
ହୋଇଉଠୁ,
ଜୀବନ ତୃପ୍ତିରେ ଭରି ଉଠୁ,
ଦୀପ୍ତିରେ ଭରି ଉଠୁ, ...
ବେଦ, ଜ୍ଞାନ, ବିଜ୍ଞାନ
ଜ୍ୱଳନ୍ତ ହୋଇଉଠୁ ସମସ୍ତଙ୍କ ଅନ୍ତରରେ |"

ସେଥିପାଇଁ ପୂଜା ପୂର୍ବର ହୁଏ ବୋଧନର ଅନୁଷ୍ଠାନ | ବୋଧନ ଦେଇ ସୂଚିତ ହୁଏ ମା'ଙ୍କର ଆଗମନ | ଏକ ଭାବଗମ୍ଭୀର ଦିବ୍ୟ ଝଙ୍କାରରେ ଶ୍ରୀଶ୍ରୀଠାକୁର କହିଲେ--

"ମା ଆସିବେ--

ଏଇ ଚିନ୍ତା,

ଏଇ ମନନ-ତତ୍‌ପରତା

ମଣିଷକୁ ଦୀପ୍ତ କରି

ଅନର୍ଗଳ କୃତିଦୀପନାରେ

ସନ୍ଦୀପ୍ତ କରି ତୋଳିଛି,

ବୋଧନର

ବୋଧପ୍ରବଣ-- ତତ୍‌ପରତାରେ

ପ୍ରତ୍ୟେକେହିଁ ଅପେକ୍ଷା କରିଛନ୍ତି--

ମା ! ଆସ |"

ବୋଧନ ବେଲଗଛରେ ହୁଏ | ବେଲଗଛର ତାତ୍‌ପର୍ଯ୍ୟ ବ୍ୟାଖ୍ୟା-ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଛନ୍ତି, ଶିଷ୍ଟ ବୋଧ ଯେପରି ଉଦ୍‌ବଳ (ଉଚ୍ଛଳ) ହୋଇପାରେ ସେଥିପାଇଁ ବେଲଗଛରେ ବୋଧନର ଅନୁଷ୍ଠାନ ହୋଇଥାଏ | ଗୋଟିଏ ଆଶୀର୍ବାଣୀରେ ଶ୍ରୀଶ୍ରୀଠାକୁର କହିଛନ୍ତି--

"ମା'ଙ୍କର ଆବାହନର ପ୍ରଥମ ଆସନ ହେଉଛି--

ବୋଧନଦେବୀ,

ଯା'ଦ୍ୱାରା ବିଶ୍ୱବିଭା

ବେଳାୟିତ ଉଚ୍ଛ୍ୱାସରେ ଉଚ୍ଛଳ ହୋଇ

ମା'ଙ୍କର ବୋଧନରେ
ବୋଧନର ବୋଧନଦୀପାଳୀ ନେଇ
ନିଃଶବ୍ଦ ପ୍ରତୀକ୍ଷାରେ ଅପେକ୍ଷା କରିଥାଏ |"

ପୂଜା ମାନେହିଁ ତ ସମ୍ବର୍ଦ୍ଧନା, ଅର୍ଥାତ୍ ଯାହାଙ୍କର ପୂଜା କରୁ ତାଙ୍କର ମହନୀୟ ଗୁଣାବଳୀକୁ ସୁନିଷ୍ଠ ଅନୁଶୀଳନ ଦ୍ୱାରା ନିଜର ଚରିତ୍ରଗତ କରି ତୋଳିବା ଏବଂ ଧୀରେ ଧୀରେ ତାହାକୁ ବଢ଼ାଇବା | ଏଥିପାଇଁ କ'ଣ ଗ୍ରହଣ କରିବାକୁ ହେବ, କ'ଣ ବର୍ଜ୍ଜନ କରିବାକୁ ହେବ, କେଉଁ କାମଟିକୁ କେତେବେଳେ କିପରି କରିବାକୁ ହେବ, ଏଇସବୁ ବିଷୟରେ ତୀକ୍ଷ୍ଣ ବୋଧ ରହିବା ଦରକାର | ସେଥିପାଇଁ ତ ମହାମାୟାଙ୍କ ପୂଜା ଆଗରୁହିଁ ବୋଧନକ୍ରିୟାର ଅନୁଷ୍ଠାନ |

ଅନେକ ଜାଗାରେ ଦୁର୍ଗାପୂଜାରେ ବଳିଦାନ କରାଯାଏ | ମା'ଙ୍କ ସମ୍ମୁଖରେ ଛାଗଳ ବା ମଇଁଷିର ଗଳା କଟାଯାଏ | ଏହା କି ପୂଜା ? ଯାହାଙ୍କୁ କଲ୍ୟାଣୀ, ବିଶ୍ୱ ଜନନୀ ବୋଲି ଅଭିହିତ କରୁଛୁ, ସେ କ'ଣ ସେଇ ମଇଷି, ଛାଗଳର ଜନନୀ ନୁହଁନ୍ତି ? ସେ ତ ଗୋଟିଏ ପିମ୍ପୁଡ଼ିର ବି ଜନନୀ | ସମସ୍ତଙ୍କରହିଁ ମା' | ମା'ଙ୍କ ସାମନାରେ ସନ୍ତାନକୁ ହତ୍ୟା କଲେ ସେ କ'ଣ ପ୍ରୀତ ହୁଅନ୍ତି ? ବିବେକ କ'ଣ କହେ ?

ଆମେ ଆମ ନିଜର ହିଂସ୍ରତା ଓ ଲାଳସାକୁ ପୋଷଣ କରିବାକୁ ଯାଇ ନିଷ୍ଠୁର ଭାବରେ ପଶୁହତ୍ୟା କ୍ରମାଗତଭାବେ କରି ଚାଲିଛୁ, ତା'ଦ୍ୱାରା ପୂଜାର ଉଦ୍ଦେଶ୍ୟ କେତେଟା ସିଦ୍ଧ ହେଉଛି ? ମନଟା କେତେ ଭଗବତ୍‌ମୁଖୀ ହୋଇଉଠିଛି ? ପରିବେଶ ଓ ପାରିପାର୍ଶ୍ୱିକ ଉପରେ ଦରଦୀ ହୋଇ ଉଠିବାରେ ଏଇ କ୍ରିୟା କେତେଟା ସହାୟତା କରୁଛି ? ଇନ୍ଦ୍ରିୟଗୁଡ଼ିକ କେତେ ତୀକ୍ଷ୍ଣ ଓ ତରତର ହୋଇଉଠିଛି | କୌଣସିଟିହିଁ

ହେଉନାହିଁ | କାରଣ, ଆମେ ବଳି-ଶବ୍ଦର ପ୍ରକୃତ ଅର୍ଥ ଜାଣୁନା | ତେଣୁ, ବଳିଦାନବି ହୁଏନା |

ବଳି ହେଲା ଉତ୍ସର୍ଗ | ମା'ଙ୍କ ଚରଣରେ କାମନା-ବାସନା, କ୍ରୋଧ-ଲାଳସା ପ୍ରଭୃତି ବୃତ୍ତିଗୁଡ଼ିକୁ ଉତ୍ସର୍ଗ କରିବାକୁ ହୁଏ | ସେଗୁଡ଼ିକ ଦେଇ ଯେପରି ମା'ଙ୍କର ସେବା ହୁଏ, ସେଇପରିହିଁ ଚାଲିବାକୁ ହୁଏ, କରିବାକୁ ହୁଏ | ତା' ନକରି ଆମେ ବୋଦା କାଟି ବିଞ୍ଚ ଭଳି କହୁ, ବୋଦା ହେଲା କାମୁକ ଜୀବ; ତେଣୁ ବୋଦାବଳି ଦେବାର ଅର୍ଥ କାମରିପୁକୁହିଁ ହତ୍ୟା କରିବା | ତା' ବ୍ୟତୀତ, ଏହା ପଛରେ ମାଂସାସୀମାନଙ୍କର ବୋଦାମାଂସ ଖାଇବାର ଗୋଟାଏ ଲୋଭ ବି ଥାଏ | ପୁଣି କୁହାଯାଏ, ମଇଁଷୀ ଖୁବ୍ କ୍ରୋଧୀ, ଯମଙ୍କ ବାହାନ; ତେଣୁ ମଇଁଷୀ ବଳି ଦେବା ମାନେ କ୍ରୋଧକୁ ବଳି ଦେବା | ଚମତ୍କାର ଯୁକ୍ତି ! ମୋର କାମ-କ୍ରୋଧ ଯେପରି ଥିଲା ସେପରିହିଁ ରହିଗଲା | ମଝିରେ ଗୋଟିଏ ବା କେତୋଟି ନିରପରାଧ ପ୍ରାଣୀ ଆମର ଅଜ୍ଞତାର ଶୀକାର ହୋଇ ନିହତ ହେଲେ | ବଳିର ଏକବାରେ ପରାକାଷ୍ଠା ! ଏଇ ଭାବରେ ଜୀବ ହତ୍ୟା କରି କେବେବି କାମକ୍ରୋଧ ସଂଯତ ବା ନିୟନ୍ତ୍ରିତ ହୁଏନା | ବରଂ ତା'ଦ୍ୱାରା ଅନ୍ତରରେ ହିଂସା, ନିଷ୍ଠୁରତା ଓ ଲୋଭରିପୁହିଁ ବୃଦ୍ଧି ପାଏ |

ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଅଭିଧାନ ଖୋଲି ଆମକୁ ଦେଖାଇଦେଲେ, ବଳି-ଶବ୍ଦ ଆସିଛି ବଳ୍-ଧାତୁରୁ, ମାନେ ବର୍ଦ୍ଧନ | ତେଣୁ ସେ କହିଲେ, ମା'ଙ୍କ ପୂଜାରେ ଯେଉଁ ବଳି ହୁଏ ତା'ର ମାନେ ପରମୋତ୍କୃଷ୍ଟ ହେବା, ବଳୀୟାନ କରି ତୋଳିବା | ମା'ଙ୍କ ପୂଜା କରି ମଣିଷ ସଂବର୍ଦ୍ଧିତ ହୁଏ | ତା'ଛଡ଼ା, ବିଶ୍ୱମାତା ଯେପରି ଚାହାନ୍ତି ସେଇଭାବରେ ରିପୁଗୁଡ଼ିକୁ ଯଦି ତାଙ୍କ ସେବାରେ ନିୟୋଜିତ ହୁଏ ତେବେ ଆଉ ଅସତ୍-ପ୍ରଣୋଦନା ମୁଣ୍ଡ ଟେକିବାର ସୁଯୋଗ ପାଏନା | ମନ ସ୍ୱାଭାବିକଭାବରେ ଶ୍ରେୟପଥରେ ଆଗେଇ ଚାଲେ | ସେତେବେଳେ ସେଇ ପୂଜକ ବା ସେବକ ଯା'ଭାବେ,

ଯା'କରେ, ସବୁହିଁ ହୋଇଉଠେ ମଙ୍ଗଳ ପଥାନୁବର୍ତ୍ତୀ | ଫଳରେ ଆଉ ଅମଙ୍ଗଳ ହୋଇପାରେନା | ଏଇଭଳି ହୋଇଉଠିବାକୁହିଁ ପ୍ରକୃତ ବଳିଦାନ କୁହାଯାଏ |

ଦୁର୍ଗାପୂଜାର ଚତୁର୍ଥ ଦିବସରେ ଅର୍ଥାତ୍ ଦଶମୀରେ ଦୁର୍ଗାପ୍ରତିମାଙ୍କର ବିସର୍ଜ୍ଜନ ଦିଆଯାଏ | ବିଜୟା-ଉତ୍ସବ ପାଳନ କରାଯାଏ | ଗୁରୁଜନମାନଙ୍କୁ ପ୍ରଣାମ କରିବା, ଲଘୁଜନଙ୍କ ପାଇଁ କଲ୍ୟାଣ କାମନା କରିବା, ସମବୟସୀମାନଙ୍କ ମଧ୍ୟରେ ଆଲିଙ୍ଗନ ଓ ପ୍ରୀତି ସମ୍ଭାଷଣ ଜ୍ଞାପନ କରିବା ଆଦି ହୁଏ | ଏଇ ବିସର୍ଜ୍ଜନର ତାତ୍ପର୍ଯ୍ୟ କ'ଣ ? ମା'ଙ୍କୁ ଜଳରେ ବୁଡ଼ାଇ ଦେବାଟା କ'ଣ ବିସର୍ଜ୍ଜନ ?

ନା | ବିସର୍ଜ୍ଜନ ଶବ୍ଦଟି ଭାଙ୍ଗିଦେଇ ଶ୍ରୀଶ୍ରୀଠାକୁର କହିଲେ, ଶବ୍ଦଟି ବି-ସୃତ ଧାତୁରୁହିଁ ଉତ୍ପନ୍ନ, ବିଶେଷ ପ୍ରକାରରେ ସୃଷ୍ଟି କରିବା | ଯେଉଁ ମାତୃପୂଜା ଆମେ କଲୁ, ସେଇ ମା'ଙ୍କର ସର୍ବମଙ୍ଗଳକାରିଣୀ ସ୍ନେହସୁନ୍ଦର ଭାବ ଓ ଚରିତ୍ରକୁ ନିଜ ଅନ୍ତରରେ ବିଶେଷ ଭାବେ ସୃଷ୍ଟ ଅର୍ଥାତ୍ ଦୃଢ଼ନିବଦ୍ଧ କରି ତୋଳିବା ଦରକାର | ଆମେ ଯେଭଳି ସେଇ ଦିବ୍ୟଭାବରେ ଭାବିତ ହୋଇଉଠୁ, ମା'ଙ୍କ ସେବାରେ ଆମର ବୃତ୍ତିଗୁଡ଼ିକୁ ନିୟୋଜିତ କରୁ, ସେତେବେଳେହିଁ ହୁଏ ବିସର୍ଜ୍ଜନର ସାର୍ଥକତା | ଏହା ନକରି ପୂଜିତ ପ୍ରତିମାକୁ ହଇ-ଚଇ କରି ଜଳରେ ଭସାଇ ଦେଲେହିଁ ବିସର୍ଜ୍ଜନ ହୁଏନା | ଆଉ, ପୂଜିତ ପ୍ରତିମାକୁ ଘରେ ସାବଧାନରେ ବାସ୍ତବ ଭାବରେ ରଖିବାରେ ଅନେକ ଅସୁବିଧା ଅଛି | ପୁଣି, ଶ୍ରଦ୍ଧାଭକ୍ତି ସହକାରେ ଯେଉଁ ପ୍ରତିମା ପୂଜା ହୋଇଛି, ପୂଜା ଦିନଗୁଡ଼ିକ ପାର ହୋଇଯିବା ପରେ ସେଇ ପ୍ରତିମାକୁ ଯଦି ସେତିକି ସମ୍ମାନାର୍ହ ଆଦରରେ ରଖାଯାଇ ନପାରେ, ତେବେ ଅନ୍ତରର ଶ୍ରଦ୍ଧା କ୍ଷୁନ୍ନ ହୁଏ ଏବଂ ତାହା ଆତ୍ମମାନଙ୍କ ପକ୍ଷରେ ଭଲ ହୁଏନା | ଏଇସବୁ କାରଣରୁ ପ୍ରତିମାଙ୍କୁ ନଦୀରେ ବା ବଡ଼ ଜଳାଶୟରେ ନିରଞ୍ଜନ ଦେବାର ବ୍ୟବସ୍ଥା କରାହୁଏ |

ଦେବତାଙ୍କ ଦିବ୍ୟଭାବ ଅନ୍ତରରେ ବିସୃଷ୍ଟ (ପ୍ରତିଷ୍ଠିତ) କରିବା ଭିତର ଦେଇ ମଣିଷ ଦିବ୍ୟଚେତନାସମ୍ପନ୍ନ ହୋଇଉଠେ | ଅସତ୍‌କୁ ପରାଭୂତ ଓ ନିରସ୍ତ୍ର କରିବାର ଶକ୍ତି ତା'ର ଜାଗ୍ରତ ହୁଏ | ପଶୁଶକ୍ତି, ଅକଲ୍ୟାଣ ଓ ଅନ୍ୟାୟ ବିରୁଦ୍ଧରେ ତା'ର ବିଜୟ ସୁନିଶ୍ଚିତ ହୁଏ | ଏଇ ହେଲା ଆନନ୍ଦମୁଖର ବିଜୟା-ଉତ୍ସବ | ସେତେବେଳେ ସେ ସମସ୍ତଙ୍କ ପ୍ରତି ଦରଦୀ ଏବଂ ଏକ ପ୍ରେମିକ ମଣିଷ ହୋଇଉଠେ | ସମସ୍ତଙ୍କୁ ସେ ଭଲପାଇପାରେ | ବଡ଼ଙ୍କ ପ୍ରତି ଶ୍ରଦ୍ଧା, ଛୋଟ ପ୍ରତି ସ୍ନେହ ତା'ଜୀବନରେ ସହଜ ଓ ସ୍ୱାଭାବିକ ହୋଇଉଠେ | ସମସ୍ତେ ଏଇଭାବରେ ଚାଲିବା ଫଳରେ ପାରସ୍ପାରିକତା-ବୋଧ ବି ବୃଦ୍ଧି ପାଏ | ଏହାର ବାହ୍ୟିକ ପ୍ରକାଶ ହେଲା ପରସ୍ପର ଆଲିଙ୍ଗନ ଓ ପ୍ରୀତି-ସମ୍ଭାଷଣାଦି |

ଏଇ ଭାବ ଶ୍ରୀଶ୍ରୀଠାକୁର କେତେ ସୁନ୍ଦରଭାବରେ ବ୍ୟକ୍ତ କରିଛନ୍ତି ବିଭିନ୍ନ ସମୟରେ ପ୍ରଦତ୍ତ ବାଣୀ ମାଧ୍ୟମରେ | ତା'ର କିଛି ଅଂଶ ଉଦ୍ଧୃତ କରି ବର୍ତ୍ତମାନ ନିବନ୍ଧର ଉପସଂହାର କରିବି |

"ମନେ କରନା
ମା'ଙ୍କୁ ବିଜୟା-ଦଶମୀରେ ବିସର୍ଜ୍ଜନ ଦେଇଛ,
ବରଂ ଭାବ, ସେହି ଦଶଭୂଜା, ଦଶପ୍ରହରଣ-ଧାରିଣୀ
ଅସୁରଦଳନୀ ସେଇ ମା' ତୁମର
ତୁମଠାରେହିଁ ଉତ୍‌ସୃଜିତ ହୋଇ
ଜୀବନ୍ତ ଦୀପ୍ତିରେ
ତୁମ ଜୀବନରେ ଜୀବନ୍ତ ହୋଇ ଉଠିଛନ୍ତି ;
ତେଣୁ ସେଇ ଶୁକ୍ଳା ଦଶମୀ

ବିଜୟା ଆମ ସମସ୍ତଙ୍କରହିଁ ଅସ୍ତିତ୍ୱର ନିକଟରେ |" *(ସନ ୧୩୫୮)*

"ବିଜୟା ମା'ଙ୍କର ବିଲୟ ନୁହେଁ, ବିସର୍ଜ୍ଜନ,
ବିସର୍ଜ୍ଜନ ମାନେ ହେଉଛି
ବିଶେଷ ବିସୃଷ୍ଟି |" *(୧୩୬୫ ସନ)*

"ମା'
ପ୍ରତିପ୍ରତ୍ୟେକର ଭିତରେ
ସତ୍‌ସନ୍ଦୀପନା ନେଇ
ଅସତ୍‌ନିରୋଧୀ ତାତ୍‌ପର୍ଯ୍ୟରେ
ମୂର୍ତ୍ତ ହୋଇ ରୁହନ୍ତୁ,
ତାଙ୍କ ଆଶୀର୍ବାଦରେ
ଆମର ପ୍ରତିଟି ମୁହୂର୍ତ୍ତ
ବିଜୟା-ଉତ୍ସବରେ
ବୈଜୟନ୍ତୀ ବିକାଶ-ବିଭବରେ
ବିଭବାନ୍ୱିତ ହୋଇ ଉଠୁ ;
ନିଷ୍ଠା--
ମାତୃନିଷ୍ଠା, ଆନୁଗତ୍ୟ
କୃତିସମ୍ବେଗର ସହିତ
ଶ୍ରମପ୍ରିୟ ତତ୍‌ପରତାରେ
ମା'ଙ୍କର ପ୍ରତିଟି ବୈଶିଷ୍ଟ୍ୟକୁ
ବିଧାୟିତ କରି

ବିଶ୍ୱାସିତ ସଙ୍ଗତିରେ
ସମ୍ବୁଦ୍ଧ ହୋଇଉଠେ ;
ପ୍ରତି ପ୍ରତ୍ୟେକର ମୁଖରେ
ହସ ଫୁଟୁ,
ସନ୍ଦୀପ୍ତି ଫୁଟୁ,
ଉର୍ଜ୍ଜନା ଫୁଟୁ,
ଆଉ ସବୁ ନେଇ
ସଙ୍ଗତିରେ ସୁସଂବଦ୍ଧ ହୋଇଉଠୁ;
ଏପରି କରିହିଁ ମା'ଙ୍କର ଆରାଧନା କର,
ତା' ନିତ୍ୟ-ନିତ୍ୟହିଁ କର,
କରି ନିଜେ ସାର୍ଥକ ହୁଅ,
ପ୍ରତି ପ୍ରତ୍ୟେକଙ୍କୁ ସାର୍ଥକ କରି ତୋଳ ; " *(ସନ ୧୩୬୭)*

****

ଲକ୍ଷ୍ମୀ

ମହାମାୟା ଦୁର୍ଗାଦେବୀଙ୍କ ଦକ୍ଷିଣ ପାର୍ଶ୍ୱରେ ଲକ୍ଷ୍ମୀଦେବୀଙ୍କର ଅଧିଷ୍ଠାନ | ମା'-ଦୁର୍ଗାଙ୍କର ଦୁଇଟି ଖ୍ୟାତନାମା କନ୍ୟା ଲକ୍ଷ୍ମୀ ଏବଂ ସରସ୍ୱତୀ | କଥାରେ କହନ୍ତି, ରୂପରେ ଲକ୍ଷ୍ମୀ, ଗୁଣରେ ସରସ୍ୱତୀ | ମା'ଙ୍କ ପୂଜା ସହିତ ତାଙ୍କର ଦୁଇ କନ୍ୟାଙ୍କରବି ପୂଜା କରାଯାଏ | ତା'ବ୍ୟତୀତ ପୃଥକଭାବରେ ବିଶେଷ ତିଥିରେ ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ହୋଇଥାଏ | ଲକ୍ଷ୍ମୀପୂଜା ସାଡ଼ମ୍ବରରେ ଅନୁଷ୍ଠିତ ହୁଏ ଦେବୀପକ୍ଷର ଶେଷ ପୂର୍ଣ୍ଣିମାରେ |

ମା' ଲକ୍ଷ୍ମୀ ଧନଧାନ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ | ଭାରତର ବହୁସ୍ଥାନରେ ଏଇ ପୂଜା କରାଯାଏ | ପୂଜା ଶେଷରେ ଗୃହସ୍ଥ ତାଙ୍କ ନିକଟରେ ଅଭ୍ୟୁଦୟ, ସମ୍ପଦ ଓ ଶ୍ରୀ ପ୍ରାର୍ଥନା କରେ | ଅବଶ୍ୟ, ଲକ୍ଷ୍ମୀଙ୍କର ଆରାଧନା ଯେଉଁଠି ଠିକ୍‌ଭାବରେ ହୁଏ ସେଠାରେ ଏଗୁଡ଼ିକ ସ୍ୱତଃସ୍ଫୂର୍ତ୍ତଭାବେହିଁ ଜାଗି ଉଠେ | ମା' ଲକ୍ଷ୍ମୀଙ୍କର କୃପାଲାଭ କରିବା ପାଇଁ ଉଡ଼ିଶାର ବଧୂଗଣ ପ୍ରତି ଗୁରୁବାରରେ ନିଷ୍ଠାର ସହିତ ଲକ୍ଷ୍ମୀବ୍ରତ ପାଳନ କରନ୍ତି | କଳସରେ ସିନ୍ଦୁର ଟୋପା ଓ କଳସ ଉପରେ ଆମ୍ରପଲ୍ଲବ ଦିଆହୁଏ, ପାନ-ଗୁଆ ସଜାଇ ଦିଆଯାଏ, ସଧବା ମହିଳା ଏକତ୍ର ବସି ଲକ୍ଷ୍ମୀପୁରାଣ ପାଠ କରନ୍ତି ଓ ଶ୍ରବଣ କରନ୍ତି, ତା'ପରେ ପରସ୍ପର ପରସ୍ପରର ସିଂଥିରେ ସିନ୍ଦୁର ପିନ୍ଧାନ୍ତି |

ବ୍ୟକ୍ତିଗତ ବା ପାରିବାରିକ ଜୀବନରେ ବିଭବ, ଉନ୍ନତି ଓ ସୌନ୍ଦର୍ଯ୍ୟ କିଏ କାମନା ନ କରେ ? ଆଉ, ଲକ୍ଷ୍ମୀଦେବୀ ଏସବୁର ଅଧିଷ୍ଠାତ୍ରୀ ଦେବୀ | ତେଣୁ, ଲକ୍ଷ୍ମୀପୂଜା ଆମର ଜାତୀୟ ଜୀବନରେ ଏକ ବିଶେଷ ସ୍ଥାନ ଅଧିକାର କରିଅଛି | ଅତି

ଗରୀବ ଯିଏ, ସିଏ ବି ତା'ର ସାଧ୍ୟମତେ ଯା'କିଛି ଉପକରଣ ସଂଗ୍ରହ କରି ଲକ୍ଷ୍ମୀପୂଜା ସମ୍ପାଦନ କରେ |

କିନ୍ତୁ ଯଦି କାହା ଘରେ ଦେଖାଯାଏ ଲକ୍ଷ୍ମୀପୂଜାର ଆୟୋଜନ କରାଯାଇ ବାଣ-ବାଜଣା, ପ୍ରସାଦ ବିତରଣ ଆଦି ପ୍ରବଳ ଅଥଚ ସେଠାକାର ମଣିଷଗୁଡ଼ିକଙ୍କର ମନ ଅପରିଚ୍ଛନ୍ନ, ଅସଦାଚାରୀ, ଅଖାଦ୍ୟ-କୁଖାଦ୍ୟ ଭୋଜନ-ବିଳାସୀ, ନାରୀ ସ୍ୱେଚ୍ଛାଚାରୀ ଓ କଳହପରାୟଣା, ପୁରୁଷର ଚରିତ୍ରର ଅଧଃପତନ ବା ହୀନ ସ୍ୱାର୍ଥପରତା, ସେଠାରେ କ'ଣ ଲକ୍ଷ୍ମୀ ରହନ୍ତି ? ସେଇଠାରେହିଁ ଲକ୍ଷ୍ମୀ ଚଞ୍ଚଳା ହୋଇ ଉଠନ୍ତି | ଚଞ୍ଚଳା ମାନେ ସିଏ ଗୋଟିଏ ଜାଗାରେ ସ୍ଥିର ରହନ୍ତି ନାହିଁ | ପ୍ରକୃତରେ ଯେଉଁମାନେ ତାଙ୍କୁ ରଖିପାରନ୍ତି ନାହିଁ, ସେଠାରେ ସେ ରହନ୍ତି ନାହିଁ | କାରଣ, ଲକ୍ଷ୍ମୀପୂଜା ମାନେ କେବଳ କେତେଗୁଡ଼ିଏ ମନ୍ତ୍ରପାଠ ବା ପୁରାଣ ପାଠ, ଶଙ୍ଖଧ୍ୱନି କରିବା, ପାନ-ଗୁଆ ଓ ଘଟ-ପଲ୍ଲବ-ସିନ୍ଦୁର ସଜାଇବା ନୁହେଁ | ଏଗୁଡ଼ିକ ପୂଜାର ଅନୁଷ୍ଠାନ ବା ଆଙ୍ଗିକ | କିନ୍ତୁ ଏଗୁଡ଼ିକହିଁ ପୂଜା ନୁହେଁ | ଲକ୍ଷ୍ମୀପୂଜା ମାନେହିଁ ଲକ୍ଷ୍ମୀଦେବୀ ଯେଭଳିଭାବରେ ଚାଲିବାକୁ ଆଦେଶ ଦେଇଛନ୍ତି ସେଇଭଳି ଚାଲିବା, ସେ ଯାହା ପସନ୍ଦ କରନ୍ତି ତାହାହିଁ କରିବା, ତାଙ୍କର ଦୈବୀଭାବକୁ ବିହିତ ଅନୁଶୀଳନ ଓ ଅଭ୍ୟାସର ଭିତର-ଦେଇ ଚରିତ୍ରରେ ଫୁଟାଇ ତୋଳିବା, ଗୋଟେ କଥାରେ, ତାଙ୍କ ଭଳି ହୋଇଉଠିବା |

ଯେଉଁ ସବୁ ଦେବଦେବୀଙ୍କର ପୂଜା ଆମ ଦେଶରେ ପ୍ରଚଳିତ ଅଛି, ସେ ପୂଜାଗୁଡ଼ିକର ଅନୁଷ୍ଠାନ ହୁଏ ବର୍ଷର ବିଶେଷ ବିଶେଷ ସମୟରେ | ପୂଜା ସମୟରେ ପଥର ବା ମାଟିର ମୂର୍ତ୍ତିକୁହିଁ ଦେବତା ଭାବି, ତାଙ୍କ ସାମ୍ନାରେ ଧୂପ-ଦୀପ-ନୈବେଦ୍ୟ ଦେଇ ପୋଥିରେ ଲିଖିତ ମନ୍ତ୍ରାଦି ପାଠ କରାଯାଏ | ପୂଜା ସାଙ୍ଗ ହୁଏ | ତା'ପରେ ଦେବତାଙ୍କ ସହିତ ସମ୍ବନ୍ଧ ତୁଟିଯାଏ | ନିଜର ସଂସାର ବା କର୍ମସ୍ଥଳକୁ ଯାଇ ଯିଏ

ଯାହାର ମତେ ଚଳେ | ଅବଶ୍ୟ ନିତ୍ୟ ପୂଜାର ବ୍ୟବସ୍ଥା ଯେଉଁଠି, ସେଠାକାର କଥା ଅଲଗା | କିନ୍ତୁ ସେଠାରେ ବି ସେଇ ପୂଜା ସମୟ ଟିକକରେହିଁ ଯା'କିଛି ତତ୍‌ପରତା | ପୁଣି ଅନେକ ଘରେ ଦେଖାଯାଏ, ତାହା ଏକ ଦୋଷଛଡ଼ା କର୍ତ୍ତବ୍ୟ ଭଳି | ଦେବତାଙ୍କ ସହିତ ପ୍ରାଣର ଯୋଗ କେତେଟିକେବା ସ୍ଥାପିତ ହୁଏ ? ତାଙ୍କର ଇଚ୍ଛା, ଅନିଚ୍ଛାକୁ ବୁଝି ଆମେ କେତେ ଚାଲୁ ? ଚାଲୁନା ବୋଲି ପୂଜାର ଯେଉଁ ଫଳ ହେବା ଉଚିତ ତା' ଆଉ ଆମ ଜୀବନରେ ମିଳେନା | ସେଥିପାଇଁ ଆଜିକାଲି ପୂଜା ଅନୁଷ୍ଠାନ ଏକ ସାମୟିକ ମାଦକତାରେ ଆସି ପର୍ଯ୍ୟବସିତ ହୋଇଛି |

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁହିଁ ଆମ୍ଭମାନଙ୍କ ନିକଟରେ କେବଳ ମାତ୍ର ମନ୍ଦିରର ପ୍ରତିମା କରି ରଖିନାହାନ୍ତି | ଦେବତାଙ୍କ ଭାବମୂର୍ତ୍ତିକୁ ସେ ଆମ୍ଭମାନଙ୍କ ଜୀବନରେ ଜୀବନ୍ତ କରି ତୋଳିବା କଥା କହିଛନ୍ତି | ତାଙ୍କ ନିକଟରେ ଦେବତା ଅପରିଚିତ ଦୂରର କୌଣସି ସତ୍ତା ନୁହଁନ୍ତି | ସେ ଘରର ମଣିଷ | ଦେବତାଙ୍କର ଇଚ୍ଛା ଅଛି, ଅନିଚ୍ଛା ଅଛି, ପସନ୍ଦ-ଅପସନ୍ଦ ରହିଛି | ତାଙ୍କୁ ପୂଜା କରିବା ମାନେହିଁ ତାଙ୍କ ଇଚ୍ଛାକୁ ବୁଝି ଓ ଜାଣି ସେଇପରି ଚାଲିବା, ଯା'ଫଳରେ ସେ ତୃପ୍ତ ଓ ପ୍ରୀତ ହୁଅନ୍ତି | ଲକ୍ଷ୍ମୀପୂଜା ମାନେବି ଲକ୍ଷ୍ମୀ ଯେପରି ପ୍ରୀତ ହୁଅନ୍ତି ସେଇଭାବରେ ଚାଲିବା |

ମା-ଲକ୍ଷ୍ମୀ ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ଏବଂ ସୌନ୍ଦର୍ଯ୍ୟର ବି ଦେବୀ | ଜଗତରେ ଯା'କିଛି ସୁନ୍ଦର, ଶୋଭାର ଆଧାର, ପବିତ୍ରତାର ପ୍ରତୀକ, ସେଇଠାରେହିଁ ଲକ୍ଷ୍ମୀଙ୍କର ବସବାସ | ଇଶ୍ୱର ସତ୍ୟ, ଶିବ ଓ ସୁନ୍ଦର | ଅତଏବ, ସୌନ୍ଦର୍ଯ୍ୟ ଈଶ୍ୱରଙ୍କର ଗୋଟିଏ ଗୁଣ, ଆଉ ଲକ୍ଷ୍ମୀ ସେଇ ସୌନ୍ଦର୍ଯ୍ୟର ଦେବୀ | ଯେଉଁମାନଙ୍କର ବାକ୍ୟ ସୁନ୍ଦର, ବ୍ୟବହାର ସୁନ୍ଦର, ପରିଚ୍ଛଦ ସୁନ୍ଦର, ଚରିତ୍ର ସୁନ୍ଦର, ଖାଦ୍ୟପେୟ, ଘରସଂସାର,

କାମଦାମ, ଖେଳାଧୂଳା, ଲେଖାପଢ଼ା ସବୁହିଁ ସୁନ୍ଦର ଓ ନୟନାନନ୍ଦକର, ସେଠାରେହିଁ ଲକ୍ଷ୍ମୀ ଅଚଳା ହୋଇ ଅବସ୍ଥାନ କରନ୍ତି | ସୁନ୍ଦର ତାହାକୁହିଁ କୁହାଯାଏ ଯାହା ଆମ ଚକ୍ଷୁ, କର୍ଣ୍ଣ ବା ମନକୁ ପୀଡ଼ା ଦିଏନା, ବରଂ ସ୍ନିଗ୍ଧ କରେ, ହୃଦୟକୁ ବିମୋହିତ କରିଦିଏ | ସୁନ୍ଦର ତାହାହିଁ, ଯାହା ଦେଖି-ଶୁଣି ମନଟା ଆନନ୍ଦରେ ଭରି ଉଠେ ଏବଂ ନୀଚତା, ସଂକୀର୍ଣ୍ଣତା ଓ ଅପରିଚ୍ଛନ୍ନତାରୁ ମୁକ୍ତିଲାଭ କରେ | ତେଣୁ, ଲକ୍ଷ୍ମୀଙ୍କର ଆଉ ଗୋଟିଏ ନାମ ଶ୍ରୀ ଅର୍ଥାତ୍ ସୌନ୍ଦର୍ଯ୍ୟ | ଲକ୍ଷ୍ମୀ ଯେଉଁଠାରେ ନଥା'ନ୍ତି ତାହା ହତଶ୍ରୀ ବା ଲକ୍ଷ୍ମୀଛଡ଼ା ନାମରେ ଅଭିହିତ ହୁଏ |

ଏଇ ହତଶ୍ରୀ ବା ଲକ୍ଷ୍ମୀଛଡ଼ା ଅବସ୍ଥା ମଣିଷର କିପରି ଆସେ ତା'ର ସୁନ୍ଦର ବର୍ଣ୍ଣନା ଅଛି ଶ୍ରୀଶ୍ରୀଲକ୍ଷ୍ମୀଦେବୀଙ୍କ ବ୍ରତକଥା ମଧ୍ୟରେ | ସେଠାରେ ଅଛି--

ଦିବାନିଦ୍ରା ଅନାଚାର କ୍ରୋଧ ଅହଂକାର |
ଆଳସ୍ୟ କଳହ ମିଥ୍ୟା ଘେରିଛି ସଂସାର ||
ଉଚ୍ଚ ହସ ଉଚ୍ଚ ଭାଷା କହେ ନାରୀଗଣେ |
ସନ୍ଧ୍ୟାକାଳେ ନିଦ୍ରା ଯାଏ କଳି ଜନେ ଜନେ ||
ଦୟାମାୟା ଲଜ୍ଜା ଆଦି ଦେଇ ବିସର୍ଜ୍ଜନ |
ଯୁଆଡ଼େ ସିଆଡ଼େ କରେ ସ୍ୱଚ୍ଛାରେ ଗମନ ||
ଶାଶୁ ଶ୍ୱଶୁରଙ୍କ ପ୍ରତି ନୁହେଁ ଭକ୍ତିମତୀ |
ବାକ୍ୟବାଣ ବର୍ଷେ ସଦା ସେମାନଙ୍କ ପ୍ରତି ||
ପତିଙ୍କୁ କରିଛି ହେଳା ନ ଶୁଣି ବଚନ |
ଛାଡ଼ିଅଛି ଗୃହସ୍ଥଳୀ ଛାଡ଼ିଛି ରନ୍ଧନ ||
ପୁରୁଷ ପରିହାସରେ ସମୟ କଟାଏ |
ମିଥ୍ୟା ଛଡ଼ା କଥା କେବେହିଁ ନ କହେ ||

ଏଇପ୍ରକାର ଅବସ୍ଥା ଯେଉଁଠାରେ ସେଇଠାରେହିଁ ଲକ୍ଷ୍ମୀ ଚପଳା ବା ଚଞ୍ଚଳା | ଏଇପରି ମଣିଷ ଯଦି ଲକ୍ଷ୍ମୀଦେବୀଙ୍କର ପୂଜା କରେ, ସେ-ପୂଜା ବାହ୍ୟାଡ଼ମ୍ବରପୂର୍ଣ୍ଣ ପ୍ରାଣହୀନ ଅନୁଷ୍ଠାନ ମାତ୍ର ବ୍ୟତୀତ ଆଉ କିଛିହିଁ ନୁହେଁ | ଲକ୍ଷ୍ମୀ ସେଠାରେ କୌଣସିଭାବେ ରହିପାରନ୍ତି ନାହିଁ | ତାଙ୍କ ରହିବା ଭଳି ଯେଉଁ ଅନୁକୂଳ ପରିବେଶ ଦରକାର, ସେଠାରେ ତାହାର ଅଭାବ |

ଯଦିଓ ପୁରୁଷ-ନାରୀ ସମସ୍ତେହିଁ ଲକ୍ଷ୍ମୀପୂଜା କରନ୍ତି, ତେବେବି ଲକ୍ଷ୍ମୀ ଯେହେତୁ ଦେବୀ, ସେହି କାରଣରୁ ଲକ୍ଷ୍ମୀପୂଜାରେ ମା'ମାନଙ୍କର ତତ୍‌ପରତା ଅଧିକ ଦେଖାଯାଏ | ଲକ୍ଷ୍ମୀଙ୍କର ଆସ୍ଥାନ ସେମାନେ ସଜାନ୍ତି | ଗୁରୁବାରରେ ଯଦି ପୂର୍ଣ୍ଣିମା ପଡ଼େ ସେଦିନ ସେମାନେ ଉପବାସ କରି ଲକ୍ଷ୍ମୀଙ୍କର ଆସ୍ଥାନ ସେମାନେ ସଜାନ୍ତି | ଗୁରୁବାରରେ ଯଦି ପୂର୍ଣ୍ଣିମା ପଡ଼େ ସେଦିନ ସେମାନେ ଉପବାସ କରି ଲକ୍ଷ୍ମୀବ୍ରତ ପାଳନ କରନ୍ତି, ପୂଜା ଶେଷରେ ସେମାନେ ଅହ୍ୟ (ସଧବା)ଙ୍କର ଚିହ୍ନସ୍ୱରୂପ ସିନ୍ଦୁର ପ୍ରଦାନ କରନ୍ତି | ପୁଣି, ଦେଖାଯାଏ ମା'ଲକ୍ଷ୍ମୀଙ୍କର ନାରୀଜାତି ପ୍ରତି ଚିନ୍ତା | ସ୍କନ୍ଦ ପୁରାଣରେ ଲକ୍ଷ୍ମୀଙ୍କ ଉକ୍ତି-- "ଯେଉଁ ସବୁ ସ୍ତ୍ରୀ ଗୁଣଭକ୍ତିଯୁକ୍ତା, ପତିର ଆଜ୍ଞାନୁବର୍ତ୍ତିନୀ, ସଦା ସନ୍ତୁଷ୍ଟା, ଧୀରା, ପ୍ରିୟବାଦିନୀ, ସୌଭାଗ୍ୟଯୁକ୍ତା, ସେଇମାନଙ୍କ ନିକଟରେ ମୁଁ ସର୍ବଦା ଅବସ୍ଥାନ କରେ |" ଆଗକାଳରେ ଗ୍ରାମ-ଗଞ୍ଜରେ 'ପୀର ଗାନ' ଶୁଣାଯାଉଥିଲା | ସେ ଗୀତରେ ଥିଲା ଚଲାପଥର ଛୋଟ-ବଡ଼ ଅନେକ ରକମର ସଙ୍କେତ | ସେଇ ଗୀତର କୀୟଦଂଶ--

"ସକାଳବେଳାରେ ଓଳା ଓଳି ସନ୍ଧ୍ୟାବେଳରେ ବ୍ରତି
ଲକ୍ଷ୍ମୀ କହନ୍ତି ସେଇଠାରେହିଁ ମୋହର ବସତି |"

ଏଇ ପ୍ରସଙ୍ଗରେ ମନେପଡ଼େ ଦିନକର କଥା | ଜଣେ ମା' ସଂସାରର କାମ-ଦାମ ସାରି ଆସି ଛିଡ଼ାହୋଇଥା'ନ୍ତି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସାନନାରେ | ଉଦ୍ଦେଶ୍ୟ ତାଙ୍କର, ଟିକିଏ ଠାକୁରଦର୍ଶନ କରି ପୁଣି ନିଜ କାମରେ ଚାଲିଯିବେ | କିନ୍ତୁ ତାଙ୍କର ପିନ୍ଧିଥିବା ଶାଢ଼ୀଟି ମଇଳା ଥାଏ, ମୁଣ୍ଡ କୁଣ୍ଡାଇବା ମଧ୍ୟ ଠିକ୍ ହୋଇ ନଥାଏ | ସମସ୍ତ ବେଶଭୂଷାଟାହିଁ ଟିକିଏ ଅବିନ୍ୟସ୍ତ ରକମର | ମୃଦୁ ଭର୍ତ୍ସନାରେ ସେହି ମା'ଟିକୁ ସଚେତନ କରି ଦେଇ ଶ୍ରୀଶ୍ରୀଠାକୁର କହିଲେ-- "ସବୁ ସମୟରେ ପରିଷ୍କାର-ପରିଚ୍ଛନ୍ନ ରହିବୁ, ସଦାଚାରରେ ଚଳିବୁ, ତେବେ ସିନା ସଂସାରରେ ଲକ୍ଷ୍ମୀଶ୍ରୀ ଆସିବ | ତୁମକୁ ଅନେକଙ୍କୁ ଦେଖେ ଚୁଳ ଭଲକରି କୁଣ୍ଡାଅନା, ସିନ୍ଥିରେ ସିନ୍ଦୁର ରୀତିମତ ଦିଅନା, କପାଳରେ ସିନ୍ଦୁର ଟିପାଟିକୁ ଭଲଭାବରେ ପିନ୍ଧନା, ବିଶୃଙ୍ଖଳ ଚଳନୀରେ ଚାଲ | ତୁମକୁ ଦେଖି ପିଲାଛୁଆଙ୍କର ଅଭ୍ୟାସ ସେପରି ହୁଏ | ଏହା ଭଲ ନୁହେଁ | ସବୁ କାମରେ ସୌନ୍ଦର୍ଯ୍ୟ ଓ ଶୃଙ୍ଖଳାବୋଧ ରହିବା ଦରକାର |"

ତା'ହେଲେ ଦେଖାଯାଏ, ଶରୀରରେ, ମନରେ, ବାକ୍ୟରେ, ଆଚାରରେ, ବ୍ୟବହାରରେ, ଗୃହସ୍ଥଳୀରେ, ସାଜସଜ୍ଜାରେ ଯେଉଁଠାରେ ପବିତ୍ରତା ଓ ପରିଚ୍ଛନ୍ନତା, ସେଇଠାରେହିଁ ଲକ୍ଷ୍ମୀ ଅଚଳା |

ଲକ୍ଷ୍ମୀଙ୍କର ବୀଜମନ୍ତ୍ର ଶ୍ରୀଂ, ଅର୍ଥାତ୍ ସେ ଶ୍ରୀ ସ୍ୱରୂପିଣୀ | ତେଣୁ, ଯେ-ମଣିଷ ବା ସଂସାରରେ ଅନାଚାର, କଦାଚାର, ବ୍ୟଭିଚାର ଦାପଟରେ ରାଜତ୍ୱ କରେ, ସେଠାରୁ ଅଚିରେହିଁ ଶ୍ରୀ ଅନ୍ତର୍ହିତ ହୁଏ | ଯେଉଁଠି ହୀନ ସ୍ୱାର୍ଥପରତା, ଅର୍ଥଲୋଭ, ଝଗଡ଼ାଝାଟି, ଖିଟ୍‌ଖିଟା ମିଜାଜ୍, ଅପରକୁ ସହ୍ୟ ନକରି ପାରିବା, ହିଂସା, ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନଙ୍କ ପ୍ରତି ଅଶ୍ରଦ୍ଧା, ଅହଂମତ୍ତତା, ଅପରକୁ ଦବେଇ ରଖିବାର ବୁଦ୍ଧି, ଅଭିମାନ ବା ଭଙ୍ଗୁର ମାନର ଆଧିପତ୍ୟ, ସେଠାରେ ଶ୍ରୀ ନଥାଏ | ସେଇଗୁଡ଼ିକ ଯେଉଁମାନଙ୍କ

ଅନ୍ତର-ସମ୍ପଦ, ସେମାନଙ୍କର ମନ କୁତ୍ସିତ ହୋଇଯାଏ | ମନର ସେଇ ଛବି ସେମାନଙ୍କ ବାହାର ଚେହେରା ଓ ଆଚରଣରେ ଫୁଟି ଉଠେ | ଶାନ୍ତ ସତ୍ ସ୍ୱଭାବର ଲୋକ ଏମାନଙ୍କ ନିକଟକୁ ଗଲେହିଁ ବିରକ୍ତି ଓ ଅସ୍ୱସ୍ତ ବୋଧ କରେ | ସେହିଭଳି ଯେଉଁମାନେ, ସେମାନେ ମଣିଷର ସହାନୁଭୂତି ଓ ଭଲପାଇବାବି ହରାଇ ବସନ୍ତି | କଥାରେ କହନ୍ତି, 'ମଣିଷହିଁ ଲକ୍ଷ୍ମୀଙ୍କର ବରଯାତ୍ରୀ' | ମଣିଷ-ସମ୍ବଳ ଯାହାର ଯେତେ ଅଧିକ, ସେ ସେତେବଡ଼ ଐଶ୍ୱର୍ଯ୍ୟଶାଳୀ | ମଣିଷର ଜୀବନପଥ ଯିଏ ସେ ହିଁ ନାରାୟଣ | ତେଣୁ, ମଣିଷର ସେବାରେହିଁ ନାରାୟଣଙ୍କର ସେବା ହୁଏ | ସେଇ ନାରାୟଣଙ୍କୁ ଯେଉଁଠି ଅଗ୍ରାହ୍ୟ କରାହୁଏ, ସତୀ ସ୍ତ୍ରୀ ଲକ୍ଷ୍ମୀ କ'ଣ ସେଠାରେ ରହିପାରନ୍ତି ? ଆଉ, ଲକ୍ଷ୍ମୀ ଯେଉଁଠାରେ ନାହାଁନ୍ତି, ସେଠାରେ ତାଙ୍କର ଶ୍ରୀବି ନଥାଏ |

ସେଥିପାଇଁ ଦୟାଳ ଠାକୁର ଶ୍ରୀଶ୍ରୀଅନୁକୂଳଚନ୍ଦ୍ର କହନ୍ତି, ମା'ମାନଙ୍କର ଲକ୍ଷ୍ମୀପୂଜା କରିବା ମାନେ ବ୍ୟକ୍ତିଗତଭାବେ ସେମାନେ ଗୋଟିଏ ଗୋଟିଏ ଲକ୍ଷ୍ମୀ ହୋଇଉଠନ୍ତୁ | କେବଳ ମୁହେଁ-ମୁହେଁ "ଲକ୍ଷ୍ମୀସ୍ତ୍ୱଂ ସର୍ବଭୂତାନା୍" କହି ମନ୍ତ୍ରପାଠ କରିଲେହିଁ ହେବ ନାହିଁ | ମନ୍ତ୍ରର ଅର୍ଥକୁ ଅନୁଶୀଳନର ଭିତର ଦେଇ ଚରିତ୍ରରେ ମୂର୍ତ୍ତ କରିତୋଳିବା ଦରକାର | ତେଣୁ, ଲକ୍ଷ୍ମୀ-ଶବ୍ଦର ଅର୍ଥ ବ୍ୟାଖ୍ୟା କରିବା ସମୟରେ ସେ ଶବ୍ଦଟିର ଧାତୁଗତ ଅର୍ଥ ଉପରେହିଁ କରିଛନ୍ତି | ଲକ୍ଷ୍ମୀ ଆସିଛି ଲକ୍ଷ୍-ଧାତୁରୁ, ଅର୍ଥ -- ଅଙ୍କନ, ଚିହ୍ନିକରଣ, ଜ୍ଞାନ, ଦର୍ଶନ, ଆଲୋଚନା | ଧାତ୍ୱର୍ଥ ଅଙ୍କନ ଶବ୍ଦର ଅର୍ଥ କ'ଣ ବୋଲି ପଚାରିବାରୁ ଶ୍ରୀଶ୍ରୀଠାକୁର କହନ୍ତି, 'ମନରେ ଆଙ୍କି ରଖିବା'; ଆଉ ଚିହ୍ନିକରଣର ମାନେ କହିଛନ୍ତି 'ଚିହ୍ନି (ଜାଣି) ରଖିବା" | ଏଇ ମନେ ରଖିବା ବା ବିଷୟ ଓ ବ୍ୟାପାରଗୁଡ଼ିକ ଜାଣି-ବୁଝି ଠିକ୍ ରଖିବାର ପ୍ରକୃତି ଲକ୍ଷ୍ମୀ ଗୁଣ ମଧ୍ୟରେହିଁ ଅଛି | ତା'ହେଲେ ଧାତୁଗତ ସମସ୍ତ ଅର୍ଥ ନେଇ ଭାବିଲେ ଲକ୍ଷ୍ମୀ ମାନେ-ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରି

ଯେଉଁଠି ଯେଉଁଠି ଯେପରିଭାବେ ପ୍ରଯୋଜ୍ୟ ତାହାକୁ ସମ୍ୟକ୍ ଭାବରେ ଚିହ୍ନିତ କରି ରଖନ୍ତି |

ଗୁଣବତୀ ସେବାତତ୍ପର ଝିଅକୁ ଅନେକ ଲକ୍ଷ୍ମୀ ମା' ବୋଲି ଆଦର କରନ୍ତି, ପ୍ରଶଂସା କରନ୍ତି | ଏମିତି ଝିଅମାନଙ୍କ ଗୁଣ କଥା ଅନେକ ଜଣାଥିଲେ ବି ପ୍ରକୃତ ଲକ୍ଷ୍ମୀ ଝିଅ କହିଲେ କ'ଣ ବୁଝାଏ ସେ ସମ୍ପର୍କରେ ଆମମାନଙ୍କର ଧାରଣା ପରିଷ୍କାର ନୁହେଁ | ଅଲଗା ଅଲଗା ଲୋକ ଭିନ୍ନ ଭିନ୍ନ ମତପୋଷଣ କରନ୍ତି | ଦିନେ ଏଇ ବିଷୟ ନେଇ କଥା ଚାଲିଥିଲା ଦୟାମୟ ଶ୍ରୀଶ୍ରୀଠାକୁରଙ୍କ ନିକଟରେ | ଲକ୍ଷ୍ମୀଶବ୍ଦର ଧାତୁଗତ ଅର୍ଥକୁ ଭିତ୍ତି କରି ସେ ଛନ୍ଦୋବଦ୍ଧ ଭାଷାରେ ବ୍ୟକ୍ତ କରି ଦେଲେ ପ୍ରକୃତ ଲକ୍ଷ୍ମୀ ଭଳି ଝିଅର ସ୍ୱରୂପ | ସେ କହିଲେ--

"ସବୁ ଯା"-କିଛି ମନେ ଅଙ୍କା
ଚିହ୍ନ ଦେଖି ଚିହ୍ନେ,
ଜ୍ଞାନ-ବୋଧନାର ବ୍ୟବସ୍ଥିତି
ଗୁଛି ରଖେ ପ୍ରାଣେ ;
ଶ୍ରେୟନିଷ୍ଠ ଏପରି ଝିଅହିଁ
ଲକ୍ଷ୍ମୀ ଝିଅ ହୁଏ,
ଏପରି ଝିଅ ଥିଲେ ଘରେ
ନାହିଁ କୌଣସି ଭୟ |" (ଅନୁଶ୍ରୁତି, ୩ୟ ଖଣ୍ଡ)

ଏଇଭଳି ହୋଇ ଉଠିବାହିଁ ଲକ୍ଷ୍ମୀତ୍ୱ ଲାଭ | ଏହା ଯାହାର ହୁଏ, ଲକ୍ଷ୍ମୀପୂଜା ତା'ର ହିଁ ଠିକ୍ ଠିକ୍ ହୁଏ | ପ୍ରକୃତ ଗୃହଲକ୍ଷ୍ମୀକୁ ଯେ କେତେବଡ଼ କରି ଦେଖିଛନ୍ତି ଶ୍ରୀଶ୍ରୀଠାକୁର ତାହାର ପ୍ରମାଣ ଆଉ ଗୋଟିଏ ଛଡ଼ା--

"ଘରର ଯିଏ ଗୃହଲକ୍ଷ୍ମୀ

ତାଙ୍କରି କିନ୍ତୁ ସବୁ,
ସେବାତୀର୍ଥ ଯେ ହୃଦୟ ତାଙ୍କ
ନାରାୟଣହିଁ ବିଭୁ |"

ଲକ୍ଷ୍ମୀ ମଧ୍ୟରେ ଅଛି ଜ୍ଞାନ, ତେଣୁ ଯେଉଁଠି ଲକ୍ଷ୍ମୀଙ୍କ ଆବାସ ସେଠାରେ ଅଜ୍ଞାନତା ନଥାଏ ; ଅଛି ଦର୍ଶନ, ତେଣୁ ଲକ୍ଷ୍ମୀ ଯେଉଁଠାରେ ଥାଆନ୍ତି, ସେଠାରେ ଅଦୃଷ୍ଟ ତା'ର ପରିହାସ ସୃଷ୍ଟି କରିପାରେନା, କାରଣ ସବୁଟାହିଁ ଥାଏ ଦେଖିବା ଓ ଜାଣିବା ଭିତରେ ; ଲକ୍ଷ୍ମୀ ମଧ୍ୟରେ ଅଛି ସୌନ୍ଦର୍ଯ୍ୟ, ତେଣୁ କୁତ୍ସିତ କିଛିହିଁ ସେଠାରେ ଠାଇଁ ପାଏନା | ଗୋଟିଏ କଥାରେ, ଲକ୍ଷ୍ମୀଙ୍କଠାରେ ଆଲୋକ ଅଛି, ତେଣୁ ସବୁରକମର ଅନ୍ଧକାର ସେଠାରୁ ବିଦୂରିତ | ଏଇ ପ୍ରସଙ୍ଗରେ ପରମଦୟାଳ ଶ୍ରୀଶ୍ରୀଠାକୁର ଦିନେ ବଡ଼ ସୁନ୍ଦର ଭାବରେ କହିଥିଲେ-- "**No light, no sight, no knowledge** (ଆଲୋକ ନଥିଲେ ଦର୍ଶନବି ନଥାଏ, ଜ୍ଞାନବି ନଥାଏ |) ଆମ୍ଭେମାନେତ ଆଲୋକ ଚାହୁଁ, ଜ୍ଞାନ ଚାହୁଁ | ଐ ଜ୍ଞାନୋଜ୍ଜ୍ୱଳ, ଭକ୍ତି-ଉଜ୍ଜ୍ୱଳ ଚଳନ ଯେଉଁଠାରେ, ଲକ୍ଷ୍ମୀ ଅର୍ଥାତ୍ ସମୃଦ୍ଧିର ଆବାସ ସେଇଠାରେହିଁ |"

ଲକ୍ଷ୍ମୀଙ୍କର ରୂପ ବର୍ଣ୍ଣନାରେ ଅଛି-- ସେ ଅତିଶୟ ସୁନ୍ଦରୀ, ନାରାୟଣଙ୍କ ବାମ ଭାଗରୁ ଉତ୍ପର୍ଣ୍ଣା, ଗୌରବର୍ଣ୍ଣା, ଦ୍ୱିଭୂଜା, ସ୍ଥିରଯୌବନା | ସେ ନାରାୟଣଙ୍କ ସହିତ ବୈକୁଣ୍ଠରେ ଅବସ୍ଥାନ କରନ୍ତି | ଏଇ ବୈକୁଣ୍ଠ କ'ଣ ? -- ବିଗତ କୁଣ୍ଠା ଯେଉଁଠି ଅର୍ଥାତ୍ କୁଣ୍ଠା ଯେଉଁଠାରେ ନାହିଁ ଏଇଭଳି ଯେଉଁ ମାନସିକ ଅବସ୍ଥା ତାହାହିଁ ବୈକୁଣ୍ଠ | କୁଣ୍ଠା ଅର୍ଥରେ ସମସ୍ତରକମ ସଙ୍କୋଚ, ସଂକୀର୍ଣ୍ଣତା, ହୀନତା ଇତ୍ୟାଦି | ଏଗୁଡ଼ିକ ଯେଉଁଠାରେ ନାହିଁ ସେଇଠାରେହିଁ ବୈକୁଣ୍ଠ | ଏଗୁଡ଼ିକର ଜାଲରୁ ଯିଏ ନିଜକୁ ମୁକ୍ତ ରଖେ, ଈଶ୍ୱରମୁଖୀ ତଥା ଇଷ୍ଟମୁଖୀ ଚେତନାରେ ଚେତନ ରହି ସମସ୍ତ କୁଣ୍ଠାର

ଅପନୋଦନ ଘଟାଇ ଇଷ୍ଟପ୍ରୀତ୍ୟର୍ଥେ ଜୀବନ ପରିଚାଳିତ କରେ, ସେ-ହିଁ ବୈକୁଣ୍ଠ ଧାମରେ ସ୍ଥିତିଲାଭ କରେ |

ନାରାୟଣଙ୍କ ସହିତ ଲକ୍ଷ୍ମୀ ଅବିଚ୍ଛେଦ୍ୟଭାବେ ଅବସ୍ଥାନ କରନ୍ତି | ଆମ ପୁରାଣରେ ଲକ୍ଷ୍ମୀନାରାୟଣଙ୍କୁ ନେଇ କେତେ କାହାଣୀ ଅଛି | ଲକ୍ଷ୍ମୀ ନାରାୟଣଙ୍କର ସ୍ତ୍ରୀ ଭାବେ କଥିତା | ତେଣୁ, ଲକ୍ଷ୍ମୀପୂଜା ସମୟରେ ନାରାୟଣପୂଜା ଅବଶ୍ୟ କର୍ତ୍ତବ୍ୟ | ନାରାୟଣଙ୍କୁ ଯିଏ ଅଗ୍ରାହ୍ୟ କରେ, ଲକ୍ଷ୍ମୀ ତା' ନିକଟରେ ଅବସ୍ଥାନ କରନ୍ତି ନାହିଁ, ତା' ପୂଜା ଗ୍ରହଣ କରନ୍ତି ନାହିଁ | କେହି ଯଦି ନାରାୟଣଙ୍କୁ ବାଦ୍ ଦେଇ ଲକ୍ଷ୍ମୀଙ୍କର ଆରାଧନା କରିବାକୁ ଚାହେଁ, ତା' ନିକଟରୁ ଲକ୍ଷ୍ମୀ ଚଞ୍ଚଳା ହୋଇ ଦୂରେଇ ଯାଆନ୍ତି |

ନାରାୟଣଙ୍କୁ ବାଦ୍ ଦେବା ମାନେ ମଣିଷ ସହିତ ଅସତ୍ ବ୍ୟବହାର କରିବା, ମଣିଷକୁ ସବି-ବହି ଚାଲି ନପାରିବା, କଦାଚାରୀ ଚଳନରେ ଚାଲିବା, ଶରୀରରେ ବା ମନରେ ଅଥବା ଉଭୟତଃହିଁ ଅପରିଚ୍ଛନ୍ନ ରହିବା, କାମ-କ୍ରୋଧ-ଲୋଭ ଇତ୍ୟାଦିର ବଶୀଭୂତ ହୋଇ ଚାଲିବା ଏବଂ ତା' ପାଇଁ ଯାହା ଖୁସୀ ତାହା କରିବା, ଇତ୍ୟାଦି | ଏଇଭଳି ଚଳନରେ ଚାଲିଲେ ନାରାୟଣ ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଆନ୍ତି | ଆଉ ନାରାୟଣ ଯେଉଁଠାରେ ନଥା'ନ୍ତି ସେଠାରେ ସତୀ-ସ୍ତ୍ରୀ ଲକ୍ଷ୍ମୀ ରହନ୍ତି ନାହିଁ | ଏଇଠାରେହିଁ ଲକ୍ଷ୍ମୀ ଚଞ୍ଚଳା ହୋଇଉଠନ୍ତି |

ଲୌକିକ ଜଗତରେ ବି ଆମେ ଦେଖିବାକୁ ପାଉ ଯେ ଯଦି କେହି ବ୍ୟକ୍ତି ଅନ୍ୟ କାହାର ଘରକୁ ଯାଇ ସେଇ ଘରର କର୍ତ୍ତାର ଖୋଜଖବର ନ ନେଇ ଗୃହବଧୂଟି ସହିତ ଘନିଷ୍ଠ ହେବାକୁ ଚେଷ୍ଟା କରେ-- ପ୍ରକୃତ ସତୀ ନାରୀ କେବେବି ସେଇଭଳି ମଣିଷକୁ

ପତ୍ତା ଦିଏନା | 'ଏବେ ଘରେ ନାହାଁନ୍ତି, ଘରକୁ ଆସିଲେ ଆସିବେ' କହି ହୁଏତ କବାଟ ବନ୍ଦ କରିଦିଏ |

ପୁଣି, ସତୀ ନାରୀ ଯଦି ଦେଖେ, କୌଣସି ଲୋକ ତା'ର ସ୍ୱାମୀଙ୍କୁ ଅନ୍ତରର ଶ୍ରଦ୍ଧା କରୁଛି, ତାଙ୍କୁ କାମରେ ସାହାଯ୍ୟ କରୁଛି, ତାଙ୍କର କୌଣସି ପ୍ରୟୋଜନରେ ନଡ଼ାକୁଣ୍ଡୁ ଆସି ଠିଆ ହୋଇ ଯାଉଛି, ସେତେବେଳେ ସେ ସେହି ଲୋକଟିକୁ ଘରେ ଆସି ବସିବାକୁ କହେ, ଅତି ପରିଶ୍ରମ କରି କାତର ହୋଇଯାଇଥିଲେ ପାଣି ପିଇବାକୁ ଦିଏ-- ଏଇ ରକମ ବ୍ୟବହାର କରେ | ଠିକ୍ ସେପରି ନାରାୟଣଙ୍କୁ ଯିଏ ଭଲପାଏ, ତା'କୁ ମା'ଲକ୍ଷ୍ମୀ ବି ଦୟା କରନ୍ତି |

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଜଗତ ସମ୍ମୁଖରେ ଲକ୍ଷ୍ମୀ ଚରିତ୍ରର ଏଇ ଆଦର୍ଶହିଁ ତୋଳି ଧରିଛନ୍ତି | କୌଣସି ଏକ ସମୟରେ ଜନୈକା ମା'ଙ୍କୁ ଦେଇଥିବା ଗୋଟିଏ ଚିଠିରେ ଶ୍ରୀଶ୍ରୀଠାକୁର ଲେଖିଥିଲେ--

"ଯେଉଁଠାରେ ନାରାୟଣ ନାହାନ୍ତି ସେଠାରେ କ'ଣ ଲକ୍ଷ୍ମୀ ରହିପାରନ୍ତି ? ଆଉ, ଲକ୍ଷ୍ମୀଙ୍କୁ ଅପମାନ କରି, ଜୋର୍ କରି, ଅଟକ କରି ଯଦି କେହି ରଖେ, ତେବେ ରାବଣ ଭଳି ଦଶା ହୁଏ ବୋଧହୁଏ | କିନ୍ତୁ ଲକ୍ଷ୍ମୀଙ୍କୁ କେହି ତୁଷ୍ଟ କରିପାରିଲେ ନାରାୟଣଙ୍କୁ ସେ ପାଇବ -- ପାଇବହିଁ ନିଶ୍ଚୟ | ---------- ଯେଉଁ କର୍ମ ନାରାୟଣଙ୍କୁ (ସତ୍ ରହିବା, ବୃଦ୍ଧି ପାଇବା) ବରଣ କରେନା, ସେଥିରେ ଶ୍ରୀ ବା ଲକ୍ଷ୍ମୀ (ସେବା କରିବା) ଅତୁଷ୍ଟ ବା ଅବମାନିତ, ତାହା ସର୍ବନାଶ ଆଣିଦିଏ" |

ଟଙ୍କା-ପଇସା ଯେଉଁମାନେ ଉପାର୍ଜ୍ଜନ କରିବାକୁ ଚାହାନ୍ତି, ସେମାନଙ୍କୁ ନାରାୟଣଙ୍କ ସେବା କରିବାକୁହିଁ ହୁଏ | ଆଉ, ନାରାୟଣ ମଧ୍ୟରେ ଅଛି ନରର ଅୟନ-

ମଣିଷର ଜୀବନପଥ | ତେଣୁ, ନାରାୟଣପୂଜା ମାନେ ମଣିଷର ସେବା କରିବା, ମଣିଷ ଯା'ଦ୍ୱାରା ସୁସ୍ଥ, ସକ୍ଷମ ଓ ତାଜା ରହେ ତାହାହିଁ କରି ଚାଲିବା | କିନ୍ତୁ ଟଙ୍କା-ଉପାର୍ଜ୍ଜନରେ ଫନ୍ଦୀ ନେଇ ଯେଉଁମାନେ ମଣିଷର ସେବା କରନ୍ତି, ସେମାନେ ଶେଷ ପର୍ଯ୍ୟନ୍ତ ବ୍ୟର୍ଥ ହୁଅନ୍ତି | ଗୋଟିଏ ଛଡ଼ାରେ ଶ୍ରୀଶ୍ରୀଠାକୁର କହିଛନ୍ତି--

"ଟଙ୍କାର ଟାଣରେ ପିରତି ହୁଏ,
ସେ-ପ୍ରେମ କିନ୍ତୁ କିଛିହିଁ ନୁହେଁ |" *(ଅନୁଶ୍ରୁତି, ୭ମ)*

ବିଶ୍ୱସତ୍ତାର ଦୁଇ ବିପରୀତ ସତ୍ତା-- ଲକ୍ଷ୍ମୀ ଏବଂ ନାରାୟଣ | ନାରାୟଣ 'ପଜିଟିଭ୍' ଶକ୍ତି, ଆଉ ଲକ୍ଷ୍ମୀ 'ନେଗେଟିଭ୍' | ତେଣୁ କଥିତ ଅଛି, ଅନନ୍ତଶଯ୍ୟାରେ ଶାୟିତ ନାରାୟଣ, ଲକ୍ଷ୍ମୀ ତାଙ୍କର ପଦସେବା କରୁଛନ୍ତି | ପାଦ ହେଉଛି ଚରଣ | ନେଗେଟିଭ୍ ପ୍ରକୃତି 'ଚର', ଆଉ ପଜିଟିଭ୍ ପୁରୁଷ 'ସ୍ଥିର' | ଦୁଇଟି ମିଳନରେ ସୃଷ୍ଟିର ଉଦ୍‌ଭବ | ନାରାୟଣଙ୍କ ନାଭିପଦ୍ମରୁ ଜାତ ହେଲେ ବ୍ରହ୍ମା | ସେ ସୃଷ୍ଟିକର୍ତ୍ତା | ବ୍ରହ୍ମା ମାନେ ଯା'ର ବୃଦ୍ଧି ଅଛି ଓ ଦୀପ୍ତି ଅଛି | ସୃଷ୍ଟିର ପ୍ରଥମ ପ୍ରକାଶ ସେଇ ବ୍ରହ୍ମାଙ୍କ ମଧ୍ୟରେ | ବ୍ରହ୍ମା ଅର୍ଥାତ୍ ବିରାଟ ବିସ୍ମୃତିର ମଧ୍ୟରେ ଧୀରେ ଧୀରେ ଉଦ୍‌ଭୂତ ହୋଇ ଉଠିଲା ନିହାରିକା, ଗ୍ରହ, ନକ୍ଷତ୍ର, ପୃଥିବୀ, ପାହାଡ଼, ଗଛ, ମଣିଷ, ଗାଇ, ଇତ୍ୟାଦି ଯା'କିଛି ସବୁ | ଏଇ ଦିଗ ଦେଇ ଦେଖିଲେ ନାରାୟଣ ଓ ଲକ୍ଷ୍ମୀଙ୍କ କଥା ସମଗ୍ର ସୃଷ୍ଟିଧାରାର ଆଦିତମ ଉତ୍ସରହିଁ କଥା |

ପୁରାଣରେ ଅଛି, ଦେବାସୁରଙ୍କ ସମୁଦ୍ରମନ୍ଥନର ଭିତର-ଦେଇ ଅନ୍ୟାନ୍ୟ ଅନେକ କିଛି ସହିତ ଲକ୍ଷ୍ମୀବି ବାହାରିଥିଲେ | ତେଣୁ, ତାଙ୍କର ଆଉ ଗୋଟିଏ ନାମ "କ୍ଷିରାବ୍ଧିତନୟା" ବା 'ଜଳଧିଜା' | ଏଇ ବ୍ୟାପାରଟି କ'ଣ ? ଏଇସବୁର ତାତ୍‌ପର୍ଯ୍ୟ

ଠିକ୍‌ଭାବରେ ନବୁଝିବା କାରଣରୁ ଅନେକ ଜିନିଷ ଆମ୍ଭମାନଙ୍କ ନିକଟରେ ଦୁର୍ବୋଧ ବା ରହସ୍ୟାବୃତ ରହିଯାଏ |

ସମୁଦ୍ର ମଛନ କରି ଲକ୍ଷ୍ମୀଲାଭ କରିବାକୁ ହୁଏ, ତାହା ହେଲା ଏଇ ସଂସାର-ସମୁଦ୍ର | ଏ ସଂସାରରେ ବିହିତ ଚେଷ୍ଟା ଓ ଅନଳସ ପରିଶ୍ରମର ଭିତର ଦେଇହିଁ ସୌଭାଗ୍ୟଲାଭ ହୋଇଥାଏ | ଏଇ ଚେଷ୍ଟା ଓ ପରିଶ୍ରମହିଁ ହେଉଛି ମଛନ (ଆଲୋଡ଼ନ) | ଆଉ, ମଛନଦଣ୍ଡ ହେଉଛି ନିଜର ଧାରା (Principle) | ଉଦ୍ଦେଶ୍ୟ-ସିଦ୍ଧି ପାଇଁ ନିଜର ଧାରା ଠିକ୍ ରଖିବାକୁ ହେବ | କୌଣସି ସଂଶୟ, ସଂକୋଚ ବା ଜଡ଼ତାରେ ଟଳ-ମଳ ହେଲେ ହେବ ନାହିଁ | ନିଜ ଧାରାରେ ରହି ଉଦ୍ଦେଶ୍ୟରେ ସ୍ଥିର ଲକ୍ଷ୍ୟ ରଖି, ପୁରାଣରେ ଉକ୍ତ ଦେବତାମାନଙ୍କ ପରି ସଂଗ୍ରାମୀ, ଅଧ୍ୟବସାୟୀ, କର୍ମକୁଶଳ-ତତ୍‌ପରତାରେ ଆଗେଇ ଚାଲି ପାରିଲେ ମଣିଷ ସୌଭାଗ୍ୟଲକ୍ଷ୍ମୀଙ୍କୁ ଦେଖିପାରେ | ଏଇ ହେଲା ସମୁଦ୍ରମଛନର ଭିତରଦେଇ ଲକ୍ଷ୍ମୀଲାଭର ତାତ୍‌ପର୍ଯ୍ୟ | ଆଉ, ଯେଉଁମାନେ ଶ୍ରମବିମୁଖ, ସେମାନଙ୍କର ଭାଗ୍ୟ ବି ପଛରେ ପଡ଼ିଥାଏ ; ଜୀବନ ଦୌଡ଼ରେ ପରାଜିତ ହୁଅନ୍ତି ସେମାନେ, ଲକ୍ଷ୍ମୀଙ୍କ କୃପାଲାଭରୁ ବି ବଞ୍ଚିତ ହୁଅନ୍ତି |

ସେଥିପାଇଁ ଲକ୍ଷ୍ମୀଙ୍କର ଆଉ ଗୋଟିଏ ନାମ “ଇନ୍ଦିରା” | ଇନ୍ଦିରା ଆସିଛି ଇନ୍ଦ୍-ଧାତୁରୁ, ଅର୍ଥ ପରମଐଶ୍ୱର୍ଯ୍ୟ | ସେ ପରମ ଐଶ୍ୱର୍ଯ୍ୟବତୀ, ତେଣୁ ସେ ଇନ୍ଦିରା | ଲକ୍ଷ୍ମୀଙ୍କର ଆଉ ଗୋଟିଏ ନାମ ‘କମଳା’, କାରଣ ସେ କମ ଭାବ ବା କାନ୍ତିର ପ୍ରତୀକ | ସେ ପୁଣି ‘ପଦ୍ମା’ | ପଦ୍ମାବି ସୌନ୍ଦର୍ଯ୍ୟ ଓ କମନୀୟତା ପ୍ରକଟ କରେ | ଏସବୁଗୁଡ଼ିକହିଁ ଲକ୍ଷ୍ମୀଙ୍କ ରୂପରେ ବିଭିନ୍ନ ଦିଗ | ତାଙ୍କର ‘ରମା’ ନାମର ତାତ୍‌ପର୍ଯ୍ୟ ହେଲା-- ଅନୁଗତ ସନ୍ତାନଗଣ ପ୍ରତି ସେ ସ୍ନେହପରାୟଣା, ସେମାନଙ୍କ କଲ୍ୟାଣବିଧାନରେ ନିୟତରତ ବା ତତ୍‌ପର |

ଲକ୍ଷ୍ମୀଙ୍କ ବାହନ ହେଲା ପେଚା | କାହିଁକି ? କାରଣ, ପେଚା ହେଲା ଅନ୍ଧକାରର ଜୀବ | ସେ ରାତିରେହିଁ ଉଡ଼ି ବୁଲେ | ସେ ମାଂସାଶୀ ଏବଂ ହିଂସ୍ର | ଏଇ ଚରିତ୍ରର ମଣିଷ ସଂସାରରେ ଅଛନ୍ତି | ମା'-ଲକ୍ଷ୍ମୀ ସେମାନଙ୍କୁ ବାହନ କରି ରଖନ୍ତି | ତା' ଅର୍ଥ ନିଜ କର୍ତ୍ତୃତ୍ୱାଧୀନରେ ରଖି ସେମାନଙ୍କୁ ମଣିଷର ମଙ୍ଗଳ ଉଦ୍ଦେଶ୍ୟରେ କାମ କରାଇବାକୁ ଶିଖାନ୍ତି, ତତ୍‌ସହିତ ସେମାନଙ୍କର ସ୍ୱଭାବ ସଂଶୋଧନରବି ଚେଷ୍ଟା କରନ୍ତି |

ଅନ୍ଧକାରରେ କେଉଁମାନେ ବିଚରଣ କରନ୍ତି ?-- ଯେଉଁମାନେ ଆଲୋକ ନିକଟକୁ ଆସିବାକୁ ଭୟ କରନ୍ତି | ଦୁନିଆରେ ଯେତେ ପାପ ଅନୁଷ୍ଠିତ ହୁଏ ଅନ୍ଧକାରରେ, ଲୋକଚକ୍ଷୁର ଅଗୋଚରରେ | କଳାଧନର ନେଶ-ଦେଶ ଯେଉଁଠାରେ ହୁଏ, ନାରୀର ଶ୍ଲୀଳତା ନେଇ ଯେଉଁଠାରେ ଖେଳ ହୁଏ, ପରକୁ ଫାଙ୍କିଦେଇ ନିଜର ପେଟ ପୁରାଇବାର ବ୍ୟବସ୍ଥା ଯେଉଁଠାରେ ପ୍ରଧାନ କର୍ମ ହୋଇଉଠେ, ଏ ସବୁହିଁ ଅନ୍ଧକାରର କର୍ମ | ଆଲୋକରେ ଅର୍ଥାତ୍ ପ୍ରକାଶ୍ୟରେ ଏସବୁ କାମ ହୁଏନା | ପୁଣି, ଦମ୍ଭ, ଅଭିମାନ, ନିଷ୍ଠୁରତା, କପଟତା, ଆତ୍ମସୁଖପ୍ରବଣତା ଇତ୍ୟାଦି ଅବଗୁଣ ଯେଉଁମାନଙ୍କର ପ୍ରବଳ, ସେମାନଙ୍କ ଅନ୍ତରରେ ବି ଘୋର ଅନ୍ଧକାର ବସା ବାନ୍ଧିଥାଏ |

କିନ୍ତୁ ଅନ୍ଧକାରରେ ହେଉ ବା ଆଲୋକରେ ହେଉ, ସମସ୍ତ ଜୀବର ସ୍ରଷ୍ଟା ସେଇ ଏକ ପରମପିତା | ସେ ଚାହାଁନ୍ତି ନାହିଁ-- ଯେଉଁମାନେ ଅନ୍ଧକାରରେ ଅଛନ୍ତି ସେମାନେ ଚିରକାଳ ଅନ୍ଧକାରରେ ରହିହିଁ ଶେଷ ହୋଇଯା'ନ୍ତୁ, ସେମାନଙ୍କର ମନର ମଇଳା ଯେପରି କୌଣସି ଦିନ ଦୂର ନହୁଏ | ବରଂ ସେମାନେ ଆଲୋକର ସଂସ୍ପର୍ଶରେ ଆସନ୍ତୁ, ସେମାନଙ୍କ ଅନ୍ତରର ଅନ୍ଧକାର ଦୂର ହେଉ, ପଦାର୍ଥପରତାରେ ତତ୍‌ପର ହେବାର ଭିତର ଦେଇ ସେମାନଙ୍କର ହୃଦୟ ପ୍ରସାରିତ ହେଉ, ଏଇହିଁ ତାଙ୍କର ଚାହିଦା | କିନ୍ତୁ

ମନେ ମନେ ଚାହିଦା ରଖିଲେହିଁ ତ ପ୍ରାପ୍ତି ଘଟେନା, ଚାହିଦା-ଅନୁପାତିକ କର୍ମ ବା ପ୍ରୟୋଗ-ପଦ୍ଧତି ଦରକାର | ଆଉ, ନିକୃଷ୍ଟ ଚରିତ୍ରର ଲୋକମାନଙ୍କୁ ଉତ୍‌କୃଷ୍ଟ କରି ତୋଳିବାର ଗୋଟିଏ ବିଶେଷ ପଦ୍ଧତି ହେଲା ସେମାନଙ୍କୁ ଶ୍ରେଷ୍ଠ ସୁନିଷ୍ଠ ସଦାଚାରୀ ମଣିଷ ସଂସର୍ଗରେ ରଖିବା, ସେମାନଙ୍କର ସେବା-ଅନୁଚର୍ଯ୍ୟାନେଇ ଯେପରି ଚାଲି ପାରନ୍ତି ତା'ର ବ୍ୟବସ୍ଥା କରିବା | ଏହା ଭିତର ଦେଇ ଆସିବ ସେଇ ଶ୍ରେଷ୍ଠଙ୍କ ପ୍ରତି ଆସକ୍ତି ବା ଟାଣ | ସେତେବେଳେ ସେ ଯେପରି ପସନ୍ଦ କରନ୍ତି ସେପରି ଚାଲିବାକୁ ଇଚ୍ଛା ହୁଏ | ଏହିଭାବେ ଯେପରି ଆଲୋକ ଜଳିଲେ ଅନ୍ଧକାରର ବିନାଶ ହୁଏ, ସେପରି ଶ୍ରେୟ-ଅନୁରକ୍ତି ଯେତେ ବଢ଼ିବ, ଅଶ୍ରେୟ-ଅନୁରକ୍ତି ସେତେ କମିଯିବ ସ୍ୱତଃ | ଏଇ ଚମତ୍‌କାରୀ ପଦ୍ଧତିର କଥା ଭଗବାନ ଶ୍ରୀକୃଷ୍ଣ କହିଛନ୍ତି |

"ଦୁରାଚାରୀ ଯତ୍ନେ କରି ଆମାର ଭଜନ
ଧର୍ମାତ୍ମା ହଇୟା ଶୀଘ୍ର, ପାୟ ଶାନ୍ତି ଧନ ;
ଜାନିବେ ହେ ଧନଞ୍ଜୟ ଏକଥା ନିଶ୍ଚୟ,--
କଖନୋ ଆମାର ଭକ୍ତ ବିନଷ୍ଟ ନା ହୟ |" *(ଗୀତା ; କୁମାରନାଥ ସୁଧାକର)*

ମା' ଲକ୍ଷ୍ମୀଙ୍କର ପେଚକ ବାହନର ତାତ୍‌ପର୍ଯ୍ୟହିଁ ଏଇଠାରେ |

ଲକ୍ଷ୍ମୀପୂଜାର ଅପରିହାର୍ଯ୍ୟ ଅଙ୍ଗ ଧାନ-ଦୂବ | କାହିଁକି ? କାରଣ ଧାନ ଆମ୍ଭମାନଙ୍କର ପ୍ରଧାନ ଖାଦ୍ୟଶସ୍ୟ | ପୂଜାର ଉପକରଣ-ହିସାବରେ ଧାନ ରଖିବା ମାନେ ପ୍ରଧାନ ଖାଦ୍ୟଶସ୍ୟକୁ ଅବହେଳା ନ କରିବା, ଫସଲର ଯତ୍ନ କରିବା | ଯାହାକୁ ରକ୍ଷା କରାଯାଏ, ସେ-ହିଁ ରଖେ | ପୂର୍ବରୁ ବିହିତ ପ୍ରସ୍ତୁତି ନେଇ, ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇ, କୃଷିକର୍ମର ଯଥାଯୋଗ୍ୟ ସୁବ୍ୟବସ୍ଥା କରି ଧାନ୍ୟାଦି ଭଲ ଉତ୍ପାଦନର ଓ ସୁରକ୍ଷାର ବ୍ୟବସ୍ଥା ଯଦି କରାହୁଏ, ତେବେ ପ୍ରୟୋଜନ ସମୟରେ ଧାନବି ଆମ୍ଭମାନଙ୍କ

ମୁଖରେ ଖାଦ୍ୟ ଦେଇ ଆତ୍ମମାନଙ୍କୁ ରକ୍ଷା କରିବ-- ଏକଥା ଅତି ନିଶ୍ଚୟ | ଲକ୍ଷ୍ମୀପୂଜାରେ ଧାନର ଏଇ ବିଶିଷ୍ଟ ସ୍ଥାନ ନିର୍ଦ୍ଦେଶ ଦ୍ୱାରା ଫସଲ ପ୍ରତି ଯତ୍ନ ନେବାର ଇଙ୍ଗିତହିଁ ବୁଝିବାକୁ ହେବ |

ଆଉ ଦୂବ ହେଲା ସଜୀବତା ଓ ମୃତ୍ୟୁହୀନତାର ପ୍ରତୀକ | ସାଧାରଣତଃ ଦୂବଘାସ ସହଜରେ ମରେନା | ଏହାର ଚେର ଯଦି କୌଣସିଭାବେ ମାଟିରେ ରହିଯାଏ, ସେଠାରୁ ପୁଣି ନୂଆ ଦୂବଘାସ ସୃଷ୍ଟି ହୁଏ | ଦୂବ ହାତରେ ନେବା ମାନେ ଅମରତ୍ୱର ଶରଣ ନେଇ ଚାଲିବା | ତା'ବ୍ୟତୀତ ଦୂବ ଚିରଶ୍ୟାମଳ | ଏଇ ଶ୍ୟାମଳତା ହେଲା ସଜୀବତା ତଥା ଜୀବନପ୍ରାଣତାର ପ୍ରତୀକ | ଦୂବ ବ୍ୟବହାର କରିବା ଭିତର ଦେଇ ପ୍ରାଣବନ୍ତା ଓ ଚିରନବୀନତାକୁହିଁ ବରଣ କରାଯାଏ |

ଏଇଭାବରେ ତାତ୍ପର୍ଯ୍ୟଗୁଡ଼ିକୁ ବୁଝି ଓ ଜାଣି ଯଦି ଲକ୍ଷ୍ମୀଙ୍କର ଉପାସନା କରାଯାଏ, ତେବେ ଲକ୍ଷ୍ମୀପୂଜା ସାର୍ଥକ ହୁଏ | କେବଳ, ଜାଣିଲେ ବା ବୁଝିଲେ ହେବ ନାହିଁ, ସେଗୁଡ଼ିକୁ ଜୀବନରେ ବିହିତଭାବେ ପ୍ରୟୋଗ ଓ ବ୍ୟବହାର କରିବା ଦରକାର | ସେଥିପାଇଁ ଆବଶ୍ୟକ ତଦନୁପାତିକ ଚଳନ | ଆଉ, ଏଇ ଚାଲିବା ଠିକ୍ ରହିଲେହିଁ ମଣିଷ ଲକ୍ଷ୍ମୀଙ୍କ ଆଶୀର୍ବାଦରେ ଭରପୂର ହୋଇ ଉଠିପାରେ |

****

ସରସ୍ୱତୀ

ସରସ୍ୱତୀ ବିଦ୍ୟାର ଦେବତା | ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସେ | ଗାୟତ୍ରୀ-ରହସ୍ୟୋପନିଷଦରେ ଅଛି "ସରସ୍ୱତ୍ୟାଃ ସର୍ବେ ବେଦା ଅଭବନ୍"-- ସରସ୍ୱତୀଙ୍କଠାରୁ ସୃଷ୍ଟି ହୋଇଛି ସମସ୍ତ ବେଦ | ଆହୁରି ବିଭିନ୍ନ ଜାଗାରେ ସରସ୍ୱତୀ ସମ୍ବନ୍ଧରେ ନାନା ଉକ୍ତି ରହିଛି | ତାଙ୍କର ଅନେକ ନାମ-- ବାକ୍, ବାକ୍ୟେଶ୍ୱରୀ, ଗିର୍, ଭାଷା, ଭାରତୀ, ବାଣୀ ପ୍ରଭୃତି | ସେ ଶୁକ୍ଳବର୍ଣ୍ଣା, ଶ୍ୱେତବସନା, କମଳବାସିନୀ, ହଂସବିହାରିଣୀ | ହସ୍ତରେ ତାଙ୍କର ବୀଣା, ଗଳାରେ ମୁକ୍ତାର ମାଳ, କୋଳରେ ପୁସ୍ତକ | ଏଇ ରୂପରେ ଆମେ ମା'ସରସ୍ୱତୀଙ୍କୁ ଦେଖିବାରେ ଅଭ୍ୟସ୍ତ | କିନ୍ତୁ ଏଇ ରୂପର ତାତ୍ପର୍ଯ୍ୟ କ'ଣ ?

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତ ସବୁ ବିଷୟରେହିଁ ଆଲୋଚନା ହୋଇଛି | ଥରେ ସରସ୍ୱତୀ-ପୂଜାର ପ୍ରାକ୍‌କାଳରେ ଉଠିଲା ସରସ୍ୱତୀ-ପ୍ରସଙ୍ଗ | ଦେବୀଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା ହେଲା | ପ୍ରଥମେ ସେ ପଚାରିଲେ, 'ସରସ୍ୱତୀ' ମାନେ କ'ଣ ? ଅଭିଧାନ ଦେଖାଗଲା | ଅଭିଧାନରେ ଅଛି 'ସରସ୍ + ବତୀ', ସରସ ବା ସରଃ ମାନେ ଜଳ | ତା'ହେଲେ ଯିଏ ଜଳବତୀ, ସିଏ ସରସ୍ୱତୀ | ସେ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ | ପ୍ରତିଟି ଅର୍ଥର ଧାତ୍ୱର୍ଥ ଜାଣିବାକୁ ସେ କହିଲେ | ତଦନୁଯାୟୀ ସରସ ଶବ୍ଦର ଧାତୁ ଦେଖାଗଲା | 'ସୃ', ମାନେ ଗତି, ଚାଲିବା | ଶ୍ରୀଶ୍ରୀଠାକୁର କହିଲେ, "ତା' ହେଲେ ସରସ୍ୱତୀ ମାନେ ଗତିମତୀ, ଯିଏ ଗତିର ପ୍ରତୀକ" | ଗତି ଛଡ଼ାବି ସୃ ଧାତୁର ଅପର ଏକ ଅର୍ଥ "ବିକଶିତ ହେବା" | ତେଣୁ 'ସରସ୍ୱତୀ' ଶବ୍ଦ ମଧ୍ୟରେ ବିକାଶର ଆକୁଳତା ବି ଅଛି |

ସରସ୍ୱତୀଙ୍କର ଆଉ ଏକ ନାମ ବାଗ୍‌ଦେବୀ | ବାକ୍ ମାନେ ବାକ୍ୟ ବା ଶବ୍ଦ | ତାହା ଶୁଣି ଶ୍ରୀଶ୍ରୀଠାକୁର କହିଥିଲେ, "ତା'ହେଲେ ସରସ୍ୱତୀ ଶବ୍ଦରବି ଦେବତା |"

ସରସ୍ୱତୀ-ପ୍ରତିମା ମଧ୍ୟରେ ସୃଜନ-ପ୍ରଗତିକୁ ଲକ୍ଷ୍ୟ କରାଯାଏ | ସରସ୍ୱତୀ ଗତିର ପ୍ରତୀକ | ସୃଷ୍ଟିର ଆଦିରେ ବି ଅଛି ଋତ (ଋଧାତୁ--ଗତି) | ଅନନ୍ତର ବୁକୁରେ ଆକର୍ଷଣ-ବିକର୍ଷଣର ଗତି ମଧ୍ୟ ଦେଇ ସୃଷ୍ଟିର ପ୍ରଥମ ସଞ୍ଚାର | ସେତେବେଳଠାରୁହିଁ ସୃଷ୍ଟି ବିକଶିତ ହୋଇଉଠିଲା | ପୁଣି, ଏଇ ଗତି ମଧ୍ୟରେ ଅଛି ସ୍ପନ୍ଦନ | ସ୍ପନ୍ଦନହିଁ ବ୍ୟକ୍ତ ହୋଇଉଠିଛି ଶବ୍ଦରେ | ଅନନ୍ତ ବ୍ୟୋମରେ ଏଇ ଶବ୍ଦ ବିଚ୍ଛୁରିତ ହୋଇପଡ଼ିଛି ନାନା ରୂପରେ | ତେଣୁ, ଶ୍ରୀମଦ୍‌ଭାଗବତରେ ଅଛି, ଆଦିରେ ପରମବ୍ରହ୍ମ ଶବ୍ଦରୂପୀ | ତାଙ୍କୁ ଉପଲବ୍ଧି କରିବାକୁ ହେଲେ ଶବ୍ଦର ଉପାସନା କରିବାକୁ ହୁଏ | ସରସ୍ୱତୀ ପୂଜା ସେଇ ଶବ୍ଦ ଉପାସନାରହିଁ ବ୍ୟାପାର |

ଏବେ ଆମେ ପ୍ରତିମାର ଆଙ୍ଗିକଗୁଡ଼ିକ ବିଶ୍ଳେଷଣ କରି ସମସ୍ତ ଚିତ୍ରଟାକୁ ବୁଝିବାକୁ ଚେଷ୍ଟା କରିବା | ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଗୋଟିଏ ଗୋଟିଏ ବିଷୟ ନେଇ ପ୍ରଶ୍ନ କରାଯାଇଛି | ପ୍ରତ୍ୟେକଟିର ସମାଧାନୀ ଉତ୍ତର ଦେଇ ମଣିଷର ଜ୍ଞାନକ୍ଷୁଧାକୁ ମୋଚନ କରିଛନ୍ତି ସେ | ସେ ଯେପରି ଯାହା କହିଛନ୍ତି, ଆମେ ସେ ଦୃଷ୍ଟିଭାଙ୍ଗୀକୁ ଅନୁସରଣ କରିହିଁ ମା'-ସରସ୍ୱତୀଙ୍କୁ ହୃଦୟଙ୍ଗମ କରିବାକୁ ଚେଷ୍ଟା କରୁ |

ମା'ଙ୍କର ଚରଣ ଯେଉଁ ପଦ୍ମ ଉପରେ ନ୍ୟସ୍ତ, ସେଇ ପଦ୍ମଟି ଜଳରେ ଫୁଟିଛି | ଏଇ ଜଳ କ'ଣ ? ମନୁସଂହିତାରେ ଅଛି, ଅବ୍ୟକ୍ତ ଈଶ୍ୱର ଯେତେବେଳେ ଜୀବଜଗତ୍ ସୃଷ୍ଟି କରିବାକୁ ଇଚ୍ଛା କଲେ ସେତେବେଳେ ସେ ପ୍ରଥମେ ଜଳ ସୃଷ୍ଟି କଲେ | (୧/୮) | ଜଳ ପ୍ରଥମେ ସୃଷ୍ଟି ହେଲା କାହିଁକି ? କାରଣ, ଜଳ ନହେଲେ କୌଣସି ପ୍ରାଣୀ

ବଞ୍ଚିପାରେନା | ପୁଣି ପଞ୍ଚ ମହାଭୂତରେ (କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ) ମଧ୍ୟ ପ୍ରଥମ ଘନୀଭୂତ ଅବସ୍ଥା ସେହି ଜଳ (ଅପ୍) | ଏହା ଆଗରୁ ଅଛି ବ୍ୟୋମ ଅର୍ଥାତ୍ ଶୂନ୍ୟ, ମରୁତ୍ ଅର୍ଥାତ୍ ବାୟୁ, ଏବଂ ତେଜ ଅର୍ଥ ଅଗ୍ନି | ସବୁହିଁ ବାୟବୀୟ ବା ବାଷ୍ପୀୟ ଅବସ୍ଥା | ଘନୀଭୂତ ପ୍ରଥମ ଭୁତହିଁ ହେଲା ଜଳ | ତେଣୁ, ଜଳ ସୃଷ୍ଟିର ପ୍ରଥମ ପର୍ଯ୍ୟାୟର ପ୍ରତୀକ |

ଜଳରେ ପଦ୍ମ ଫୁଟେ | ପଦ୍ମ ଶବ୍ଦର ଉତ୍ପତ୍ତି ପଦ୍ ଧାତୁରୁ, ଅର୍ଥ ଗତି, ସ୍ଥିତି, ପ୍ରାପ୍ତି | ସୃଷ୍ଟିର ପ୍ରଥମ ଧାପରେହିଁ ଅଛି ଗତି ଓ ସ୍ଥିତି-- ଋତ ଓ ସତ୍ୟ (ଋଗ୍‌ବେଦ) | ଏହାକୁ ଆଶ୍ରୟ କରିହିଁ କୌଣସି କିଛି ବିକଶିତ ବା ବିବର୍ଦ୍ଧିତ ହୋଇଉଠେ | ମଣିଷ ଚାଲିବା ସମୟରେ ଗୋଟିଏ ପାଦକୁ ସ୍ଥିର କରି ଅନ୍ୟ ପାଦଟିକୁ ଆଗକୁ ବଢ଼ାଏ | ଗୋଟିଏ ବଟଗଛର ଚାରା ଯେତେବେଳେ ବିରାଟ ହୁଏ, ସେତେବେଳେ ତାହା ସେଇ ବଟବୃକ୍ଷ (ବରଗଛ) ହୋଇହିଁ ରହେ, ରହି ବଡ଼ରୁ ବଡ଼ କ୍ରମେ ହୁଏ | ଏଇ ଗତି ଓ ସ୍ଥିତି ସୃଷ୍ଟିର ସବୁକିଛି ମଧ୍ୟରେହିଁ ଅନ୍ତଃସ୍ୟୂତ | ବିଶ୍ୱସୃଷ୍ଟିର ପ୍ରଥମ ଧାପରେ ବି ଗୋଟାଏ ଅବସ୍ଥିତିକୁ ଅବଲମ୍ବନ କରି ସୃଷ୍ଟି ବିକଶିତ ହୋଇ ଉଠିଥିଲା | ହୋଇ ଅଟକି ନାହିଁ, ଆଗେଇ ଚାଲିଛି ତାହା ଗୋଟାଏ ପରିଣତିର ଦିଗରେ-- ଯାହାର ଆଉ ଏକ ନାମ ଦିଆଯାଏ ପ୍ରାପ୍ତିର ଦିଗରେ | ଗତି ଯେପରି, ପରିଣତି ବା ପ୍ରାପ୍ତିବି ହୁଏ ସେପରି |

ମା-ସରସ୍ୱତୀ ହଂସାସୀନା | 'ହଂସ' କହିବାକୁ ଯାଇ ଶ୍ରୀଶ୍ରୀଠାକୁର କହିଛନ୍ତି 'ଅହଂ ସଃ', ଅର୍ଥାତ୍ ମୁଁ ହିଁ ସେଇ, ତା'ର ମାନେ ପ୍ରତିଟି ବ୍ୟକ୍ତି | ଯିଏ ସର୍ବ ଜ୍ଞାନର ଅଧୀଶ୍ୱରୀ, ପ୍ରତିଟି ମଣିଷ ତାଙ୍କୁ ବହନ କରି ଚାଲୁ, ଏଇ ହେଲା ହଂସରୂଢ଼ା ଦେବୀଙ୍କର ତାତ୍ପର୍ଯ୍ୟ | ବିଦ୍ୟା ବା ଜ୍ଞାନର ଚର୍ଚ୍ଚା ଯେଉଁ ପାରିବାରରେ, ଯେଉଁ-ସମାଜରେ ଯେତେ ବେଶି, ସେମାନଙ୍କର ମନର ତାର ସେତେ ଉଚ୍ଚ ଗ୍ରାମରେ ବନ୍ଧା ହୋଇଥାଏ | ହୀନତା,

ସଂକୀର୍ଣ୍ଣତା, ସ୍ୱାର୍ଥପରତା, ଅଶ୍ଳୀଳତା ସେଠାରେହିଁ ଠାଇଁ ପାଏନା | ମଣିଷର ମନ ଉଦାର ହୁଏ, ପରାର୍ଥପର ହୁଏ ; ସେମାନଙ୍କର ସହନ, ଧାରଣ ଓ ବହନଶକ୍ତି ବଢ଼େ | ଏଇଥିପାଇଁ ହିଁ ଦେବୀ ହଂସବିହାରିଣୀ | ତା'ବ୍ୟତୀତ ଆହୁରି ବି ଅଛି | ହଂସ ହେଲା କଳନାଦୀ ବା କଳକଣ୍ଠ | କଳ ଶବ୍ଦର ଉତ୍‌ପତ୍ତି କଲ୍-ଧାତୁରୁ, ମାନେ ଗତି ବା ଶବ୍ଦ | ହଂସରୂପୀ ପ୍ରତିଟି ବ୍ୟକ୍ତିସତ୍ତାହିଁ ଶବ୍ଦବ୍ରହ୍ମରୁ ଉଦ୍‌ଭୂତ, ଆଉ ସୃଷ୍ଟିର ପ୍ରତିଟି ପଦାର୍ଥ ମଧ୍ୟରେହିଁ ଅଛି ଗତି ବା ଚଳମାନତା | ସବୁହିଁ ନିରନ୍ତର ଗତିଶୀଳ | ତେଣୁ , ବିଶ୍ୱର ଅପର ନାମ ଜଗତ୍ (ଗମ୍-ଧାତୁରୁ, ଅର୍ଥ ଗତି) | ତେଣୁ, ଗତି ଓ ଶବ୍ଦ ହଂସ ମଧ୍ୟରେ ନିତ୍ୟ ଅବସ୍ଥିତ |

ମା'ଙ୍କ କୋଳରେ ଥାଏ ପୁସ୍ତକ | ସେ ଯେ ବିଦ୍ୟାର ଦେବୀ | ପୁସ୍ତକ ବା ଗ୍ରନ୍ଥ ସେଇ ବିଦ୍ୟାର ପ୍ରତୀକ | ଜ୍ଞାନଚର୍ଚ୍ଚା ତାଙ୍କରି କୋଳରେହିଁ ଲାଳିତ ହୁଏ | ଆଗରୁ କୁହାଯାଇଛି, ସରସ୍ୱତୀଙ୍କ ମଧ୍ୟରେ ସୃଜନ-ପ୍ରଗତି ବିକଶିତ ହୋଇଉଠିଛି | ତାଙ୍କ ମଧ୍ୟରେ ନିହିତ ଅଛି ସୃଷ୍ଟିର ମୂଳ କଥାଗୁଡ଼ିକ | ସେଇ ମୂଳ କାରଣ ସହିତ ଯିଏ ଅବଗତ ହୋଇପାରେ, ତା'ରହିଁ ପ୍ରକୃତ ବିଦ୍ୟାଲାଭ ହୁଏ | ବିଦ୍ୟା ଶବ୍ଦର ଉତ୍ସ ସଂସ୍କୃତର ବିଦ୍-ଧାତୁ | ତା'ର ଅର୍ଥ-ଜ୍ଞାନ, ବିଚାରଣା, ଅସ୍ତିତ୍ୱ, ପ୍ରାପ୍ତି | ତା'ହେଲେ ଯାହାର ବିଦ୍ୟାଲାଭ ହୁଏ, ତାହାର ଅସ୍ତିତ୍ୱ ରକ୍ଷା କରିବାର ଜ୍ଞାନ ଥାଏ | ବିଚାରଶକ୍ତି ଥାଏ, ମନ୍ଦରୁ ଭଲଟାକୁ ସେ ବାଛି ବାହାର କରି ନେଇପାରେ ଏବଂ ଏଇଭାବରେ ସେ ଆଗେଇ ଚାଲେ ତା'ର ମୂଳ ପ୍ରାପ୍ତି ଗନ୍ତବ୍ୟର ଦିଗରେ | ସେ ଗନ୍ତବ୍ୟ ହେଲା ଧାରଣ-ପାଳନୀ-ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱଲାଭ, ଅନ୍ୟ କଥାରେ ଈଶ୍ୱରପ୍ରାପ୍ତି | ଏଇ ସବୁ ଅବସ୍ଥାଟାହିଁ ମା'ର କୋଳରେ ସଯତ୍ନରେ ପାଳିତ, ପୋଷିତ ଓ ବର୍ଦ୍ଧିତ ହୁଏ | ପୁସ୍ତକର ଅପର ତାତ୍ପର୍ଯ୍ୟ ହେଲା, ପୁସ୍ତକ ପାଠ କରାଯାଏ ଏବଂ ପାଠର ଗୋଟାଏ ଶବ୍ଦ ଅଛି |

ପୁସ୍ତକସ୍ଥ ପଦ ଓ ବାକ୍ୟଗୁଡ଼ିକ ଶବ୍ଦ-ସହଯୋଗରେହିଁ ଗଠିତ | ଆଉ, ଏଇ ଶବ୍ଦ ତଥା ଜଗତର ସବୁ ଶବ୍ଦହିଁ ସେଇ ପରମ ଶବ୍ଦବ୍ରହ୍ମରୁହିଁ ଉଦ୍‌ଭୂତ |

ସରସ୍ୱତୀଙ୍କ ହସ୍ତରେ ବୀଣା ଥାଏ | ବୀଣାରୁବି ଧ୍ୱନି ବା ନାଦ ଉତ୍‌ଥିତ ହୁଏ | ତାହା ବି ସେଇ ଶବ୍ଦ-ଉପାସନାରହିଁ ପ୍ରତୀକ | ସରସ୍ୱତୀଙ୍କର ବୀଜମନ୍ତ୍ର ଐଂ | ଏଇ ଐଂ-ଧ୍ୱନି ଝଙ୍କାର-ସହ ଉଚ୍ଚାରଣ କଲେ ବୀଣାଧ୍ୱନି ଭଳି ଅନେକଟା ପ୍ରତୀତ ହୁଏ | ସାଧନସ୍ତରରେ ସାଧକ ଗୋଟିଏ ଜାଗାରେ ଏଇ ବୀଣାଧ୍ୱନି ଶୁଣିବାକୁ ପାଏ | ସେଇ ସ୍ତରର ନାମ ସତ୍ୟଲୋକ, ଅର୍ଥାତ୍ ଯେଉଁଠାରୁ ଅସ୍ତିତ୍ୱର ବାର୍ତ୍ତା ପ୍ରଚାରିତ ହୁଏ (ଅସ୍-ଧାତୁ-- ଅସ୍ତିତ୍ୱ, ବିଦ୍ୟମାନତା ; ଅସ୍+ଶତୃ--ସତ୍) | ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ସାଧନାର ବିଭିନ୍ନ ସ୍ତର ସମ୍ପର୍କରେ କହିବାକୁ ଯାଇ ଏଠାକାର ସମ୍ପର୍କରେ କହିଛନ୍ତି-- "ସେଠାରେ ସେଇ ରକମ ଶବ୍ଦ ହୁଏ" | ଉପଲବ୍ଧିବାନ ସାଧକ ସେଇ ଧ୍ୱନି ଅନ୍ତର-କର୍ଣ୍ଣରେ ଶ୍ରବଣ କରନ୍ତି |

ଓଁ, ଐଂ, ହ୍ରୀଂ, କ୍ଲିଂ ପ୍ରଭୃତି ଯେଉଁସବୁ ବୀଜମନ୍ତ୍ର ଅଛି, ସେଗୁଡ଼ିକ ବି ନାଦର ବା ଶବ୍ଦର ବିଭିନ୍ନ ସ୍ତରର କମ୍ପନ | ଶବ୍ଦକୁ ଯଦି ଅଧିଗତ କରାଯାଏ, ତେବେ ସୃଷ୍ଟିଧାରାର ମୂଳ ମରକୋଚ ହସ୍ତଗତ ହୁଏ | ସେତେବେଳେ ବିଷୟ ଓ ବ୍ୟାପାର ସମୂହର କାର୍ଯ୍ୟକାରଣ ସମ୍ବନ୍ଧବି ଚିତ୍ତରେ ଧରାପଡ଼େ | ତେଣୁ, ସଦ୍‌ଗୁରୁଙ୍କ ନିକଟରୁ ଦୀକ୍ଷା ନେଇ ବିଧିମତ ନାମଜପ କରିବାର ନିର୍ଦ୍ଦେଶ ଅଛି | ଆଉ, ଯେ କୌଣସି ପୂଜାର ଆଗେହିଁ ଗୁରୁପୂଜା ଅପରିହାର୍ଯ୍ୟ |

ସରସ୍ୱତୀଙ୍କର ଆଉ ଏକ ନାମ ଭଦ୍ରକାଳୀ, ଅର୍ଥାତ୍ ସେ କଲ୍ୟାଣଗତିସମ୍ପନ୍ନା | (ଭଦ୍ର=କଲ୍ୟାଣ, କାଳୀ-- କଳ-ଧାତୁ=ଗତି) | ତାଙ୍କୁ ଭଲପାଇ, ତାଙ୍କର ସେବା କରି ମଣିଷ ଶବ୍ଦସ୍ତରକୁ ଆୟତ୍ତ କରିପାରେ | ଶବ୍ଦର କ୍ରମାଧିଗମନ ଏବଂ ବିଷୟ ଓ ବସ୍ତୁରେ

ତାହା କିପରି ମୂର୍ତ୍ତ ହୋଇଉଠିଛି, ସେଇ ବିନ୍ୟାସକ୍ରମ ଯାହାର କରାୟତ୍ତ, ସେ ଶବ୍ଦକୁ ଇଷ୍ଟାର୍ଥରେ ପ୍ରୟୋଗ ଓ ବ୍ୟବହାର କରି କଲ୍ୟାଣର ଅଧିକାରୀ ହୋଇ ଉଠିପାରେ |

ସରସ୍ୱତୀଙ୍କର ଆଠଟି ଶକ୍ତି-- ଲକ୍ଷ୍ମୀ, ମେଧା, ଧରା, ତୁଷ୍ଟି, ଗୌରୀ, ପୁଷ୍ଟି, ପ୍ରଭା, ଧୃତି | ସରସ୍ୱତୀଙ୍କର ଏକନିଷ୍ଠ ସେବକ ଯିଏ, ତା' ଭିତରେ ସ୍ୱତଃହିଁ ସେଇସବୁ ଶକ୍ତିର ଜାଗରଣ ଘଟେ |

ସରସ୍ୱତୀ ଶୁକ୍ଳବର୍ଣ୍ଣା, ଶୁଭ୍ରବସ୍ତ୍ରାବୃତା | ଏଇ ଧଳା ରଙ୍ଗର ତାତ୍ପର୍ଯ୍ୟ କ'ଣ ? ଧଳା ରଙ୍ଗ ପବିତ୍ରତାର ପ୍ରତୀକ | ପୁଣି, ସତ୍ତ୍ୱଗୁଣର ରଙ୍ଗ ବି ଧଳା | ସତ୍ତ୍ୱଗୁଣ ମାନେ ଅସ୍ତିତ୍ୱ ଯା'ଦ୍ୱାରା ବଜାୟ ରହେ, ତା'ର ଚର୍ଚ୍ଚା (ସତ୍+ତ୍ୱ=ସତ୍ତ୍ୱ) | ସତ୍ତ୍ୱଗୁଣର ଚରିତ୍ର ହେଉଛି ହାଲୁକା | ତା' ସହଜରେ ଉପରକୁ ଉଠିପାରେ | ଉପରକୁ କିଏ ଉଠିପାରେ ? ଯାହାର ପଶ୍ଚାତ୍‌ଭାଗ ଓଜନରେ ଭାରି ନୁହେଁ, ଅନ୍ୟ କଥାରେ ପ୍ରବୃତ୍ତିର ପାଷାଣ-ଭାରରୁ ଯିଏ ମୁକ୍ତ | ପ୍ରବୃତ୍ତିମୁକ୍ତ ଯିଏ ସେଇ ତ ପ୍ରକୃତ ମୁକ୍ତ | ପୁଣି ଦେଖାଯାଏ, ସମସ୍ତ ବର୍ଣ୍ଣ ଏକତ୍ର ମିଶ୍ରିତ ହେଲେ ଧଳା ଦେଖାଯାଏ | ସରସ୍ୱତୀଙ୍କ ଶୁଭ୍ର ବର୍ଣ୍ଣ ମଧ୍ୟରେ ଏଇ ମିଳନ ବା ସମାହାରର ଇଙ୍ଗିତ ବର୍ତ୍ତମାନ |

ଏଇଭାବରେ ସବୁଟାକୁ ଦେଖିଲେ ବୁଝାଯାଏ ଯେ, ସରସ୍ୱତୀଙ୍କର ଉପାସନା ମାନେ ପରବ୍ରହ୍ମଙ୍କରହିଁ ଉପାସନା, ସୃଷ୍ଟିତତ୍ତ୍ୱର ଉପାସନା | ଏଇ ତାତ୍ପର୍ଯ୍ୟ ଜାଣି ଯେଉଁମାନେ ପୂଜା କରନ୍ତି, ସେଇମାନଙ୍କର ହିଁ ସରସ୍ୱତୀ ପୂଜା ସାର୍ଥକ ହୁଏ | ମା' ସରସ୍ୱତୀ ସତାତ୍ପର୍ଯ୍ୟେ ସେମାନଙ୍କ ନିକଟରେ ପ୍ରତିଭାତ ହୁଅନ୍ତି |

ଏଇ କାରଣରୁ ସତ୍‌ସଙ୍ଗ-ଆଶ୍ରମରେ ସରସ୍ୱତୀ ପୂଜା ସାଡ଼ମ୍ବରେ ପାଳିତ ହୋଇଥାଏ | ଶ୍ରୀଶ୍ରୀଠାକୁର ସ୍ୱୟଂ ଆଣ୍ଠୁମାଡ଼ି ବସି ପୁଷ୍ପାଞ୍ଜଳି ଦିଅନ୍ତି ଏବଂ ପରେ ପ୍ରଣାମୀ-ସହ ପ୍ରଣାମ ନିବେଦନ ବି କରନ୍ତି | ଅସୁସ୍ଥତା ହେତୁ ଯେତେବେଳେ ପୂଜାମଣ୍ଡପକୁ ଯାଇ ପାରନ୍ତିନି ସେତେବେଳେ ସେ ନିଜ ଘରେ ଶଯ୍ୟାରେ ବସିହିଁ ପୁଷ୍ପାଞ୍ଜାଳି ଦିଅନ୍ତି | ପୁରୋହିତ ସେଠାକୁ ଆସି ମନ୍ତ୍ର-ଉଚ୍ଚାରଣବି କରନ୍ତି | ପୁଷ୍ପାଞ୍ଜାଳି ଦେଇ ଭକ୍ତିଭରେ ମା'-ସରସ୍ୱତୀଙ୍କୁ ପ୍ରଣାମ ନକରିବା ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁର ଆହାର ଗ୍ରହଣ କରୁ ନଥିଲେ | ସେ ଯେ ଲୋକଗୁରୁ ! ଆଚରଣ କରି ଶିଖାଇ ଦେଇ ଯାଇଛନ୍ତି କିଭଳି ଚାଲିବାକୁ ହୁଏ, ମା'ଙ୍କ ସମ୍ମୁଖରେ କିଭଳି ବିନୀତ ଭଙ୍ଗିମାରେ ବସିବାକୁ ହୁଏ, ଅଞ୍ଜଳି ଦେବାକୁ ହୁଏ ଇତ୍ୟାଦି | ପୁଣି, ତାତ୍‌ପର୍ଯ୍ୟ ଭାଙ୍ଗି ବୁଝାଇ ଦେଇଛନ୍ତି ମା'-ସରସ୍ୱତୀ କ'ଣ ; ସରସ୍ୱତୀ ପ୍ରତିମାର ସଜ୍ଜା ଏପରି କାହିଁକି ! ସମସ୍ତ ତାତ୍‌ପର୍ଯ୍ୟ ସଂହତ କରି, ସେଇ ଭାବ ଗୋଟିଏ ଛୋଟ ବାଣୀରେ ଶ୍ରୀଶ୍ରୀଠାକୁର ବ୍ୟକ୍ତ କରିଛନ୍ତି | ସେହି ବାଣୀଟି ଉଦ୍ଧୃତ କରି ଏ ନିବନ୍ଧର ଉପସଂହାର କରିବି--

"ବିକାଶ-ବ୍ୟାକୁଳ ଗତିହିଁ ଯାହାଙ୍କର ସଂସ୍ଥିତି--
ସେହିଁ ସରସ୍ୱତୀ,
ଆଉ, ବାକ୍ ବା ଶବ୍ଦହିଁ ଯାହାଙ୍କର ସତ୍ତା--
ସେ ହିଁ ବାଗ୍‌ଦେବୀ ;
ଆଉ, ଯିଏହିଁ ବାଗ୍‌ଦେବୀ
ସେହିଁ ସରସ୍ୱତୀ |"

****

ଗଣେଶ

ଗଣେଶ ଅର୍ଥାତ୍ ଗଣ-ଈଶ | "ଗଣ" ସଂଖ୍ୟାବାଚୀ ଶବ୍ଦ | ଅନେକେ କହନ୍ତି, ଗଣ ମାନେ ଜନଗଣ, ଅର୍ଥାତ୍ ମଣିଷର ସମଷ୍ଟି | କିନ୍ତୁ କେବଳ ମଣିଷ କାହିଁକି, ଗଣ କହିଲେ ଯାହା କିଛି ସବୁ-- ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା, ସକଳ ପଦାର୍ଥ | ଏଇ ସବୁକିଛିର ଯିଏ ଈଶ (ଅଧିପତି), ସିଏ ହିଁ ଗଣେଷ |

'ଈଶ' ଶବ୍ଦର ଉତ୍ପତ୍ତି ସଂସ୍କୃତ "ଇଶ-ଧାତୁରୁ", ମାନେ ଆଧିପତ୍ୟ | ଆଧିପତ୍ୟ ମଧ୍ୟରେ ଅଛି ଅଧିପତି | ଅଧିପତି ପୁଣି ଦୁଇଟି ଶବ୍ଦରେ ତିଆରି-- ଅଧି ଓ ପତି | ଅଧି-ର ଉତ୍ପତ୍ତି ସଂସ୍କୃତ ଧା-ଧାତୁରୁ, ଅର୍ଥାତ୍ ଧାରଣ ଏବଂ ପତି-ର ଉତ୍ପତ୍ତି ପା-ଧାତୁରୁ, ଅର୍ଥ ପାଳନ | ତା'ହେଲେ ଅଧିପତି ମାନେ ଯିଏ ଧାରଣ-ପାଳନ କରନ୍ତି |

ତେବେ 'ଗଣେଶ' ଶବ୍ଦର ସମୂହାର୍ଥ ହେଲା-- ସୃଷ୍ଟିର ଯାବତୀୟ ଯା'-ସବୁ କିଛିକୁ ଯିଏ ଧାରଣ, ପାଳନ ଓ ପୋଷଣ କରନ୍ତି |

ଏଇ କାରଣରୁ, ଯେ କୌଣସି ଦେବପୂଜାରେ ପ୍ରଥମେ ଗଣେଶଙ୍କର ପୂଜା ହୁଏ | ସେ ତ ସମସ୍ତଙ୍କର ଧାରୟିତା ଓ ପାଳୟିତା | ତାଙ୍କୁ ଅର୍ଘ୍ୟ ଦେଇ ପ୍ରଣାମ କରିସାରିଲେ ଅନ୍ୟ ଦେବତାଙ୍କର ପୂଜା ଆରମ୍ଭ ହୁଏ | ତାଙ୍କର ଆଉ ଏକ ନାମ ଗଣପତି-- ଗଣର ପାଳନ ଓ ରକ୍ଷଣକର୍ତ୍ତା | ସେ ସୃଷ୍ଟିର ବା ଧ୍ୱଂସର କାରଣ ନୁହଁନ୍ତି, ବରଂ ରକ୍ଷାର କାରକ | ତେଣୁ, ସର୍ବାଗ୍ରେ ତାଙ୍କର ଆବାହନ |

ଗଣେଶଙ୍କର ପିତା ଶିବ ଏବଂ ମାତା ଦୁର୍ଗା | ଶିବ ଅର୍ଥାତ୍ ଯିଏ ମଙ୍ଗଳସ୍ୱରୂପ | ତାଙ୍କଠାରୁ ଆବିର୍ଭୂତ ଗଣେଶ ବା ଗଣପତି | ଗଣକୁ ଯିଏ ପାଳନ ଓ ରକ୍ଷଣାବେକ୍ଷଣ କରିବେ, ସେ ଅବଶ୍ୟହିଁ ମଙ୍ଗଳ ନ'ହେଲେ ଅମଙ୍ଗଳହିଁ ହେବ | ଆଉ, ଅମଙ୍ଗଳ ଆଣିବ ଜୀର୍ଣ୍ଣତା, ଜରା, ବିଚ୍ଛିନ୍ନତା ଓ ବିନାଶ | କିନ୍ତୁ ଗଣେଶ ତ ସ୍ଥିତି ଓ ରକ୍ଷାରହିଁ କର୍ତ୍ତା | ସେ ଶିବସମ୍ଭବ, ମଙ୍ଗଳରୁ ଜାତ | ଜନନୀ ତାଙ୍କର ଦୁର୍ଗା | ଦୁର୍ଗା ମାନେ ଜୀବନର ଦୁର୍ଗସ୍ୱରୂପା ଯିଏ, ଯାହାଙ୍କ ନିକଟରେ ସମସ୍ତ ଅଶୁଭଶକ୍ତି ପ୍ରତିହତ, ବିପର୍ଯ୍ୟସ୍ତ ଓ ବିନଷ୍ଟ ହୁଏ | ସମସ୍ତ ଅକଲ୍ୟାଣର ବିରୁଦ୍ଧରେ ଦୁର୍ଗ ହୋଇ ଯିଏ ଥାଆନ୍ତି, ସେ ହିଁ ତ ମା' ଦୁର୍ଗା | ଗଣେଶଙ୍କ ଜନନୀ ସିଏ | ଏଇଭଳି ମା' ନ'ହେଲେ କ'ଣ ଏପରି ପୁଅ ଜନ୍ମ ହୋଇପାରେ ? ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଗଣର ଧାରକ ଓ ପାଳକ ଯିଏ ହେବେ ତାଙ୍କ ମଧ୍ୟରେ କଲ୍ୟାଣକାରୀ ଏବଂ ଅସତ୍-ନିରୋଧୀ ଶକ୍ତି ଉଭୟେହିଁ ବିଦ୍ୟମାନ | ଗଣେଷଙ୍କର ପିତାମାତା ଶିବ ଓ ଦୁର୍ଗା ହେବାର ତାତ୍ପର୍ଯ୍ୟ ଏହାହିଁ |

ଗଣେଶଙ୍କୁ ସିଦ୍ଧିଦାତା କୁହାଯାଏ | ତାଙ୍କୁ ପୂଜା କଲେ ସିଦ୍ଧି ଲାଭ ହୁଏ | ଏଇ ସିଦ୍ଧି କ'ଣ ? ବୋଧହୁଏ, ମନସ୍କାମନା-ସିଦ୍ଧି ସମ୍ପର୍କରେହିଁ କଥାଟାର ବ୍ୟବହାର ହୁଏ | ଏଇ ସିଦ୍ଧି ମଧ୍ୟରେ ସିଦ୍ଧ ହେବାର ଭାବ ଅଛି | ସିଦ୍ଧ ହେବା ମାନେ କାମରେ, କଥାରେ, ଚାଲିବାରେ ଦକ୍ଷକୁଶଳ ହେବା | ଯେଉଁ ବ୍ୟକ୍ତି କୁଶଳକୌଶଳୀ ହୋଇ ଚାଲିପାରେ, କହିପାରେ, କାମ କରିପାରେ, ସେ ଜୀବନରେ ହଟିଯାଏନା, ପ୍ରତାରିତ ବି ହୁଏନା | ଏଭଳି ହେବାକୁ କିଏ ବା ନଚାହେଁ ? ଏଇଭଳି ଚଳନକୁ ଅଧିଗତ କରିବାହିଁ ହେଲା ସିଦ୍ଧିଲାଭ କରିବା | ଗଣପତି ଯିଏ, ସବୁର ସ୍ଥିତି, ଧାରକ ଓ ପାଳକ ଯିଏ, ତାଙ୍କରି ପୂଜାର ଭିତର-ଦେଇ ତାଙ୍କର ସେହି ଧାରଣପାଳନୀ ଶକ୍ତି ଆମ୍ଭମାନଙ୍କର ବି ଲାଭ ହୁଏ |

ଗଣେଶ-ଓଲଟିବା ନେଇ ଗୋଟିଏ କଥା ଆମ ସମାଜରେ ଅଛି | ବ୍ୟବସାୟୀମାନେ ଗଣେଶ ପୂଜା କରନ୍ତି | ସେମାନଙ୍କର ଗଣେଶ-ଓଲଟିବା ମାନେ ବ୍ୟବସାୟ କ୍ଷତିଗ୍ରସ୍ତ ହେବା | ଗଣପାତା ଯିଏ, ଯିଏ ଲୋକବିନାୟକ, ତାଙ୍କର ବିଧାନକୁ ଅବହେଳା କରି ଯେତେବେଳେ ଆମ୍ଭେମାନେ ତା'ର ବିପରୀତ ଚଳନରେ ଚାଲୁ ସେତେବେଳେହିଁ ଆମଜୀବନରେ ଗଣେଶ ଓଲଟିପଡ଼ନ୍ତି, ଆଉ ଜୀବନରେ ନାନା ପ୍ରକାରର ବିପତ୍ତି ଆସେ | ତେଣୁ, ଗଣେଶ-ଓଲଟିବା ମାନେ ମଣିଷର କଲ୍ୟାଣବିଧାତା ଯିଏ ତାଙ୍କୁ ଅବଜ୍ଞା କରିବା, ତାଙ୍କର ବିଧାନକୁ ତାଚ୍ଛିଲ୍ୟ କରିବା |

ଏଠାରେ ଗୋଟେ କଥା ଉଠେ | ଗଣପତିଙ୍କ ପୂଜା କିପରି ? ରୋଜ ସନ୍ଧ୍ୟାରେ ତାଙ୍କ ସାମନାରେ ଟିକେ ଧୂଆଁ ଧୂପ ଦେବା ବା ପ୍ରଦୀପ ନଚାଇବା ? ନା ବର୍ଷକୁ ଗୋଟେ ଦିନ ଧ୍ୱମଧାମ ସହକାରେ ବାଦ୍ୟ-ଅର୍ଘ୍ୟ ସହକାରେ ଗଣେଶ ପୂଜା କରିବା |

ଚିନ୍ତାଜଗତରେ ଆଜି ଏକ ମହାବିପ୍ଳବ ସୃଷ୍ଟି କରିଛନ୍ତି ଯୁଗପୁରୁଷ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର | ଆମ୍ଭେମାନେ ଅନେକ କଥା କହୁ, ଅନେକ ଶବ୍ଦ ବ୍ୟବହାର କରୁ, କିନ୍ତୁ ସେଗୁଡ଼ିକର ପ୍ରକୃତ ତାତ୍ପର୍ଯ୍ୟ ବିଷୟରେ ଅବଗତ ନଥାଉ | ଶବ୍ଦର ସାଧାରଣ ଭାବରେ ଯେଉଁ ଅର୍ଥ ହୁଏ, ତାହା ଆମେ ଜାଣୁ ଓ ବ୍ୟବହାର କରୁ | କିନ୍ତୁ ପରମଦୟାଳ ଶ୍ରୀଶ୍ରୀଠାକୁର କହିଛନ୍ତି, ଶବ୍ଦର ଠିକ୍ ଅର୍ଥଟି ପାଇବାକୁ ହେଲେ ତା'ର ଧାତୁଗତ ଅର୍ଥ ବୁଝିବାକୁ ହେବ | ସେଥିପାଇଁ ଯେ କୌଣସି ଶବ୍ଦ ସମ୍ପର୍କରେ କଥା ଉଠିଲେହିଁ ଶ୍ରୀଶ୍ରୀଠାକୁର ତା'ର ଧାତୁଗତ ଅର୍ଥ ଦେଖିବାକୁ କହନ୍ତି | ଧାତୁଗତ ଅର୍ଥକୁ ଆଶ୍ରୟ କରିହିଁ ସେ ବାହାର କରନ୍ତି ଶବ୍ଦଟିର ପ୍ରକୃତ ଅର୍ଥଟିକୁ | ପୂର୍ବେ 'ଗଣେଶ' ସମ୍ପର୍କରେ

ଧାତ୍ୱର୍ଥଗତ ନେଇ ଯେଉଁ ଆଲୋଚନା କରାଯାଇଛି ତାହାବି ତାଙ୍କରି ପ୍ରସାଦରୁହିଁ ପ୍ରାପ୍ତ |

ତେଣୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର, "ପୂଜା" କହିଲେ କେବଳ ମାତ୍ର ଧୂପଦୀପ, ଫୁଲ, ଚନ୍ଦନ ସହଯୋଗରେ ସାମୟିକ ଗୋଟିଏ ଅନୁଷ୍ଠାନ ବୋଲି ବୁଝନ୍ତି ନାହିଁ | ପୂଜାଶବ୍ଦସ୍ଥିତ ପୂଜ ଧାତୁର ମାନେ ସମ୍ବର୍ଦ୍ଧନା | ଏଇ କଥା ଯେଉଁଦିନ ସିଏ ଶୁଣିଲେ, ସୋସ୍ହାହେ କହି ଉଠିଲେ, ଏଇ ଠିକ୍ | ଯାହାଙ୍କୁ ପୂଜା କରୁଛି, ତାଙ୍କରି ଗୁଣାବଳୀ ନିଜ ଜୀବନରେ ଓ ଚରିତ୍ରରେ ମୂର୍ତ୍ତ କରି ତୋଳିବା ଦରକାର | ସିଏ ଯେଭଳି ଚାହାନ୍ତି ସେଇଭାବେ ଚାଲି ତାଙ୍କୁ ଅନ୍ତରରେ ପ୍ରତିଷ୍ଠା କରିବାରେହିଁ ପୂଜାର ସାର୍ଥକତା |" ଏହା ନକରି ହଜାରେ ନୈବେଦ୍ୟ ସଜାଇଲେ ବା ଆଲୋକ ସଜ୍ଜା କରାଇଲେ ସେଥିରେ ପୂଜା ହେବ ନାହିଁ | ଗଣେଶ ପୂଜାର ମାନେ ବି ହେଲା, ଗଣପତିଙ୍କର ଚଳନ-ଚରିତ୍ର, ତାଙ୍କର ଧାରଣ-ପାଳନୀ ସମ୍ବେଗ ନିତ୍ୟ ଅନୁଶୀଳନର ମଧ୍ୟ ଦେଇ ନିଜ ଜୀବନରେ ମୂର୍ତ୍ତ କରି ତୋଳିବା | ଯେଉଁ ଚଳନ ଦ୍ୱାରା ଗଣେଶ ଗଣ-ଈଶ ହୋଇ ଉଠିଛନ୍ତି, ମୋତେ ବି ସେଇ ଚଳନରେ ଚାଲିବାକୁ ହେବ | ଏଇ ଅନୁଶୀଳନ ପାଇଁ ପ୍ରୟୋଜନ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି | ଏଇ ତିନୋଟିର ସମନ୍ୱୟୀ ଚଳନହିଁ ମଣିଷକୁ ସିଦ୍ଧିର ସିଂହ ଦ୍ୱାରରେ ପହଞ୍ଚାଇ ଦେଇପାରେ |

ଗଣେଶଙ୍କର ଗଜମୁଣ୍ଡ ହେବାର ଯଥାର୍ଥତା ନେଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଶ୍ନ କରାଯାଇଛି | ମୁଣ୍ଡର ଏରକମ ବିକୃତି ତ ଆଉ କୌଣସି ଦେବତାଙ୍କର ଦେଖାଯାଏନା ? କଥିତ ଅଛି, ଶନିଙ୍କ ଦୃଷ୍ଟିରେ ଶିଶୁ ବୟସରେ ଗଣେଶଙ୍କର ମସ୍ତକ ବିଚ୍ଛିନ୍ନ ହୋଇଯାଇଥିବାରୁ ଗୋଟିଏ ହାତୀମୁଣ୍ଡ ଆଣି ସେହି ସ୍ଥାନରେ ଜୋଡ଼ି ଦିଆଯାଇଥିଲା | ଏଇ କଥା ଶୁଣି ଶ୍ରୀଶ୍ରୀଠାକୁର କହିଥିଲେ, "ଗୋଟିଏ ମଣିଷର ବିଶେଷତଃ ଗୋଟିଏ

ଶିଶୁର ମୁଣ୍ଡରେ ଗୋଟିଏ ହାତୀର ମୁଣ୍ଡ ଆଣି ବସାଇବା ସମ୍ଭବ କି ନା ତୁମେମାନେ ଭାବି ଦେଖିପାର |" ସାଧାରଣ ଭାବରେ ଚିନ୍ତା କଲେ ଏହା ଏକ ଅବାନ୍ତର କଥା ବୋଲି ମନେହୁଏ | ଗଣେଶଙ୍କର ବନ୍ଦନା, ପ୍ରଣାମ ଇତ୍ୟାଦିରେ 'ଗଜାନନ', 'ଗଜେନ୍ଦ୍ରବଦନ' ପ୍ରଭୃତି ଶବ୍ଦର ବ୍ୟବହାର କରାଯାଇଛି | ତା'ହେଲେ ତା'ର ମାନେ କ'ଣ ? ପ୍ରଶ୍ନ କରାଯିବାରୁ ଶ୍ରୀଶ୍ରୀଠାକୁର କହିଲେ, "ଶ୍ରେଷ୍ଠ ମସ୍ତିଷ୍କ ଯାହାଙ୍କର, ସେ ହିଁ ଗଜାନନ | ଆଉ, ଯିଏ ସମସ୍ତଙ୍କୁ ଧରି ରଖନ୍ତି, ପାଳନ କରନ୍ତି, ପରିଚାଳନା କରନ୍ତି, ତାଙ୍କର ମସ୍ତିଷ୍କ ତ ନିଶ୍ଚୟହିଁ ଶ୍ରେଷ୍ଠ |" ପରମପ୍ରେମମୟ ଦୟାଳ ଠାକୁରଙ୍କର ଏଇ ଉକ୍ତିର ମଧ୍ୟ ଦେଇ ଆମେ ଗଣେଶଙ୍କର ଗଜବଦନର ତାତ୍ପର୍ଯ୍ୟ ପାଉ |

ଆମ୍ଭମାନଙ୍କ ପୁରାଣର ଅନେକ କାହାଣୀହିଁ ରୂପକ ଓ ଉପକଥାର ସଙ୍କଳନରେ ଆବୃତ, କଳ୍ପନାର ଶାଖାପୁଷ୍ପରେ ପଲ୍ଲବିତ ! ସେହି ସବୁ ରହସ୍ୟ ଉନ୍ମୋଚନ କରି ଯଥାର୍ଥ ବ୍ୟାଖ୍ୟାଟିକୁ ନବୁଝିବା ପର୍ଯ୍ୟନ୍ତ ଆର୍ଯ୍ୟକୃଷ୍ଟି ଓ ସଂସ୍କୃତିର ପ୍ରକୃତ ରୂପଟି ଧରିବା କଷ୍ଟସାଧ୍ୟ | ଯୁକ୍ତିବାଦୀ ମନ ନିକଟରେ ଏଇ ସବୁ ଅଜବ, ଅବାନ୍ତର କାହାଣୀଗୁଡ଼ିକ ବର୍ଜ୍ଜନୀୟ ବୋଲି ମନେ ହେବ | ସମୟ ଗଡ଼ି ଚାଲିଛି | ପଚାଶ ବର୍ଷ ପୂର୍ବେ ଯାହା ଅସମ୍ଭବ ଥିଲା, ଏବେ ଆଉ ତାହା ଅସମ୍ଭବ ହୋଇନାହିଁ | ଯେ-କୌଣସି କଥା, ଯେ-କୌଣସି ବିଷୟ ବୈଜ୍ଞାନିକ ତାତ୍ପର୍ଯ୍ୟ-ସହକାରେ ଉପସ୍ଥାପିତ କରି ନପାରିଲେ ବର୍ତ୍ତମାନର ଶିଶୁ ମାନସ ବି, ତାହା ଗ୍ରହଣ କରିବାକୁ ଚାହେଁନା | ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ବିକଶିତ ହୋଇଛନ୍ତି ବିଂଶ ଶତାବ୍ଦୀରେ | ଏଇ ବିଂଶ ଶତାବ୍ଦୀର ଠାକୁର ସିଏ | ତେଣୁ, ସବୁ କଥାହିଁ ସିଏ ତୋଳି ଧରିଛନ୍ତି ଯୁକ୍ତିସହକାରେ, ଯା'ଦ୍ୱାରା ପ୍ରକୃତ ଅନୁସନ୍ଧିତ୍ସୁ ମନ ସତ୍ୟର ସନ୍ଧାନ ଲାଭ କରିପାରେ | ଧର୍ମଜଗତର ବା କୃଷ୍ଟିର ପ୍ରତିଷ୍ଠା ପଥରେ ଯେଉଁଠି ଯାହା କିଛି ଅସ୍ପଷ୍ଟତା ସୃଷ୍ଟି ହୋଇଛି, ଯେଉଁଠି ଯାହା କିଛି ଦୁର୍ବୋଧ୍ୟ,

ସବୁ ଅପସାରିତ କରି ସେ ଆଜି ଦୃଷ୍ଟିକୁ ସ୍ୱଚ୍ଛ କରି ଦେଇଛନ୍ତି | ଦେବଦେବୀଙ୍କ ସମ୍ପର୍କରେ ବି ଯେ ଆମ୍ଭମାନଙ୍କର କେତେ ବିକୃତ ଧାରଣା ଓ ଚିନ୍ତାର ଅସ୍ପଷ୍ଟତା ଅଛି ତା'ର ଇୟତ୍ତା ନାହିଁ | ସେସବୁକୁ ଆଜି ପରିସ୍କାର କରି ଚକ୍ଷୁ ସମ୍ମୁଖରେ ଆଣି ରଖିଛନ୍ତି ପରମପୁରୁଷ ପରମଦୟାଳ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର | ତାଙ୍କର ବିଭିନ୍ନ ସମୟରେ କଥିତ, ଗଣେଶଙ୍କ ସମ୍ପର୍କରେ ଉକ୍ତିଗୁଡ଼ିକ ନେଇ ଆଜି ଆମେ ଏଠାରେ ଗଣେଶ ଦେବତାଙ୍କର ଗୋଟିଏ ସଂକ୍ଷିପ୍ତ ପରିଚୟ ପାଇବାକୁ ଚେଷ୍ଟା କରିଛୁ |

ଗଣେଶଙ୍କର ଗଜମୁଣ୍ଡ ହେବାର ତାତ୍ପର୍ଯ୍ୟ ତ ବୁଝାଗଲା | ଗଣେଶଙ୍କର ଚିତ୍ରରେ ବା ପ୍ରତିମାରେ ଦେଖାଯାଏ, ହସ୍ତିମୁଣ୍ଡର ଦୁଇ ପାଖରେ ଦୁଇଟି ଦାନ୍ତ-- ଯେଭଳି ହାତୀର ଥାଏ ଆଉ କ'ଣ ! ଅଥଚ ଗଣେଶଙ୍କର ପ୍ରଣାମ ମନ୍ତ୍ରରେ ଅଛି 'ଏକଦନ୍ତଂ ମହାକାୟଂ' | ତା'ହେଲେ ଏକଦନ୍ତ କାହିଁକି ? ଦୁଇ ଦାନ୍ତର ଉଲ୍ଲେଖ ନାହିଁ କାହିଁକି ? ଏହାର ତାତ୍ପର୍ଯ୍ୟ ବା କ'ଣ ?" ଆମେ ସବୁ ଜାଣୁ ଦନ୍ତ ମାନେ ଦାନ୍ତ ! କିନ୍ତୁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ସେଭଳି ଅର୍ଥ କହିଲେ ହୁଏନା | ଉଲ୍ଲେଖ କରିବାକୁ ପଡ଼େ ସେହି ଶବ୍ଦଟିର ଧାତୁଟି ଏବଂ ସେଇ ଧାତୁର ଅର୍ଥ | ଧାତୁ ହେଉଛି ଶବ୍ଦର ଉତ୍ସ ବା କାରଣ | ଶ୍ରୀଶ୍ରୀଠାକୁର ସ୍ୱୟଂ କାରଣପୁରୁଷ | ତେଣୁ, ତାଙ୍କ କଥା, କର୍ମ, ଚିନ୍ତା ସବୁହିଁ ଉତ୍ସମୁଖୀ | ଉତ୍ସ ଦିଗରେ, କାରଣ ଦିଗରେ ସେ ଆମ୍ଭମାନଙ୍କର ଦୃଷ୍ଟି ବୁଲାଇ ଦେଇଛନ୍ତି |

ସେ ଯା'ହେଉ ଅଭିଧାନ ଦେଖି କୁହାଗଲା, ଦନ୍ତ ଆସିଛି ଦମ୍ ଧାତୁରୁ, ଅର୍ଥ ଦମନ, ନିୟନ୍ତ୍ରଣ | ଶୁଣିହିଁ ଶ୍ରୀଶ୍ରୀଠାକୁର ଉତ୍‌ଫୁଲ୍ଲ ହୋଇ ଉଠିବସିଲେ | କହିଲେ, "ଏଇ ଦେଖ | ତା'ହେଲେ ଦନ୍ତ ମାନେ ଦମନକାରୀ | 'ଏକଦନ୍ତ' ମାନେ ଏକମାତ୍ର

ଦମନକାରୀ ବା ନିୟନ୍ତ୍ରଣକାରୀ |" ଗଣପତି ଯିଏ, ସୁଦକ୍ଷ ଲୋକପାଳକ ସିଏ | ସମସ୍ତଙ୍କର ଅସ୍ତିତ୍ୱକୁ ସିଏ ବୈଶିଷ୍ଟ୍ୟ-ଅନୁପାତିକ ପାଳନ-ପୋଷଣ କରନ୍ତି, ଯା' ସେଠାରେ ଥିବା ସତ୍ତାବିରୋଧୀ ଚଳନକୁ ସିଏ ସୁନିୟନ୍ତ୍ରିତ କରନ୍ତି, ଅସତ୍ ବା ଅକଲ୍ୟାଣ ଯାହା ତାହାକୁ ସେ ଦମିତ ଓ ସଂଯତ କରନ୍ତି | ଏଇ ହେଲା ତାଙ୍କର 'ଏକଦନ୍ତ' ନାମର ସାର୍ଥକତା |

ଗଣେଶମୂର୍ତ୍ତିରେ ଦେଖାଯାଏ, ଗଣେଶଙ୍କର ଚାରିଟି ହାତ | କାହିଁକି ? ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ବ୍ୟାଖ୍ୟା ଦେଲେ-- ଚାରି ହାତ ମାନେ ତାଙ୍କର ଚାରି ଦିଗକୁ ଲକ୍ଷ | ତାଙ୍କର ଚାରିପାଖକୁ ସେ ସମାନ ନଜର ରଖି ଚାଲନ୍ତି | କୌଣସି ଦିଗ ଦେଇ କୌଣସି ଅସୁବିଧା ଯା'ଦ୍ୱାରା ନହୁଏ, କୌଣସି ତ୍ରୁଟି ବା ଅସମ୍ପୂର୍ଣ୍ଣତାର ଆକ୍ରମଣରେ ବିବ୍ରତ ହେବାକୁ ନହୁଏ, ସେଥିପାଇଁ ସେ ସବୁଦିଗକୁ ଲକ୍ଷ୍ୟ ରଖନ୍ତି |

ଚାରିଦିଗକୁ ଦେଖି ଚାଲିବାର ଏଇ ସ୍ୱଭାବକୁ ଶ୍ରୀଶ୍ରୀଠାକୁର କହିଛନ୍ତି ଚତୁରତା | ସଂସ୍କୃତ 'ଚତୁର' ମାନେ ଚାରି | ତା'ସହିତ ସମ୍ବନ୍ଧାନ୍ୱିତ କରିହିଁ ଶ୍ରୀଶ୍ରୀଠାକୁର ବଙ୍ଗଳା ଚତୁର ଶବ୍ଦ ବ୍ୟବହାର କରିଛନ୍ତି | ସେ କହିଲେ, ଚତୁର ସେ-ହିଁ ଯିଏ ଚାରି ଦିଗ ଦେଖି ଚାଲେ, ଚାରି ଦିଗକୁ ଯାହାର ତୀକ୍ଷ୍ଣ ନଜର ଥାଏ | ଦେବତାଙ୍କର ଚାରିହାତର ବ୍ୟାଖ୍ୟା ଶ୍ରୀଶ୍ରୀଠାକୁର ଏଇଭାବରେହିଁ ଦେଇଛନ୍ତି |

ଗଣେଶଙ୍କର ବାହନ ମୂଷିକ ବା ଇନ୍ଦୁର | ତା'ର ଅର୍ଥ, ଇନ୍ଦୁର ଭଳି ଖଳ କ୍ଷତିକାରକ ସ୍ୱଭାବର ଯେଉଁମାନେ, ଗଣପତି ସେମାନଙ୍କୁ ଅଧିନରେ ରଖନ୍ତି | ଦୁଷ୍ଟ ପ୍ରକୃତିର ମଣିଷ ଯେଉଁମାନେ, ସେମାନଙ୍କୁ ଆମେ ଏଡ଼ାଇ ଚାଲୁ, ସେମାନେ ଅନ୍ୟାୟ କଲେ ଶସ୍ତିବିଧାନ କରୁ | ସେମାନଙ୍କ ନିକଟରୁ କୌଣସି ଉପକାର ଯେ ପାଇବା ସମ୍ଭବ

ତାହା ଆଉ ବୁଝିପାରୁନା | କିନ୍ତୁ, ମୂଷିକ ବାହନ କରିବା ଭିତର-ଦେଇ ଗଣପତିଙ୍କ ଚରିତ୍ରର ଏଇ ବିଶେଷ ଦିଗଟି ପ୍ରକଟିତ ହୋଇ ଉଠିଛି ଯେ, ସେ କାହାରିକୁ ବାଦ୍ ଦେଇ ନାହାଁନ୍ତି | ପ୍ରକୃତ ଲୋକନେତା ଯିଏ, ସେ ଦୁଷ୍ଟକୁ ବି ବାଦ୍ ଦିଅନ୍ତି ନାହିଁ | ବରଂ ତା'କୁ ତା'ର ସେହି ବ୍ୟାଧିରୁ ମୁକ୍ତ କରି ଲୋକସେବାରେ ତା'କୁ ନିଯୁକ୍ତ କରି ତୋଳନ୍ତି | ଗଣ ନେଇହିଁ ତାଙ୍କର କାରବାର | ଗଣ ଅଧିପତି ସିଏ | ତେଣୁ, ସେ ସବୁ ରକମର ଲୋକଙ୍କୁ ବହନ, ପୋଷଣ ଓ ଧାରଣ କରନ୍ତି | ଯା'ଦ୍ୱାରା କୌଣସି କାମ ହେବନାହିଁ ବୋଲି ଆମ୍ଭେମାନେ ମନେକରୁ, ସେ ତା'କୁ ବି ସତ୍ ଓ ଶୁଭ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି |

ଏହା ମଧ୍ୟରେ ଆଉ ଗୋଟିଏ ମନସ୍ତତ୍ତ୍ୱ କାମ କରୁଛି | ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି, ଯିଏହିଁ ହୁଅନ୍ତୁ ଚୋର, ବଦମାସ, ଗୁଣ୍ଡା, ନାରୀମାନଙ୍କ ମଧ୍ୟରେ ଯଦି କେହି ବେଶ୍ୟା, ଦୁଷ୍ଟା, କଳଙ୍କିନୀ ଥା'ଆନ୍ତି, ସେମାନଙ୍କର ମନର ତାର ଯଦି ଉଚ୍ଚ ଗ୍ରାମରେ ବାନ୍ଧି ଦିଆଯାଏ, କୌଣସି ଭାବେ ଯଦି ସେମାନେ ଶ୍ରେୟ-ଅନୁରାଗମମ୍ପନ୍ନ ହୋଇଉଠିପାରନ୍ତି, ତାହାହିଁ ହେବ ସେମାନଙ୍କର ବଞ୍ଚିବାର ପଥ | ଶ୍ରେୟ ବା ଶ୍ରେଷ୍ଠଙ୍କ ପ୍ରତି ଭଲପାଇବାହିଁ ଆଣିପାରେ ସେମାନଙ୍କ ଜୀବନର ପରିବର୍ତ୍ତନ | ସେମାନେ ଯଦି ଶ୍ରେଷ୍ଠ ସେବାରେ ନିୟୋଜିତ ହୁଅନ୍ତି, ତାଙ୍କ ଆଦେଶ ପାଳନରେ ତତ୍ପର ହୁଅନ୍ତି, ତେବେ ସେମାନେ ବି ସତ୍ ଓ ପବିତ୍ର ଜୀବନର ଅଧିକାରୀ ହୋଇ ଉଠିପାରନ୍ତି |

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି-- ଅତି ଦୁରାଚାରୀ ବ୍ୟକ୍ତି ବି ଯଦି ଅନନ୍ୟଚିତ୍ତ ହୋଇ ମୋର ଭଜନା କରେ, ତା'ହେଲେ ସେ ଧୀରେ ଧୀରେ ସାଧୁ ହୋଇଉଠେ *(ଗୀତା, ୯/୩୦)* | ଏଇ ହେଲା ମୂଷିକକୁ ବାହନ କରିବାର ତାତ୍ପର୍ଯ୍ୟ |

ଗଣେଶ ମାତୃଭକ୍ତ | ଥରେ ମା-ଦୁର୍ଗାଙ୍କ ଗଳାରେ ଥିବା ମୁକ୍ତାମାଳଟିକୁ ଦେଖି ମା'ଙ୍କର ଦୁଇପୁଅ କାର୍ତ୍ତିକ ଓ ଗଣେଶ ମାଳଟିକୁ ନେବା ପାଇଁ ଅଳି କଲେ | ମା' କାହାକୁ

ମାଳଟିକୁ ଦେବେ ? ଦୁଇ ଜଣଙ୍କୁ କହିଲେ, 'ଯିଏ ଆଗେ ପୃଥିବୀ ପ୍ରଦକ୍ଷିଣ କରି ଆସି ପାରିବ, ମୁଁ ତା'କୁହିଁ ମାଳଟିକୁ ଦେବି |' ମା'ଙ୍କର ଇଚ୍ଛା ଜାଣି କାର୍ତ୍ତିକ ତତ୍‌କ୍ଷଣାତ୍ ମୟୁରରେ ଚଢ଼ି ବିଶ୍ୱ-ପ୍ରଦକ୍ଷଣରେ ବାହାରିଲେ | ଗଣେଶ ମା'ଙ୍କ ସମ୍ମୁଖରେ ବସିଥିଲେ | ସେ ଉଠି ମା'ଙ୍କ ଚାରିପାଖରେ ଥରେ ଘୁରି ଆସି ଚୁପ୍ କରି ବସି ରହିଲେ | ତାଙ୍କ ନିକଟରେ ମା'ହିଁ ସବୁ | ମା'ହିଁ ପୃଥିବୀ | କିଛି ସମୟ ପରେ କାର୍ତ୍ତିକ ଆସି ଗଣେଶଙ୍କୁ ବସିଥିବାର ଦେଖି କହିଲେ, 'ମା' ! ଗଣେଶ ତ କାହିଁ ଯାଇନି ?' ମା' କହିଲେ, "ହଁ ବାବା, ଗଣେଶ ଅନେକ ଆଗରୁ ବୁଲି ଆସିଛି |" ମୁକ୍ତାର ମାଳଟି ଗଣେଶ ହିଁ ପାଇଲେ | ଗଣପାଳକର ଏଇ ମାତୃଭକ୍ତି ସହଜ ଓ ସ୍ୱାଭାବିକ |

ଗଣପତି ମଣିଷର ଅସ୍ତିତ୍ୱକୁ ପୋଷଣ ଦାନ କରନ୍ତି, କିନ୍ତୁ କାହାର ବୈଶିଷ୍ଟ୍ୟକୁ ନଷ୍ଟ କରନ୍ତି ନାହିଁ | ଗଣପତି ପୂଜାକଲେ ମଣିଷ ସହଜାତ ସଂସ୍କାରଗତ ବୈଶିଷ୍ଟ୍ୟରେ ଉଚ୍ଛଳ ହୋଇଉଠେ | କାରଣ, ଗଣପତି ଯିଏ, ସେ ଜାଣନ୍ତି, ମଣିଷର ସତ୍ତାଗତ ବିଶେଷତ୍ୱର ବିକାଶ ଯଦି ନହୁଏ, ତେବେ ସେ ମଣିଷ କିମ୍ଭୁତକିମାକାର ଜରଦ୍‌ଗବ ହୋଇଉଠିବ | ତେଣୁ, ସେ ସେହି ଦିଗ ଉପରେ ଭିତ୍ତିକରିହିଁ ମଣିଷକୁ ପାଳନ-ପୋଷଣ କରନ୍ତି | ତାଙ୍କର ପୋଷଣହିଁ ସାତ୍ୱତ ପୋଷଣ |

ଏତେପର୍ଯ୍ୟନ୍ତ ଆମେମାନେ ଗଣପତିଙ୍କ ସମ୍ବନ୍ଧରେ ଜାଣିଲେ, ଗଣେଶପୂଜାର ତାତ୍ପର୍ଯ୍ୟ ମଧ୍ୟ ବୁଝିଲେ | ଏବେ ଜାଣିବାକୁ ହେବ, ଏହି ଗଣପତି ବା ଗଣେଶ କିଏ ? ସେ କ'ଣ ଏକ ମୂର୍ତ୍ତି ମାତ୍ର ? ନା | ସେ ମଣିଷ, ନର ଦେହଧାରୀ | ସେ ବୈଶିଷ୍ଟ୍ୟପାଳୀ ଆପୂରୟମାଣ ସଦ୍‌ଗୁରୁ, ଯିଏ କି ଜଗତ୍‌କଲ୍ୟାଣ ପାଇଁ ଯୁଗେ ଯୁଗେ ଆବିର୍ଭୂତ ହୁଅନ୍ତି | ସେ ହିଁ ପରମପୁରୁଷ, ଗଣପାତା, ଲୋକ-ଉଦ୍ଧାତା | ତାଙ୍କ ଭିତରେ ଗଣପତିତ୍ୱ ମୂର୍ତ୍ତ

ଓ ଅଭିବ୍ୟକ୍ତ | ଆଉ ତାଙ୍କୁ ଭଲପାଇ ଅନୁସରଣ କରନ୍ତି ଯେଉଁମାନେ, ସେମାନଙ୍କ ଭିତରେବି ଗଣପତିଭାବର କମ୍ ବେଶି ବିକାଶ ଦେଖିବାକୁ ମିଳେ |

****

କାଳୀ

ଆମେ ସାଧାରଣତଃ ମା'-କାଳୀଙ୍କର ଯେଉଁ ରୂପ ଦେଖିଥାଉ ତାହା ଭୀଷଣାକୃତି | ଜିହ୍ୱା ବାହାର କରି ସେ ମହାଦେବଙ୍କ ଛାତି ଉପରେ ଛିଡ଼ା ହୋଇଛନ୍ତି | ଗଳାରେ ତାଙ୍କର ନରମୁଣ୍ଡ | ସେ ନରହସ୍ତ ନିର୍ମିତ ମେଖଳାପରିହିତା, ଭୀମଦଶନା, ଶିବାପରିବେଷ୍ଟିତା | ତାଙ୍କର ଚାରିହାତରେ ଖଡ୍ଗ, ନରମୁଣ୍ଡ ଏବଂ ବରାଭୟ |

କାଳୀ ଯେପରି ଚିରରହସ୍ୟାବୃତା | ଘୋର ଅମାବାସ୍ୟାର ଗଭୀର ରାତିରେ ତାଙ୍କର ପୂଜା ସମ୍ପନ୍ନ ହୁଏ | ପ୍ରହର ପରେ ପ୍ରହର ପୁରୋହିତ ଭାବଗମ୍ଭୀର ସ୍ୱରରେ ମନ୍ତ୍ର ଉଚ୍ଚାରଣ କରନ୍ତି | ନିସ୍ତବଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଛିନ୍ନ କରି ଧ୍ୱନିତ ହୋଇଉଠେ--

'କାଳୀ କରାଳବଦନା ବିନିଷ୍କ୍ରାନ୍ତାସିପାଶିନୀ' |

ଏଇ କାଳୀ କିଏ ? କଥିତ ଅଛି, ସେ ଦୁର୍ଗାଦେବୀଙ୍କ ଲଲାଟରୁ ଆବିର୍ଭୂତା ଦେବୀବିଶେଷ | ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁହଁ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିବାରୁ ତାଙ୍କର ଲଲାଟ ଦେଶରୁ କରାଳବଦନା, ଅସିପାଶଯୁକ୍ତା ଏଇ କାଳୀ ଆବିର୍ଭୂତା ହୁଅନ୍ତି | ମୋଟ ଉପରେ ବୁଝାଯାଉଛି ଯେ, ମା-କାଳୀ ମା-ଦୁର୍ଗାଙ୍କରହିଁ ଅପର ଏକ ରୂପ | ସେ-ରୂପ ଅସତ୍-ବିନାଶାର୍ଥେ 'ଜିହ୍ୱାଲଳନଭୀଷଣା' ଭୟଙ୍କରୀ ଶ୍ୟାମା |

ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ସେମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୁଅନ୍ତି, ଧରଣୀର ସ୍ୱସ୍ତି

ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହେଉଥାଏ, ସେତେବେଳେ ଜୀବ-ଅସ୍ତିତ୍ୱ ରକ୍ଷାରେ ଆବିର୍ଭୂତା ହୁଅନ୍ତି ମହାକାଳୀ |

ଜୀବର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମଣିଷ ଯେତେବେଳେ ଦିନ କାଟୁଥାଏ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମହରିତାରେ ଡୁବି ରହି ସେ ଯେତେବେଳେ ନିଜକୁ ସଙ୍କୁଚିତ କରିଡୋଳେ, ଫଳସ୍ୱରୂପ ଆଉ ପଥ ଖୋଜି ପାଏନା, ସେତେବେଳେହିଁ ପ୍ରୟୋଜନ ହୁଏ କାଳୀ ଆରାଧନାର | କାରଣ, କାଳୀଙ୍କ ବୈଶିଷ୍ଟ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରିତ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା |

୧୯୫୬ ସାଲ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟା ସମୟରେ ଦିପାବଳୀ ଓ ମା-କାଳୀଙ୍କ ସମ୍ପର୍କରେ କଥାବାର୍ତ୍ତା ଚାଲିଥାଏ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ | କଥା ପ୍ରସଙ୍ଗରେ ସେ କହିଲେ, “କାଳୀ ମଧ୍ୟରେ କଲ୍ (ଧାତୁ) ଅଛି, କଲ୍ ମାନେ କ’ଣରେ ?” ଅଭିଧାନ ଦେଖି କୁହାଗଲା, କଲ୍ ଧାତୁ ମଧ୍ୟରେ ଅଛି ଗତି, ଗଣନା, ଶବ୍ଦ, ସଂଖ୍ୟାନ | ଶୁଣି ଶ୍ରୀଶ୍ରୀଠାକୁର କହିଲେ, “ମୋର ମନେହୁଏ, କାଳୀ ମାନେ ସଂଖ୍ୟାୟନୀ ଗତିସମ୍ପନ୍ନା ଯିଏ |” ଅର୍ଥାତ୍ ଗୁଣିତ ହୋଇ ହୋଇ ବଢ଼ି ଚାଲନ୍ତି ଯିଏ | କ’ଣ ଗୁଣିତ ହୁଏ ? ମା’ଙ୍କର ଯାହା ସତ୍ତାସମ୍ପଦ ଅର୍ଥାତ୍ ମା’ଙ୍କର ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତ୍ତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ, ତାହାହିଁ ଗୁଣିତ ହୁଏ | ମା’ଙ୍କର ପୂଜା ଯେଉଁମାନେ କରନ୍ତି, ମା’ଙ୍କୁ ଯେଉଁମାନେ ଭଲପାଆନ୍ତି, ସେମାନଙ୍କ ଭିତରେ ଏଇ ସବୁ ଗୁଣ ବୃଦ୍ଧି ପାଏ, ଅନ୍ତରରେ ସେମାନଙ୍କର ମହାଶକ୍ତିର ଜାଗରଣ ଘଟେ |

ମା'-କାଳୀଙ୍କୁ ଶକ୍ତି ବି କୁହାଯାଏ | ଶକ୍ତିର ଉପାସନା ଯେଉଁମାନେ କରନ୍ତି ସେମାନେ ଶାକ୍ତ ନାମରେ ଅଭିହିତ | ଏଇ ଶକ୍ତି ହେଲା ଜୀବନୀଶକ୍ତି | ମଣିଷ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡ଼େ, ସେତେବେଳେ ଶକ୍ତିର ଉପାସନାରେ ସେ ଫେରିପାଏ ଜୀବନର ଗତିବେଗ, କର୍ମଦକ୍ଷତା, ସାହସ, ଶକ୍ତି ଓ ଶୌର୍ଯ୍ୟ | ଜୀବନୀଶକ୍ତିର ଅଭାବରେ ମଣିଷର ଅନ୍ତର-ସମ୍ପଦ ନିଷ୍ପ୍ରଭ ହୋଇପଡ଼େ, ତା'ର ପ୍ରାଣୋଚ୍ଛଳତା ରହେନା | ଆଉ, ଶକ୍ତି-ଆରାଧନାରେ ଶକ୍ତି ଜାଗି ଉଠେ |

ଶକ୍ତିପୂଜାକୁ କେହି କେହି ଅସତ୍ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି | ଶୁଣାଯାଏ, ଆଗେ ଡକାୟତମାନେ କାଳୀପୂଜା କରି ଡକାୟତି କରିବାକୁ ବାହାରୁଥିଲେ | ପୁଣି, ବର୍ତ୍ତମାନ ବି ମା'-କାଳୀଙ୍କୁ ସାମନାରେ ରଖି କେତେକ ଉଚ୍ଛୃଙ୍ଖଳ ମଣିଷ ଯେ-ଭାବରେ ଟୁଇଷ୍ଟ ନାଚ, ମଦ୍ୟପାନ ଓ ନାନାରକମ ଅଶାଳୀନ ହୈ-ହଲ୍ଲା କରନ୍ତି, ତାହାକୁ ବି ଶକ୍ତିପୂଜାର ମହିମା-ପ୍ରଚାର କୁହାଯାଏନା | ବରଂ ତାହା ଅନ୍ତଃସ୍ଥ ଅନିୟନ୍ତ୍ରିତ ନୀଚ ପ୍ରବୃତ୍ତିରାଜିର ଅର୍ଗଳିଭଙ୍ଗା ବହିଃପ୍ରକାଶ ମାତ୍ର | ସେଥିପାଇଁ ସେଇ ପୂଜକମାନଙ୍କ ଅନ୍ତରରେ ଦିବ୍ୟାଭାବର ଜାଗରଣ କିଛିହିଁ ଦେଖାଯାଏନା | ଉପରନ୍ତୁ, ଗୁରୁଜନ ଏବଂ ମହିଳାମାନଙ୍କ ସମ୍ମୁଖରେ ଏରକମ ଅଶୋଭନ ଶ୍ରଦ୍ଧାହୀନ ଆଚରଣ ଚରିତ୍ରର ଅଧୋଗତିକୁହିଁ ପ୍ରକଟ କରିତୋଳେ | ସେଥିପାଇଁ ଏବେ ଶକ୍ତିରୂପା ଦେବୀଙ୍କୁ ଆସନରେ ବସାଇ ପୁଷ୍ପ-ବିଲ୍ୱପତ୍ରାଦି ସହକାରେ ସାଡ଼ମ୍ବରରେ ପୂଜାର ଅନୁଷ୍ଠାନ କରାଯାଏ ମାତ୍ର, କିନ୍ତୁ ଫଳ କ'ଣ ଦେଖିଛ ? -- ଶକ୍ତି ବୃଦ୍ଧି ବଦଳରେ ଆମେ ଦିନକୁ ଦିନ ଦୁର୍ବଳ ଓ ଶକ୍ତିହୀନ ହୋଇପଡୁଛୁ | ଅସତ୍ ବିରୁଦ୍ଧରେ ଛିଡ଼ା ହେବାର ସାହସ ଆମର ନାହିଁ, ବଂଶମର୍ଯ୍ୟାଦା ଓ ଆଭିଜାତ୍ୟ ସମ୍ପର୍କରେ ଆମ୍ଭେମାନେ ସଚେତନ ହୋଇ ପାରୁନାହୁଁ, ମା'-ଭଉଣୀଙ୍କର ସମ୍ମାନ ନେଇ ଖେଳ ଖେଳିବାକୁ ଆମ୍ଭମାନଙ୍କୁ ବାଧେନା, କଥା-କଥାରେ ଅପରକୁ ଆଘାତ କରିବାକୁ, ଏପରିକି ଜୀବନ-ହନନ କରିବାକୁ ବି

ପଶ୍ଚାତ୍‌ପଦ ହେଉନା | ଏଇ କ'ଣ ଶକ୍ତିପୂଜାର ଫଳ ? ଯିଏ ବିଶ୍ୱପ୍ରସବିନୀ, କଲ୍ୟାଣୀ କାଳୀ, ତାଙ୍କୁ ପୂଜା କରି କ'ଣ ମନୁଷ୍ୟ ହୃଦୟହୀନ ହୁଏ, ତା' ଚରିତ୍ରର ଅଧଃପତନ ଘଟେ ? ବରଂ ମଣିଷ ବଢ଼ି ଉଠେ ତେଜ-ବୀର୍ଯ୍ୟ-ପରାକ୍ରମରେ | ତା'ର ଅନ୍ତରରୁ ଦୂର ହୋଇଯାଏ ଅନ୍ୟାୟ ପ୍ରତି ମୋହ, ଅସତ୍ ଚଳନରେ ଚାଲିବାର ପ୍ରବୃତ୍ତି | ତା'ର ଅନ୍ତରର ଦମ୍ଭ, ଅଭିମାନ, କୁକ୍ରିୟାଶକ୍ତି, ଆତ୍ମସୁଖପରାୟଣତା, ପ୍ରଭୃତି ଅବଗୁଣଗୁଡ଼ିକର ଅବଲୋପ ଘଟେ | ଯଦି ତା' ନହୁଏ ତେବେ ବୁଝିବାକୁ ହେବ, କଲ୍ୟାଣମୟୀ କାଳୀଙ୍କର ପୂଜା ସେଠାରେ ହୋଇନାହିଁ |

ପୁଣି, ପୂଜାସ୍ଥାନରେ ଆଉ ଗୋଟିଏ ଘଟଣା ଘଟିବାର ଦେଖାଯାଏ | ତା' ହେଲା କୁରୁଚିପୂର୍ଣ୍ଣ ଯୌନଭାବୋଦ୍ଦୀପକ ନାନାରକମ ଚଟୁଳ ସଙ୍ଗୀତ ମାଇକ୍ ଯୋଗେ ବଜାଇବା | ଥରେ ଦେଓଘରରେ କାଳୀପୂଜା ସମୟରେ ମାଇକ୍ ଯୋଗେ ସେହି ଧରଣର ଗୀତ ବାଜୁଥାଏ | ଜଣେ ଖୁସୀ ହୋଇ କହିଲେ, 'ସେଠାରେ ହେଉଥିବା ପୂଜାରେ ଖୁବ୍ ମାଇକ୍ ବାଜୁଛି |' ତାହା ଶୁଣି ଶ୍ରୀଶ୍ରୀଠାକୁର କୌଣସି ପ୍ରକାର ଆନନ୍ଦ ପ୍ରକାଶ କଲେ ନାହିଁ | ଟିକିଏ ଗମ୍ଭୀର ହୋଇ କହିଲେ, "ପୂଜାର ଆଗେ ବା ପରେ ପୂଜାମଣ୍ଡପରେ ଭାବଭକ୍ତିର ସହାୟକ ଗୀତ-ବାଜଣା ଚାଲିପାରେ; କିନ୍ତୁ ସେହି ଭାବର ବିରୁଦ୍ଧରେ ବା କୌଣସି ରକମ ଅସତ୍ ଉତ୍ତେଜନା ସୃଷ୍ଟିକାରୀ ଗୀତ ଦେବତା-ସାନ୍ନିଧ୍ୟରେ କେବେବି ବଜାଇବା ଉଚିତ୍ ନୁହେଁ |" କଲେ, ପୂଜାର ପବିତ୍ର ଭାବ ନଷ୍ଟ ହୋଇଯାଏ | ଦେବତାଙ୍କ ଉପରେ ଶ୍ରଦ୍ଧାବି ହୁଏନା | ଆଉ, ଶ୍ରଦ୍ଧାର ଉଦ୍‌ଭବ ନହେଲେ ପୂଜାରେ କେବେବି ସମ୍ବର୍ଦ୍ଧନା ଆସେନା |

ଆମ୍ଭେମାନେ ଯେଉଁ କାଳୀମୂର୍ତ୍ତି ଦେଖିବାରେ ଅଭ୍ୟସ୍ତ ତାହା ଭୟଉତ୍‌ପାଦକ ସଂହାରମୂର୍ତ୍ତି | ସେ ମୁଣ୍ଡମାଳବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଉଲ୍ଲଙ୍ଗିନୀ, ଶ୍ୟାମା, ମହାରବା | ସେ ପୁଣି ପ୍ରସନ୍ନା, ହାସ୍ୟମୁଖୀ | ତାଙ୍କର ଦୁଇହାତରେ ଖଡ୍ଗ ଓ ନରମୁଣ୍ଡ-

ଧ୍ୱଂସର ପ୍ରତୀକ, ଅପର ଦୁଇହାତରେ ପୁଣି ବର ଓ ଅଭୟ-ତାଙ୍କ ପଦାଶ୍ରିତ ସନ୍ତାନଗଣଙ୍କ ପାଇଁ | ମା'ଙ୍କର ଅଛନ୍ତି ଆଠ ଯୋଗିନୀ | ସେମାନଙ୍କ ମଧ୍ୟରୁ ଛ'ଜଣଙ୍କର ନାମ ହେଲା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ, ତ୍ରିପୁରା | ଏଗୁଡ଼ିକ ଯଦି ଆମେ ପ୍ରତୀକ ଭାବରେ ଗ୍ରହଣ କରୁ ତାହାହେଲେ କୁହାଯାଏ, ଏସବୁହିଁ ହେଲା ଅକଲ୍ୟାଣକୁ ନିରୋଧ କରିବା ପାଇଁ ମା'ଙ୍କର ଶକ୍ତି | ଅସତ୍‌ର ବିରୁଦ୍ଧରେ, ଅସୁର ପ୍ରବୃତ୍ତିର ଦମନରେ ସେ ପ୍ରଚଣ୍ଡା | ଏହା ବ୍ୟତୀତ ଆହୁରି ଦୁଇଟି ଯୋଗିନୀ ଅଛନ୍ତି, ସେମାନଙ୍କର ନାମ କର୍ତ୍ତ୍ରୀ ଏବଂ ବିଧାତୃକା, ମାନେ ଯେଉଁ ଶକ୍ତି ସବୁକିଛି ଗଢ଼ି ତୋଳନ୍ତି, ସଜାଇ ଦିଅନ୍ତି | ବିଶ୍ୱସଂସାର ଯେଉଁ ଭାବରେ ବିନ୍ୟସ୍ତ ହେଲେ ସୁଶୃଙ୍ଖଳ ଏବଂ ସୁଷ୍ଠୁଚଳତ୍‌ଶୀଳ ରହେ, ମା-କାଳୀ ତାହାହିଁ କରନ୍ତି | ପୁଣି ସ୍ୱୀୟ ସନ୍ତାନମାନଙ୍କ ପାଇଁ ସେ ବାତ୍ସଲ୍ୟପରାୟଣା | ତେଣୁ, କାଳୀ ଏକାଧାରରେ ଯେପରି ଜୀବନ ସଂରକ୍ଷକ, ସେପରି ପୁଣି ଜୀବନକୁ ଯାହା ଦଳିତ-ମଥିତ କରେ ତାହାର ସଂହାରକ | ସେ 'ଭୟଦା', ପୁଣି 'ଭୟନାଶିନୀ' |

ମା'ଙ୍କ ସହିତ ଯିଏ ଯୁକ୍ତ ରହେ, ମା'ଙ୍କୁ ଯିଏ ବିଶ୍ୱପ୍ରସବିନୀ ବୋଲି ଭାବେ, ମା'ଙ୍କର କଲ୍ୟାଣମୟୀ ମୂର୍ତ୍ତି ସେ ଉପଲବ୍ଧି କରିପାରେ | ସ୍ୱୀୟ ଆଚରଣର ଭିତର ଦେଇ ତାହା କରି ଦେଖାଇ ଦେଇ ଯାଇଛନ୍ତି ରାମପ୍ରସାଦ, କମଳାକାନ୍ତ, ବାମାକ୍ଷେପା, ପ୍ରଭୃତି ସାଧକଗଣ | ଏମାନେ ମା-କାଳୀଙ୍କୁ ଏତେ ଆପଣାର ଭାବୁଥିଲେ ଯେ ତାଙ୍କ ସହିତ ଏମାନଙ୍କର ରାଗ, ଅଭିମାନ, ସୋହାଗ, ସବୁକିଛିର ପାଲା ଚାଲେ | ସେମାନଙ୍କ ନିକଟରେ ମା-କାଳୀ କେବଳ ପଥର ବା ମାଟିର ମୂର୍ତ୍ତି ନୁହଁନ୍ତି | ଦେବଭାବରେ ସେମାନେ ଆବିଷ୍ଟ | ମା'ଙ୍କର ମହିମା ଓ ଗୁଣବୈଶିଷ୍ଟ୍ୟ ଅନୁଶୀଳନ ଓ ଆଚରଣର ଭିତର-ଦେଇ ସେମାନେ ସ୍ୱ-ସ୍ୱ ବୈଶିଷ୍ଟ୍ୟ-ଅନୁଯାୟୀ ନିଜ ନିଜ ପ୍ରାଣରେ ପ୍ରତିଷ୍ଠିତ

କରିଛନ୍ତି | ତେଣୁ, ସେମାନଙ୍କ ନିକଟରେହିଁ ପ୍ରକୃତ ହୋଇଉଠିଛି ପ୍ରତିମାରେ ପ୍ରାଣପ୍ରତିଷ୍ଠା | ରାମପ୍ରସାଦ ତ ପ୍ରାଣଖୋଲି ଗାଉଥିଲେ--

"ମା'ର ମୂର୍ତ୍ତି ଗଢ଼ିବାକୁ ଚାହେଁ ମନର ଭ୍ରମରେ ମାଟି ଦେଇ, / ମା'ଟି କ'ଣ ମୋର ମାଟିର ଝିଅ ? ମିଛରେ ଖଟେ ମାଟି ନେଇ |"

ପରମପୁରୁଷ ଶ୍ରୀଶ୍ରୀରାମକୃଷ୍ଣଦେବଙ୍କ ନିକଟରେ ବି ମୃଣ୍ମୟୀ କାଳୀ ଚିନ୍ମୟୀ ହୋଇ ଉଠିଥିଲେ | ଠାକୁରଙ୍କ ନିକଟରେ ସେ କେବଳ କୃଷ୍ଣବର୍ଣ୍ଣା କାଳୀ ନୁହଁନ୍ତି | ସେଇ "କଳା ମା'ର ପାଦ ତଳେ" ସେ "ଆଲୋକର ନାଚନ" (ଛଟା) ଦେଖିବାକୁ ପାଆନ୍ତି |

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରବି କହିଛନ୍ତି, "ମା" ମୋର ଦିପାନ୍ବିତା" | ମା' କାଳୀଙ୍କ ଭିତରେ ସେ ନିଜ ମା'ଙ୍କୁ ପ୍ରତ୍ୟକ୍ଷ କରିଛନ୍ତି | ଥରେ ଛାତ୍ରାବସ୍ଥାରେ ସେ ଏକ ସଙ୍ଗୀ ସହ ଦକ୍ଷୀଣେଶ୍ୱରର ଭବତାରିଣୀ ମନ୍ଦିରକୁ ଯାଇଥିଲେ | ସେତେବେଳେ ଦ୍ୱିପ୍ରହରର ପୂଜା ସାଙ୍ଗ ହୋଇଥାଏ | ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଉଥାଏ | ଶ୍ରୀଶ୍ରୀଠାକୁର ପ୍ରସାଦ ପାଇବା ଆଗରୁ ମନ୍ଦିରର ଦରଜା ବନ୍ଦ ହୋଇଗଲା | ଆଉ ପ୍ରସାଦ ଦିଆଯିବ ନାହିଁ କିନ୍ତୁ ଠାକୁର ସେତେବେଳେ କ୍ଷୁଧାର୍ତ୍ତ | ପ୍ରସାଦ ନପାଇ ସେ ଅଭିମାନରେ ମନ୍ଦିର ବାରଣ୍ଡା ପାଖରେ ଥିବା ଗୋଟିଏ ଗଛର ଛାଇତଳେ ଯାଇ ଶୋଇପଡ଼ିଥା'ନ୍ତି | ଧୀରେ ଧୀରେ ଘୋର ନିଦ୍ରାରେ ଶୋଇପଡ଼ିଲେ ସେ | ତା'ପରେ ସ୍ୱପ୍ନରେ ଦେଖନ୍ତି-- ମା' ଆସିଛନ୍ତି, ଶ୍ୟାମା, ଅବିନ୍ୟସ୍ତକେଶୀ, ସିଂଥିରେ ସିନ୍ଦୁର, ଲାଲ ପାଢ଼ି ଶାଢ଼ୀ ପରିବୃତା | ଗୋଟିଏ ହାତରେ ପାଣି ଏବଂ ଆଉ ଗୋଟିଏ ହାତରେ ବରଫି ସନ୍ଦେଶଭରା ଥାଳି ଧରି ଉପସ୍ଥିତ | ଏଇ ରୂପ ବର୍ଣ୍ଣନା କରୁ କରୁ ଶ୍ରୀଶ୍ରୀଠାକୁର ବହୁବାର କହିଛନ୍ତି, "ଦେଖିବାକୁ ଠିକ ଏକବାରେ ମୋ ମା' ପରି |" ମା' ଆସ୍ତେ ଆସ୍ତେ ଆସି ଶ୍ରୀଶ୍ରୀଠାକୁରଙ୍କ ମୁଣ୍ଡଟିକୁ କୋଳରେ ରଖି ପାଟି ପାଖରେ ସନ୍ଦେଶ ଧରି କହିଲେ, 'ଖା' | ଠାକୁର ଅଭିମାନଭରା ଗଳାରେ କହିଲେ, "ନା' ମୁଁ ଖାଇବିନି | ସେତେବେଳେ

ମୋତେ ଭୋକ ହେଉଥିଲା | କିନ୍ତୁ ସେତେବେଳେ ମୋତେ ପ୍ରସାଦ ଦିଆନଗଲା କାହିଁକି ? ମୁଁ ଆଉ ଖାଇବିନି |" ମା' ଶୁଣି ସସ୍ନେହେ ହସି ହସି କହିଲେ, "ଏତେ ଲୋକଙ୍କ ଉପସ୍ଥିତିରେ ମୁଁ କ'ଣ ଆସିପାରେ ?" ଏହାପରେ ମା' ବସି ବସି ପରମ ଆଦରରେ ଠାକୁରଙ୍କୁ ସେଇ ସନ୍ଦେଶ ଓ ପାଣି ଖୁଆଇଲେ | ନିଦରୁ ଉଠି ଶ୍ରୀଶ୍ରୀଠାକୁର ବୋଧ କରିଛନ୍ତି ଯେ ତାଙ୍କର କ୍ଷୁଧା, ପିପାସା ମେଣ୍ଟିଯାଇଛି | କିଛି ସମୟ ସେଠାରେ ଅତିବାହିତ କରି ଶ୍ରୀଶ୍ରୀଠାକୁର ଦକ୍ଷିଣେଶ୍ୱରରୁ କଲିକତା ଚାଲିଆସିଲେ | କଲିକତାରେ ପହଞ୍ଚିବା ପର୍ଯ୍ୟନ୍ତ ତାଙ୍କର କ୍ଷୁଧା, ପିପାସା କିଛିହିଁ ନଥିଲା |

ଏ ମା' କ'ଣ ରହସ୍ୟାବୃତା ଭୟଙ୍କରୀ ଶିଳାମୂର୍ତ୍ତି ମାତ୍ର ? ଯାହାର ସେ ଉପଲବ୍ଧି ନାହିଁ, ତା' ନିକଟରେ ତାହାହିଁ | କିନ୍ତୁ ଉପଲବ୍ଧିବାନ୍ ବ୍ୟକ୍ତିତ୍ୱ ନିକଟରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳବିଧାୟିନୀ ଜନନୀ | ଇଂ ୧୯୫୬ ସାଲ ନିଭେମ୍ବର ଦୁଇ ତାରିଖରେ ଅର୍ଥାତ୍ ଦୀପାବଳୀ ଦିନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ଗୋଟିଏ ମହାବାଣୀ--

"ଆଜି ଦିପାଳି,
ମା' ମୋର ଦିପାନ୍ୱିତା,
ମା' ମୋର ଜୀବନ-ଆଲୋକ,
ମା'ଙ୍କର ଗୋଟିଏ ହାତରେ ଅସତ୍-ନିରୋଧୀ ଅସି,
ଅନ୍ୟ ହାତରେ ବର ଓ ଅଭୟ--
ବାତ୍ସଲ୍ୟର ପରମ ଆଶ୍ରୟ,
ତେଣୁ ମା' ଶିବାନୀ, ଶୁଭାନୀ,
ମୋର ମା କଲ୍ୟାଣୀ କାଳୀ,
ସତ୍ତାର ସାତ୍ୱତ ସମ୍ବେଗ--

ଅସ୍ତିତ୍ୱର ଅମୃତ-ଉତ୍ସ--
ଜୀବନର ଯୋଗ-ନର୍ତ୍ତନା,
ସେ ଏଇ ଯେ
ମୋର ମା |"
୨.୧୧.୧୬୫୬, ସନ୍ଧ୍ୟା ୬-୪୩ମି.
(ଶ୍ରୀଶ୍ରୀଠାକୁରଙ୍କ ଶ୍ରୀହସ୍ତ ଲିଖିତ)

ଇଷ୍ଟାନୁଗ ମାତୃଭକ୍ତି ଯାହା ଜୀବନରେ ଅତୁଟ, ପୂଜା ବେଦୀରେ ପ୍ରତିଷ୍ଠିତ ପ୍ରତିମା ତା ନିକଟରେ ସ୍ୱୀୟ ଗର୍ଭଧାରିଣୀର ପ୍ରତିରୂପ ହୋଇ ଧରାପଡ଼ନ୍ତି | ମା'କାଳୀ ତା' ନିକଟରେ ଆଉ କୃଷ୍ଣବର୍ଣ୍ଣା ନୁହଁନ୍ତି | ସେ ହୋଇଥା'ନ୍ତି "ଦୀପ ଅନ୍ୱିତା" (ଦ୍ୱୀପାନ୍ୱିତା), ଉଜ୍ଜ୍ୱଳବର୍ଣ୍ଣା | ଦାନବନିଧନାର୍ଥେ ତାଙ୍କର ମହାଭୈରବୀ ରୁଦ୍ରମୂର୍ତ୍ତି ଦେଖି ତାଙ୍କର ସନ୍ତାନ କେବେବି ଭୟପାଏନା | ସନ୍ତାନ ତ ଜାଣେ, ଏ ମୋର ମା, ଦୁଷ୍ଟକୁ ଶାସନ କରୁଛନ୍ତି | ତାଙ୍କର ସେହି ରୂପ ଦେଖି ଆତଙ୍କଗ୍ରସ୍ତ ହୁଅନ୍ତି ପାପୀ ଯେଉଁମାନେ | ଅପରାଧବୋଧ ଯାହାର ଅଛି, ସେମାନେ ମା'ଙ୍କର ଭୟଙ୍କର ମୁଖ ଦେଖି ଭୟ ପାଆନ୍ତି | ସିଂହୀ ଗର୍ଜ୍ଜନ କରିବା ସମୟରେ ଆଖପାଖରେ ଥିବା ଜୀବ, ଜନ୍ତୁ ସମେତ ମଣିଷ ବି ଆତଙ୍କିତ ହୋଇପଡ଼େ | କିନ୍ତୁ ସିଂହୀର ଶିଶୁଗୁଡ଼ିକବି ତା' ପଛେ ପଛେ ଚାଲିଥା'ନ୍ତି | ସେମାନଙ୍କର ବୁକୁ କିନ୍ତୁ କମ୍ପେନା | କାରଣ, ସେ ଜାଣେ ଏ ତ ମୋର ମା' |

ମା'-କାଳୀଙ୍କର ବୀଜମନ୍ତ୍ରରେ 'ହ୍ରୂଂ ଓ 'ହଂ' ଧ୍ୱନି ଶୁଣିବାକୁ ମିଳେ | ଏଇ ଧ୍ୱନି ବା ନାଦ ହୁଙ୍କାରର ପ୍ରତୀକ | ଦାନବ ଦମନକାଳରେ ପ୍ରଚଣ୍ଡା ଓ ଓଜସ୍ୱିନୀ ମହାକାଳୀ ଘନ ଘନ ହୁଙ୍କାରରେ ସେମାନଙ୍କ ପ୍ରାଣରେ ତ୍ରାସ ସୃଷ୍ଟି କରିଛନ୍ତି | ତେଣୁ, ସେଭଳି ଧ୍ୱନିର ସୃଷ୍ଟି |

ରକ୍ତବୀଜ ନାମକ ଅସୁରର ରକ୍ତ ମାଟିରେ ପଡ଼ି ସହସ୍ର ସହସ୍ର ଅସୁର ସୃଷ୍ଟି କରିବା ଆଗରୁ ସେ ଜିହ୍ୱା ବିସ୍ତାର କରି ସେଇ ରକ୍ତପାନ କରିଛନ୍ତି | ଏଇ କାରଣରୁ ତାଙ୍କର ବିସ୍ତୃତ ଜିହ୍ୱାର କଳ୍ପନା କରିଛନ୍ତି ସାଧକଗଣ | ତା' ସହିତ ମହାକାଳୀ ଗ୍ରାସ କରିଛନ୍ତି ଅନ୍ୟାନ୍ୟ ଅସୁରଙ୍କୁବି | ଏଇ କଳନ ବା ଗ୍ରାସ କରିବା ଅର୍ଥରୁ ତାଙ୍କ ନାମ 'କାଳୀ' ହୋଇଛି |

କାଳୀ ପ୍ରତିମାରେ ଆମେ ଦେଖୁ, ମହାକାଳୀ ରଣରଙ୍ଗିନୀ ମୂର୍ତ୍ତିରେ ମହାଦେବଙ୍କ ବୁକୁ ଉପରେ ଛିଡ଼ା ହୋଇଛନ୍ତି | ଏଇ ବିଷୟରେ କେତେ ସାଧକ ଗୀତ ଗାଇଛନ୍ତି, କେତେ ଭାବୁକ କେତେରକମର ବ୍ୟାଖ୍ୟା ଦେଇଛନ୍ତି ତାହାର ଅନ୍ତ ନାହିଁ | କେହି କେହି କହିଛନ୍ତି "କାଳୀ ଶିବଙ୍କ ସହିତ "ବିପରୀତରତାତୁରା" (ବିପରୀତ ରତିରେ ଆସକ୍ତା) | କେହି କେହି କହିଛନ୍ତି "କାଳୀ ଶିବାରୂଢ଼ା ନୁହଁନ୍ତି, ଶବରୂଢ଼ା" | ତା'ର ମାନେ ରଣନିର୍ଜିତ ଦୈତ୍ୟଗଣଙ୍କ ଦେହ ଉପର ଦେଇ ମହାକାଳୀ ଚାଲିଥିଲେ | ଆଉ ଦୈତ୍ୟ-ଦାନବ-ମଣିଷ-ପଶୁପକ୍ଷୀ-କୀଟପତଙ୍ଗ ଯେ କୌଣସି ପ୍ରାଣୀହିଁ ତ ସେଇ ଏକ ବିଶ୍ୱପିତା ମହାଦେବଙ୍କର ଅଂଶବିଶେଷ | ଶିବଙ୍କ ବୁକୁରେ କାଳୀ ସେଇ ଶବାସନା ଅବସ୍ଥାରେହିଁ ପ୍ରତୀକ ମାତ୍ର | ଏଇଭଳି ବହୁ ବ୍ୟାଖ୍ୟାନ ଅଛି | ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏକ ବ୍ୟାଖ୍ୟା ଆମେ ପାଇଲୁ ପରମଦୟାଳ ଶ୍ରୀଶ୍ରୀଠାକୁରଙ୍କ ନିକଟରେ | ସେଇ କଥାଟିହିଁ ଏବେ କହୁଛି-- |

ଶିବଙ୍କ ବୁକୁ ଉପରେ ଦଣ୍ଡାୟମାନା କାଳୀ-- ଏହା ସୃଷ୍ଟିତତ୍ତ୍ୱର ପ୍ରାଥମିକ ପର୍ଯ୍ୟାୟର ଏକ ଇଙ୍ଗିତ | ସାଂଖ୍ୟମତାନୁସାରେ, ପୁରୁଷ ଅକ୍ରିୟ (ଶବ) | ପ୍ରକୃତିର ସଂସ୍ପର୍ଶରେ ସେ ସକ୍ରିୟ ହୋଇ ଉଠନ୍ତି | ସେତେବେଳେ ସୃଷ୍ଟି ଆରମ୍ଭ ହୁଏ | ଶ୍ରୀଶ୍ରୀଠାକୁର କହିଲେ ପୁରୁଷ ସ୍ଥାସ୍ନୁ ବା ସ୍ଥିରଧର୍ମୀ, ଇଂରାଜୀରେ କୁଜାଯାଏ "ପଜିଟିଭ୍"; ଆଉ ନାରୀ ଚରିଷ୍ଣୁ ବା ଚରଧର୍ମୀ-- 'ନେଗେଟିଭ୍' | ଏଇ ପଜିଟିଭ୍ ଓ ନେଗେଟିଭ୍‌ର ପାରସ୍ପରିକ ମିଳନରେହିଁ ହୁଏ ସୃଷ୍ଟିର ସୂଚନା | ବୈଦ୍ୟୁତିକ ଆଲୋକ ଜଳାଇବାକୁ

ହେଲେ ଗୋଟିଏ ପଜିଟିଭ୍ ଓ ଗୋଟିଏ ନେଗେଟିଭ୍ ତାରର ମିଳନ ଦରକାର ହୁଏ | କେବଳ ଦୁଇଟି ପଜିଟିଭ୍ ବା ଦୁଇଟି ନେଗେଟିଭ୍ ତାରରେ ଆଲୋକ ଜଳା ଯାଏନା | ପୁଣି, ଲୌକିକ ସୃଷ୍ଟି ବେଳରେ ବି ନାରୀ (ନେଗେଟିଭ୍) ଓ ପୁରୁଷ (ପଜିଟିଭ୍) ଉଭୟର ମିଳନର ପ୍ରୟୋଜନ ହୁଏ | ବିଶ୍ୱସୃଷ୍ଟିର ପ୍ରାକ୍‌କାଳରେ ବି ସେପରି ପଜିଟିଭ୍ ଓ ନେଗେଟିଭ୍ ଶକ୍ତିର ମିଳନ | ତାଙ୍କରହିଁ ପ୍ରତୀକ ସେହି ପଜିଟିଭ୍ ନିଷ୍କ୍ରିୟ ଶିବଙ୍କ ଛାତି ଉପରେ ନେଗେଟିଭ୍ ଚଞ୍ଚଳା କାଳୀଙ୍କର ପାଦଚାରଣା | ଶିବ ମାନେହିଁ ସମସ୍ତଙ୍କର ଓ ସବୁକିଛିର ଶୟନସ୍ଥାନ (ଶୀ-ଧାତୁ), ଅର୍ଥାତ୍ ଯାହାଙ୍କ ଭିତରେ ବିଶ୍ୱଦୁନିଆଁର ସବୁ-କିଛି ଅବସ୍ଥିତ, ଅଖଣ୍ଡ ବିଶ୍ୱସତ୍ତା | ତାହା ଏକ ଏବଂ ଅଦ୍ୱିତୀୟ, ତାହା ଚିରକାଳ ଥିଲା, ଅଛି ଏବଂ ରହିବ | କିନ୍ତୁ ତାହା କେବେହିଁ ଏଇ ବିଚିତ୍ର ଶୋଭା ନେଇ ଦୃଶ୍ୟମାନ ଜଗତ୍‌ରୂପରେ ଫୁଟି ଉଠି ପାରିନଥା'ନ୍ତା-- ଯଦି ତା'ର ବକ୍ଷରେ ପ୍ରକୃତିର ଚରମାନତା ସଂଯୁକ୍ତ ହୋଇନଥା'ନ୍ତା | ପ୍ରକୃତିର ସଂସ୍ପର୍ଶରେହିଁ ପୁରୁଷ ସଚଳ ଓ ସକ୍ରିୟ ହୁଏ | ଉଭୟଙ୍କର ସଂଯୋଗରେହିଁ ସୃଷ୍ଟି ସମ୍ଭବ ହୋଇଉଠେ | ଶିବ ଓ କାଳୀ ସେଇ ପୁରୁଷ ଓ ପ୍ରକୃତି-- ପଜିଟିଭ୍ ଓ ନେଗେଟିଭ୍ | ଏଇ ହେଲା ଶିବଙ୍କ ବୁକୁରେ ଶ୍ୟାମାଙ୍କ ଅବସ୍ଥିତିର ତାତ୍ପର୍ଯ୍ୟ |

ଈଶ୍ୱର ଅନନ୍ତ-- ବାକ୍ୟ ଓ ମନର ଅଗୋଚର | ସିଏ ଅରୂପ, ଅବ୍ୟୟ, ଅଦ୍ୱିତୀୟ | ମାୟାମୁଗ୍ଧ ଜୀବ ଧାରଣା ଭିତରେ ଆଣୀବା ସୁକଠିନ | କାରଣ, କୌଣସି ରୂପ ମଧ୍ୟରେ ଯାହାଙ୍କୁ ସୀମାୟିତ କରାଯାଇପାରେନା, ତାଙ୍କୁ ଧାରଣା କରାଯିବ କେଉଁଭାବରେ | ତେଣୁ, ତାଙ୍କର ଗୋଟିଏ ଗୋଟିଏ ଜ୍ୟୋତିର୍ମୟ ଗୁଣ ନେଇ ଏକ ଏକ ଦେବତାଙ୍କର ଭାବ ତିଆରି କରାଯାଇଛି ଏବଂ ସେଇ ଭାବ-ଅନୁଯାୟୀ ହୋଇଛି ସେଇ ଦେବତାଙ୍କର ରୂପକଳ୍ପନା; ଯେଭଳି ଜ୍ଞାନର ଅଧିଷ୍ଠାତ୍ରୀ ଦେବତା ସରସ୍ୱତୀ, ମହାଶକ୍ତିର ଦେବତା କାଳୀ, ଜଳଦେବତା ବରୁଣ, ମୃତ୍ୟୁର ଦେବତା ଯମ, ତାପର ଦେବତା ଅଗ୍ନି, ଧନାଧିପତି କୁବେର, ଇତ୍ୟାଦି | ଏଇଭାବରେ ସେଇ ଅସୀମ ଅରୂପକୁ ସାଧକ

ସୀମାୟିତ ରୂପ ମଧ୍ୟରେ ଉପଲବ୍ଧି କରିବାକୁ ଚେଷ୍ଟା କରନ୍ତି-- ଯାହା ନା କ'ଣ ପରମବ୍ରହ୍ମଙ୍କରହିଁ ଏକ ଦ୍ୟୁତି ବା ରଶ୍ମି ("ସାଧକାନାଂ ହିତାର୍ଥାୟ ବ୍ରହ୍ମଣୋ ରୂପକଳ୍ପନା") | ମନେ ରଖିବାକୁ ହେବ, ଦେବତାଙ୍କ ପୂଜା ଭିତର ଦେଇ ଈଶ୍ୱର ଉପଲବ୍ଧିରେ ପହଞ୍ଚିବାହିଁ ଆମ୍ଭମାନଙ୍କର ସାଧନା |

କିନ୍ତୁ ଜୀବନର ସୂତ୍ର ଶକ୍ତ ବନ୍ଧନରେ ତଥା ଉଚ୍ଚ ଗ୍ରାମରେ ବନ୍ଧା ନଥିଲେ ଦେବପୂଜା ଖିଆଲର ପୂଜା ହୋଇଯାଇପାରେ | ଆଉ ଖିଆଲର ପୂଜା ହେଲେ, ଦେବତା ଯେଭଳି ପସନ୍ଦ କରନ୍ତି, ତାଙ୍କର ଅଭିପ୍ରେତ ଯାହା, ତଦନୁଯାୟୀ ଆଉ ସେବା ହୋଇପାରେନା | ଆମେ ଇଚ୍ଛାନୁଯାୟୀ ତାଙ୍କୁ ସଜାଉ ବା ନଚାଉ, ଆମ ପସନ୍ଦ ମୁତାବକ ଖାଦ୍ୟ ତାଙ୍କୁ ଖୁଆଉ, ସମୟ ସୁବିଧା ଦେଖି ତାଙ୍କୁ ଫୁଲ-ଚନ୍ଦନ ଦେଇ ପୂଜା କରୁ--ତେଣିକି ବେଳ ଏଗାରଟା ହେଉ ବା ଗୋଟାଏ ହେଉ |

କିନ୍ତୁ ଯେଉଁ ବ୍ୟକ୍ତି ଜୀବନରେ ସଦ୍‌ଗୁରୁ ଗ୍ରହଣ କରିଛି ଏବଂ ତାଙ୍କ ପ୍ରତି ଅବିଚଳ ନିଷ୍ଠା ନେଇ ତାଙ୍କ ଆଦେଶପାଳନରେ ଉନ୍ମୁଖ ହୋଇ ଚାଲିବାକୁ ସଚେଷ୍ଟ, ସେ କେବେବି ଦେବତାଙ୍କୁ ନେଇ ପିଲାଖେଳ କରେନା | ସେ ଜାଣେ 'ସର୍ବଦେବମୟୋ ଗୁରୁଃ'-- ଗୁରୁଙ୍କ ଭିତରେ ସର୍ବଦେବତାଙ୍କର ଅଧିଷ୍ଠାନ | ସେଥିପାଇଁ କୌଣସି ଦେବତାଙ୍କୁ ହିଁ ଅବହେଳା କରାଯାଏନା | ଗୁରୁଭକ୍ତି ତା'ଙ୍କୁ ଦେବତାଙ୍କ ପ୍ରତି ଭକ୍ତିମାନ୍ କରି ତୋଳେ ଏବଂ ଦେବତାବି ସତ୍‌ତାପୂର୍ଯ୍ୟରେ ତା'ର ବୋଧରେ ଉଦ୍‌ଭାସିତ ହୁଅନ୍ତି |

ଶ୍ୱେତାଶ୍ୱତର-ଉପନିଷଦରେ ଅଛି-- "ଯସ୍ୟ ଦେବେ ପରାଭକ୍ତିର୍ଯଥା ଦେବେ ତଥା ଗୁରୌ | ତସ୍ୟୈତେ କଥିତା ହ୍ୟର୍ଥା ପ୍ରକାଶନ୍ତେ ମହାତ୍ମନଃ |' (୬/୨୩)-- ଦେବତାଙ୍କ ଉପରେ ସେହିରକମ ଭକ୍ତି ରଖିବାକୁ ହେବ | ଏଇଭଳି ଯାହାର ଥାଏ ସେଇ ମହାତ୍ମାଙ୍କ ନିକଟରେହିଁ ଗୂହ୍ୟ ଅର୍ଥସମୂହ ଯଥାଯଥ ଭାବରେ ପ୍ରକାଶିତ ହୋଇଥାଏ |

ଇଷ୍ଟ ବା ସଦ୍‌ଗୁରୁଙ୍କର ଚରଣାଶ୍ରିତ ଯିଏ, ସେ ତାଙ୍କର ଅନୁକୂଳ ଯାହା ତାହା ଗ୍ରହଣ ଓ ପାଳନ କରେ ଏବଂ ପ୍ରତିକୂଳ ଯାହା ସେ ତାହାକୁ ବର୍ଜ୍ଜନ କରେ | ଭକ୍ତିର ମୂଳସୂତ୍ର ହିଁ ଏଇ (-'ଆନୁକୂଲ୍ୟସ୍ୟ ସଙ୍କଳ୍ପଃ ପ୍ରାତିକୂଲ୍ୟବିବର୍ଜ୍ଜନମ୍") | ଏଇଭଳି ହୋଇଉଠିଲେ ପରିବେଶର କୌଣସି ସ୍ରୋତ ଆଉ ମଣିଷକୁ ଭସାଇ ନେଇ ପାରେନା | ତା'ର ଜୀବନତରୀ ଶକ୍ତ ଅନୁରାଗରଜ୍ଜୁ ଦ୍ୱାରା ବନ୍ଧା ହୋଇଛି ମହାମହୀରୁହ ରୂପ ଆଦର୍ଶଙ୍କ ସହିତ | ଏଇ କାରଣରୁ ସମସ୍ତ ପୂଜାର ଆଗେ ଗୁରୁପୂଜା କରାଯାଏ | ଗୁରୁପୂଜା ନହେଲେ କୌଣସି ଦେବତାଙ୍କ ପୂଜାହିଁ ସିଦ୍ଧ ହୁଏନା |

ଗୁରୁଙ୍କ ଉପରେ ଅଚ୍ୟୁତ ନିଷ୍ଠା ନଥିଲେ କିଛିଦୂର ଅଗ୍ରସର ହେବା ପରେ ସାଧକ ମନରେ ଅହଙ୍କାର ଆସିପାରେ ଏବଂ ସେଇ ଅହଂକାରରୁ ତାହାର ପତନ ଆସିବା ସମ୍ଭବ | ଗୁରୁହିଁ ଈଶ୍ୱରଙ୍କର ଜୀବନ୍ତବେଦୀ | ତାଙ୍କୁ ଭଲପାଇଲେ ଈଶ୍ୱରଙ୍କ ସୃଷ୍ଟିର ସବୁ ଯାହାକିଛି ଉପରେହିଁ ପ୍ରୀତି ସୃଷ୍ଟି ହୁଏ | ସେତେବେଳେ କାହାକୁ ବଡ଼ ବା କାହାକୁ ଛୋଟ ଭାବିବାର ବୁଦ୍ଧି ଆସେନା | ପୁଣି, ଏହି ଗୁରୁକେନ୍ଦ୍ରିକତା ନ ରହିଲେ ଏକପାଖିଆ ବୁଦ୍ଧିବି ଆସିବାର ସମ୍ଭାବନା | ସେତେବେଳେ କହେ ମୋ ଶିବ ବଡ଼, କିଏ କହେ ମୋ କୃଷ୍ଣ ବଡ଼, କିଏ କହେ ମୋ ଦୁର୍ଗା ବଡ଼ | ଆଉ, ଅଚ୍ୟୁତ ଇଷ୍ଟନିଷ୍ଠ ଯିଏ, ସେ ଦେଖେ ସମସ୍ତ ଦେବଶକ୍ତିହିଁ ସେଇ ପରମ ଏକରହିଁ ବିଭିନ୍ନ ରୂପ, ଏକ ଅଦ୍ୱୈତ ପରବ୍ରହ୍ମରହିଁ ବିଭିନ୍ନ ପ୍ରକାଶ ମାତ୍ର | ତା' ନିକଟରେ ଦେବତା ସମସ୍ତ ମରକୋଚ-ସହ ଉଦ୍‌ଭାସିତ ହୋଇଉଠନ୍ତି |

****

ଦେବାୟନ

ହିନ୍ଦୁ ପୁରାଣାଦିରେ ଅଜସ୍ର ଦେବଦେବୀଙ୍କର ଉଲ୍ଲେଖ ଅଛି | ସେମାନଙ୍କର ଭକ୍ତି ଓ ଲୀଳା ସମ୍ବନ୍ଧରେ ବି କେତେ କଥା ଅଛି | କିନ୍ତୁ ସେସବୁ ବ୍ୟାପାର ଆମ୍ଭମାନଙ୍କ ନିକଟରେ ସ୍ପଷ୍ଟ ନୁହେଁ, ବରଂ ଧୁଆଁଳିଆ | ରହସ୍ୟଘେରା ବିଷୟରେବି ଠିକ୍ ଉତ୍ତର ମିଳେନା | ଫଳରେ, କିଛି ଲୋକଙ୍କର ଦେବଦେବୀ ସମ୍ବନ୍ଧରେ ପ୍ରଗାଢ଼ ବିଶ୍ୱାସ ବା ଭୟମିଶ୍ରିତ ଶ୍ରଦ୍ଧା ଥିଲେ ବି ଅଧିକାଂଶଙ୍କର ଅଛି ଅବିଶ୍ୱାସ, ସନ୍ଦେହ ବା ଉଦାସୀନତା |

ଦେବତାମାନଙ୍କର ମାହାତ୍ମ୍ୟ ଗ୍ରନ୍ଥାଦିରେ ଅଯଥାରେ ଲେଖା ଯାଇନାହିଁ | ଏହାର ବିଶେଷ କାରଣ ରହିଛି | ସେଇ କାରଣକୁ ଠିକ୍ ଭାବରେ ନ ଜାଣିଲେ ଯୁକ୍ତିବାଦୀ ମନ ନିକଟରେ ସେହିସବୁ କଥା ଅଳୀକ ବା ଅବାସ୍ତବ ବୋଲି ମନେ ହୋଇପାରେ |

ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଜ୍ଞାନୀ ଓ ଜିଜ୍ଞାସୁ ଭକ୍ତଗଣ ବିଭିନ୍ନ ସମୟରେ ଜାଣିବାକୁ ଚାହିଁଛନ୍ତି ବିଭିନ୍ନ ଦେବତାଙ୍କ ସମ୍ବନ୍ଧରେ | ଉତ୍ତରରେ ଦୟାଳଠାକୁର ସବୁକିଛିରହିଁ 'କାହିଁକି' ଭାଙ୍ଗି ଦେଇଛନ୍ତି | ଯାହାକିଛି ଅସ୍ପଷ୍ଟ, ରହସ୍ୟାଚ୍ଛାଦିତ, ତାହାକୁ ସେ କରିଦେଇଛନ୍ତି ସୁବୋଧ୍ୟ ଓ ସହଜଗ୍ରାହ୍ୟ |

ଦିନେ ମାର୍କଣ୍ଡେୟ ପୁରାଣ ନେଇ ଆଲୋଚନା ଚାଲିଥାଏ | କଥା ପ୍ରସଙ୍ଗରେ ଧୂମ୍ରଲୋଚନ ବଧର କଥା ଉଠିଲା | ଶୁଣୁ ଶୁଣୁ ଶ୍ରୀଶ୍ରୀଠାକୁର କହିଲେ, "ଧୂମ୍ରଲୋଚନ ବଧ ମାନେ ମୋର ମନେ ହୁଏ, ଧୁଆଁଳିଆ ଦୃଷ୍ଟିର ଅପସାରଣ |" ଧୂମ୍ର ମାନେ ଧୂଆଁ ଆଉ ଲୋଚନ ମାନେ ଦୃଷ୍ଟି | ଯାହା ଆମେ ଭଲ ଭାବରେ ଦେଖିପାରୁନା ବା ବୁଝିପାରୁନା, ତାହା ଯେତେବେଳେ ପରିଷ୍କାରଭାବେ ଦେଖିପାରୁ, ସେତେବେଳେହିଁ ହୁଏ

ଧୂମ୍ରଲୋଚନ ବଧ | ଶ୍ରୀଶ୍ରୀଠାକୁରଙ୍କର ଏଇ ରକମ ବିଶ୍ଳେଷଣରୁ ବୁଝାଯାଏ, କିଭଳି ଜ୍ଞାନବୃଦ୍ଧି ସଙ୍ଗେ ସଙ୍ଗେ ନିତ୍ୟହିଁ ଆମ୍ଭମାନଙ୍କର ଭିତରର ଧୂମ୍ରଲୋଚନ ବଧ ହୋଇଚାଲିଛି |

ଦିନେ ଶୀତଳାପୂଜାର ତାତ୍ପର୍ଯ୍ୟ ନେଇ କଥାବାର୍ତ୍ତା ଚାଲିଥାଏ | ଶୀତଳା ଦେବୀଙ୍କ ପ୍ରଣାମ ମନ୍ତ୍ରରେ ଅଛି 'ନମାମି ଶୀତଳାଂ ଦେବୀଂ ଦେବୀଂ ରାସଭସ୍ଥାଂ ଦିଗମ୍ବରୀମ୍ | ମାର୍ଜ୍ଜନୀକଳସୋପେତାଂ ଶୂର୍ପାଳଙ୍କୃତ-ମସ୍ତକାମ୍ |" ଅର୍ଥାତ୍ ଶୀତଳା ଦେବୀଙ୍କର ବାହନ ଗଧ, ହାତରେ ତାଙ୍କର ଝାଡୁ ଓ କଳସ ଏବଂ ମୁଣ୍ଡରେ କୁଲା ଥାଏ | ମା'ଙ୍କର ଏଇଭଳି ରୂପ ହେବାର କାରଣ କ'ଣ ? ଏତେ ବାହନ ଥାଉଁ ଥାଉଁ ମା-ଶୀତଳା ଗଧକୁ ବାହନଭାବେ ନିର୍ବାଚନ କାହିଁକି କଲେ ? ଏ ସମ୍ପର୍କରେ ଶ୍ରୀଶ୍ରୀଠାକୁର-ସନ୍ନିଧାନରେ ଯେଉଁ ଆଲୋଚନା ହୋଇଥିଲା ତାହା ନିମ୍ନମତେ--

ରୋଗଶାନ୍ତି ପାଇଁ ଶୀତଳାଦେବୀଙ୍କ ପୂଜା କରାଯାଏ | ଯେଉଁସବୁ ରୋଗ ଶରୀରରେ ଯନ୍ତ୍ରଣା ଓ ଜ୍ୱାଳା ସୃଷ୍ଟିକରେ, ଯେପରି ଘା', ଚର୍ମରୋଗ, ବ୍ରଣ, ଗଳଗଣ୍ଡ ପ୍ରଭୃତି, ସେଇସବୁର ଉପଶମ ପାଇଁ ଶୀତଳାଦେବୀଙ୍କର ଆରାଧନା କରାଯାଇଥାଏ | ସେଇସବୁ ରୋଗର ଶୁଶ୍ରୁଷା ପାଇଁ ଦରକାର ଥଣ୍ଡା ପବନ, ଥଣ୍ଡା ପାନୀୟ, ସଦାଚାର ଓ ପରିଚ୍ଛନ୍ନତା | ଗଧର ଦୁଧ (କ୍ଷୀର) ଶୀତଳତାକାରକ; ତେଣୁ ମା' ଶୀତଳା ଗଧ ଉପରେ ଉପବିଷ୍ଟ | ତାଙ୍କ ହାତରେ ମାର୍ଜ୍ଜନୀ ଅର୍ଥାତ୍ ଝାଡୁ |

ସେହିସବୁ ରୋଗ ଦେଖାଗଲେ ଘରଦ୍ୱାର ସବୁ ସମୟରେ ପରିଚ୍ଛନ୍ନ ରଖିବା ଏକାନ୍ତ ଦରକାର | ଝାଡୁ ହେଲା ଚାରିଦିଗ ପରିଷ୍କାର-ପରିଚ୍ଛନ୍ନ ରଖିବାର ପ୍ରତୀକ |

ପୁଣି, ମା'ଙ୍କର ଆଉ ଗୋଟିଏ ହାତରେ କଳସ | କଳସ ଭିତରେ ପାଣି ଥାଏ | ଶରୀର ଶୀତଳ ରଖିବାକୁ ହେଲେ ଶୀତଳ ଜଳର ଆବଶ୍ୟକତା ରହିଛି | ତା' ଛଡ଼ା, ବିଛଣା, ଲୁଗା-ପଟା, ବାସନ-କୁସନ ଧୋଇବା ଓ ସ୍ନାନ ଇତ୍ୟାଦି କରିବା ସମୟରେ ପାଣି ନିୟତ ଦରକାର ହୁଏ | କଳସ ହେଲା ସେଇ ଜଳପୂର୍ଣ୍ଣ ପାତ୍ରର ପ୍ରତୀକ | ଆଉ, ଶୀତଳା ଦେବୀଙ୍କ ମୁଣ୍ଡ ଉପରେ ଥାଏ କୁଲା | କୁଲା ପବନ କରାଇବା ପାଇଁ ବ୍ୟବହୃତ ହୁଏ | ଶରୀରଯନ୍ତ୍ରଣା ହେଲେ ଥଣ୍ଡା ପବନର ଆବଶ୍ୟକତା ରହିଛି | କୁଲାଦ୍ୱାରା ହେଉଥିବା ପବନ ବେଶ୍ ଥଣ୍ଡା ଓ ଆରାମଦାୟକ | ତେଣୁ, ମା'ଶୀତଳାଙ୍କ ମୁଣ୍ଡରେ କୁଲାଥାଏ |

ବୈଦ୍ୟନାଥ କହିଲେ ଶିବଠାକୁରଙ୍କୁହିଁ ବୁଝାଏ | ଶିବଙ୍କର ନାମ ବୈଦ୍ୟନାଥ କାହିଁକି ହେଲା ? ଧାତୁଗତ ଅର୍ଥ ଧରି ଶ୍ରୀଶ୍ରୀଠାକୁର କହିଲେ, ବୈଦ୍ୟ ଆସିଛି ବେଦରୁ, ଆଉ ବେଦର ଉତ୍‌ପତ୍ତି ବିଦ୍-ଧାତୁରୁ, ମାନେ ବିଦ୍ୟମାନତା, ଜାଣିବା | ତା'ହେଲେ ବୈଦ୍ୟନାଥ ମାନେ ହେଲା ବିଦ୍ୟମାନତାକୁ ଅର୍ଥାତ୍ ଅସ୍ତିତ୍ୱ ବଜାୟ ରହିବାର କୌଶଳକୁ ଯିଏ ଜାଣନ୍ତି ସେହିଁ ପ୍ରଭୁ | ପ୍ରତିଟି ସତ୍ତାର ଅସ୍ତିତ୍ୱ ଯେପରି ଅକ୍ଷୁଣ୍ଣ ରହେ, ପ୍ରତିପ୍ରତ୍ୟେକେ ଯେପରି ବଞ୍ଚିବା-ବଢ଼ିବା ପଥରେ ଉଚ୍ଛଳ ହୋଇଚାଲିପାରନ୍ତି, ତାହା ଯିଏ ଜାଣନ୍ତି ସେହିଁ ବୈଦ୍ୟନାଥ | ତେଣୁ, ବାବା ବୈଦ୍ୟନାଥଙ୍କର ପୂଜା ମାନେ ସବୈଶିଷ୍ଟ୍ୟ ପ୍ରତିଟି ସତ୍ତାର ରକ୍ଷଣ ଓ ବର୍ଦ୍ଧନାର କୌଶଳ ସମ୍ୟକ ଅଧିଗତ କରିବା | ଆଉ, ତାହା ସମ୍ଭବ ହୁଏ ଏକମାତ୍ର ବୈଶିଷ୍ଟ୍ୟପାଳୀ ଆପୂରୟମାଣ ସଦ୍‌ଗୁରୁଙ୍କୁ ଆଶ୍ରୟ କରି ଏବଂ ତାଙ୍କର ନିର୍ଦ୍ଦେଶ ପାଳନ କରିବାର ଭିତର ଦେଇ | ଜୀବନ୍ତ ବୈଦ୍ୟନାଥ ସିଏହିଁ | ତାଙ୍କର ପୂଜା ମାନେ ସେ ଯେଉଁଥିରେ ପ୍ରୀତ ହୁଅନ୍ତି ସେଇଭଳି ଚଳନରେ ଚାଲିବା, ତାଙ୍କୁ ସମ୍ବର୍ଦ୍ଧିତ କରି ତୋଳିବା ନିଜ ଜୀବନରେ ଓ ଚରିତ୍ରରେ | ପ୍ରତିଟି ସତ୍ତାକୁ

ତା'ର ବୈଶିଷ୍ଟ୍ୟରେ ଅକ୍ଷୁଣ୍ଣ ରଖି ଜୀବନ ବର୍ଦ୍ଧନ ପଥରେ ଚାଳିତ କରିପାରନ୍ତି ଏକମାତ୍ର ସିଏହିଁ |

ମଣିଷ ବୈଦ୍ୟନାଥ-ମନ୍ଦିରରେ ଯାଇ ଦଣ୍ଡୀ କାଟେ, ବାବା ବୈଦ୍ୟନାଥଙ୍କ ମଥାରେ ସାଡ଼ମ୍ବରେ ଫୁଲ-ଜଳ ଢ଼ାଳେ ଅଥଚ ସପାରିପାର୍ଶ୍ୱିକ ଜୀବନୀୟ ଉଦ୍‌ବର୍ଦ୍ଧନା ନ ଥାଏ | ମଣିଷକୁ ସହି-ବହି ଚାଲିବାର କ୍ଷମତା ନଥାଏ ବା ହିଂସା, ଲୋଭ ଇତ୍ୟାଦି ରିପୁରେ ଜର୍ଜରିତ ଥାଏ, ସେଭଳି ଲୋକର ବୈଦ୍ୟନାଥ-ପୂଜା କେତେ ସାର୍ଥକ ହୁଏ ତାହା ନକହିବା ଭଲ | ସଦ୍‌ଗୁରୁଙ୍କ ଆଦେଶ ପାଳନ କରି ଚାଲିବା ବ୍ୟତୀତ ମଣିଷ ସ୍ଥିତଧୀ ହୋଇପାରେନା, ତା'ର ରିପୁଗୁଡ଼ିକବି ନିୟନ୍ତ୍ରିତ ହୋଇପାରେନା | ଫଳରେ, ମାଙ୍ଗଲ୍ୟ-ଚଳନରେ ଚାଲିବାବି ତା' ପକ୍ଷରେ ଅସମ୍ଭବ ହୋଇଉଠେ | ଆଉ, ବୈଦ୍ୟନାଥଙ୍କ ପୂଜା ବି ହୁଏନା |

ସ୍ୱର୍ଗର ନନ୍ଦନକାନନରେ ଫୁଟେ ପାରିଜାତ ଫୁଲ |

ପୁରାଣରେ କଥିତ ଅଛି, ଏ ଫୁଲ ଦୁର୍ଲଭ | ସମସ୍ତେ ପାଇପାରନ୍ତି ନାହିଁ | ପାରିଜାତ ପାଇବାର ଲୋଭ ଓ ସେଥିପାଇଁ ଛୋଟବଡ଼ ସଂଗ୍ରମର କଥା ମହାଭରତ ପୁରାଣାଦିରେ ଲେଖାଅଛି |

ସତରେ କ'ଣ ସେପରି କୌଣସି ନନ୍ଦନକାନନ ଅଛି ଯେଉଁଠାରେ ବି ପାରିଜାତ ଫୁଲ ଭଳି ଦୁର୍ଲଭ ଫୁଲ ଫୁଟେ ? ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଏ ପ୍ରସଙ୍ଗ ଉଠିବାରୁ ସେ କହିଥିଲେ,-- ନନ୍ଦନକାନନ ମାନେ ଆନନ୍ଦର ସ୍ଥାନ | ପୁଣି, ନନ୍ଦ-ଶବ୍ଦ ଭିତରେ ଅଛି ବର୍ଦ୍ଧନା | ତେଣୁ, ଯେଉଁଠାରେ ମଣିଷ ସ୍ୱସ୍ତିର ସହିତ ସପରିବେଶ ବୃଦ୍ଧିମୁଖର ହୋଇଚାଲେ ତା'ହିଁ ନନ୍ଦନକାନନ | ଆଉ, ସେଇ ସ୍ୱସ୍ତି ଓ ବର୍ଦ୍ଧନା

କେତେବେଳେ ଆସେ ? ଆସେ ବିହିତ ସୁଷ୍ଠୁ ସୁବିନାୟିତ କର୍ମସମ୍ପାଦନାର ଭିତର ଦେଇ | ଯିଏ ଯେଭଳି କର୍ମ କରେ, ସେ ସେଭଳି ଫଳ ପାଏ | କର୍ମସମ୍ପାଦନ ପାଇଁ ଦରକାର ପାରଗତା ଅର୍ଥାତ୍ ପାରିବାର ଶକ୍ତି | ପ୍ରତିଟି କର୍ମରେହିଁ ଅନେକ ବାଧା-ବିପତ୍ତି ଥାଏ, ଅନେକ ଦିଗରୁ ବିଚାର କରି ଯଥାବିହିତ ସାବଧାନତା ଓ କୌଶଳ ସହ କାମରେ ଆଗେଇବାକୁ ହୁଏ | ତେବେ ଯାଇ ସେଥିରେ ସାଫଲ୍ୟ ଲାଭ ହୁଏ | ତା'ହେଲେ ଦେଖାଯାଉଛି, ସାଫଲ୍ୟର ଜନ୍ମ ହୁଏ ପାରଗତା ଶକ୍ତିରୁ | ବିହିତ ସୁକ୍ରମ ପାରଗତାହିଁ ମଣିଷକୁ ସାର୍ଥକତାର ଶିଖରରେ ପହଞ୍ଚାଇଦିଏ | ଶ୍ରୀଶ୍ରୀଠାକୁର କହିଲେ, "ପାରଗତାରୁ ଜାତ ବୋଲି ତା'ର ନାମ ପାରିଜାତ |" ତା'ହେଲେ ପାରିଜାତ କୁସୁମ ଆଉ କିଛିହିଁ ନୁହେଁ, ପାରଗତାରୁ ଜାତ ଯେଉଁ ଆନନ୍ଦମୟ ସଫଳତା, ଗୋଟେ କଥାରେ, ସୁଖସାଫଲ୍ୟ | ସେଥିପାଇଁ ପାରିଜାତ-ପୁଷ୍ପ ଉପରେ ଦେବଗଣଙ୍କର ଏତେ ଲୋଭ ଦେଖାଯାଏ | ଆଉ, ସେଇ କାରଣ ଯୋଗୁଁ ପାରିଜାତ ଆହରଣ କରିବାଟା ବିଶେଷ କୌଶଳ ଓ ଶ୍ରମସାଧ୍ୟ ବ୍ୟାପାର ବୋଲି ପୁରାଣରେ ବର୍ଣ୍ଣିତ ଅଛି |

ଦେବରାଜ ଇନ୍ଦ୍ରଙ୍କର ଶକ୍ତିଶାଳୀ ଅସ୍ତ୍ର ହେଲା ତାଙ୍କର ବଜ୍ର | ଏଇ ବଜ୍ରର ଆଘାତରେ ଇନ୍ଦ୍ର ବଡ଼ ବଡ଼ ଅସୁରଙ୍କୁ ନିପାତିତ କରନ୍ତି | ଏଇ ପ୍ରସଙ୍ଗରେ ଦିନେ କଥା ହେଉ ହେଉ ଶ୍ରୀଶ୍ରୀଠାକୁର କହିଲେ, "ଇନ୍ଦ୍ରଙ୍କର ବଜ୍ର ମାନେ ଇନ୍ଦ୍ରିୟଙ୍କର ବଜ୍ର |" ମଣିଷ ଯେଭଳି କର୍ମ କରେ, ତା'ର ଇନ୍ଦ୍ରିୟଗ୍ରାମ ଓ ସ୍ନାୟୁରାଜିବି ସେଇ ଭାବରେ ଉଦ୍ଦୀପିତ ହୁଏ |

ଇନ୍ଦ୍ରିୟଗୁଡ଼ିକର ବ୍ୟବହାର ଯେତେବେଳେ କୁପଥରେ ହୁଏ ସେତେବେଳେ ତା'ର କର୍ମଫଳ ଫେରି ଆସେ ଧ୍ୱଂସାତ୍ମକ ରୂପ ଧରି | ସେହି କର୍ମଫଳହିଁ ମଣିଷକୁ ଶେଷ କରିଦିଏ | ଏଇ ହେଲା ଇନ୍ଦ୍ରଙ୍କ ବଜ୍ରର ତାତ୍ପର୍ଯ୍ୟ | ଇନ୍ଦ୍ରଙ୍କ ବଜ୍ର ଦ୍ୱାରା ଯେଉଁମାନେ

ନିହତ ହୋଇଛନ୍ତି ସେମାନଙ୍କର ଇନ୍ଦ୍ରିୟାସକ୍ତ କୁକ୍ରିୟାହିଁ ସେମାନଙ୍କୁ ସେଇଭଳି ପରିଣତିରେ ନେଇ ପକାଇଛି |

ସ୍ୱର୍ଗଲୋକରେ ଇନ୍ଦ୍ରଙ୍କ ରାଜସଭାରେ ଉର୍ବଶୀଙ୍କ କଥା ଶୁଣାଯାଏ | ନିତ୍ୟଯୌବନା ଉର୍ବଶୀ ସେଠାରେ ରହନ୍ତି | ସେ ଦେବରାଜ ଇନ୍ଦ୍ରଙ୍କର ଆଜ୍ଞାବହ | ଉର୍ବଶୀଙ୍କ କର୍ମ କହିଲେ ପ୍ରଧାନତଃ ଆମେ ବୁଝୁ, ଇନ୍ଦ୍ରଙ୍କ ସଭାରେ ନୃତ୍ୟଗୀତ ଦ୍ୱାରା ଦେବତାମାନଙ୍କର ମନୋରଞ୍ଜନ କରିବା ଏବଂ ମୁନି-ଋଷିଙ୍କର ଧ୍ୟାନଭଙ୍ଗ କରି ସେମାନଙ୍କୁ ମୂଳ ଲକ୍ଷ୍ୟରୁ ବିଚ୍ୟୁତ କରିବା | ଦିନେ ଉର୍ବଶୀ ସମ୍ବନ୍ଧରେ ଆଲୋଚନା ଚାଲିଥିବା ସମୟରେ ଶ୍ରୀଶ୍ରୀଠାକୁର କହିଲେ, "ମୋର ମନେହୁଏ ଉର୍ବଶୀ ମାନେ ଉରୁ-ବଶୀ; ଉରୁ ମାନେ ମହତ୍ ଆଉ ବଶୀ ମାନେ ବଶ କରିନ୍ତି ଯିଏ | ତା'ହେଲେ ଯିଏ ମହତ୍ ବ୍ୟକ୍ତିମାନଙ୍କୁ ବଶୀଭୂତ କରିପାରନ୍ତି, ସିଏ ଉର୍ବଶୀ" | ଏଇ ଅର୍ଥ ନିର୍ଦ୍ଧାରଣ କରି ଶ୍ରୀଶ୍ରୀଠାକୁର ଉର୍ବଶୀଙ୍କୁ ଯେପରି ସାର୍ଥକନାମା କରି ତୋଳିଛନ୍ତି | ଆଉ, ଉର୍ବଶୀଙ୍କ କର୍ଯ୍ୟବି ତାହାହିଁ | ଛଳେ-ବଳେ-କୌଶଳେ ମହାନ୍ ବ୍ୟକ୍ତିମାନଙ୍କୁ ଯିଏ ବଶ କରିପାରନ୍ତି, ସିଏହିଁ ଉର୍ବଶୀ |

ସମୁଦ୍ର ମନ୍ଥନର କାହାଣୀ ଦେବାସୁରଙ୍କ ମଧ୍ୟରେ ହୋଇଥିବା କଥା ପୁରାଣରେ ଉଲ୍ଲେଖ ଅଛି | ଦେବତା ଓ ଅସୁର ଦୁଇ ଦିଗରେ ରହି ମନ୍ଦରପର୍ବତକୁ ମନ୍ଥନଦଣ୍ଡ ଓ ବାସୁକୀ ନାଗକୁ ମନ୍ଥନରଜ୍ଜୁ କରି ସମୁଦ୍ର ମନ୍ଥ କରିଥିଲେ | ସେଇ ମନ୍ଥନ ଫଳରେ ସମୁଦ୍ରରୁ ବାହାରିଥିଲା ଅମୃତ, ଗରଳ ଏବଂ ଆହୁରି ଅନେକ | ଏଇ ବିଷୟ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର କହିଥିଲେ, ଏହା ସୃଷ୍ଟିତତ୍ତ୍ୱରହିଁ ଏକ ପ୍ରତୀକ | ଦେବତା ଓ ଅସୁର ସତେ ଯେପରି ଦୁଇ ପ୍ରାନ୍ତର ଦୁଇ ବିପରୀତ ଶକ୍ତି-- ପଜିଟିଭ୍ ଓ ନେଗେଟିଭ୍ | ଏମାନଙ୍କ ମଧ୍ୟ ସ୍ଥଳରେ ଅବସ୍ଥିତ "ନିଉଟ୍ରାଲ ଜୋନ୍", ତାହା ସତେ ଯେପରି ସେଇ ମନ୍ଦର ପର୍ବତ |

ପଜିଟିଭ୍ ଓ ନେଗେଟିଭ୍‌ର ଆକର୍ଷଣ-ବିକର୍ଷଣ ଓ ବିରମଣର ଭିତର ଦେଇ ସୃଷ୍ଟିଧାରାର ବିବର୍ତ୍ତନ ଆରମ୍ଭ ହୁଏ | ମନ୍ଥନ ହେଲା ସେଇ ଆକର୍ଷଣ-ବିକର୍ଷଣ | ଆଉ, ଏଇ ଆକର୍ଷଣ ଓ ବିକର୍ଷଣର ଉଭୟ ପ୍ରାନ୍ତରେ ଅଛି ବିରମଣ | ପୁରାଣରେ ଉଲ୍ଲେଖ ଅଛି ଯେ ମନ୍ଥନ ଯେତେ ହେବାକୁ ଲାଗିଲା ସମୁଦ୍ରରୁ ଉଦ୍‌ଗତ ହେବାକୁ ଲାଗିଲା ଐରାବତ, ଉଚ୍ଚୈଶ୍ରବା, ଲକ୍ଷ୍ମୀ ପ୍ରଭୃତି ସୃଷ୍ଟିର ଗୋଟିଏ ଗୋଟିଏ ବିଶେଷ ଏକକ | ଏଇ ସମୁଦ୍ର ହେଲା ଭାବସମୁଦ୍ର ଅର୍ଥାତ୍ ହେବାର ସମୁଦ୍ର | ଏଇ ହେବାର ସମୁଦ୍ରରେ ଯା' କିଛି ହୁଏ ହୋଇଉଠେ ଅର୍ଥାତ୍ ଗଜେଇ ଉଠେ-- ଗୋଟାଏ ଆଲୋଡ଼ନ ବା ସଂଘଟନର ମଧ୍ୟଦେଇ | ଏଇ ଆଲୋଡନ ବା ସଂଘଟନହିଁ ମନ୍ଥନ | ଟିକିଏ ଲକ୍ଷ କଲେ ଦେଖାଯିବ ଯେ, ଯେ କୌଣସି ସୃଷ୍ଟିର ପ୍ରାରମ୍ଭରେହିଁ ରହିଯାଇଛି ମାତ୍ରାନୁସାରେ ମନ୍ଥନ ବା ଆଲୋଡନ-ବିଲୋଡନ | ଏଇ ମନ୍ଥନ ଜାଗେ ପ୍ରଥମେ ଚିନ୍ତାରେ ଓ ଭାବ ଜଗତରେ, ପରେ ତାହା ବସ୍ତବ ରୂପ ନିଏ | ଦେବାସୁରଙ୍କ ସମୁଦ୍ରମନ୍ଥନହିଁ ସୃଷ୍ଟିର ଉଦ୍‌ଗତିର ସୂଚନାର ପ୍ରତୀକ |

ଠିକ୍ ଏହିପରି ଆଉ ଏକ ପ୍ରତୀକର ବ୍ୟାଖ୍ୟା ଶ୍ରୀଶ୍ରୀଠାକୁର ଦେଇଛନ୍ତି, ତା' ହେଲା ଶ୍ରୀକୃଷ୍ଣଙ୍କର ରାସଲୀଳା | ଶ୍ରୀମଦ୍‌ଭାଗବତର ବର୍ଣ୍ଣନାରେ ଅଛି ଯେ ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ରକରି ଗୋପୀଗଣ ଆନନ୍ଦରେ ନୃତ୍ୟ କରୁଥିଲେ | ଏଇ ନୃତ୍ୟଲୀଳା ଯେ କେବଳ ଆକ୍ଷରିକ ଅର୍ଥରେ ବିଶେଷ ସ୍ଥାନରେ, ବିଶେଷ ସମୟ ପାଇଁ, ତା' କିନ୍ତୁ ନୁହେଁ | ଏ ନୃତ୍ୟ ଚିରନ୍ତନ | ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳଣୀ, ଯାହାର ତାଳ କେବେବି ଭଙ୍ଗ ହୁଏନା | ଅନ୍ୟ କଥାରେ, ଏପରି ଚଳଣୀରେ ଯିଏ ଚାଲେ ତା'ର ପାଦ କେବେବି ବେତାଳରେ ପଡ଼େନା | ବାସ୍ତବ କ୍ଷେତ୍ରରେ ବି ତାହାହିଁ ଘଟେ | ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଏଠାରେ ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ତାଙ୍କରିହିଁ ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ

ଭ୍ରାନ୍ତି ଆସେନାହିଁ | ରାସଲୀଳା ସତେ ଯେପରି ତାଙ୍କରହିଁ ଇଙ୍ଗିତ | ଏହାଦ୍ୱାରା ବୁଝାଯାଉଛି ଯେ ଜୀବକୁଳ ଯଦି ଏଇ ଭାବରେ ପରମପୁରୁଷଙ୍କୁ କେନ୍ଦ୍ରକରି ସୁତାଳ ଚଳନୀରେ ଚାଲେ ତେବେ ଆଉ ଦିଗ୍‌ଭ୍ରାନ୍ତ ହୁଏନା |

ଏଇ କେନ୍ଦ୍ରାୟିତ ଆବର୍ତ୍ତନ ଅଛି ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଗୋଟେ ଆଟମ୍ ଭିତରେବି | ସେଠାରେ ଏକ ପ୍ରୋଟନ୍‌କୁ କେନ୍ଦ୍ରକରି ଚାଲିଛି ଇଲେକ୍‌ଟ୍ରନ୍‌ର ଆବର୍ତ୍ତନ | ଏଇ ଆଟମ୍ ଦେଇହିଁ ଦୁନିଆର ପ୍ରତିଟି ପଦାର୍ଥ ଗଠିତ | କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର ଦିନେ କହିଥିଲେ, ଶ୍ରୀକୃଷ୍ଣଙ୍କର ରାସଲୀଳା ସତେ ଯେପରି ଆଟମ୍ ଭିତରେ ନିତ୍ୟ ଗତିଶୀଳତାରହିଁ ଅଭିବ୍ୟକ୍ତି | ଗୋଟିଏ ଆଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେଇ ଆଟମ୍‌ଟିକୁ ତାହାହିଁ କରି ଧରି ରଖେ, ବିଶ୍ଳିଷ୍ଟ ହେବାକୁ ଦିଏନା, ସେଭଳି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେବି ଦରକାର ପରମପୁରୁଷଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ | ଏଇ ଚଳନହିଁ ଜୀବନକୁ ସୁସଙ୍ଗଠିତ କରି ଧରି ରଖେ | ଏଇ ଚଲନରେହିଁ ଜାଗେ ବ୍ୟକ୍ତିତ୍ୱ, ଜୀବନ ହୋଇଉଠେ ଆନନ୍ଦମୟ | ସେଇ ଦିବ୍ୟ ଚଳନର ଦ୍ୟୋତକହିଁ ହେଲା ରାସଲୀଳା |

ଶ୍ରୀକୃଷ୍ଣଙ୍କର ଲୀଳା ସମୟର ଏକ ବିଶେଷ ଅଂଶ ଘଟିଥିଲା ବୃନ୍ଦାବନରେ | ସେଠାରେ ସିଏ ବହୁ ଅସୁର ନିଧନ କରିଥିଲେ ଏବଂ ତାଙ୍କର ଶରଣାଗତମାନଙ୍କୁ ଅନେକ ଆପଦ-ବିପଦରୁ ରକ୍ଷା କରିଥିଲେ | ଏଇ ବୃନ୍ଦାବନ ଗୋଟିଏ ସ୍ଥାନର ନାମ | ଭକ୍ତଗଣ କହନ୍ତି, ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାଉଥିଲେ ଯେ ସେ ବୃନ୍ଦାବନ ପରିତ୍ୟାଗ କରି କେଉଁଠାରୁ ବି ଯିବାକୁ ଚାହୁଁ ନଥିଲେ (ତୁଳନୀୟଃ 'ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି') | କିନ୍ତୁ ବୃନ୍ଦାବନରେ ବାଲ୍ୟଲୀଳା ପରେ ବି ତ ଶ୍ରୀକୃଷ୍ଣଙ୍କର ଲୀଳା ବିସ୍ତୃତ ହୋଇଛି ମଥୁରାରେ, ଦ୍ୱାରିକାରେ, ହସ୍ତିନାପୁରରେ |

ତା'ହେଲେ ତାଙ୍କ କଥା ଓ କାମରେ ତ ସଙ୍ଗତି ରହିଲା ନାହିଁ | ଏହାର ସମାଧାନ କ'ଣ ?

ଏ ପ୍ରଶ୍ନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଉପସ୍ଥାପିତ କରାଯିବାରୁ ସେ ତାହାର ଏକ ଅପୂର୍ବ ବ୍ୟାଖ୍ୟା ଦେଲେ | ଅଭିଧାନ ଦେଖି ଅର୍ଥ ଜାଣିବାକୁ ଚାହିଁଲେ ବୃନ୍ଦାବନ ଶବ୍ଦର | ବୃନ୍ଦାବନ ମଧ୍ୟରେ ଦୁଇଟି ଶବ୍ଦ ଅଛି-- ବୃନ୍ଦ ଓ ଅବନ, ଯୋଗ କଲେ ହୁଏ ବୃନ୍ଦାବନ | ବୃନ୍ଦା ମାନେ ସମୂହ; ସମୂହ କହିଲେ ବିଶ୍ୱଜଗତର ସବୁ ଯା' କିଛି | ଆଉ, ଅବନ ଆସିଛି ଅବ୍-ଧାତୁରୁ, ମାନେ ରକ୍ଷା କରିବା | ତା'ହେଲେ ବୃନ୍ଦାବନ ମାନେ-- ବିଶ୍ୱଦୁନିଆର ପ୍ରତିପ୍ରତ୍ୟେକଟି ବ୍ୟକ୍ତି ବା ବସ୍ତୁ ଯେଉଁଠାରେ ରକ୍ଷିତ ହୁଏ | ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ | ସେଇଗୁଡ଼ିକୁ ଯେଉଁମାନେ ପାଳନ କରିଚାଲନ୍ତି, ସେଇମାନେ ମୃତ୍ୟୁଭୀତିକୁ ଏଡ଼ାଇ ପାରନ୍ତି, ସହସ୍ର ଆପଦ-ବିପଦରୁ ବି ସେମାନେ ରକ୍ଷାପା'ନ୍ତି | ତେଣୁ, ତାଙ୍କ ଅନୁଶାସନହିଁ ହେଲା ପ୍ରକୃତ ବୃନ୍ଦାବନ | ତା' ମାନି ଚାଲିଲେ ସମସ୍ତେ ରକ୍ଷା ପାଇବେ, ଜୀବନବୃଦ୍ଧିରେ ଉଚ୍ଛଳ ହୋଇ ଚାଲିପାରିବେ |

ତା'ବ୍ୟତୀତ, ବୃନ୍ଦାବନ-ଶବ୍ଦର ଆଉ ଗୋଟିଏ ଅର୍ଥ ନିର୍ଦ୍ଧାରଣ କରିଛନ୍ତି ଶ୍ରୀଶ୍ରୀଠାକୁର | ସେଇଟି ହେଲା ତା'ର ଧାତୁଗତ ଅର୍ଥ | ବୃଣ୍-ଧାତୁ ମାନେ ପ୍ରୀତ କରିବା, ଆଉ 'ଦା' ମାନେ ଦାନ କରିବା | ତା'ହେଲେ ବୃନ୍ଦାବନ ମାନେ ହେଲା ଯେଉଁଠାରେ ପ୍ରୀତିର ଆଦାନ-ପ୍ରଦାନ ଚାଲେ, ଅର୍ଥାତ୍ ଯେଉଁଠାରେ ମଣିଷ ଭଲପାଏ ଓ ଭଲପାଇବା ପାଇ ସ୍ୱସ୍ତି ଉତ୍‌ଫୁଲ୍ଲ ରହେ | ପ୍ରୀତିପୂର୍ଣ୍ଣ ପାରସ୍ପରିକ ସକ୍ରିୟ ସେବା, ଦରଦ ଓ ସହାନୁଭୂତି ନେଇ ଯେଉଁମାନେ ବସବାସ କରନ୍ତି ସେଇମାନେ ହେଲେ ବୃନ୍ଦା | ଆଉ, ବନ-ଶବ୍ଦସ୍ଥିତ ବନ୍-ଧାତୁର ମାନେ ବିସ୍ତାର | ତା'ହେଲେ ବୃନ୍ଦାବନ ମାନେ ହେଲା 'ପ୍ରୀତିକାରୀ ବିସ୍ତାର ଲାଭ କରେ ଯେଉଁଠାରେ' | ମନେ ରଖିବାକୁ ହେବ, ପ୍ରେମ

ଯାହାର ଅନ୍ତରରେ ଥାଏ, ତା'ର ଚିତ୍ତ ଉଦାର ହୁଏ, ସର୍ବପ୍ରକାର ସଂକୀର୍ଣ୍ଣତାର ବନ୍ଧ ଭାଙ୍ଗି ତା'ର ପ୍ରାଣର ପ୍ରସାର ଘଟେ | ଆଉ, ପ୍ରୀତିସନ୍ଦୀପ୍ତ ଏଇ ପ୍ରସାରଣାହିଁ "ବୃନ୍ଦାବନ" | ତା'ହେଲେ ଆମେ ବୃନ୍ଦାବନ ଶବ୍ଦର ଦୁଇଟି ଅର୍ଥ ପାଉଛେ-- ଗୋଟିଏ ଜୀବନ-ସଂରକ୍ଷଣୀ ନୀତିବିଧି, ଅନ୍ୟଟି ହେଲା ପ୍ରୀତିପ୍ରେମର ଆବାସଭୂମି | ଏଇ ଦୁଇଟିହିଁ ଈଶ୍ୱରଙ୍କର ଅଭିପ୍ରେତ | ପରମପୁରୁଷ, ଯିଏ ନରଦେହରେ ଈଶ୍ୱରଙ୍କର ଜୀବନ୍ତ ବେଦୀ, ସିଏ ମଣିଷକୁ ଏଇ ଦୁଇଟି ବିଷୟକୁ ଆଶ୍ରୟ କରି ଜୀବନ ପଥରେ ଚାଲିବାକୁ ପ୍ରବୁଦ୍ଧ କରନ୍ତି | ତାଙ୍କର ଇଚ୍ଛା-- ମଣିଷ ଯେପରି ପ୍ରୀତିସଂହତି ନେଇ ସାତ୍ୱତ ଚଳନରେ ଚଳତ୍‌ଶୀଳ ହୋଇ ସପାରିପାର୍ଶ୍ୱିକ ଉଦ୍‌ବର୍ଦ୍ଧନା ପଥରେ ଆଗେଇ ଯାଏ | ତେଣୁ, ଏଇ ଚଳନହିଁ ପରମପୁରୁଷଙ୍କର ବୃନ୍ଦାବନ | ସିଏ ଅଚ୍ୟୁତ | ସତ୍ତାସଂରକ୍ଷୀ ପ୍ରେମସଞ୍ଚାରୀ ଏଇ ଚଳନରେ ସେ ନିତ୍ୟ ଅଧିସ୍ଥିତ | ଏହାହିଁ ତାଙ୍କର ନିତ୍ୟ ବୃନ୍ଦାବନ ଏବଂ ବୃନ୍ଦାବନ ତ୍ୟାଗ କରି ସିଏ ଗୋଟିଏ ପାଦବି କୁଆଡ଼େ ଯାଆନ୍ତି ନାହିଁ |' 'ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି |"

ପରମପୁରୁଷ ଶ୍ରୀକୃଷ୍ଣ ବିଶ୍ୱଦୁନିଆର ପାଳକ ଏବଂ ରକ୍ଷାକର୍ତ୍ତା | ତାଙ୍କୁ ଶରଣ କରି ଚାଲିଲେ ମଣିଷ ଅମଙ୍ଗଳରୁ ରକ୍ଷା ପାଏ, ଦୁର୍ଦ୍ଦୈବର ପ୍ରବଳ କଷାଘାତବି ତା'କୁ ବିପର୍ଯ୍ୟସ୍ତ କରିପାରେନା | ଗୀତାରେ ଶ୍ରୀଭଗବାନ ସ୍ୱୟଂ ସେ ପ୍ରତିଶ୍ରୁତି ବାର ବାର ଦେଇଛନ୍ତି | ଆମ ଦେଶରେ ଗୋଟିଏ କଥା ଖୁବ୍ ପ୍ରଚଳିତ ଅଛି-- "ଯିଏ ମୋରେ କରେ ଆଶ, ତା'ର କରେ ସର୍ବନାଶ', ଅର୍ଥାତ୍ ଯିଏ ଭଗବାନ ଶ୍ରୀକୃଷ୍ଣଙ୍କର ଶରଣାଗତ ହୁଏ, ସେ ତାହାର ସର୍ବନାଶ କରନ୍ତି | ପରେ କ'ଣ ହେବ ନ ହେବ ସେ ପର କଥା | କିନ୍ତୁ ବିଶ୍ୱର ରକ୍ଷକ ଯିଏ ତାଙ୍କୁ ଗ୍ରହଣ କଲେ ଯଦି ସର୍ବନାଶ ହୁଏ ତେବେ କିଏ ଆଉ ତାଙ୍କୁ ଧରିବ ? ଯାହାକୁ ଭଲପାଇଲେ ସର୍ବନାଶ ହେବ, ତା'ଠାରୁ ଦୂରରେହିଁ ରହିବା ଉଚିତ | ସେଥିପାଇଁ ଦୟାଲଠାକୁର ଶ୍ରୀଅନୁକୂଳଚନ୍ଦ୍ର ସେଇ ମତବାଦକୁ ସମର୍ଥନ

କରିନାହାନ୍ତି | ସିଏ ସେହି ଛଡ଼ାଟିକୁ ଏହି ଭାବରେ କହିଛନ୍ତି, "ଯିଏ ମୋରେ କରେ ଆଶ, ତା'ର କାଟେ ବୃତ୍ତିଫାସ | ଅର୍ଥାତ୍ ପରମପିତାଙ୍କ ଶରଣାଗତ ହୋଇ ଚାଲିଲେ ମଣିଷ ବୃତ୍ତି ବନ୍ଧନକୁ କାଟିପାରେ | ପ୍ରବୃତ୍ତି ମୋହରେ ତା'କୁ ଆଉ ଆବଦ୍ଧ ହୋଇ ରହିବାକୁ ହୁଏନା | ଆଉ, ପ୍ରବୃତ୍ତି-ବନ୍ଧନରୁ ଯିଏ ମୁକ୍ତ, ସେହିଁ ହୁଏ ପ୍ରକୃତ ସୁଖୀ, ସେ-ହିଁ ହୁଏ ଯଥାର୍ଥରେ ମୁକ୍ତପୁରୁଷ |

ଆଉ, ସେଥିପାଇଁ ଦରକାର ଗୁରୁ-ପୁରୁଷୋତ୍ତମଙ୍କଠାରେ ଐକାନ୍ତିକ ଅନୁଗତି | କହିବା ବହୁଲ୍ୟ, ଏଇ ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବରେ ନୂତନ | ଏତେ ଦିନର ପ୍ରଚଳିତ ଭାବନାର ସ୍ରୋତକୁ ଏକବାରେ ଏକ ବିଶେଷ ନୂତନ ଧାରାରେ ବୁହାଇ ପାରିଥିଲେ ଶ୍ରୀଶ୍ରୀଠାକୁର |

ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କର ଲୀଳାସଙ୍ଗିନୀ ଶ୍ରୀରାଧିକା, ଏ କଥା ସୁବିଦିତ | ଏଇ ରାଧା ସମ୍ପର୍କରେ କେତେ କଥା ବୈଷ୍ଣବ ଭକ୍ତମାନଙ୍କ ଲେଖାରୁ ମିଳିଥାଏ, ଯଥା ରାଧାଙ୍କ ଶ୍ୱଶୁରାଳୟ କଥା, ରାଧାଙ୍କ ଅନୁରାଗ, ଅଭିମାନ ବିରହାଦିର କଥା, ତାଙ୍କର ଅଚ୍ୟୁତ କୃଷ୍ଣଭକ୍ତି କଥା ଇତ୍ୟାଦି | ରାଧାଙ୍କୁ ନେଇ ଅନେକ ତତ୍ତ୍ୱରବି ଅବତାରଣା ହୋଇଛି, କୁହାଯାଏ ରାଧା ହେଉଛନ୍ତି ହ୍ଲାଦିନୀ ଶକ୍ତି | ପୁଣି ମଜାର କଥା ଏହା ଯେ ଶ୍ରୀକୃଷ୍ଣଙ୍କର ପ୍ରାମାଣ୍ୟ ଜୀବନକାହାଣୀ ବୋଲି ଯେଉଁ ଗ୍ରନ୍ଥଗୁଡ଼ିକ ସ୍ୱୀକୃତ- ମହାଭାରତ, ଭାଗବତ, ବିଷ୍ଣୁପୁରାଣ ଓ ହରିବଂଶ-- ଏଇ ଚାରିଟି ପୁରାଣ ମଧ୍ୟରେ କେଉଁଠାରେବି ରାଧାଙ୍କ ନାମ ଉଲ୍ଲେଖ ନାହିଁ | ତା' ହେଲେ ରାଧା କ'ଣ କେବଳ କଳ୍ପନା ?

ନା | ଶ୍ରୀଶ୍ରୀଠାକୁର କହିଛନ୍ତି, ରାଧା କଳ୍ପନା ହୁହେଁ | ରାଧାର ବାସ୍ତବ ଅସ୍ତିତ୍ୱ ଆମେ ବୋଧ କରିପାରିବୁ ଯଦି ତା'ର ଧାତୁଗତ ଅର୍ଥକୁ ବୁଝିପାରୁ | ରାଧା-ଶବ୍ଦସ୍ଥିତ

ରାଧ୍-ଧାତୁର ଅର୍ଥ ନିଷ୍ପାଦନ କରିବା | ତେଣୁ, ରାଧା ହେଲା ନିଷ୍ପାଦନୀ ସମ୍ବେଗ, କର୍ମସମ୍ପାଦନୀ ଶକ୍ତି | ଏହା ଏକ 'ଏନର୍ଜି' ଯାହା ପ୍ରତିଟି କର୍ମର ପଶ୍ଚାତରେ ବିରାଜମାନ | ଭଗବାନ ଶ୍ରୀକୃଷ୍ଣ ନରଲୀଳାରେ ଯେଉଁସବୁ କର୍ମ ସମ୍ପାଦନ କରିଛନ୍ତି ତାହାର ପଛରେ ଯେଉଁ ଆକୃତି ବିଦ୍ୟମାନ, ତା'ହିଁ ହେଉଛି ରାଧା | ତେଣୁ, କେବଳ ବୃନ୍ଦାବନରେହିଁ ନୁହେଁ, ଦ୍ୱାରିକାଲୀଳାରେବି ନାରଦାଦି ଭକ୍ତସଙ୍ଗେ ରାଧାନାମ ଉଚ୍ଚାରିତ ହେବାର ଦେଖିବାକୁ ମିଳେ | ରାଧା ହେଲା ଦ୍ୱାପରର ବୀଜନାମ, ମହାଶକ୍ତି | ଆଉ ନାମ ଏବଂ ନାମୀ ଅଭେଦ | ତେଣୁ, ରାଧାଙ୍କ ସହିତ କୃଷ୍ଣଙ୍କର ନିତ୍ୟସମ୍ବନ୍ଧ |

ରାଧା ହେଲେ ଶକ୍ତି | ଶକ୍ତିକୁ କଳ୍ପନା କରାଯାଇଛି ନାରୀରୂପ ବୋଲି | ଭକ୍ତଗଣ ଏଇ ଶକ୍ତିକୁ କେବଳ ଶକ୍ତି ରୂପରେ ରହିବାକୁ ଦେଇନାହାନ୍ତି | ତା' ଉପରେ ବ୍ୟକ୍ତିତ୍ୱ ଆରୋପ କରି ତା'କୁ ଏଇ ମହୀୟସୀ ସ୍ତ୍ରୀଲୋକ କରି ତୋଳିଛନ୍ତି | ଆଉ, ସ୍ତ୍ରୀଲୋକ ହେଲେ ତା'ର ଯେଉଁ ଯେଉଁ ଗୁଣବୈଶିଷ୍ଟ୍ୟ ଓ ଲକ୍ଷଣ ରହିବା ଦରକାର, ସବୁହିଁ ଆରୋପିତ ହୋଇଛି ଶ୍ରୀରାଧାଙ୍କଠାରେ | ଏଇ ରୂପରେହିଁ ଆମେ ଶ୍ରୀରାଧିକାଙ୍କୁ ଦେଖିବାକୁ ପାଉ କବିର ଲେଖନୀରେ |

ଭଗବାନ ଶ୍ରୀକୃଷ୍ଣ ପୁରୀଧାମରେ ଜଗନ୍ନାଥଦେବ ରୂପେ ପ୍ରକଟ | ସାଥିରେ ଅଛନ୍ତି ବଳରାମ ଓ ସୁଭଦ୍ରା | ଏଇ ରୂପରେ ଜଗନ୍ନାଥଦେବଙ୍କର ହାତ ନଥିବାର ଦେଖାଯାଏ | ଏହା କିଭଳି କଥା ? ଜଗତର ନାଥ ଯିଏ ତାଙ୍କର ଗୋଟିଏ ବି ହାତ ନାହିଁ ? ଏହାର ତାତ୍ପର୍ଯ୍ୟ କ'ଣ ? ଶ୍ରୀଶ୍ରୀଠାକୁର ଏହାର ବ୍ୟାଖ୍ୟା ଦେଇ କହିଛନ୍ତି-- 'ଜଗନ୍ନାଥଙ୍କର ହାତ ନାହିଁ ମାନେ ସିଏ କାହାକୁ ଧରନ୍ତି ନାହିଁ' ତାଙ୍କୁ ଧରିବାକୁ ହୁଏ' | ଶ୍ରୀଶ୍ରୀଠାକୁର କହିଲେ, କୃପା ମାନେ କରି ପାଇବା | ଜଗନ୍ନାଥ ଯିଏ, ଈଶ୍ୱର ଯିଏ, ସିଏ ବିଧି | ତାଙ୍କୁ ଧରିଲେ, ତାଙ୍କ ଆଦେଶ ପାଳନ କରି ଚାଲିଲେ ମଣିଷ ତ୍ରିତାପଜ୍ୱାଳା ଏଡ଼ାଇବାକୁ ସକ୍ଷମ ହୁଏ | ସାଧାରଣତଃ ଆମେ ବୁଝୁ, ଭଗବାନ ଆମକୁ ଦୟା କରନ୍ତି,

ସିଏ ଅନ୍ଧକାର ମଝିରେ ହାତ ଧରି ନେଇଯା'ନ୍ତି | କିନ୍ତୁ ଏଇ ଧାରଣାଟା ବିଧିର ବିଧାନ-ଅନୁଯାୟୀ ଠିକ୍ ନୁହେଁ | ଶ୍ରୀଶ୍ରୀଠାକୁର ଜଣାଇଦେଲେ, ଜଗନ୍ନାଥଙ୍କର ହାତ ନଥିବାର ଅର୍ଥ ଧରିବା ଓ କରିବାର ଦୟୀତ୍ୱ ତାଙ୍କର ନୁହେଁ, ମଣିଷର | ଜଗନ୍ନାଥ ପରୋକ୍ଷରେ କହିଛନ୍ତି, ତୁମେ ମୋତେ ଧର | ମଣିଷ ଯଦି ତାଙ୍କୁ ଧରେ, ଜୀବନରେ ଗ୍ରହଣ କରେ, ତାଙ୍କ ଅନୁଶାସନ ମାନି ଚାଲେ, ସେତେବେଳେହିଁ ସେ ତାଙ୍କ ଆଶୀର୍ବାଦ ଲାଭର ଅଧିକାରୀ ହୁଏ |

ଏଇ ପ୍ରସଙ୍ଗରେ ଶ୍ରୀଶ୍ରୀଠାକୁରଙ୍କର ଆଉ ଗୋଟିଏ ବିଶେଷ ସିଦ୍ଧାନ୍ତ ଆଲୋଚନା କରିବା ଅପ୍ରାସଙ୍ଗିକ ହେବ ନାହିଁ ବୋଲି ମନେ ହୁଏ | ଅନେକ କହନ୍ତି, ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ | ସେ ଯେତେବେଳେ କୃପା କରନ୍ତି ସେତେବେଳେହିଁ ମଣିଷ ପଥ ପାଏ, ବିପଦରୁ ଉଦ୍ଧାର ପାଏ | ତାଙ୍କ କୃପା ବିନା କିଛି ହୁଏନା | ଏଇଠାରେ ଶ୍ରୀଶ୍ରୀଠାକୁର ଆଣିଛନ୍ତି ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ | ସେ କହିଲେ, ଜଗତରେ ହେତୁ ଛଡ଼ା କିଛି ହୁଏନା | ତୁମେ ଯେତେବେଳେ କୃପା ପାଉଛ ସେତେବେଳେ ସେଇ ପାଇବା ପଛରେ ହେତୁ ଆବଶ୍ୟକ ଅଛି-- ତାହା ତୁମେ ବୁଝିପାର ବା ନ ପାର | ତା'ପରେ ଆହୁରିବି କହିଛନ୍ତି, ଯଦି ଅହେତୁକୀ କୃପା ପାଇଛ ବୋଲି କୁହ, ତା'ହେଲେ ଜାଣିରଖ ତା' ପଛରେ ଅହେତୁକୀ ଭକ୍ତି ଅଛିହିଁ | ଅହେତୁକୀ ଭକ୍ତିଛଡ଼ା ଅହେତୁକୀ କୃପା ମିଳେନା |

ଜଗନ୍ନାଥଦେବ ହସ୍ତବିହୀନ ହୋଇ ଏଇ ସତ୍ୟହିଁ ପ୍ରକାଶ କରୁଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ ତାଙ୍କ ପ୍ରୀତି ପାଇଁ କାମ କର | ପ୍ରତିଟି ମଣିଷ ନିକଟରୁ ଇଶ୍ୱରଙ୍କର ଏହାହିଁ ପ୍ରତ୍ୟାଶା |

ଜଗନ୍ନାଥଙ୍କ ପାଖରେ ଅଛନ୍ତି ବଳରାମ | ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧ ବିଦ୍ୟାରେ ପାରଦର୍ଶୀ | କିନ୍ତୁ ସାଧାରଣତଃ ବଳରାମଙ୍କ ଚିତ୍ରରେ ତାଙ୍କ କାନ୍ଧରେ ହଳ (ଲଙ୍ଗଳ) ଥିବାର ଦେଖାଯାଏ | ବହୁ ବର୍ଣ୍ଣନାରେବି ଏଭଳି ଲେଖାଅଛି | ବଳରାମ ସଦାବେଳେ କାନ୍ଧରେ ଲଙ୍ଗଳ ପକାଇବାର ତାତ୍ପର୍ଯ୍ୟ କ'ଣ ? ତା'ହେଲେ ସେ କ'ଣ ଲଙ୍ଗଳ ସାହାଯ୍ୟରେ ଯୁଦ୍ଧ ବି କରନ୍ତି ? ଶ୍ରୀଶ୍ରୀଠାକୁର କହିଲେ, ବଳରାମ ଜଣେ ବଡ଼ କୃଷି ବିଜ୍ଞାନୀ ଥିଲେ, କୃଷିକାର୍ଯ୍ୟ ସମ୍ବନ୍ଧରେ ସେ ବେଳର ଜଣେ ଅଭିଜ୍ଞ ବ୍ୟକ୍ତି | ତାଙ୍କର ଏଇ ବିଶେଷ ଗୁଣର ପ୍ରତୀକ ଭାବରେ ଆମେ ବଳରାମଙ୍କ ସ୍କନ୍ଧରେ ହଳ (ଲଙ୍ଗଳ) ଦେଖିବାକୁ ପାଉ |

ଶ୍ରୀକୃଷ୍ଣଙ୍କର ପରମ ଭକ୍ତ ନାରଦ | ଭକ୍ତିଗ୍ରନ୍ଥାଦିରେ ନାରଦ ମୁନିଙ୍କ ସମ୍ପର୍କରେ ଅନେକ ଆଖ୍ୟାନ ଅଛି | ତାଙ୍କର ସହଜଭକ୍ତିଯୁକ୍ତ କୂଟକୌଶଳୀ ତଥା ତେଜୋଦ୍ଦୀପ୍ତ ଚରିତ୍ରର ବର୍ଣ୍ଣନାଦି ଅନେକ ମିଳେ | ଯୁଗପୁରୁଷ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ନାରଦ ସମ୍ବନ୍ଧରେ ଏକ ନୂତନ ଆଲୋକପାତ କରିଛନ୍ତି | ସେ କହନ୍ତି, "ମୋର ମନେ ହୁଏ ନା-କୁ ରଦ (ନିରୁଦ୍ଧ) କରନ୍ତି ଯିଏ, ସେ ନାରଦ |"

ଆମ୍ଭମାନଙ୍କର ବହୁ ରକମର 'ନା' ଅଛି | ଏହା କେତେବେଳେ ଅବିଶ୍ୱାସର ରୂପ ଧରି ଆସେ ତ କେତେବେଳେ ସନ୍ଦେହର ଛଦ୍ମବେଶରେ ଆସେ | ପୁଣି କେତେବେଳେବି ଦେଖାଯାଏ ଚିତ୍ତର ଦୋଦୁଲ୍ୟମାନ ଅବସ୍ଥାରେ | ନା-ର ଏଇ ପ୍ରକୃତିଗୁଡ଼ିକହିଁ କର୍ମସମ୍ପାଦନ ପଥରେ ଏବଂ ଜୀବନର ଅଗ୍ରଗତି ପଥରେ ବାଧାସ୍ୱରୂପ | ଯିଏ ଯେତେ ନା-ର ବଶୀଭୂତ, ସେ ଜୀବନ ଯୁଦ୍ଧରେ ସେତେ ପରାଜିତ, ବ୍ୟକ୍ତିତ୍ୱବି ତା'ର ସେତେ ଦୈନ୍ୟଭାରାକ୍ରାନ୍ତ ଏବଂ ନିର୍ଜ୍ଜିବ | ଜୀବନକୁ ଜ୍ଞାନରେ, କର୍ମରେ, ବୋଧରେ, ଉକ୍ତିରେ ଉଜ୍ଜ୍ୱଳ କରି ତୋଳିବାକୁ ହେଲେ ନା-ବୋଧକ ଯା'-କିଛି ସେସବୁକୁ ରୁଦ୍ଧ କରିବାକୁ ହେବ | ଆଉ, ନାରଦ ନାମର ତାତ୍ପର୍ଯ୍ୟ ତାହାହିଁ |

ଏଇ ମହାସତ୍ୟକୁ ଶ୍ରୀଶ୍ରୀଠାକୁର ତାଙ୍କ କଥାରେ ନାନାଭାବରେ ତୋଳିଧରିଛନ୍ତି | ଛଡ଼ାରେ କହିଛନ୍ତି--

"ନା' ସୁନ୍ଦରୀ ବଧୁ ଯା'ର
'ହୁଏନା' ଯା'ର ଶଳା,
ଅଲକ୍ଷ୍ମୀ ତା'ର ଘରେ ଯାଇ
ସବୁ କରିଛି କଳା |"

ପୁଣି, କଥାଛଳରେ ଅନେକ ଥର ଶ୍ରୀଶ୍ରୀଠାକୁର କହିଛନ୍ତି, ମୋର କର୍ତ୍ତାମା କହନ୍ତି--

'ହୁଏନା, ପାରେନା, ନାହିଁ ଗୋ ଘରେ,
ଏ ତିନି କଥାରେ ଦେବତା ଡରେ |'

ଅର୍ଥାତ୍ ହୁଏନା, ପାରେନା, ଘରେ ନାହିଁ, କଥା କଥାକେ ଏଇପରି କହିବାର ଯଦି ଅଭ୍ୟାସ ଥାଏ, ସେଠାରେ ଦେବତାବି ବିପର୍ଯ୍ୟସ୍ତ ହୁଅନ୍ତି | ତେଣୁ, ଜୀବନକୁ ଅଗ୍ରଗତି ପଥରେ ନେଇଯିବାକୁ ହେଲେ ନା-ବୋଧକ ଚିନ୍ତାକୁ ହଁ-ବୋଧକରେ ରୂପାନ୍ତରିତ କରିବାକୁ ହେବ | ନାରଦ ନାମର ତାତ୍ପର୍ଯ୍ୟ ତା'ହିଁ | ସେଥିପାଇଁ ଭକ୍ତି ଜଗତରେ ନାରଦଙ୍କର ଏତେ ପ୍ରାଧାନ୍ୟ |

ଗୋଟିଏ ଗୋଟିଏ ଦେବତାଙ୍କର ଗୋଟିଏ ଗୋଟିଏ ବାହନ | କିନ୍ତୁ ନାରଦଙ୍କ ବାହାନଟି ବଡ଼ ବିଚିତ୍ର, ତାହା ଗୋଟିଏ ଢ଼ିଙ୍କି | ଢ଼ିଙ୍କିରେ ଚଢ଼ି ଦେଶ-ବିଦେଶ ଯାତ୍ରା କରୁଥିଲେ | ଏପରିକି, ଢ଼ିଙ୍କିବାହନ ଉପରେ ବସି ସିଏ ଅନ୍ୟାନ୍ୟ ଗ୍ରହନକ୍ଷତ୍ରାଦିକୁ ବି ଯିବାର ଉଲ୍ଲେଖ ଅଛି | ବାସ୍ତବରେ ଏଇ ଢ଼ିଙ୍କିଟି କ'ଣ ?

ପରମଦୟାଳ ଶ୍ରୀଶ୍ରୀଠାକୁର କହିଛନ୍ତି, ସେଟା ଏକ ରକମର ରକେଟ୍, ଯା'ଦ୍ୱାରା ଆକାଶ ପଥରେ ଦ୍ରୁତ ଗତିରେ ଯାତାୟାତ କରାଯାଏ | ପ୍ରଶ୍ନ ଉଠିପାରେ, ସେ ସମୟରେ ବିଜ୍ଞାନ କ'ଣ ରକେଟ୍ ତିଆରି କରିବା ଭଳି ଉନ୍ନତ ଥିଲା ? ସେତେବେଳେ ବିଜ୍ଞାନର ଉନ୍ନତି କେତେ ହୋଇଥିଲା ତାହା ରାମାୟଣ, ମହାଭାରତର ବିଭିନ୍ନ ଘଟଣାରୁ ବୁଝାଯାଏ | ରାବଣର ପୁଷ୍ପକ ରଥ ନାମକ ଆକାଶଯାନ, ଶ୍ରୀରାମଚନ୍ଦ୍ରଙ୍କର ସମୁଦ୍ର ଉପରେ ସେତୁ ବନ୍ଧନ, କୁରୁକ୍ଷେତ୍ରରେ ନାନା ରକମର ମାରଣାସ୍ତ୍ରର ପ୍ରୟୋଗ ଇତ୍ୟାଦି ବ୍ୟାପାର ତତ୍କାଳୀନ ଭୌତବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉତ୍କର୍ଷହିଁ ପ୍ରତିପାଦନ କରିଥାଏ | ନାରଦଙ୍କ ବାହନଟି ମଧ୍ୟ ତା'ର ଗୋଟିଏ ଉଦାହରଣ |

ଶ୍ରୀକୃଷ୍ଣଙ୍କର ଆଉ ଏକ ନାମ ଶ୍ରୀହରି | ତାଙ୍କୁ ହରି କୁହାଯାଏ କାହିଁକି ? କଥିତ ଅଛି, ସିଏ ପାପ-ତାପ ହରଣ କରନ୍ତି, ତେଣୁ ହରି ନାମରେ ଆଖ୍ୟାତ | ଏଠାରେବି ଶ୍ରୀଶ୍ରୀଠାକୁରଙ୍କର ଖୁବ୍ ସୁନ୍ଦର ବ୍ୟାଖ୍ୟା ରହିଛି | ସେ କହିଛନ୍ତି, "ତ୍ରିତାପଜ୍ୱାଳା ହରଣ କରନ୍ତି ବୋଲି ସେ ହରି | ତା'ଛଡ଼ା, ମନର ପ୍ରବୃତ୍ତିମୁଖୀ ଭାବ ସେ ହରଣ କରନ୍ତି, କରି ତା'କୁ ସତ୍ତାମୁଖୀ କରି ତୋଳନ୍ତି | ଆଉ, ସବୁ ଅବତାରପୁରୁଷ ତାହାହିଁ କରନ୍ତି | ତାଙ୍କଠାରେ ଅନୁରକ୍ତ ହୋଇ ତାଙ୍କର ଆଦେଶ ପାଳନ କରି ଚାଲିଲେ ମଣିଷ ପ୍ରବୃତ୍ତି-ଭାରରୁ ମୁକ୍ତ ହୁଏ | ସେଇ ଅର୍ଥରେ ସବୁ ଅବତାରପୁରୁଷହିଁ ହରି |"

ଗୋଲକଧାମରେ ଶ୍ରୀହରି ବିଷ୍ଣୁ ନାମରେ ଅଭିହିତ | କାହାଣୀ ଅଛି, ନିଦ୍ରିତ ବିଷ୍ଣୁ-ବକ୍ଷରେ ଭୃଗୁମୁନି ପଦାଘାତ କରନ୍ତି | ବିଷ୍ଣୁ କ୍ରୋଧ ନକରି ଭୃଗୁମୁନିଙ୍କର ପଦସେବା କରିଛନ୍ତି | ସେହି ଭୃଗୁପଦଚିହ୍ନ ବିଷ୍ଣୁବକ୍ଷରେ ଅଙ୍କିତ ହୋଇଅଛି | ସ୍ୱାଭାବିକ ଭାବରେ ଏଠାରେ ପ୍ରଶ୍ନ ଆସେ ଯେ ଯିଏ ଜଗତପ୍ରାଣ ସେ ଜଣେ ମୁନିଙ୍କ ପଦଚିହ୍ନ ବକ୍ଷରେ ଧାରଣ କରିଛନ୍ତି କାହିଁକି ? ପୁଣି, ଜଣେ ମୁନି, ସେ ଯେତେହିଁ ଶ୍ରେଷ୍ଠ ହୁଅନ୍ତୁ, ବିଷ୍ଣୁଙ୍କ ବକ୍ଷରେ ପଦାଘାତ କରିବାର ଯଥାର୍ଥତା କ'ଣ ? ଏ କିପରି କଥା ? ଏହାର ସାମଞ୍ଜସ୍ୟ

କେଉଁଠାରେ ? ବହୁ ପ୍ରଚଳିତ ଏଇ କାହାଣୀଟିର ତାତ୍ପର୍ଯ୍ୟ ବଡ଼ ଚମତ୍କାର ଭାବରେ ଉଦ୍‌ଘାଟନ କରିଛନ୍ତି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର | ସେ କହିଛନ୍ତି, ବିଷ୍ଣୁ ବିଶ୍ୱର ପାଳନକର୍ତ୍ତା, ନାରାୟଣ-- ମଣିଷର ବର୍ଦ୍ଧନାର ପଥ | ତାଙ୍କର ବିଧାନହିଁ ଏକମାତ୍ର ମଙ୍ଗଳପ୍ରସୂ | ମଣିଷ ଯଦି ସେଇ ବିଧାନ ଅନୁଯାୟୀ ଚାଲେ ତା'ହେଲେ ତା'ର ସତ୍ତା ପରିପାଳିତ ଓ ପରିପୋଷିତ ହୁଏ | ଆଉ ସତ୍ତାପଥରେ ଚାଲିବା ଅର୍ଥ ବଞ୍ଚି ରହିବା ଓ ବଢ଼ି ଚାଲିବାହିଁ ଶ୍ରେଷ୍ଠ ସମ୍ପଦ | କାରଣ, ଅସ୍ତିତ୍ୱ ଯଦି ବଜାୟ ନରହେ ଏବଂ ତା'ର କୌଣସି ଔଜଲ୍ୟ ନଥାଏ, ତେବେ ସବୁକିଛିହିଁ ନିରର୍ଥକ ହୋଇଯାଏ | ପୁଣି ଭୃଗୁ କଥାର ମାନେ ଶ୍ରେଷ୍ଠ; ଆଉ ପଦ ମାନେ ଗତି, ଚଳନ | ଭୃଗୁପଦ ମାନେ ତା'ହେଲେ ଶ୍ରେଷ୍ଠଚଳନ | ସେଇ ଶ୍ରେଷ୍ଠ ଚଳନ ହେଲା ଜୀବନ ଓ ବର୍ଦ୍ଧନର ସର୍ବତୋମୁଖୀ ଉଚ୍ଛଳତା | ଆଉ, ତାହା ତ ବିଷ୍ଣୁବକ୍ଷରେ ନିତ୍ୟହିଁ ବିରାଜମାନ | ବିଷ୍ଣୁ ଯିଏ, ପରମପିତା ଯିଏ ସେହିଁ ତ ସତ୍, ଶ୍ରେଷ୍ଠ ଓ ଶୁଭ ଯା'କିଛି ତା'ର ଏକମାତ୍ର ଉତ୍ସ | ଆଉ, ତାହାହିଁ ହେଲା ବିଷ୍ଣୁବକ୍ଷରେ ଭୃଗୁପଦ |

ଏଇଭାବରେ ପୌରାଣିକ ପ୍ରହେଳିକାସମୂହକୁ ଦୟାମୟ ଶ୍ରୀଶ୍ରୀଠାକୁର ଭେଦ କରି ସବୁକିଛିକୁ ଆମ୍ଭମାନଙ୍କ ଆଗରେ ପରିଷ୍କାର ଭାବରେ ତୋଳି ଧରିଛନ୍ତି | ଏହା ଫଳରେ, ଦେବତା ବା ତତ୍‌ସଂଶ୍ଳିଷ୍ଟ ଆଖ୍ୟାନ କେହି ସ୍ୱୀକାର କରୁ ବା ନକରୁ, ସେମାନଙ୍କ ସମ୍ବନ୍ଧରେ ଗୋଟିଏ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଲୋକ ସମ୍ମୁଖରେ ଉପସ୍ଥାପିତ ହୋଇଛି, ସେଥିରେ ସନ୍ଦେହ ନାହିଁ |

****